

ଉନ୍ନତି ହୁଡାଙ୍କୁ ଟାଇଟଲ୍


▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-169 • MONDAY • 15 DECEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୬୯ • ସୋମବାର • ୧୫ ଡିସେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ଭାରତକୁ ପ୍ରଥମ ସ୍କ୍ୱାଶ୍ ବିଶ୍ୱକପ୍ ଟାଇଟଲ୍

■ ଚେନ୍ନଇ, ୧୪।୧୨ (ଏଜେନ୍ସି): ସ୍କ୍ୱାଶ୍ ବିଶ୍ୱକପ୍ ଇତିହାସରେ ଭାରତ ପ୍ରଥମଥର ଲାଗି ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୩-୦ ଗେମ୍‌ରେ ଟପ୍ ସିଡ୍ ହଂକଂକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ଭାରତ କାଂସ୍ୟ ପଦକ ଜିତିଥିଲା। ଯାହାକି ଭାରତର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ସ୍କ୍ୱାଶ୍ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ଲାଗି ଫାଇନାଲରେ ଦୁଇଟି ଏସୀୟ ରାଷ୍ଟ୍ର ପରସ୍ପରକୁ ଭେଟିଥିଲେ।

ଆଜିର ଫାଇନାଲରେ ଜୋସ୍ନା ଚିନାପ୍ପା, ଅଭୟ ସିଂ ଓ ଅନହତ୍ ସିଂହଙ୍କୁ ନେଇ ଗଠିତ ଭାରତୀୟ ଦଳ ଏକାପାଖିଆ ଭାବେ ବିଜୟ ଲାଭ କରିଥିଲା। ଜ୍ୟୋତ୍ସ୍ନା ପ୍ରଥମ ମ୍ୟାଚରେ ୭-୩, ୨-୭, ୭-୫, ୭-୧ରେ ହଂକଂର କା ୟି ଲି'ଙ୍କୁ ହରାଇ ଦଳକୁ ୧-୦ରେ ଆଗୁଆ କରାଇଥିଲେ। ଏହାପରେ ଅଭୟ ୭-୧, ୭-୪, ୭-୪ରେ ଆଲେକ୍ସ ଲାଉଙ୍କୁ ଏବଂ ଅନହତ୍ ୭-୨, ୭-୨, ୭-୫ରେ ତୋମାତୋ ହୋ'ଙ୍କୁ ହରାଇ ୩-୦ରେ ଭାରତକୁ ବିଜୟୀ କରାଇଥିଲେ।




## ଅଷ୍ଟ୍ରେଲିଆରେ ଆତଙ୍କୀ ଆକ୍ରମଣ; ୧୨ ମୃତ



ଉତ୍ସବ ପାଳନ ବେଳେ ଇହୁଦୀଙ୍କୁ ଗୁଳିମାଡ଼

■ ସିଡ୍‌ନୀ, ୧୪।୧୨ (ଏଜେନ୍ସି): ଅଷ୍ଟ୍ରେଲିଆର ସିଡନୀସ୍ଥିତ ବଣ୍ଡି ବେଳାଭୂମିରେ ଆଜି ସନ୍ଧ୍ୟା ବେଳେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଜଣେ ଆତଙ୍କବାଦୀ ରହିଛି। ତାଠାରୁ ଜଣେ ବ୍ୟକ୍ତି ସାହସ ଦେଖାଇ ବନ୍ଧୁକ ଛଡ଼ାଇବା ସହିତ ଗୁଳି କରିଥିଲେ। ଫଳରେ ବଡ଼ ଧରଣର ନରସଂହାରରୁ ବର୍ତ୍ତି ଯାଇଛି ସିଡନୀ। ଆତଙ୍କବାଦୀକୁ ଚିହ୍ନଟ କରାଯାଇଛି ଏବଂ ତା ଘରେ ଚଢ଼ଉ ଚାଲିଥିବା ଜଣାପଡ଼ିଛି। ଅଷ୍ଟ୍ରେଲିଆରେ ଏହା ହେଉଛି ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ବିଶ୍ୱ ନେତା ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ଏହାକୁ ଅଷ୍ଟ୍ରେଲିଆର ସବୁଠାରୁ ଦ୍ୱିତୀୟ ବଡ଼ ଗୁଳିକାଣ୍ଡ ବୋଲି କୁହାଯାଉଛି। ଏହାପୂର୍ବରୁ ୧୯୯୬ ▶ପୃଷ୍ଠା-୭

# ବନ ବିଭାଗରେ 'ଥର୍' କମ୍ପନ

## ଗାଡ଼ି ଗୋଟାକ ୧୪ ଲକ୍ଷ, ମୋଡିଫିକେସନ ପାଇଁ ୧୦ ଲକ୍ଷ

### ନିଆଁ ଲିଭାଇବାକୁ ଉଦ୍ଦିଷ୍ଟ ଗାଡ଼ିର ସୌନ୍ଦର୍ଯ୍ୟକରଣର ଆବଶ୍ୟକତାକୁ ନେଇ ପ୍ରଶ୍ନ

### ମୋଡିଫିକେସନ ପାଇଁ ପରିବହନ ବିଭାଗର ଅନୁମତି ସନ୍ଦେହଘେରରେ

■ ଭୁବନେଶ୍ୱର, ୧୪।୧୨ (ସମିସ): ରାଜ୍ୟର ବିଭିନ୍ନ ଜଙ୍ଗଲରେ ବିଭାଗୀୟ କାର୍ଯ୍ୟରେ ବ୍ୟବହାର ନିମନ୍ତେ ଦୁଇ ଡୋର୍ ବିଶିଷ୍ଟ ୫୧ଟି ମହିନ୍ଦ୍ରା ଥର ଗାଡ଼ି କିଣିଛି ବନ ବିଭାଗ। ବିଧାନସଭାରେ ଖୋଦ୍ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ, ୫୧ଟି ଗାଡ଼ି କିଣିବା ନିମନ୍ତେ ବିଭାଗ ୭.୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଏବଂ ଏହାର ମୋଡ଼ିଫିକେସନ ପାଇଁ ଆଉ ୫.୨୪କୋଟି ଟଙ୍କା ବ୍ୟୟ କରିଥିବା ନେଇ ଏକ ଲିଖିତ ପ୍ରଶ୍ନରେ ଉତ୍ତର ରଖିଛନ୍ତି । ମାତ୍ର ଶ୍ରୀ ଖୁଣ୍ଟିଆଙ୍କ ଉତ୍ତର ଏବେ ବନ ବିଭାଗକୁ ଥରାଇଛି ।

ବିଭାଗୀୟ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଧାନସଭାରେ ରଖିଥିବା ଉତ୍ତର ଅନୁସାରେ, ରାସ୍ତାଘାଟ ନ ଥିବା ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡଙ୍କ ନିୟୋଜନ ପୂର୍ବକ ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ କାର୍ଯ୍ୟ ଉପରେ ନିୟନ୍ତ୍ରଣ, ବାଘ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହି ଗାଡ଼ି କିଣାଯାଇଛି। ମାତ୍ର ମନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ଜଙ୍ଗଲ ବିଶେଷଜ୍ଞ ଓ ପରିବହନ ବିଶେଷଜ୍ଞମାନେ ବିଭାଗର ଗାଡ଼ିକିଣାକୁ ନେଇ ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପର୍କରେ ଜ୍ଞାନ ରଖିଥିବା ବିଶେଷଜ୍ଞମାନେ କହିଛନ୍ତି ଯେ ଥର୍ ଗାଡ଼ିରେ ଡ୍ରାଇଭରଙ୍କ ବ୍ୟତୀତ ମାତ୍ର ୩ ଜଣ ଲୋକେ ବସିବେ। ସେହିପରି ଗାଡ଼ିରେ ମାତ୍ର ୨ଟି ଡୋର ଥିବାରୁ ଜରୁରୀକାଳୀନ ସମୟରେ ଏଥିରୁ ଓହ୍ଲାଇବାରେ ମଧ୍ୟ କଷ୍ଟ । ଜଙ୍ଗଲ ଭିତରେ ବନ୍ୟ ଜନ୍ତୁ ସୁରକ୍ଷାରେ ଏହି ଗାଡ଼ି ଯେ ବିଶେଷ ଉପଯୁକ୍ତ ନୁହେଁ; ତାହା ସମସ୍ତେ ଜାଣନ୍ତି । ତେବେ କାହା ପରାମର୍ଶରେ ଥର ଗାଡ଼ି କିଣାଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।




ଅନୁରୂପ ଭାବରେ ଯେଉଁ ଗାଡ଼ି ଗୋଟାକୁ ୧୪.୦୧ ଲକ୍ଷ ଟଙ୍କା ଦେଇ ଜଙ୍ଗଲ ବିଭାଗ କିଣିଛି, ସେହି ଗାଡ଼ିର ସବୁଠୁ ଟପ୍ ମଡ଼େଲ ମୂଲ୍ୟ ୧୯.୭ ଲକ୍ଷ । ତେଣୁ ସେହି ଗାଡ଼ି କ୍ରୟ ନ କରି ବେସ୍ ମଡ଼େଲ ଗାଡ଼ି କିଣି ପ୍ରତି ଗାଡ଼ିରେ ୧୦.୨୮ ଲକ୍ଷ ଟଙ୍କା ମୋଡ଼ିଫିକେସନ ବାବଦରେ ଖର୍ଚ୍ଚ କେଉଁ ବୁଦ୍ଧିମାନର କାର୍ଯ୍ୟ ବୋଲି ମୋଟର ଯାନ ଓ ପରିବହନ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି । କିଏ ଏହି ନିଷ୍ପତ୍ତି ନେଇଛି ଓ କାହା ପରାମର୍ଶରେ ▶ପୃଷ୍ଠା-୭

## ନିତିନ ନବୀନ ବିଜେପିର ନୂଆ କାର୍ଯ୍ୟକାରୀ ସଭାପତି



■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଯୁବ ନେତା ତଥା ବିହାର କ୍ୟାବିନେଟ ମନ୍ତ୍ରୀ ନିତିନ ନବୀନ ଭାରତୀୟ ଜନତା ପାର୍ଟିର ନୂଆ କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। ବିଜେପିର ସଂସଦୀୟ ବୋର୍ଡ ତାଙ୍କୁ ଏହି ନିଯୁକ୍ତି ଦେଇଛି ବୋଲି ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ ଆଜି ସନ୍ଧ୍ୟାରେ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ତତ୍‌କ୍ଷଣାତ୍ ଲାଗୁ ହୋଇଥିବା ବେଳେ ବିଜେପିର ଏହି ନିଷ୍ପତ୍ତି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଆସନ୍ତାବର୍ଷ ପଶ୍ଚିମ ବଙ୍ଗ, ଆସାମ, କେରଳ, ତାମିଲନାଡୁ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ନିତିନଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିବ। ଦଳର ପରମ୍ପରା ଅନୁଯାୟୀ ଜଣେ ନେତାଙ୍କୁ ପୂର୍ଣ୍ଣାଙ୍ଗ ରୂପେ ସଭାପତି କରାଯିବା ପୂର୍ବରୁ ପ୍ରଥମେ ତାଙ୍କୁ କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଏ।

ଏହାସହିତ ଜେପି ନଡ୍ଡାଙ୍କ ଠାରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ ୪୫ ବର୍ଷୀୟ ନିତିନ। ୨୦୧୯ରେ ତତ୍କାଳୀନ ସଭାପତି ଅମିତ ଶାହ କେନ୍ଦ୍ର ମନ୍ତ୍ରୀ ହେବାପରେ ଜେପି ନଡ୍ଡାଙ୍କୁ ବିଜେପିର କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତ କରାଯାଇଥିଲା। ତେବେ ୨୦୨୦ ଜାନୁଆରୀରେ ନଡ୍ଡାଙ୍କୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆନୁଷ୍ଠାନିକ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୪ରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସାଧାରଣ ନିର୍ବାଚନ ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା।

ଦଳର ସଭାପତି ପଦରେ ଅବସ୍ଥାପିତ ହେବାରେ ନିତିନ ହେଉଛନ୍ତି ▶ପୃଷ୍ଠା-୭

## ବିହାର ରାସ୍ତାରେ ଓଡ଼ିଶା !

### ଛାତ୍ରଙ୍କଠୁ ମାଫିଆ ସମସ୍ତଙ୍କ ହାତରେ ବନ୍ଧୁକ

■ ଭୁବନେଶ୍ୱର, ୧୪।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗିରି ଥାନା ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ଠାରୁ ବନ୍ଧୁକ ଜବତ ହୋଇଛି। ଯାହା ସମଗ୍ର ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପୂର୍ବରୁ ବଡ଼ ଅପରାଧ କିମ୍ବା ମାଓବାଦୀ ବେଆଇନ୍ ବନ୍ଧୁକ ବ୍ୟବହାର କରୁଥିଲେ। ସବୁ କିଛି ଲୁଚାଚୋରାରେ ହେଉଥିଲା। କେନ୍ଦ୍ରାପଡା ଘଟଣାରୁ ସ୍ପଷ୍ଟ ହେଉଛି ଲୋକେ ଏବେ ଘରେ ଘରେ ବନ୍ଧୁକ ରଖିଲେଣି। ସାମାନ୍ୟ ବଚସା ପାଇଁ ବି ବନ୍ଧୁକ ବାହାର କରିଦେଉଛନ୍ତି। ନିୟମିତ ଭାବେ ବନ୍ଧୁକରୁ ବାହାରୁଥିବା ଗୁଳି ଲୋକଙ୍କୁ ଆତଙ୍କିତ କରୁଛି। ରାଜ୍ୟ ବାହାରର ବନ୍ଧୁକ ମାଫିଆ ସକ୍ରିୟ ହୋଇ ରାଜ୍ୟକୁ ବନ୍ଧୁକର ବନ୍ୟା କରିବାରେ ଲାଗିଛନ୍ତି। ଓଡ଼ିଶାରେ ବିହାର ଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେ।ଳେ ସେପଟେ ପୁଲିସ କେବଳ ଛୋଟମୋଟ ବନ୍ଧୁକ ବେପାରୀଙ୍କୁ ଧରି ନିଜ ପିଠି ନିଜେ ଥାପୁଡାଇବାରେ ଲାଗିଛି।



### କେନ୍ଦ୍ରାପଡା ସ୍କୁଲରେ ଛାତ୍ରଙ୍କଠାରୁ ବନ୍ଧୁକ ମିଳିବା ଚିନ୍ତାଜନକ

ରାଜ୍ୟରେ ବେଆଇନ୍ ବନ୍ଧୁକ ଏବେ ସହଜ ଉପଲବ୍ଧ। ବଜାରରେ ୮ରୁ ୧୦ହଜାର ଟଙ୍କା ମଧ୍ୟରେ ବନ୍ଧୁକ ସହଜରେ ଉପଲବ୍ଧ ହୋଇଯାଉଛି। ଯିଏ ପାରୁଛି ସିଏ କିଣି ଆଣୁଛି। ବେଆଇନ୍ ବନ୍ଧୁକ କିଣାବିକାରେ କୌଣସି ପ୍ରକାର ରୋକ୍‌ଟୋକ୍ ନାହିଁ। ଯାହାଫଳରେ ବନ୍ଧୁକ ଅପରାଧ ମଇଦାନରୁ ଆସି ସ୍କୁଲ୍ ଭିତରେ ପହଁଞ୍ଚିଲାଣି। ପିଲା କିମ୍ବା ଶିକ୍ଷକଙ୍କୁ ଧମକାଇବାକୁ ବି ପିଲାମାନେ ବନ୍ଧୁକ ଧରି ସ୍କୁଲକୁ ଚାଲି ଆସୁଛନ୍ତି। ଚଳିତ ବିଧାନସଭାରେ ରାଜ୍ୟରେ ▶ପୃଷ୍ଠା-୭

## ୧୯ରେ ଚାଷୀଙ୍କ ସମ୍ବଲପୁର ବନ୍ଦ

■ ସମ୍ବଲପୁର, ୧୪।୧୨ (ସମିସ): ରାଜ୍ୟ ସରକାର କ୍ରମାଗତ ଭାବେ ଚାଷ ଓ ଚାଷୀମାନଙ୍କୁ ଅବହେଳା କରି ଚାଲିଛନ୍ତି। ଗତ ୨୮ ତାରିଖ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିବା ସତ୍ତ୍ୱେ ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଅର୍ଥନୈତିକ ଅବରୋଧ ପରେ ଧାନ ଉଠିଥିଲା। ପୁଣି ଗତ ୧୨ ତାରିଖ ଟୋକନ ସମସ୍ୟାକୁ ନେଇ ଚାଷୀମାନେ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଓ ଧମା ହୁମା ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଚାଷୀମାନଙ୍କ ସମସ୍ୟା ସମାଧାନ ନକରି ସେମାନଙ୍କୁ ପୁଲିସ ଗିରଫ କରିଥିଲା। ଏହାକୁ ନେଇ ଚାଷୀ ସଂଗଠନ ପକ୍ଷରୁ ଆସନ୍ତା ୧୯ ତାରିଖ ସମ୍ବଲପୁର ବନ୍ଦ ଡାକରା ଦେବାକୁ ନିଷ୍ପତ୍ତି ନିଆଯାଇଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ପ୍ରେସ ରିଲିଜରେ କୁହାଯାଇଛି ଯେ, ଓଡ଼ିଶାରେ ଧାନ କିଣାବିକାକୁ ନେଇ ଚାଲିଥିବା ଅଚଳାବସ୍ଥା ଓ ଚାଷୀ ପାଖକୁ ଟୋକନ୍ ପହଁଞ୍ଚାଇବାକୁ ନେଇ ଜାରି ରହିଥିବା ଅରାଜକତା ଦୂର କରିବା ଲାଗି ରାଜ୍ୟସରକାରଙ୍କ ରାଜନୈତିକ ଇଚ୍ଛା ଶକ୍ତି ନାହିଁ ଓ ଚଳିତ ସରକାରଙ୍କ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ▶ପୃଷ୍ଠା-୭

## ପ୍ରଦୂଷଣରେ ଦିଲ୍ଲୀ ଅଣନିଃଶ୍ୱାସୀ

### ମଧ୍ୟାହ୍ନରେ ବି କୁହୁଡ଼ିର ଭ୍ରମ, ଏକ୍ୟୁଆଇ ଛୁଇଁଲା ୪୯୧

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ପ୍ରଦୂଷଣରେ ବେହାଲ ହେଲାଣି ରାଜଧାନୀ ନୂଆଦିଲ୍ଲୀ ଏବଂ ଏନ୍‌ସିଆର। ପ୍ରଦୂଷଣ ମାତ୍ରା ଏତେ ବଢ଼ିଯାଇଛି ଯେ ନିଃଶ୍ୱାସ ନେବାକୁ ମଧ୍ୟ କଷ୍ଟ ଲାଗୁଛି। ମଧ୍ୟାହ୍ନରେ ବି କୁହୁଡ଼ିର ଭ୍ରମ ସୃଷ୍ଟି ହେଉଛି। ବିଷାକ୍ତ ଧୂଆଁର ଚାଦର ଦିଲ୍ଲୀବାସୀଙ୍କୁ କଲବଲ କରୁଛି। ଦିଲ୍ଲୀରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ପ୍ରଦୂଷଣ ମାତ୍ରା ୪୯୧ରେ ପହଞ୍ଚିଛି, ଯାହାକି ବିପଦ ସ୍ତର ରୂପେ ବିବେଚିତ କରାଯାଏ। ଆଜି ସକାଳ ୬ଟାରେ ଏହା ୪୬୨ ସ୍ତରରେ ପହଞ୍ଚିଥିଲା ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରେକର୍ଡ କରାଯାଇଛି। ଦିଲ୍ଲୀର ସବୁ ୪୦ଟି ମିନିଟରିଂ ଷ୍ଟେସନରେ ଲାଲ ରଙ୍ଗ ଦେଖିବାକୁ ମିଳିଛି। ଏକ୍ୟୁଆଇ ଉଦ୍‌ବେଗଜନକ ସ୍ଥିତିରେ ରହିଥିବା ଏଥିରୁ ସ୍ପଷ୍ଟ ହୋଇଯାଇଛି। ଉତ୍ତରପଶ୍ଚିମ ଦିଲ୍ଲୀର ରୋହିଣୀରେ ଏକ୍ୟୁଆଇ ସର୍ବାଧିକ ୪୯୯ ରେକର୍ଡ ସ୍ତରରେ ରହିଛି। ଏଥିରେ କଣିକା ପଦାର୍ଥ ୨.୫ (ପିଏମ୍ ୨.୫) ପ୍ରମୁଖ ପ୍ରଦୂଷକ ଭାବେ ରହିଛି। ଏହାକୁ ବାଦ୍ ଦେଲେ ଜାହାଙ୍ଗୀରପୁରୀ ଓ ବିବେକ ବିହାରରେ ଏକ୍ୟୁଆଇ ୪୯୫ ରିପୋର୍ଟ କରାଯାଇଛି। ଏକ୍ୟୁଆଇ ୫୦୦ ଅତିକ୍ରମ କଲେ ଏହାକୁ ଅତ୍ୟନ୍ତ ବିପଜ୍ଜନକ ବୋଲି ଘୋଷଣା କରାଯିବ ଓ ସାର୍ବଜନୀନ ସ୍ୱାସ୍ଥ୍ୟର ଜରୁରୀକାଳୀନ ସ୍ଥିତି ବା ହେଲ୍‌ଥ ଏମର୍ଜେନ୍ସି ଜାରି ହେବ। ଏଭଳି ପରିସ୍ଥିତି ▶ପୃଷ୍ଠା-୭



ଜାରି ହୋଇପାରେ 'ହେଲ୍‌ଥ ଏମର୍ଜେନ୍ସି'

## ବାଣପୁର ଥାନାରେ ହାଜତ ମୃତ୍ୟୁ !

### ଚୋରା ମଦ ବିକ୍ରି ଅଭିଯୋଗରେ ଥାନାରେ ଅଟକ ଥିଲେ ଅଭିଯୁକ୍ତ

■ ବାଣପୁର, ୧୪।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ବାଣପୁର ପୁଲିସ ଶନିବାର ରାତିରେ ଉଠାଇ ନେଇ ଥାନା ହାଜତରେ ରଖି ପଚରା ଉଚରା କରୁଥିବା ବେଳେ ରବିବାର ଉକ୍ତ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତଙ୍କ ପରିବାର ଲୋକେ ପୁଲିସ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି।

ବାଣପୁର ଥାନା ଅନ୍ତର୍ଗତ ଦାଶରଥିପୁର ଗ୍ରାମ ତଥା ପୋଡ଼ାସାହିରେ ବେଆଇନ ଭାବେ ଚୋରା ମଦ ବିକ୍ରି ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବାଣପୁର ପୁଲିସ ଶନିବାର ରାତିରେ ଉକ୍ତ ଅଞ୍ଚଳରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ଉକ୍ତ ଗ୍ରାମର ଛବିନ୍ଦ୍ର ନାୟକ (୪୫)କୁ ଧରି ଆଣି ବାଣପୁର ଥାନା ହାଜତରେ ଅଟକ ରଖି ପଚରାଉଚରା ଚଳାଇ



### ପୁଲିସ ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ପରିବାର

ଥିଲେ। ରବିବାର ସକାଳେ ହଠାତ ଛବିନ୍ଦ୍ର ଅସୁସ୍ଥ ହୋଇ ପଡିବାରୁ ପୁଲିସ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଛବିନ୍ଦ୍ରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ଛବିନ୍ଦ୍ରଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ଭୁବନେଶ୍ୱର କ୍ୟାପିଟାଲ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଛବିନ୍ଦ୍ରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏହି ଘଟଣା ପରେ ଥାନା ପରିସରରେ ଗ୍ରାମବାସୀ ଜମା ରହିବାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକ ଓ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡା ପ୍ରମୁଖ ବ୍ୟାପକ ପୁଲିସ ଫୋର୍ସ ସହ ବାଣପୁର ଥାନାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଛବିନ୍ଦ୍ର ପୂର୍ବରୁ ଏକାଧିକ ରୋଗରେ ରୋଗାଗ୍ରସ୍ତ ହୋଇ ଚିକିତ୍ସିତ ହୋଇଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ବସବାସ କରୁଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏପରି ସ୍ଥଳେ ଡାକ୍ତର ସ୍ଥାନାନ୍ତର କରିଥିବା ଜଣେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ▶ପୃଷ୍ଠା-୭

## ଅମଳ ବେଳରେ ଅକାଳ ମୃତ୍ୟୁ

### ଜୀବନ ନେଲା ଧାନକଟା ମେସିନ

■ ବାଲେଶ୍ୱର, ୧୪।୧୨ (ସମିସ): ବାଲେଶ୍ୱର ସଦର ବ୍ଲକ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବିଲରେ ଧାନ କଟା ମେସିନରେ ପଶି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସଦର ବ୍ଲକ ଅର୍ନ୍ତଗତ ବର୍ଦ୍ଧନପୁର ପଞ୍ଚାୟତ ସାହାଜା ନଗରର ରାଧୁଆ ଦଲେଇଙ୍କ ପୁଅ ରାଜୁ ଦଲେଇ। ସାହାଜା ନଗରରେ ଆଜି ଏକ ବିଲରେ ମେସିନରେ ଧାନ କଟା ହେଉଥିଲା। ସେହି ସମୟରେ ରାଜୁ ତଳେ ବସି କାମ କରୁଥିବାବେଳେ ଅସାବଧାନତା ବଶତଃ ଧାନକଟା ମେସିନରେ ପଶି ଯାଇଥିଲେ। ତୁରନ୍ତ ତାଙ୍କୁ ଅନ୍ୟ ଶ୍ରମିକମାନେ ଉଦ୍ଧାର କରିଥିଲେ ହେଁ ରାଜୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସଦର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଧାନ ବିଲରେ ଜଳିଗଲେ ଚାଷୀ

■ ପିପିଲି, ୧୪।୧୨ (ସମିସ): ନିଆଁ ନେଇଗଲା ଜୀବନ। ଧାନ ବିଲ ମଝିରେ ନିଆଁରେ ଜଳିଗଲେ ପିପିଲି ସୁନାମୁହିଁ ଗାଁର ଚାଷୀ ଗଜେନ୍ଦ୍ର ସ୍ୱାଇଁ। ନିଜ ବିଲରେ ଲଗାଇଥିବା ପାଳ ନିଆଁ ପାଖ ବିଲରେ ପଡ଼ିଥିବା ଧାନ କଚଡ଼ାରେ ଲାଗିଯାଇଥିବା ଦେଖି ନିରୁପାୟ ହୋଇ ନିଜେ ଲିଭାଇବାକୁ ଚେଷ୍ଟା କରି ନିଆଁ ଭିତରକୁ ପଶିଯାଇଥିଲେ। ଫଳରେ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ହୋଇଯାଇ ଜୀବନ ଯାଇଛି। ଗଜେନ୍ଦ୍ର ମୃତ୍ୟୁ ଖବର ପ୍ରଚାର ହେବାକ୍ଷଣି ପୂରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପ୍ରକାଶ ଯେ, ପିପିଲି ଥାନା ଅଧୀନସ୍ଥ ସୁନାମୁହିଁ ଗାଁର ଗଜେନ୍ଦ୍ର ଜମିରେ ଧାନ କାଟି ପକାଇଥିଲେ। ବିଲରୁ ପାଗ ଛାଡ଼ିଗଲେ ଆଉ ମୁଗ ବୁଣି ହେବନି ବୋଲି ଭାବି ଧାନ ମୂଳ ଏବଂ ବିଲରେ ପଡ଼ିଥିବା କୁଟାକୁ ସଫା କଲେ ଟ୍ରାକ୍ଟର ଯୋଗେ ଚାଷ କରି ମୁଗ ବୁଣିବାର ଲକ୍ଷ୍ୟ ନେଇ ଗଜେନ୍ଦ୍ର ତାଙ୍କ ବିଲରେ ରବିବାର ସକାଳେ



ନିଆଁ ଲଗାଇଥିଲେ। ମାତ୍ର ପାଖ ବିଲରେ କଟା ହୋଇ କଚଡ଼ା ପଡ଼ିଥିବା ଧାନକୁ ନିଆଁ ଧରିପକାଇଥିଲା। ଏହା ଦେଖି ଗଜେନ୍ଦ୍ର ବିଚଳିତ ହୋଇପଡ଼ିଥିଲେ। ପାଖ ବିଲର ନିଆଁକୁ ଲିଭାଇବାକୁ ▶ପୃଷ୍ଠା-୭

# ହଜାରେ ଲିଟର ଗୁଡ଼ ପୋଚ ନଷ୍ଟ କଲା ପୁଲିସ

**ତିହିଡ଼ି,୧୪ ।୧୨(ସମିସ):** ତିହିଡ଼ି ପୁଲିସର ଚଢ଼ଉବେଳେ ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି । ସୂଚନା ଅନୁସାରେ, ତିହିଡି ବ୍ଲକ୍ ତାଳପଦା ଗାଁରେ ଥିବା ଦେଶୀ ମଦ ଭାଟି ଉପରେ ଆଜି ମଧ୍ୟାହ୍ନରେ ତିହିଡ଼ି ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ଼ଟି ୫୦ ଲିଟରିଆ ଡ୍ରମ ରେ ରଖାଯାଇଥିବା ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ଼ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିଲା । ଚଢ଼ଉ ସମୟରେ ଭାଟି ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିଲେ । ସୂଚନା ଥାଉକି ଦୀର୍ଘ ବର୍ଷ ହେଲା ତିହିଡ଼ି ପୁଲିସ ତାଳପଦା ପଞ୍ଚାୟତରେ ଥିବା ୧୦ରୁ ଊର୍ଦ୍ଧ୍ୱ ଚୋରା ମଦ ଭାଟି ଉପରେ ବାରମ୍ବାର ଚଢ଼ଉ କରି ଗୁଡ଼ ପୋଚ ନଷ୍ଟ କରାଯାଉଥିଲେ ବି ପରେ ପୁଣି ମାଫିଆ ନିର୍ଭୟରେ ସେହି କାମ କରୁଥିବା ଅଭିଯୋଗ ହେଉଛି । ବେଆଇନ ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରାଯାଉବୋକରିଥାଏ କିନ୍ତୁ ପରଦିନ ଜାମିନରେ ଆସି ପୂର୍ବବତ ମଦ ପ୍ରସ୍ତୁତ ଚାଲୁ ରଖନ୍ତି । ଏହି ଦେଶୀ ବିଷାକ୍ତ ମଦ ପିଇ ନିଶାଡିମାନେ ଉଶୃଙ୍ଖଳିତ ହେଉଥିବା ବେଳେ ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା ।




# ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସନାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା

**ଭଦ୍ରକ,୧୪ ।୧୨(ସମିସ):** ଭଦ୍ରକ ଆରଡ଼ି ଛକସ୍ଥିତ ପ୍ରତିଷ୍ଠିତ ଏନ୍‌ଆର୍‌ଆଇ ଅନ୍ତର୍ଜାତୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଏବଂ ଓଡ଼ିଶା କ୍ରିକେଟ ସଙ୍ଘର ସହକର୍ମୀ ନିର୍ଣ୍ଣାୟକ ଘୋଷ ପ୍ରମୁଖ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ସଭାପତିତ୍ୱରେ ପରିଚାଳନା କମିଟିର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ, ଗୌରାଙ୍ଗ ଚରଣ ନାଥ, ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ଛାତ୍ରଙ୍କ ଦ୍ୱାରା ମଶାଲ ପରିକ୍ରମା ଓ ଶପଥପାଠ କରାଯାଇ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । କ୍ରୀଡ଼ା ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯାହା ସୁସ୍ଥ ଚିନ୍ତାଧାରା ଉଦ୍ରେକ କରେ ବୋଲି ଅତିଥିମାନେ କରିଥିଲେ । ଶେଷରେ ବିଭିନ୍ନ ଖେଳରେ କୃତିତ୍ୱହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ଦୀପକ କୁମାର ବାରିକ, ଶିକ୍ଷୟିତ୍ରୀ ମୁସାରା ବାନୋଙ୍କ ନେତୃତ୍ୱରେ ପରିଚାଳିତ ସପ୍ତାହ ବ୍ୟାପି ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ କର୍ମଚାରୀଙ୍କ ସହଯୋଗରେ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।



# ବନ୍ତ ଆଞ୍ଚଳିକ କଲେଜର ସମାବର୍ତ୍ତନ ଉତ୍ସବ

**ବନ୍ତ/ଆଗରପଡ଼ା,୧୪।୧୨(ସମିସ):** ବନ୍ତ ବ୍ଲକର ଅଗ୍ରଣୀ ତଥା ପୁରାତନ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ହେଉଥିବା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ୪୬ତମ ସମାବର୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ମନୋରମା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ. ଶଶଧର ଦାସ, ମୁଖ୍ୟ ବକ୍ତା ଭାବେ ଅବସାପ୍ରାପ୍ତ ଅଧ୍ୟକ୍ଷ ତଥା ଗାଳ୍ପିକ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ କଲେଜରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରି ଜଣେ ଚରିତ୍ରବାନ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ । ଅତିଥିମାନଙ୍କର ପରିଚୟ ପ୍ରଧାନ ଅଧ୍ୟାପକ ରାଜେଶ କୁମାର ବିଶ୍ୱାଳ, ମଞ୍ଚ ପରିଚଳନା ଓ ବାର୍ଷିକ ବିବରଣୀ ପାଠ ଅଧ୍ୟାପକ ଆଦିତ୍ୟନାରାୟଣ ବାରିକ, ବେଦପାଠ କରିଥିଲେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଦେବତା । ଏହି ଅବସରରେ ଅତିଥିମାନେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଦସ୍ୟ ସଦସ୍ୟା, ପୁରାତନ ଓ ବର୍ତ୍ତମାନର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।



# ସମିତି କାର୍ଯ୍ୟାଳୟ ପରିସରରେ ବାଲି ଗଦା

**ବାରିକପୁର,୧୪ ।୧୨(ସମିସ):** ଚଳିତ ବର୍ଷ ଖରିଫ ଧାନ କ୍ରୟ ଶୁଭାରମ୍ଭ ପାଇଁ ଜିଲ୍ଲା ପ୍ରଶାସନ ଜାନୁୟାରୀ ୫ ତାରିଖକୁ ଦିନ ଧାର୍ଯ୍ୟ କରିଛି । ଏଥିପାଇଁ ସମସ୍ତ ମଣ୍ଡିରେ ପ୍ରାୟ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ସମବାୟ ସମିତି ଅଧୀନ ମଣ୍ଡିଗୁଡ଼ିକୁ ପ୍ରସ୍ତୁତ କରାଯାଉଛି । କିଛି ମଣ୍ଡିର ଗୋଦାମ ଗୃହକୁ ସଫାସୁତରା କରାଯାଉଥିବା ବେଳେ ଆଉ କିଛି ମଣ୍ଡିର ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏପଟେ ଗୋଟିଏ ଦୁଇଟି ମଣ୍ଡି ପରିସର ଅବ୍ୟବସ୍ଥିତ ଭାବେ ପଡ଼ିରହିଛି । ତନ୍ମଧ୍ୟରୁ ନାଆମୀ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ପରିସର ଅନ୍ୟତମ । ଉକ୍ତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଦୀର୍ଘଦିନ ଧରି ବାଲି ଗଦା ହୋଇ ରହିଛି । କାର୍ଯ୍ୟାଳୟକୁ ଲାଗି ପଞ୍ଚାୟତର ଅତିରିକ୍ତ ଗୃହ ନିର୍ମାଣ ପାଇଁ ବାଲି ଓ ଅନ୍ୟାନ୍ୟ ସାମଗ୍ରୀ ଆସିଥିବା ବେଳେ ଆଜି ଯାଏଁ କାମ ନହୋଇ ତାହା କୁଢ଼ କୁଢ଼ ହୋଇ କରାଯାଇଛି । ତେଣୁ ଏଥିପାଇଁ ମଣ୍ଡିରେ ଧାନ ଗଚ୍ଛିତ ରଖିବା କିମ୍ବା ବିକ୍ରି ବିକ୍ରିବଟା କରିବାରେ ଅସୁବିଧା ହେବ ବୋଲି ସ୍ଥାନୀୟ ଚାଷୀ ଜଣାଇଛନ୍ତି । ଏପଟେ ପ୍ରଶାସନିକ ସ୍ତରରେ ଅସୁବିଧା ଯୋଗୁଁ କାମ ହେଉନଥିବା କୁହାଯାଉଛି । ତୁରନ୍ତ ଏହା ପରିସରରୁ ବାଲିଗଦା ସ୍ଥାନାନ୍ତର କରି ମଣ୍ଡି ସୁରୁଖୁରୁରେ ଚଳାଇବାକୁ ଦାବି ହେଉଥିବାବେଳେ ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।



# 'ଆଳୁ ମିଶନ' ଯୋଜନାରେ ଚାଷ ଆରମ୍ଭ

**ଧାମନଗର,୧୪ ।୧୨(ସମିସ):** ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଆଳୁ ମିଶନ ଯୋଜନାରେ ଆଳୁ ଚାଷ ଆରମ୍ଭ ହୋଇଛି । ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେବା ସହିତ କିଭଳି ଆଳୁ ପାଇଁ ଆମକୁ ଆଉ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ୟୁପି ଭଳି ରାଜ୍ୟ ଉପରେ କିଭଳି ନିର୍ଭର କରିବାକୁ ପଡିବ ନାହିଁ । ସେଥିପାଇଁ ରାଜ୍ୟ ସରକାର ଆଳୁ ମିଶନ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି । ଆଳୁ ମିଶନ ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଧାମନଗର ବ୍ଲକ୍ ଉଦ୍ୟାନ କୃଷି ବିଭାଗ ଉଦ୍ୟମ ଜାରି ରଖିଛନ୍ତି । ଉଦ୍ୟାନ କୃଷି ଭିତ୍ତିକ ଫଳ ଚାଷ, ଆଳୁ, ପନିପରିବା ଓ ମସଲା ଭିତ୍ତିକ ଚାଷ ଆଦି କରିବାକୁ ଉଦ୍ୟମ ହେଉଛି । ଏଥିସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ଉଦ୍ୟାନ କୃଷି ପ୍ରୋସାହନ ଉଦ୍ୟୋଗରେ ଛତୁ ଚାଷ, ଜୈବିକ ପଦ୍ଧତିରେ ଅନ୍ୟାନ୍ୟ ୩ ପ୍ରକାରର ଚାଷ ପାଇଁ ଯୋଜନା ରହିଛି । ଏହି ସବୁ ଯୋଜନାରେ ଚାଷ ଅନୁଯାୟୀ ସରକାର ରିହାତି ବ୍ୟବସ୍ଥା ମଧ୍ୟ କରିଛନ୍ତି । ଖରିଫ ଋତୁ ପରେ ଆଳୁ, ମୁଗ, ବିରି, ପନିପରିବା ଇତ୍ୟାଦି ଚାଷ କରାଯାଏ । ଚଳିତ ବର୍ଷ ଧାମନଗର ଉଦ୍ୟାନ କୃଷି ବିଭାଗ ପ୍ରାୟ ୫୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ସରକାର ଧାର୍ଯ୍ୟ ଲକ୍ଷ୍ୟ ରଖିଛନ୍ତି । ତେବେ ଆଳୁ ଏକ କ୍ୱିଣ୍ଟାଲ ୫୦ କେଜି ବିହନ ଚାଷୀଙ୍କୁ ଯୋଗାଇ ଦିଆଯିବ, ଯେଉଁଥି ପାଇଁ ୩ ହଜାର ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ । ପରବର୍ତ୍ତୀ ସମୟରେ ଏହି ଅର୍ଥର ୫୦ ପ୍ରତିଶତ ଉଦ୍ୟାନ କୃଷି କାର୍ଯ୍ୟାଳୟ ଅର୍ଥାତ୍ ୧୫ ଶହ ଟଙ୍କା ରିହାତି ଆକାରରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫେରିବ । ବର୍ତ୍ତମାନ ଆଳୁ ଚାଷ ପାଇଁ ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଅଦ୍ୟାବିଧି ଟାର୍ଗେଟର ଶୁକ୍ରବାର ସୁଦ୍ଧା ଶତପ୍ରତିଶତ ପୂରଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଚାଷୀମାନଙ୍କୁ ସରକାରଙ୍କ ଏହି ଆଳୁ ମିଶନ ଯୋଜନା ସମ୍ପର୍କରେ ସଚେତନ କରିବା ସହ ବ୍ଲକ୍‌ର ୧୫ଟି ପଂଚାୟତରେ ବିଭାଗ ପକ୍ଷରୁ ଆଳୁ ବିହନ ଯୋଗାଇ ଦେବା ସହ ଏହି ପ୍ରୟାସ ଜାରି ରହିଛି ବୋଲି ଭାରପ୍ରାପ୍ତ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ଭୂୟାଁ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।






# କାଁପଡ଼ାରେ ମା'ବାସୁଳୀ ବରିଷ୍ଠ ନାଗରିକ ସଙ୍ଘ ଗଠିତ

**ତିହିଡ଼ି,୧୪ ।୧୨(ସମିସ):** ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ କାଁପଡ଼ା ସ୍ଥିତ ମା'ବାସୁଳୀ ପ୍ରାଙ୍ଗଣରେ କାଁପଡ଼ା ଓ ତତ୍ ସଂଲଗ୍ନ ପଚାୟତକୁ ନେଇ ଏକ ବୈଠକ ତିହିଡ଼ି ଜୋନ୍ ସଭାପତି ନିତ୍ୟାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ୍ ସଂଯୋଜକ ସୁରେନ୍ଦ୍ର କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ତିହିଡ଼ି ବ୍ଲକ୍ ସମ୍ପାଦକ ବିଭୂତିଭୂଷଣ ସେନାପତି, ସମ୍ମାନିତ ଅତିଥି ଭାବେ ସମାଜସେବୀ କୃତିବାସ ଜେନା, ଶିକ୍ଷାବିତ୍ କୃତ୍ତିବାସ ଜେନା, ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଦାସ, ଇନ୍ଦ୍ରମଣି ଦାସ ପ୍ରମୁଖ ଯୋଗଦାନ କରି ସଂଘ ଗଠନର ଆବଶ୍ୟକତା ଓ ବରିଷ୍ଠଙ୍କର ବିଭିନ୍ନ ସମସ୍ୟା ତଥା ସରକାରଙ୍କ ନିୟମାବଳୀ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସେବା, ଶୃଙ୍ଖଳା ଓ ଏକତା ଦ୍ୱାରା ସଂଗଠିତ ହୋଇ କାର୍ଯ୍ୟକଲେ ସରକାରଙ୍କର ସମସ୍ତ ସୁବିଧା ସୁଯୋଗ ପାଇପାରିବା ବୋଲି ସମସ୍ତ ସଭ୍ୟ ଉପଲବ୍ଧି କରିଥିଲେ । ନୂତନ ଭାବେ ଗଠିତ ଜୋନ୍‌ର ଉପଦେଷ୍ଟା ଭାବେ କମଳାକାନ୍ତ ଦାସ, ହେମନ୍ତ ମଲିକ୍, ମାର୍କଣ୍ଡ ମଲିକ, ବନମାଳୀ ଦାସ, ସୁବାସ ଦାସ, ଦାଶରଥି ଦାସ ଓ ଅର୍ଜ୍ଜୁନ ଚରଣ ଦାସ (ସଭାପତି), ରମାକାନ୍ତ ଦାସ (ଉପସଭାପତି), ରମାକାନ୍ତ ଦାସ (ସମ୍ପାଦକ), କେଶବ ଚନ୍ଦ୍ର ଦାସ (ସହ ସମ୍ପାଦକ) ଓ କୋଷାଧ୍ୟକ୍ଷ ଭାବେ ଶଙ୍କର୍ଷଣ ଦାସ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଜଗବନ୍ଧୁ ମଲିକ, ଧବଳ ମଲିକଙ୍କୁ ସମାଜସେବୀ ଆଶାକର୍ମୀ ଶୀତବସ୍ତ୍ର ପ୍ରଦାନ କରିଥିଲେ । ଶଙ୍କର୍ଷଣ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଭାଗବତ ପାରାୟଣ ଉଦ୍‌ଯାପିତ

**ବନ୍ତ/ଆଗରପଡ଼ା,୧୪।୧୨(ସମିସ):** ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ା ସ୍ଥିତ କପାଳିକ୍ଷେତ୍ର ପାଶ୍ୱର୍ରେ ଅବସ୍ଥିତ ଥିବା ରାଧାକୃଷ୍ଣ ମଠ ପରିସରରେ ସାତଦିନବ୍ୟାପି ଅଣତ୍ରିଂଶ ତମ ଶ୍ରୀମଦ୍ ଭାଗବତ ପାରାୟଣ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗତ ସୋମବାର ପ୍ରତ୍ୟୁଷରୁ ଘଟୋତ୍ତୋଳନ କରାଯିବା ପରେ ରାଧାକୃଷ୍ଣଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ପାରାୟଣ ସପ୍ତାହ ଉର୍ଦ୍ଦେଶ୍ୟରେ ପ୍ରତ୍ୟହ ଭାଗବତ ପାଠ ସହ ଭଜନ, ନାମ ସଂକୀର୍ତ୍ତନ କରା ଯାଇଥିବା ବେଳେ ରବିବାର ଉଦ୍‌ଯାପନୀ ଦିବସରେ ପୂଜାର୍ଚ୍ଚନା ସହ ଗୃତ ଯଜ୍ଞ ସହ ପୂର୍ଣ୍ଣାହୂତି ପ୍ରଦାନ କରା ଯାଇଥିଲା । ଏହାକୁ ଶ୍ରବଣ ପାଇଁ ନିମାପଡ଼ା,ସାନବର୍ଚ୍ଚିକୟାଁ, ନରସିଂହପୁର, ରାମଚନ୍ଦ୍ରପୁର, ପାଟଣା, ରଘୁନାଥପୁର, ଜଗଦୀଶପୁର ,ଦୋଳପଦୀ ଆଦି ଗ୍ରାମରୁ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମଠର ପ୍ରତିଷ୍ଠାତା ରବିନ୍ଦ୍ର କର ଆୟୋଜନ କରିଥିବା ବେଳେ ପୂଜକ ଭାବେ ପଣ୍ଡିତ ବୀରେନ୍ଦ୍ର ତ୍ରିପାଠୀ, ସରୋଜ ମିଶ୍ର, ବଂଶୀଧର କର ପ୍ରମୁଖ ଭାଗବତ ପାଠ କରିଥିଲେ । ଉଦ୍‌ପାପନୀ ଉତ୍ସବରେ ରାଧା କୃଷ୍ଣଙ୍କ ସହ ଶ୍ରୀମଦ୍ ଭାଗଗତକୁ ପୂଜାର୍ଚ୍ଚନା କରାଯିବା ସହ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା ।



# ରାମଚନ୍ଦ୍ର ନୋଡାଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବନ୍ତ/ଆଗରପଡ଼ା, ୧୪।୧୨ (ସମିସ):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସାନବର୍ଚ୍ଚିକୟାଁ ସ୍ଥିତ ରାମଚନ୍ଦ୍ର ନୋଡ଼ାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନାତନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସିଆର୍‌ସିସି ଉତ୍ତମ ଦାସ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷକ ରାଧାଶ୍ୟାମ ରାଉତ, ଜାଗୁଳାଇ ହାଇସ୍କୁଲର ଶିକ୍ଷକ ବସନ୍ତ କୁମାର ପ୍ରଧାନ ପ୍ରମୁଖ କ୍ରିଡ଼ାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ଛାତ୍ରଛାତ୍ରୀ ପାଠପଢ଼ା ସହ କ୍ରିଡ଼ା ପ୍ରତି ଆଗ୍ରହ ପ୍ରକାଶ କରିବାକୁ ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୌଡ଼, ଲମ୍ବ ଡିଆଁ,ଉଚ୍ଚ ଡିଆଁ, ଡିସକସ, ଜାଭେଲିନ, ପେଣ୍ଡୁ ଫିଙ୍ଗା,ମ୍ୟୁଜିକ୍ ଚେୟାର ଆଦି ଅନୁଷ୍ଠିତ ହୋଇଥିଲା । ଏହାକୁ ଶିକ୍ଷକ ନିରାକାର ସେଠୀ, ପ୍ରତାପ ବିଶ୍ୱାଳ, ଉମାକାନ୍ତ ମଲ୍ଲିକ, ମୀନାକ୍ଷୀ ଚାଟାର ପ୍ରମୁଖ ପରିଚାଳନା କରିଥିଲେ ।



# ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲରେ ଗଣିତ-ବିଜ୍ଞାନ ପ୍ରଦର୍ଶନୀ

**ଭଦ୍ରକ,୧୪ ।୧୨(ସମିସ):** ଭଦ୍ରକ ସହରର ଅନ୍ୟତମ ଘରୋଇ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲରେ ଗଣିତ-ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଫେସର ଅଟଳବିହାରୀ ନାୟକ, ସଂଯୁକ୍ତା ଯାଦବ ଓ ଦମୟନ୍ତୀ ରାଉତ ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଗଣିତ-ବିଜ୍ଞାନର ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ଏହିପରି କାର୍ଯ୍ୟକ୍ରମ ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟିକରେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଶିକ୍ଷାନୁଷ୍ଠାନ ପ୍ରିନ୍ସିପାଲ ଦୀପା ଉପାଧ୍ୟାୟ, ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲର ମୁଖ୍ୟ ସୁନୀଲ କୁମାର ପାଢ଼ୀ, ନିର୍ଦ୍ଦେଶକ ଅଚ୍ୟୁତ କୁମାର ସାହୁ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ପ୍ରଦର୍ଶନୀ ମେଳା ପରିଚାଳନାରେ ସହଯୋଗ କରିଥିଲେ ।



# ସମିତିରେ ନାହିଁ ଧାନ ପାଇଁ ଗୋଦାମ ଗୃହ

**ଦୋଳସାହି,୧୪ ।୧୨(ସମିସ):** ତିହିଡ଼ି ବ୍ଲକ୍ ଦୋଳସାହି ପଞ୍ଚାୟତରେ ଥିବା ପାଳିଆବିନ୍ଧା ସେବା ସମବାୟ ସମିତି ଭଦ୍ରକ ଜିଲ୍ଲାର ଅନ୍ୟତମ ସର୍ବବୃହତ ସମିତି ହୋଇଥିଲା ବେଳେ ଏହି ସେବା ସମବାୟ ସମିତି ରେ ଧାନ ଗୋଦାମ ଗୃହ ନଥିବା ଜଣାଯାଇଛି । ସୂଚନାଯୋଗ୍ୟ, ପାଳିଆବିନ୍ଧା ସେବା ସମବାୟ ସମିତି ଉପରେ ୪ ଟି ପଞ୍ଚାୟତର ଚାଷୀ ଭରସା କରୁଥିବା ବେଳେ ଏହି ସମିତିରେ ଧାନ ଗୋଦାମ ଗୃହ ନଥିବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଏହି ସେବା ସମବାୟ ସମିତିରେ ଚଳିତ ବର୍ଷ ୫୮ ୯ ଜଣ ଧାନଚାଷୀ ଧାନ ଦେବା ନିମନ୍ତେ ଅନଲାଇନ୍ କରିଛନ୍ତି । ତେବେ ୨୬୦ ଜଣ ଋଣ ଖିଲାପ କରିଥିବା ଜଣାଯାଇଛି । ସେହିପରି ଏହି ଋଣ ଖିଲାପକାରୀଙ୍କ ବିରୁଦ୍ଧରେ କୋର୍ଟରେ ଅଭିଯୋଗ ପରେ କିଛି ଖିଲାପୀ ଋଣୀ ଟଙ୍କା ପରିଶୋଧ କରିଥିବା ସୂଚନା ଦେଇଛନ୍ତି ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ସଞ୍ଜୟ କୁମାର ନାୟକ । ଏହି ସମବାୟ ସମିତିରେ ମେମ୍ବର ସଂଖ୍ୟା ୬୫୦୦ ରୁ ଅଧିକ ହୋଇଥିବା ବେଳେ ୧୫ ଶହରୁ ଅଧିକ ଜଣ ଧାନଚାଷ, କୁକୁଡ଼ା, ଛେଳି, ବ୍ୟବସାୟ ସହ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଗୋଷ୍ଠୀ ଇତ୍ୟାଦିଙ୍କୁ ଋଣ ସହାୟତା ଯୋଗାଇ ଦିଆଯାଇଥିବା ଜଣାଯାଇଛି ।



# ଶାଳନିଆ କେନାଲ ରାସ୍ତା ଶୋଚନୀୟ

**ବାରିକପୁର,୧୪ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆ ଠାରୁ ମାନ୍ତପୁର ଛକ ୩ ନମ୍ବର ହାଇଲେବୁଲ କେନାଲକୁ ସଂଯୋଗ ହୋଇଥିବା ଶାଳନିଆ କେନାଲ ରାସ୍ତା ଏବେ ଶୋଚନୀୟ ହୋଇଛି । ପ୍ରାୟ ୩ ବର୍ଷ ପୂର୍ବରୁ ବିରିଡ଼ିଠାରୁ ଆମ୍ବଗଡ଼ିଆ ଓ ବନସ୍ତାଠାରୁ କେନାଲ ଶେଷ ମୁଣ୍ଡ ଯାଏଁ ବାମ ପାର୍ଶ୍ୱ ବନ୍ଧର ନିର୍ମାଣ କାର୍ଯ୍ୟ ହୋଇଥିଲା । ଦୁଇ ଜଣ ଠିକାଦାର ମୋରମ ଓ ମେଟାଲରେ ଏହି କେନାଲ ରାସ୍ତାକୁ ନିର୍ମାଣ କରିଥିଲେ । କାମ ସରିବାର ମାତ୍ର ଗୋଟିଏ ବର୍ଷ ପରେ ରାସ୍ତା ଉପରୁ ମେଟାଲ ଉଠି ଯାଇଥିବା ବେଳେ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା । ଚଳିତ ବର୍ଷ ବିରିଡି ଠାରୁ ଆମ୍ବଗଡ଼ିଆ ଗାଁ ଯାଏଁ କେନାଲ ରାସ୍ତାଟିରେ ପୁନଃ କାର୍ଯ୍ୟ ହୋଇଥିବା ବେଳେ ଏହାର ଫେବର ପିଚ ନିର୍ମାଣ ହୋଇଛି । ପରିତାପର ବିଷୟ ଏବେ ବନସ୍ତାଠାରୁ ନେରଡା ଓ ଯଶୋଟିକିରି ଠାରୁ ମାନ୍ତପୁର ଛକ ଯାଏଁ ପଥଚାରୀ ମାନେ ରାସ୍ତାରେ ଯିବାକୁ ଅତ୍ୟନ୍ତ କୁଣ୍ଠାବୋଧ କରୁଛନ୍ତି । ପାଖାପାଖି ୪ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି । ମୋଟରସାଇକଲ ଓ ସାଇକଲ ଯୋଗେ ଯାଉଥିବା ଲୋକମାନେ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ସାରା ମେଟାଲ ମୋରମ ଉଠି ଯାଇଥିବା ବେଳେ ଲୋକଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି । ଦୈନିକ ଏହି ପଥରେ ହଜାର ହଜାର ଜନସାଧାରଣ ଯାତାୟାତ କରୁଥିବା ବେଳେ କେନାଲ ରାସ୍ତାଟିର ନବୀକରଣ କାର୍ଯ୍ୟ ପାଇଁ ଦାବି ହୋଇଛି । ତେଣୁ ଏହା ଉପରେ ଶାଳନିଆ ଓ ଶାଳପଡ଼ା ଜଳସମ୍ପଦ ବିଭାଗ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହୋଇଛି ।



**ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

# ୭୫ ବିଭାଗରେ ଭାଗ ନେଲେ ୪୪୨ ପ୍ରତିଯୋଗୀ

**ଭଦ୍ରକ,୧୪।୧୨(ସମିସ)**

ଭଦ୍ରକ ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତରେ ଜିଲ୍ଲାର ୭ଟି ବ୍ଲକ୍‌ରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ କ୍ଲବ୍ ସ୍ତରର ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ୍ ବର୍ଗର ବାଳକ ବାଳିକା ଉଭୟ ଜୁନିଆର୍ ଓ ସିନିୟର୍ ବିଭାଗରେ ମିଶି ମୋଟ ୪୪୨ ଜଣ ପ୍ରତିଯୋଗୀ ୭୫ ଗୋଟି ବିଭାଗରେ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାକୁ ଭଦ୍ରକ ଜିଲ୍ଲାପାଳ ତଥା ଆଥ୍ଲେଟିକ୍ ଆସୋସିଏସନ୍ର ସଭାପତି ଢଙ୍ଗଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଆସୋସିଏସନର ସମ୍ପାଦକ ଧୀରେନ ପଲାଇ, ବରେଣ୍ୟ ଅତିଥି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ଶଙ୍କର ଦାସ, କ୍ରୀଡ଼ା ସ୍ୱତନ୍ତ୍ର ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଆସୋସିଏସନ୍ର ସହସମ୍ପାଦକ ଅତିସ୍ କୁମାର ବେହେରା, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ସଦସ୍ୟ ଭବତୋଷ ଦାସ, ରବିନାରାୟଣ ପାଣିଗ୍ରାହୀ, ବେଦ ପ୍ରକାଶ ଗୁପ୍ତା, ସଞ୍ଜିବ ଦାସ, ରବିନାରାୟଣ ଓଝା, ମନୋଜ ସାହୁ, ସୁଶିଲ ପଟ୍ଟନାୟକ, ବାଇଧର ମହାକୁଡ଼, ଲକ୍ଷ୍ମଣ ବାରିକ, ଯଦବୀର ପ୍ରତାପରାୟ ପ୍ରମୁଖ ଯୋଗ ଦେଇଥିଲେ । ଅତିସ୍ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲର ବରିଷ୍ଠ ପର୍ବତାରୋହୀ ବିଜୟ କୁମାର ଗୁପ୍ତା, ବକ୍ସର କମଳାକାନ୍ତ ସାହୁ, ରେସ୍ଲର୍ ଶିବପ୍ରସାଦ ରାୟ, ଜାତୀୟ ସ୍ତରର ଫୁଟ୍‌ବଲ ଖେଳାଳୀ ଇସ୍ମିତା ରାଉତ, ଜାତୀୟ ସ୍ତରର ଆଥ୍ଲେଟିକ୍ ହରିଶଙ୍କର ପାଣିଗ୍ରାହୀ, ଜାତୀୟସ୍ତରର ସାଇକ୍ଲିଷ୍ଟ ସସ୍ମିତା ପଣ୍ଡା, ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟ ହର୍ଷିତ୍ ନାୟକ, ସତ୍ୟଜିତ୍ ଘୋଛାୟତ, ସଚିନ ଜେନା, ଅନୁସୟା ନନ୍ଦୀ, ସୂର୍ଯ୍ୟକାନ୍ତ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା ।






## କର୍ମଚାରୀ ମହଲରେ ଅସନ୍ତୋଷର ବହ୍ନି

ତାଳଚେର,୧୪।୧୨(ସମିସ): ଶୀତକାକରରେ ନିଜ ହକ୍ ପାଇଁ ଲଢ଼େଇ କରି ଆସୁଥିବା ଶିକ୍ଷକ, ପାଚିକା, ଆୟୁଷ ଡାକ୍ତର, ହୋମିଓପାଥି ଡାକ୍ତର, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ସେମାନଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ଭୁବନେଶ୍ୱରରେ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅତି ଚତୁରତା ସହ ବିଭିନ୍ନ ପ୍ରଲୋଭନ ଦେଖାଇ ବିଦା କରିଦେଇଥାନ୍ତି। ଏହି କର୍ମଚାରୀମାନଙ୍କର ସ୍ୱଳ୍ପ ବେତନ ସହ ପେନସନ ବ୍ୟବସ୍ଥା ନ ଥିବାରୁ ଯେଉଁମାନେ ଚାକିରିରୁ ଅବସର ନେଉଛନ୍ତି ସେମାନଙ୍କ କରୁଣ ପରିସ୍ଥିତି ନ କହିବା ଭଲ। ସରକାର ଗୁଣାତ୍ମକ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଆସୁଥିବା ବେଳେ ଶିକ୍ଷକ ବିଚରା ଅବସର ନେବାପରେ କେହି ବିଲରେ ଯାଇ ଚାଷ କରୁଛି ତ ଆଉ କେହି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛି। ସରକାରୀ କର୍ମଚାରୀମାନେ ୬ବର୍ଷ ଗୋଟି ଶ୍ରମିକ ପରି ଖଟିସାରିବା ପରେ ସେମାନଙ୍କ ବେସିକ ପେ’ ସର୍ବନିମ୍ନ ରହୁଥିବା ବେଳେ ଏହି ୬ବର୍ଷକୁ ସରକାର ଚାକିରି ଭିତରେ ଗଣନା କରି ନ ଥାନ୍ତି। କର୍ମଚାରୀମାନେ ଅବସର ଗ୍ରହଣ କରିବା ପରେ ବିଭିନ୍ନ ମାରାତ୍ମକ ରୋଗର ପୀଡ଼ିତ ହେଇଥିବା ବେଳେ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିପାରୁ ନ ଥିବାରୁ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହୋଇ ମୃତ୍ୟୁମଖରେ ପଡୁଥିବା ଦୃଷ୍ଟାନ୍ତ ରହିଥିଲେ ମଧ୍ୟ ସରକାର ବିଧାୟକମାନଙ୍କ ଦରମା ୩ଗୁଣ କରିବା ସହ ଭତ୍ତା ଓ ପେନସନ ବୃଦ୍ଧି କରିବାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ସରକାରଙ୍କୁ ଉଚିତ ଜବାବ ମିଳିବ ବୋଲି ଚର୍ଚ୍ଚା ହେଉଛି।

# ଲୋକଙ୍କୁ ଦହଗଞ୍ଜ କରୁଛି ଜେଆଇଟିପିଏଲ୍

ତାଳଚେର,୧୪।୧୨(ସମିସ)

ତାଳଚେର ଉପଖଣ୍ଡ କଣିହାଁ ବ୍ଲକରେ ୨୦୧୦ରୁ ସ୍ଥାପିତ ଜେଆଇଟିପିଏଲ କମ୍ପାନୀ ଶହଶହ କୋଟି ଟଙ୍କା କମାଉଥିବା ବେଳେ ଅଞ୍ଚଳବାସୀ ସମେତ ପଥଚାରୀମାନଙ୍କୁ ମରଣମୁହଁକୁ ଠେଲି ଦେଉଥିବା ଅଭିଯୋଗ ହେଉଛି। ତେବେ ଏ କ୍ଷେତ୍ରରେ ସ୍ଥାନୀୟ ନେତୃମଣ୍ଡଳୀ ଓ ପ୍ରଶାସନ ନିଦାବିଷ୍ଟୁ ସାଜିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜାତୀୟ ରାଜପଥରେ ଦୈନିକ ଅହରହ କମ୍ପାନୀର କୋଇଲା ଓ ପାଇଁଶ ପରିବହନ ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି। ଟ୍ରକଗୁଡ଼ିକରୁ ନିର୍ଗତ ପାଇଁଶ ରାସ୍ତାରେ ପଡୁଥିବାରୁ ବାଟୋଇମାନେ ନାହିଁ ନ ଥିବା ଦହଗଞ୍ଜ ହେଉଛନ୍ତି। ଦୈନିକ ଶହଶହ ଟ୍ରିପ୍ କୋଇଲା ଉକ୍ତ କମ୍ପାନୀ ପୋଡ଼ି ସେଥିରୁ ବିଦ୍ୟୁତ୍ ଉତ୍ପାଦନ କରିଥାଏ। ସେଥିରୁ ନିର୍ଗତ ପାଉଁଶ ଟ୍ରକ ଯୋଗେ କଣିହାଁ ଏନଟିପିସିରୁ ବାହାରି ଗୋଡ଼ିବନ୍ଧ ତାଳଚେର ସହର ଦେଇ ବିଭିନ୍ନ ସ୍ଥାନକୁ ଯାଇଥାଏ। ଏହି କମ୍ପାନୀ ଆରମ୍ଭ ହେବାଦିନଠାରୁ କୋଟିକୋଟି ଟଙ୍କା ଲାଭ କରି ଆସୁଥିଲେ ମଧ୍ୟ ଏହାର ସିଏସଆର ପାଣ୍ଠି ଟଙ୍କାଟିଏ ମଧ୍ୟ କେଉଁଠାରେ ବିନିଯୋଗ କରି ବିକାଶମୂଳକ କାର୍ଯ୍ୟ କରିଥିବା ଦୃଷ୍ଟାନ୍ତ ଦେଖାଯାଉ ନାହିଁ। ନିୟମ ଅନୁଯାୟୀ କମ୍ପାନୀ ବିସ୍ଥାପିତ ଓ ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଆଲୋକୀକରଣ, ଚାରାରୋପଣ ଆଦି ଆଦୌ କରୁ ନ ଥିବା ବେଳେ ଏଠାରେ ଇଂରେଜ ଶାସନ ଚଳାଇ ଆଧିପତ୍ୟ ବିସ୍ତାର କରୁଥିବା ଅଭିଯୋଗ ହେଉଛି। ଜେଆଇଟିପିଏଲର ପାର୍ଶ୍ୱବର୍ତ୍ତୀ ଗାଁ ଡେରେଙ୍ଗ, ଟାକୁଆ, କଣିହାଁ, ପଥରମୁଣ୍ଡା, ତେଲିସିଙ୍ଗା, ଭୀମକାଣ୍ଡରେ କମ୍ପନୀ ଚିମ୍ନିରୁ ନିର୍ଗତ ପାଉଁଶ ଓ ଆସ୍‌ପଣ୍ଡରୁ ପାଉଁଶ ଉଡ଼ି ଲୋକଙ୍କ ଘରଦ୍ୱାରା ଏପରିକି ଭାତହାଣ୍ଡିରେ ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ସେହି ଅଞ୍ଚଳଗୁଡ଼ିକରେ ଥିବା କୂଅ, ପୋଖରୀରେ ପାଉଁଶ





ସିଏସଆର ଅର୍ଥ ବାଟବଣା

ମିଶୁଥିବାରୁ ଗୋରୁଗାଈମାନେ ଏହାକୁ ସେବନକରି ମୃତ୍ୟୁମୁଖରେ ପଡୁଥିବା ବେଳେ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ କଥା ପଚାରେ କିଏ। ଏହି ପାଉଁଶ ଉଡ଼ିବା ଯୋଗୁଁ ଚାଷବାସ ପୂରା ଉଜୁଡ଼ି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ପାଉଁଶ ଲୋକଙ୍କ ପାଟି, ଆଖି, କାନ, ନାକରେ ପଶି ବିଭିନ୍ନ ମାରାତ୍ମକ ରୋଗ ହେବା ସହ ହାର୍ଟ, କ୍ୟାନସର୍ ଭଳି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ କେହି ଆରପାରିକୁ ଚାଲି ଯାଉଥିବା ବେଳେ ଆଉ କେହି ଜୀବନ ସହ ସଂଗ୍ରାମ କରୁଛି। କମ୍ ବୟସରେ ଲୋକଙ୍କୁ ବାର୍ଦ୍ଧକ୍ୟ ଅବସ୍ଥା ଗ୍ରାସ କରୁଛି। ତେଣୁ ଲୋକଙ୍କ ଜୀବନ ଜୀବିତା ଓ ସ୍ୱାର୍ଥକୁ ଦେଖି ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ତାଳଚେରରେ ୪ର୍ଥ ରାଷ୍ଟ୍ରୀୟ ଲୋକଅଦାଲତ



ତାଳଚେର,୧୪।୧୨(ସମିସ): ତାଳଚେର ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ୪ଟି ପ୍ରାକ ମକଦ୍ଦମା ଜନିତ ମାମଲାର ଫଇସଲା କରାଯାଇ ୩ଲକ୍ଷ ୬ହଜାର ଟଙ୍କାରେ ସମାଧାନ କରାଯାଇଛି। ସେହିପରି ୧୯୮ଟି ବିଚାରାଧୀନ ମାମଲାର ଫଇସଲା କରାଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସତ୍ୟନାରାୟଣ କରଙ୍କ ଅଦାଲତ ୧୭ଟି ମୋଟରଯାନ ଦୁର୍ଘଟଣା ମାମଲାର ଶୁଣାଣି କରି ୧କୋଟି ୪୭ ଲକ୍ଷ ୪୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ। ୩ଟି ଫୌଜଦାରୀ ଓ ଗୋଟିଏ କ୍ରିମିନାଲ ରିଭିଜନ ସମାଧାନ କରିଥିଲେ। ସେହିଭଳି ତାଳଚେରର ଅନ୍ୟ ଅଦାଲତଗୁଡ଼ିକ ଅଂଶଗ୍ରହଣ କରି ଦୁଇଟି ଚେକ୍ ବାଉନ୍ସ ମାମଲାର ବିଚରା କରି ୫ ଲକ୍ଷ ୯୦ହଜାର ୨ଶହ ୩୩ ଟଙ୍କାରେ ସମାଧାନ କରାଯାଇଛି। ୧୦ଟି ଦେୱାନୀ ମାମଲାର ସମାଧାନ କରାଯାଇଛି ଓ ୧୦ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୫ଟି ପାରିବାରିକ (ଛାଡ଼ପତ୍ର ବ୍ୟତୀତ) ମାମଲା, ୧୪୭ ଫୌଜଦାରୀ ମାମଲା ଫଇସଲା କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେରର ସମସ୍ତ ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ ଓ ବିଏସଏନଏଲ କାର୍ଯ୍ୟାଳୟ ଅଂଶଗ୍ରହଣ କରିଥିଲେ। ଅତରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ୍ ସହାୟତା କମିଟି ଅଧ୍ୟକ୍ଷ ସତ୍ୟନାରାୟଣ କରଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଦାଲତର ବିଚାରପତି, ସରକାରୀ ଓକିଲ, ତାଳଚେର ଓକିଲ ସଂଘର ଆଇନଜୀବୀ, ତାଲୁକ ଆଇନ ସହାୟତା କମିଟି କର୍ମକର୍ତ୍ତା ଓ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ ବୋଲି ତାଲୁକ ଆଇନସେବା ପ୍ରାଧିକରଣ ପକ୍ଷରୁ ଶୁଭ୍ରାଂଶୁ ପ୍ରଧାନ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି।

## ପୋଖରୀରେ ବୁଡ଼ି ଚାଷୀ ମୃତ

ବଅଁରପାଳ,୧୪।୧୨(ସମିସ): ପୋଖରୀରେ ବୁଡ଼ି ବଅଁରପାଳ ଥାନା ମହୀଧରପୁର ଫାଣ୍ଡି ତଳମୂଳ ପଞ୍ଚାୟତ ଶିମିଳିଛୁଇଁ ଗ୍ରାମର ଚାଷୀ ସନ୍ନ୍ୟାସୀ ବେହେରାଙ୍କ ମୃତ୍ୟୁ ହୋଇଛି। ସକାଳ ପ୍ରାୟ ୮ଟାରେ ସନ୍ନ୍ୟାସୀ ବିଲକୁ ଧାନ କାଟିବାକୁ ଯାଇଥିଲେ। ତେବେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଲକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକେ ଗାଁ ନିକଟ ପୋଖରୀରେ ଖୋଜା ଖୋଜି କରି ସନ୍ନ୍ୟାସୀଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମେଡିକାଲରୁ ମୃତଦେହ ଜବତ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



କିଶୋରନଗର,୧୪।୧୨(ସମିସ): ଆଠମଲ୍ଲିକ ବ୍ଲକ ଷୋଳପଦା ମହାବିଦ୍ୟାଳୟର ୨୦୦୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବ୍ୟାଚ୍‌ର ୬୦ ଛାତ୍ରଛାତ୍ରୀଙ୍କୁ ନେଇ ଠାକୁରଗଡ଼ ଗ୍ରାମୀଣ ପାର୍କରେ ବୈଠକ ହୋଇଥିଲା। ପୁରାତନ ଛାତ୍ରଛାତ୍ରୀ ଇତିଶ୍ରୀ ସାହୁ ଏବଂ ସୌରଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରଞ୍ଜିତା ସାହୁ, ସୁନୀଲ ବେହେରା, ତଅପୋଇ ସାହୁ, କାମାକ୍ଷା ନାୟକ, ସୁଚିସ୍ମିତା ପ୍ରଧାନ, ବୀଣାପାଣି ମାଝୀ, ପ୍ରଶାନ୍ତ କୁମାର ସାହୁ, ମୌସୁମୀ ନାୟକ, ଅଳକା ନାୟକ, ନିଶିକାନ୍ତ ସାହୁ, ରଞ୍ଜନ ନାୟକ, ନାରାୟଣ ନାୟକ, ସୁବାସ ମେହେର, ଲିଙ୍ଗରାଜ ସାହୁ, ବେଣୁଧର ମାଝୀ, ଶୋଭାଗିନୀ ପ୍ରଧାନ, ସୁନିତା ପ୍ରଧାନ, ସୁନିତା ପ୍ରଧାନ, ରଶ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ କଲେଜ ଜୀବନର ଅନୁଭୂତି ବାଣ୍ଟିଥିଲେ।

## ଅପହୃତା ନାବାଳିକା ଉଦ୍ଧାର; ୨ ଗିରଫ

ବଇଣ୍ଡା,୧୪।୧୨(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଅଭିଯୋଗ ରବିବାର ପୁଲିସ ହଣ୍ଡପା ଥାନା ବୁଦୁଲିମୁଣ୍ଡା ଅଞ୍ଚଳର ଜଗଦୀଶ ବେହେରା ଓ କିଶୋରନଗର ଥାନା କେନ୍ଦୁନାଳୀ ଗ୍ରାମର ସୁମନ ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ନାବାଳିକାଙ୍କୁ ଉଦ୍ଧାର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଦ୍ୱୟ ନାବାଳିକାଙ୍କୁ ଅପହରଣ କରି ସୁମନଙ୍କ ଘରେ ରଖିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ଆଇଆଇସି ନମିତା ନାୟକ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

## ବଡ଼ ଜୋରଡ଼ା ଶିଶୁମନ୍ଦିରରେ ସପ୍ତଶକ୍ତି ସଙ୍ଗମ




ତାଳଚେର,୧୪।୧୨(ସମିସ): ବଡ଼ ଜୋରଡ଼ା ଶିଶୁମନ୍ଦିରରେ ୨ୟ ପର୍ଯ୍ୟାୟ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର କଲେଜର ନୃତତ୍ତ୍ୱ ବିଭାଗ ଅଧ୍ୟାପିକା ଡ. ଓମ୍ ବାଙ୍ଗମୟୀ କବିକନ୍ୟା ମାଆମାନଙ୍କର ୭ଟି ମହନୀୟ ଗୁଣ କାର୍ତ୍ତି, ମେଧା, ଶ୍ରୀ, ସ୍ମୃତି, ଧୈର୍ଯ୍ୟ, ବାକ୍, କ୍ଷମା, ପର୍ଯ୍ୟାବରଣ, ଯୌଥ ପରିବାର ଓ ସଂସ୍କୃତିର ଆଧାର ଭାରତୀୟ ନାରୀ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ମା’ ବସନ୍ତ ମଞ୍ଜରୀ ପ୍ରଧାନ ଯୋଗଦେଇ ମୋବାଇଲ, ଟିଭି, ସିରିଏଲରେ ସମୟ ନ ଦେଇ ଶିଶୁଙ୍କ ଚରିତ୍ର, ସଂସ୍କାର ଓ ଶିକ୍ଷା ଉପରେ ମା’ମାନେ ଅଧିକ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ଏହି ଅବସରରେ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସମେତ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ମାତା ଉଜ୍ୱଳମଣି ପ୍ରଧାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା କଳ୍ପନା ରାଉତ, ବବିତା ବିଶ୍ୱାଳ, ପ୍ରଭାସିନୀ ଦେହୁରୀ, ମୀନାକ୍ଷୀ ପ୍ରଧାନ, ବାପିନୀ ସାମଲ ମଞ୍ଚ ପରିଚାଳନା କରିଥିଲେ।

## ନାଲକୋ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭୂମିପୂଜନ




ଅନୁଗୋଳ,୧୪।୧୨(ସମିସ): ନାଲକୋ ପକ୍ଷରୁ ଏହାର ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ ଅନୁଗୋଳଠାରେ ଥିବା ୫ଟି ପାରିପାର୍ଶ୍ୱିକ ଗ୍ରାମରେ ରବିବାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଭୂମିପୂଜନ କରାଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ୭୫ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ୫ ପ୍ରକଳ୍ପର ଭୂମିପୂଜନ କରିଥିଲେ। ବଳରାମପ୍ରସାଦ ଗ୍ରାମ ବସଲାସାହିରେ ରାସ୍ତା, ବରିଷ୍ଠ ନାଗରିକ ମଞ୍ଚର ଅଫିସ ଗୃହର ପ୍ରଶସ୍ତୀକରଣ ଓ ଲାଇବ୍ରେରୀ ନିର୍ମାଣ, କାଣ୍ଡସର ଗ୍ରାମ କହ୍ନେଇନଗରରେ କଂକ୍ରିଟ ରାସ୍ତା ନିର୍ମାଣ, ଗୋପୀନାଥପୁର ଗ୍ରାମରେ ଡ୍ରେନ ନିର୍ମାଣ ତଥା ଶୁଶୁଡ଼ା ଗ୍ରାମରେ ମହିଳା ସମିତି ଅଫିସ ବିଲ୍ଡିଂ ନିର୍ମାଣ ଓ ପବ୍ଲିକ ପାଠାଗାର ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ନାଲକୋ ସିଏସଆର ବିଭାଗ ମୁଖ୍ୟ ଜିଏମ ରାଜାରାମ ମିଶ୍ର, ଏଜିଏମ ତଥା ଲୋକସମ୍ପର୍କ ଅଧିକାରୀ ସମୀର ମାଝିଙ୍କ ସମେତ ସିଏସଆର ବିଭାଗ ଓ ନାଲକୋ କର୍ମକର୍ତ୍ତା ସହଯୋଗ କରିଥିଲେ।

● ବିଦ୍ୟୁତ ଖୁଣ୍ଟରେ ଧକ୍କାହେଲା ସ୍କୁଟି

## ଜଣେ ମୃତ, ଜଣେ ଗୁରୁତର

ଛେଣ୍ଡିପଦା,୧୪।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ୍ ଗ୍ରାମ ହାଇସ୍କୁଲ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ସ୍କୁଟି ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସନ୍ତରାବନ୍ଧ ଗାଁର ମାମଲା ପଧାନ। ମାମଲା ଓ ତାଙ୍କର ଜଣେ ବନ୍ଧୁ କୋଶଳାରୁ ସ୍କୁଟି ଯୋଗେ ଘରକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ମାମଲାଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କ ବନ୍ଧୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋଶଳା ମେଡିକାଲ ପଠାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାଙ୍କ ମୃତଦେହ ଓ ସ୍କୁଟି ଜବତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ପୁଲିସ ତଦନ୍ତ ଚଳାଇଛି।

## ପକ୍କା ରାସ୍ତା ନିର୍ମାଣ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ତାଳଚେର,୧୪।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ବୁରୁକୁନା ପଞ୍ଚାୟତ ମହୀଧରପୁରଠାରୁ ପରାବିଲ ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ପାଇଁ ହାଇକୋର୍ଟରେ ରୁଜୁ ଏକ ଜନସ୍ୱାର୍ଥ ମାମଲାର ବିଚାର କରି କୋର୍ଟ ଅନୁଗୋଳ ଜିଲ୍ଲାପାଳଙ୍କୁ ଏକ ଆଦେଶନାମା ଜାରି କରିଛନ୍ତି। ମହୀଧରପୁରରୁ ସମକୋଇ ନଦୀ କୂଳ ଦେଇ ଯାଇଥିବା ପରାବିଲ ରାସ୍ତା ବହୁ ବର୍ଷ ହେବ ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ କଣିହାଁ ବ୍ଲକର ପ୍ରାୟ ସାତ ଆଠଟି ଗାଁର ଲୋକେ ଚିକିତ୍ସାଳୟ, କଲେଜ, ହାଇସ୍କୁଲ, ଆର୍‌ଆଇ ଅଫିସ, ବ୍ୟାଙ୍କ, ବନ ବିଭାଗ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମେତ ପବିତ୍ରନଗର ବଜାର ଯିବାଆସିବା ନିମନ୍ତେ ନିର୍ଭର କରିଥାନ୍ତି। ଏଥିସହ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅଞ୍ଚଳକୁ ମଧ୍ୟ ଯିବାକୁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀ, ନେତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ଏ ନେଇ ମହୀଧରପୁର ଗ୍ରାମର ମନୋରଞ୍ଜନ ସାହୁ, ବାପି ପ୍ରଧାନ, ଦିଲୀପ ପ୍ରଧାନ, କୈଳାସ ସାହୁ ଓ ସୁନୀଲ ପ୍ରଧାନ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଲୋକଙ୍କ ଗମନାଗମନ ସୁବିଧା ଦୃଷ୍ଟିରୁ ତୁରନ୍ତ ପକ୍କାରାସ୍ତା ନିର୍ମାଣ କରିବା ପାଇଁ ହାଇକୋର୍ଟ ଅନୁଗୋଳ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦିଲୀପ କୁମାର ସାହୁ ମାମଲା ପରିଚାଳନା କରିଥିଲେ। ବିଧାନଚନ୍ଦ୍ର ପ୍ରଧାନ ସହାୟତା କରିଥିଲେ।



## ଅଣସଂଗଠିତ ଶ୍ରମିକ ସଚେତନତା ଓ ପଞ୍ଜୀକରଣ ଶିବିର

ଛେଣ୍ଡିପଦା,୧୪।୧୨(ସମିସ): ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ତରଫରୁ ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଚନ୍ଦନପଡ଼ିଆ ନିକଟରେ ଅଣସଂଗଠିତ ଶ୍ରମିକ ସଚେତନତା ଓ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଛି। ଶ୍ରମ ଅଧିକାରିଣୀ ପଦ୍ମଜା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବରସାହି ସରପଞ୍ଚ କ୍ଷୀରୋଦିନୀ ବେହେରା ଓ ସମ୍ମାନିତ ଅତିଥି ଭାବେ ପତିତପାବନ ୱାର୍କର୍ସ ୟୁନିୟନ ସଭାପତି ଅରକ୍ଷିତ ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅଣସଂଗଠିତ ଶ୍ରମିକଙ୍କୁ ଓୟୁଡବ୍ଲ୍ୟୁଏସଏସବି ଅଧୀନରେ ପଞ୍ଜୀକରଣ ପ୍ରକ୍ରିୟା ଏବଂ ସୁବିଧା ସୁଯୋଗ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଆବେଦନ କରିବା ପାଇଁ ଇଚ୍ଛୁକ ଶ୍ରମିକମାନେ ମୋ ସେବା କେନ୍ଦ୍ରକୁ ଯାଇ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ୩୦ ଶ୍ରମିକଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୧୧୫ ଶ୍ରମିକ ନୂତନ ପଞ୍ଜୀକରଣ କରିଥିଲେ। ଶିବିରରେ ବ୍ଲକର ଶତାଧିକ ଶ୍ରମିକ ଯୋଗଦେଇଥିଲେ।

● କେନାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ

ବଇଣ୍ଡା,୧୪।୧୨(ସମିସ): ଅନୁଗୋଳ ଜିଲ୍ଲା ବାମୁର ପଞ୍ଚାୟତ ବାମୁର ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସୁରେଶ୍ୱରୀ ଜଳ ସେଚନ ପ୍ରକଳ୍ପରୁ ଚାଷଜମିକୁ ପାଣି ଯୋଗାଇବା ପାଇଁ ୨ କୋଟି ଟଙ୍କା ବ୍ୟୟରେ କେନାଲ ନିର୍ମାଣ ହେଉଥିବା ବେଳେ କାମ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ଶନିବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରର ନକଲ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ସରକାରଙ୍କ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବାମୁରରେ ୨ କିମି କେନାଲ ନିର୍ମାଣ ହେଉଛି। ତେବେ ଏଥିରେ ସଠିକ ଭାବେ ରଡ୍ ଲଗାଯାଇ ନ ଥିବା ବେଳେ ତଳ ବେସ୍ ନିର୍ମାଣରେ ବାଲି ବ୍ୟବହାର କରାଯାଉ ନାହିଁ। ତେଣୁ ଅଳ୍ପ ଦିନରେ ଏହି କେନାଲ ଭାଙ୍ଗିଯିବା ଆଶଙ୍କା ରହିଛି। ଠିକାଦାର କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହୁ ନ ଥିବାରୁ ଏଭଳି କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ବାମୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କନିଷ୍ଠଯନ୍ତ୍ରୀ ସୌମ୍ୟ ବେହେରାଙ୍କୁ ପଚାରିବାରୁ କେନାଲ କାମ ସଠିକ ଭାବେ କରାଯାଉଛି ବୋଲି କହିଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ; ମୋହନ ଜାଗୁଆର ବିଜୟୀ

ଅନୁଗୋଳ,୧୪।୧୨(ସମିସ)




ଡିସେମ୍ବର ୫ରୁ ଆରମ୍ଭ ହୋଇଥିବା ୭ତମ ବାଡ଼କେରା ପଞ୍ଚାୟତ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ମୋହନ ଜାଗୁଆର ଓ ଏସଏସ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୋହନ ଜାଗୁଆର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ମୋହନ ଜାଗୁଆର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଦଳ ୧୩୩ ରନ ସ୍କୋର କରିଥିଲା। ଜବାବରେ ଏସଏସ ୱାରିୟର୍ସ ୧୫ ଓଭରରେ ୧୨୫ ରନ କରିବାକୁ ସକ୍ଷମ ହୋଇଥିଲା। ମୋହନ ଜାଗୁଆର ଦଳର ବବୁଲୁ ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ସଞ୍ଜୟ ଜେନା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଜିତେନ୍ଦ୍ର ଥପା, ବିଶ୍ୱଜିତ ସାହୁ ମ୍ୟାଚ ପରିଚାଳନା କରିଥିବା ବେଳେ କଳ୍ପତରୁ ମହାପାତ୍ର ସ୍କୋରସିଟ ପରିଚାଳନା କରିଥିଲେ। ବର୍ଷି ସ୍ୱାଇଁ ଓ ଅମିତ ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ରାଇଗୁଡ଼ା ଗାଁ ସଭାପତି ପୂର୍ଣ୍ଣଚନ୍ଦ୍ର ଗଡ଼ନାୟକ, ସମ୍ପାଦକ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଆର୍ଥିକ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ଅମିତ ବିଶ୍ୱାଳ, ଉପସଭାପତି ସୁବ୍ରତ ରାଉଳ, ସମ୍ପାଦକ ଶିବାନୀ ବିଶ୍ୱାଳଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

## ଅନୁକୂଳଚନ୍ଦ୍ରଙ୍କ ‘କୃତୀ ଦ୍ୟୋତନୀ’ ମହୋତ୍ସବ

ଅନୁଗୋଳ,୧୪।୧୨(ସମିସ): ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ପ୍ରଥମ ଅନୁଗୋଳ ଜିଲ୍ଲାସ୍ତରୀୟ ପୂର୍ଣ୍ୟ “କୃତୀ ଦ୍ୟୋତନୀ’ ମହୋତ୍ସବ ତଥା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶୁଭ ୧୩୮ତମ ଆବିର୍ଭାବ ମହୋତ୍ସବ ସ୍ଥାନୀୟ ବିଜୁ ମଇଦାନ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଉତ୍ସବ କମିଟିର ଆବାହକ ଭୋଳେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧର୍ମସଭାରେ ଅତିଥି ଭାବେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତି ପ୍ରତ୍ୟୁଷରୁ ନଗର କୀର୍ତ୍ତନ ସମେତ ବେଦ ମାଙ୍ଗଳିକୀ, ସମବେତ ଉଷାବିନତୀ ଓ ସଦ୍‌ଗ୍ରନ୍ଥ ପାଠ, ଭଜନ, କୋରସ, କୀର୍ତ୍ତନ, ଅନୁଭୂତିର କଥା, ଦୀକ୍ଷାପତ୍ର କାର୍ଯ୍ୟକ୍ରମ, ମାତୃ ସମ୍ମିଳନୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରହିଥିଲା। ଭଜନ କୀର୍ତ୍ତନରେ ହଜାର ହଜାର ଭକ୍ତ, ଗୁରୁ ଭାଇ ମାଆ ମାନେ ଯୋଗ ଦେଇ ପରିବେଶକୁ ଭାବମୟ, ଭକ୍ତିମୟରେ ଭରି ଦେଇଥିଲେ। ଏହା ବ୍ୟତୀତ ପାଇକ ଆଖଡ଼ା, ନୃତ୍ୟ, ସଙ୍ଗୀତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରହିଥିଲା। ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୨ହଜାରରୁ ଊର୍ଦ୍ଧ୍ୱ ଭକ୍ତ, ଇଷ୍ଟ ପ୍ରେମୀ, ସାଧୁ, ସନ୍ଥ ତଥା ଗୁରୁ ଭାଇ ମାଆ ମାନେ ଯୋଗ ଦେଇ ବିଭୁକୃପା ଲାଭ କରିଥିଲେ।

## ଜିଲ୍ଲା ଜଜ୍ କୋର୍ଟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ



ବାଲେଶ୍ୱର,୧୪।୧୨(ସମିସ): ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ବାଲେଶ୍ୱର ଓ ତାଲୁକ ଆଇନସେବା ସମିତି ସରୋ, ଜଳେଶ୍ୱର, ନୀଳଗିରି, ବସ୍ତା, ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇ ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ। ମୋଟ ୧୭୫୨୬ ଟି (ଦେୱାନୀ- ୫୪୮, ରାଜସ୍ୱ- ୧୬୧୧୩, ମୋଟରଯାନ ଦୁର୍ଘଟଣା ଜନିତ ମାମଲା-୫୩, ବୈବାହିକ ବିବାଦ ମୋକଦ୍ଦମା-୨୭, କ୍ରିମିନାଲ କମ୍ପାଉଣ୍ଡେବଲ-୯୧, ମନି ରିକଭରି-୬୪, ଚେକ୍ ବାଉନ୍ସ-୭୪, ଅନ୍ୟାନ୍ୟ ଫୌଜଦାରୀ-୨୬୦, ପ୍ରାକ୍ ମୋକଦ୍ଦମା ଜନିତ ମାମଲା-୨୯୬) ମାମଲାର ଫଇସଲା କରାଯାଇ ମୋଟରଯାନ ଜନିତ ଦୁର୍ଘଟଣା ମାମଲା ବାବଦକୁ ୩ କୋଟି ୬୭ ଲକ୍ଷ ୪ ହଜାର ଟଙ୍କା, ଚେକ୍ ବାଉନ୍ସ ମାମଲା ବାବଦକୁ ୧ କୋଟି ୫୮ ଲକ୍ଷ ୫ ହଜାର ୪ ଶହ ୪୦ ଟଙ୍କା, ରାଜସ୍ୱ ମାମଲା ବାବଦକୁ ୩ ଲକ୍ଷ ୬୩ ହଜାର ୯ ଶହ ୭୧ ଟଙ୍କା, ମନି ରିକଭରି ମାମଲା ବାବଦକୁ ୭୭ ଲକ୍ଷ ୩୯ ହଜାର ୪ ଶହ ୫୮ ଟଙ୍କା, ଦେୱାନୀ ମାମଲା ବାବଦକୁ ୨୮ ଲକ୍ଷ ୮୧ ହଜାର ୧୫୯ ଟଙ୍କା ଏବଂ ପ୍ରାକ୍ ମକଦ୍ଦମା ମାମଲା ବାବଦକୁ ୭୧ ଲକ୍ଷ ୯୨ ହଜାର ୪୦୬ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ ଜେନା ପରିଚାଳନା କରିଥିଲେ।

### ଭୋଗରାଇ ବ୍ଲକରେ ବାଟବଣା ଅନ୍ତ୍ୟୋଦୟ ଗୃହ ଯୋଜନା

# ଅଯୋଗ୍ୟଙ୍କୁ ମିଳିଛି ଘର; ବାଦ ପଡ଼ିଛନ୍ତି ଯୋଗ୍ୟ

ବାଲେଶ୍ୱର(ଉତ୍ତର),୧୪।୧୨(ସମିସ)





ସରକାର ଗରିବ ଅସହାୟମାନଙ୍କୁ ପକ୍କା ଘରେ ଆଶ୍ରୟ ଦେବା ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଦେଉଛନ୍ତି। ମାତ୍ର ଏହି ଯୋଜନା ଏବେ ବାଟବଣା ହେବାର ଦେଖିବା ପାଇଁ ମିଳିଛି। ଯୋଗ୍ୟ ହିତାଧିକାରୀ ଥାଉ ଥାଉ ଆଯୋଗ୍ୟ ହିତାଧିକାରୀଙ୍କୁ ମିଳୁଛି ଘର। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବାଜିତପୁର ଗ୍ରାମ ପଞ୍ଚାୟତରେ। ପୂର୍ବରୁ ପକ୍କା ଗୃହ ଥିବା ଜଣେ ଦିବ୍ୟାଙ୍ଗ ଏହି ଯୋଜନାକୁ ହାତେଇ ଗୃହ ନୁହେଁ ଏକାଧିକ ଦୋକାନ ଗୃହ ନିର୍ମାଣ କରିଛନ୍ତି। ଆଉ ଏହାକୁ ଲୁଚାଇ ବାକୁ ଯାଇ ବିଲଡିଂର ପଛ ପଟେ ଫଳକ ଲଗାଇ ଟଙ୍କା ଉଠାଇ ନେଇଥିବା ପଞ୍ଚାୟତବାସୀ ଭୋଗରାଇ ବିଡିଓଙ୍କଠାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ସରକାରୀ ନିୟମ ଅନୁଯାୟୀ ଏହି ଯୋଜନାରେ ଯେଉଁ ମାନେ ଦିବ୍ୟାଙ୍ଗ, ଅସହାୟ ବିଧବା ମହିଳା, କର୍କଟ ରୋଗୀ ଓ ଏଚଆଇଭି ଦ୍ୱାରା ସଂକ୍ରମିତ ବ୍ୟକ୍ତି ହୋଇଥିବେ ଏବଂ ତାଙ୍କର ଯଦି କୌଣସି ପକ୍କା ଘର ନ ଥିବ ତାହାଲେ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ମାତ୍ର ଏହି ଗାଁର ନାରାୟଣ ଜେନା ନାମକ ଜଣେ ଦିବ୍ୟାଙ୍ଗ ତାଙ୍କର ପକ୍କା ଘର ଥାଇ ମଧ୍ୟ ଏହି ଯୋଜନାକୁ ହାତେଇଛନ୍ତି। ତେବେ ଦିବ୍ୟାଙ୍ଗ ଜଣକ ଏହି ଯୋଜନାରେ କିଭଳି ଗୃହ ବଦଳରେ ରାଜ୍ୟ ରାଜପଥ କଡରେ ଏକାଧିକ ଦୋକାନ ଗୃହ ନିର୍ମାଣ କଲେ ଆଉ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ କିପରି ଜାଣି ପାରିଲେ ନାହିଁ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପଞ୍ଚାୟତର ଦକ୍ଷିଣାସରିଷା ଗାଁ ନାରାୟଣଙ୍କ ପୂର୍ବରୁ ପକ୍କା ଘର ଥିଲେ ମଧ୍ୟ ୨୦୨୪-୨୫ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହୋଇ ଏହାର ଫାଇଦା ଉଠାଇଛନ୍ତି। ସେହି ଟଙ୍କାରେ ନିଜର ବାସ ଗୃହ ପରିବର୍ତ୍ତେ ରାଜ୍ୟ ରାଜପଥକୁ ଲାଗି ଏକାଧିକ ଦୋକନ ଗୃହ କରିଛନ୍ତି। ଆଉ ଲୋକ ଲୋଚନକୁ ନ ଆସିବା ପାଇଁ ବିଲଡିଂରେ ପଛପଟେ ଏହାର ଫଳକ କରି ଟଙ୍କା ଉଠାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ନିଯୁକ୍ତ ଏଡିଓ ଓ ପିଇଓଙ୍କ ଭୂମିକା ସନ୍ଦେହ ଘେରରେ ବୋଲି ଖୋଦ ପଞ୍ଚାୟତ ସମିତି ସଭ୍ୟଙ୍କ ସହ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଏହି ଗାଁର ଗାୟତ୍ରୀ ଜେନା ଓ ଆଲ୍ପନା ଜେନା; ଯେଉଁ ମାନେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ହେଁ ଆଜି ଯାଏ ସେମାନଙ୍କୁ ସରକାରୀ ଯୋଜନାରୁ ଘର ଟିଏ ମିଳି ପାରିନାହିଁ। କାହା ଘର ଉପରେ ପଲିଥିନ ପଡ଼ିଛି ତ କାହା ଘରେ କାନ୍ଥ ନ ଥାଇ ଶାଢ଼ି ଘେରା ଯାଇଛି ଏବଂ ଛପରରୁ ଟାଇଲ ଖସିଲାଣି। ଖରା ବର୍ଷା, ଶୀତ, କାକରରେ ସେମାନଙ୍କ ପରିବାର ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି, ହେଲେ ଲୋକପ୍ରତିନିଧି କିମ୍ବା ସରକାରୀ ବାବୁଙ୍କ ଆଖିରେ ପଡୁନି ଏମାନଙ୍କ ଦୁର୍ଦ୍ଦଶା। ସେହିପରି ଗାଁ ଲୋକେ ଆହୁରି ଅଭିଯୋଗ କରିଛନ୍ତି ଯେ ନାରାୟଣଙ୍କ ଭଳି ଏହି ଗାଁର ଅନେକ ହିତାଧିକାରୀଙ୍କ ପକ୍କା ଘର ଥିଲେ ମଧ୍ୟ ସରକାରୀ ଯୋଜନାରେ ପୁଣି ଘର ହାତେଇ ପୁରୁଣା ଘରେ ଫଳକ ଲଗାଇ ଟଙ୍କା ଉଠାଇଛନ୍ତି। ଏ ନେଇ ଭୋଗରାଇ ବିଡିଓଙ୍କୁ ପ୍ରତିକ୍ରିୟା ମାଗିବାରୁ କୌଣସି ଉତ୍ତର ରଖି ନାହାନ୍ତି। ଅପରପକ୍ଷରେ ଏଭଳି ତଞ୍ଚକତା କରି ଯୋଗ୍ୟ ଥାଉ ଆଯୋଗ୍ୟ ବ୍ୟକ୍ତି ମାନେ କିପରି ଘର ହାତେଇଲେ ଏବଂ ଏହା ପଛରେ କାହାର ସମ୍ପୃକ୍ତି ରହିଛି ତାହା ତଦନ୍ତ ସାପେକ୍ଷ। ଏହାର ନିରପେକ୍ଷ ତଦନ୍ତ କରି ଏହା ପଛରେ ଥିବା ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହି ପଞ୍ଚାୟତର ରହିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ତରଫରୁ ଦାବି କରାଯାଇଛି।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସମ୍ମିଳନୀ



ବାଲେଶ୍ୱର,୧୪।୧୨(ସମିସ): ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ୨୦ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଶିଳ୍ପାଞ୍ଚଳସ୍ଥିତ ଉଦ୍ୟୋଗ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଡ. କ୍ଷୀତିଶ୍ୱର ଦାଶ ବେଦ ପାଠ କରିଥିଲେ। ସମ୍ମାନିତ ଅତିଥି ତଥା ବକ୍ତା ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, କୃଷି ବୈଜ୍ଞାନିକ ଅଦ୍ୱୈତ ପ୍ରସାଦ ପାତ୍ର, ବିଶପ ହୃଦୟଙ୍କ ସମେତ ବିଭିନ୍ନ ଆଞ୍ଚଳିକ କମିଟି ପକ୍ଷରୁ ଦାମୋଦର ଦାସମହାପାତ୍ର, କୁମୁଦ ରଞ୍ଜନ ଗିରି, ଶତ୍ରୁଘନ ମଲ୍ଲିକ, ମାୟାଧର ନାୟକ, ଜଗଦାନନ୍ଦ ବିଶ୍ୱାଳ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ,ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଇଂ ବନମାଳୀ ନାୟକ, ଦାମୋଦର ନାୟକ, ରମେଶ ଚନ୍ଦ୍ର ଜେନା, ମହେଶ୍ୱର ବେହେରା, ଗୋବିନ୍ଦ ଭୋଇ, ମହମ୍ମଦ ଇସଲାମ,ଭାଗବତ ଦଳେଇ, ଶମ୍ଭୁନାଥ ମହାନ୍ତି ଓ ପଦ୍ମଲୋଚନ ଦତ୍ତ, ବୈଦ୍ୟନାଥ ଷଡଙ୍ଗୀ, ଅରୁଣ କୁମାର ଗିରି, ମାଣିକମାନା ମହାନ୍ତି, ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନଜିବୀ ନିରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରଦୀପ ଦାସ ବାର୍ଷିକ ବିବରଣୀ ଓ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ପାଠ କରିଥିଲେ।

ବାଲେଶ୍ୱର ଜିଲ୍ଲାରେ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପାଇଁ ୧୮ ଦଫା ଦାବିକୁ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ହୃଷିକେଶ ସାହୁ ଆଗତ କରିଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନ୍ୟତମ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିନିଧି ପଞ୍ଜୀକରଣ ଦାୟିତ୍ୱରେ ଶ୍ୟାମସୁନ୍ଦର ଜେନା ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ରହିଥିବା ବେଳେ ମଞ୍ଚ ପରିଚାଳନାରେ ଅକ୍ଷୟ ତ୍ରିପାଠୀ, ଦୀନବନ୍ଧୁ ଲେଙ୍କା, ଯଶୋଦାନନ୍ଦନ ଆଶ, କ୍ରୀଷ୍ଣା ଶାହା, ବିଜନ ଦେ, ମମତା ଦାସ, ସୁକୁମାର ବେହେରା, କଲ୍ୟାଣୀ ନନ୍ଦ ପ୍ରମୁଖ ସହାୟତା କରିଥିଲେ। ଉପସଭାନେତ୍ରୀ ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା



ବାଲେଶ୍ୱର,୧୪।୧୨(ସମିସ): ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ରବିବାର ସକାଳେ ଝାଡ଼େଶ୍ୱର ଇଣ୍ଟରନେସନାଲ ସ୍କୁଲ ଷ୍ଟେସନ ରୋଡ ପରିସର ଆୟୋଜିତ ହୋଇଯାଇଛି। ମୁଖ୍ୟତଃ ପିଲାମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସଭ୍ୟତା ଏବଂ ସଂସ୍କୃତିର ଭାବନା ଜାଗରଣ ପାଇଁ ଏହି ପରି ଏକ କାର୍ଯ୍ୟକ୍ରମକୁ ହିନ୍ଦୁ ନବବର୍ଷ କମିଟି ଦ୍ୱାରା ପରିଚାଳନା କରାଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ମୋଟ ୪୫ଟି ବିଦ୍ୟାଳୟ, ମହାବିଦ୍ୟାଳୟର ୨୨୭ ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ସମ୍ମାନିତ ଅତିଥି ଶିକ୍ଷାବିତ ଭାସ୍କର ନାୟକ, ସୁଧାକର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଂଗଠନ ସଂଯୋଜକ ସଞ୍ଜୟ ମହାପାତ୍ର, କମିଟି ଅଧ୍ୟକ୍ଷ କର୍ଣ୍ଣଲ କ୍ଷେତ୍ରମୋହନ ମହାପାତ୍ର, କମିଟି ସମ୍ପାଦକ ପ୍ରଶାନ୍ତ ମହାନ୍ତି ତଥା ସଂଗଠନ ବରିଷ୍ଠ କାର୍ଯ୍ୟକର୍ତ୍ତା ସୂର୍ଯ୍ୟକାନ୍ତ ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ରମାକାନ୍ତ କର, ପ୍ରମୋଦ ପଣ୍ଡା, ରଜନୀକାନ୍ତ ଶତପଥି, ତୁଷାରକାନ୍ତି ପଣ୍ଡା, ମଧୁସୂଦନ ହୋତା, ଜଗବନ୍ଧୁ ପୃଷ୍ଟି, ଉତ୍ପଳ କର, ସଂଗ୍ରାମ ଜେନା, ଅଜୟ ପରିଡା, ଅମିତ ଶର୍ମା ଏବଂ ସଂଗଠନର ପ୍ରମୁଖ କାର୍ଯ୍ୟକର୍ତ୍ତା ମାନଙ୍କ ତତ୍ତ୍ୱାବଧାନରେ ସଂସ୍କୃତି ଜ୍ଞାନ ପରୀକ୍ଷା ପରିଚାଳନା କରାଯାଇଥିଲା।

## ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କାଳିପଦା, ୧୪।୧୨ (ସମିସ): ବାଲିଆପାଳ ବ୍ଲକ ପଞ୍ଚୁପାଳି କ୍ଲଷ୍ଟର ଅନ୍ତର୍ଗତ ଜାମ୍ବୀରାଇ ଗ୍ରାମ ପଞ୍ଚାୟତରେ ଥିବା ଅମୂଲ୍ୟ ଚରଣ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ପୂର୍ବତନ ବିଆରସିସି ପଞ୍ଚାନନ ପ୍ରଧାନ ସଭାପତି ପଦରେ ଅଳଂକୃତ ହୋଇ ସଭା କାର୍ଯ୍ୟ ପରିଚାଳନ କରିଥିଲେ। ପୁରାତନ ଛାତ୍ର ହେମନ୍ତ ମହାନ୍ତି ଅନୁଭୂତି ପ୍ରକାଶ ରବୀନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବରେ ନିଜର ମତ ପ୍ରଦାନ କରିଥିଲେ। ଉପେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ନେତା ପ୍ୟାରୀ ମୋହନ ବିଶ୍ୱାଳ ସମ୍ମାନିତ ଅତିଥି, ପଞ୍ଚୁପାଳି କ୍ଲଷ୍ଟରର ସିଆରସିସି ଫଚାନନ ବେହେରା ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ବସନ୍ତ ସେନାପତି ଓ ଅନ୍ୟ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶକ୍ତିପଦ ବେହେରା, ସହକାରୀ



କରିଥିଲେ। ମୁଖ୍ୟ ଅତିଥି ଭାବରେ ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସରସ୍ୱତୀ ଶିଶୁ ମନ୍ଦିର ନାଉଡାର ଶିକ୍ଷକ ଅଜୟ ପରିଡା, ସୁନୀଲ ମୁର୍ମୁ, ଦୁତିକା ବେହେରା, ବିଦ୍ୟଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବାଲେଶ୍ୱର,୧୪।୧୨(ସମିସ): ସଦର ଯୁବ କଂଗ୍ରେସ ପକ୍ଷରୁ ନୂତନ ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାକୁ ଜିଲ୍ଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ସୁଧାଂଶୁ ଜେନା ପରିଚାଳନା କରିଥିଲେ। ଉକ୍ତ ସଭାରେ ରେମୁଣ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜଳେଶ୍ୱର ପୂର୍ବତନ ବିଧାୟକ ଦେବୀ ପ୍ରସନ ଚଣ୍ଡ, ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ସଂଜୀବ ଗିରି, ଟାଉନ କଂଗ୍ରେସ ପୂର୍ବତନ ସଭାପତି ପଦ୍ମଲୋଚନ ଲେଙ୍କା, ସଦର ଯୁବ ନେତା ସରୋଜ କୁମାର ଲେଙ୍କା, ଭୋଗରାଇ ନିର୍ବାଚନ ମଣ୍ଡଳୀ ସଭାପତି ଜୟଦେବ ବେହେରା, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଜୀବନ ମହାପାତ୍ର, ମହିଳା କଂଗ୍ରେସ ନେତ୍ରୀ ଅଞ୍ଜଳି ପ୍ରଧାନ, ସାଇବା ଏକତର, ଗୋପୀନାଥ ପାଢ଼ୀ, କୃଷ୍ଣ ଗୋପାଳ ପଣ୍ଡା, କମଳ ଲୋଚନରାଉତ, ଛାତ୍ର ନେତା ଜଗନ୍ନାଥ ମହାପାତ୍ର, ଭଗବାନ ଲେଙ୍କା, ସୁବାଷ ନାୟକ, ବଳରାମ ଦାସ, ତୁଷାର କାନ୍ତି ତାପସୀ ଉପସ୍ଥିତ ରହି ଯୁବ କଂଗ୍ରେସ ସଂଗଠନକୁ କିପରି ଭାବରେ ତୃଣମୂଳ ସ୍ତରରେ କିପରି ଭାବରେ ମଜବୁତ କରାଯାଇ ପାରିବ ଆଲୋଚନା କରିଥିଲେ। ରେମୁଣା ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ମନୋଜ ମହାନ୍ତି ଧନ୍ୟବାଦ ଦେଇ।

## ଶଙ୍ଖଧ୍ୱନି ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ପ୍ରସ୍ତୁତି



ବାଲେଶ୍ୱର,୧୪।୧୨(ସମିସ): ୧୮ ତମ ରାଜ୍ୟସ୍ତରୀୟ ଶଙ୍ଖଧ୍ୱନି ପ୍ରତିଯୋଗିତା ଏବଂ ୨୩ ତମ ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ଡ୍ରିମ ଆଇଡିଆଲ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଆବାହକ ବିଦ୍ୟାପୀଠ ପ୍ରତିଷ୍ଠାତା ଗଙ୍ଗାଧର ଦାସ ବୈଠକ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନଜୀବୀ ଚନ୍ଦ୍ରଜିତ ନାୟକ, ବିଦ୍ୟାପୀଠ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସ୍ଥାନୀୟ ୱାର୍ଡ କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ବିଦ୍ୟାପୀଠ ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି, ରେହେନା ବେଗମ, ଶୁଭଲକ୍ଷ୍ମୀ ରାଉତ, ରୋହିତ ନାୟକ, ବୈଶାଖୀ ରାଧିକା ସାହୁ ତଥା ଅନ୍ୟାନ୍ୟ କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ଶଙ୍ଖଧ୍ୱନି ପ୍ରତିଯୋଗିତା ନିଃଶୁଳ୍କ ତଥା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତିଯୋଗିତା ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ପୁରସ୍କାର ଓ ପ୍ରତିଯୋଗୀଙ୍କ ନିୟମାବଳୀ ଅନୁସାରେ ପ୍ରତିଯୋଗୀ ଚତୁର୍ଥ ଶ୍ରେଣୀରୁ ଦଶମ ଶ୍ରେଣୀ ଏବଂ କଲେଜ ତଥା ସମସ୍ତ ବିଦ୍ୟାର୍ଥୀଙ୍କ ସହ ଅନ୍ୟାନ୍ୟ ସାଧାରଣ ବର୍ଗ ପୁରସ୍କାର ୧ ମ ୫୦୦୦ ଟଙ୍କା ସହ ପ୍ରମାଣ ପତ୍ର, ୨ୟ ୩୦୦୦ ଟଙ୍କା ସହ ପ୍ରମାଣ ପତ୍ର ଏବଂ ୩ ୟ ସ୍ଥାନ ପାଇଁ ୨୦୦୦ ଟଙ୍କା ସହ ପ୍ରମାଣ ପତ୍ର ପ୍ରଦାନ କରାଯିବ।

## କୋ-ଅପରେଟିଭ ଅର୍ବାନ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର,୧୪।୧୨(ସମିସ)



କୋ-ଅପରେଟିଭ ଅର୍ବାନ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ବ୍ରିଟ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୂର୍ଯ୍ୟକାନ୍ତ କର ଏଥିରେ ସଭାପତିତ୍ୱ କରିବା ସହିତ ବ୍ୟାଙ୍କର ଅଭିବୃଦ୍ଧିରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ନଭେମ୍ବର ୩୦ ତାରିଖ ସୁଦ୍ଧା ୯୩କୋଟି ୧୮ ଲକ୍ଷ ଟଙ୍କା ଜମା ସଂଗ୍ରହ ଓ ୪୦ କୋଟି ୪୩ଲକ୍ଷ ଟଙ୍କ ଋଣ ପ୍ରଦାନ ମାଧ୍ୟମରେ ବ୍ୟାଙ୍କ ୪୧ପ୍ରତିଶତ ଲାଭରେ ରହିଥିବା ସେ କହିଥିଲେ। ସେହିପରି ଏକ କୋଟି ୯୬ଲକ୍ଷ ଟଙ୍କା ଅନଦେୟ ଋଣ ଆଦାୟ କରିବାରେ ବ୍ୟାଙ୍କ ସକ୍ଷମ ହୋଇଛି। ବ୍ୟାଙ୍କର ସେୟାର ହୋଲ୍ଡର ସଦସ୍ୟଙ୍କ ସଂଖ୍ୟା ସମଗ୍ର ଓଡିଶାରେ ସର୍ବୋଚ୍ଚ। ବ୍ୟାଙ୍କ ଅଂଶୀଦାରମାନଙ୍କୁ ୯ପ୍ରତିଶତ ସୁଧ ପ୍ରଦାନରେ ସକ୍ଷମ ହୋଇଥିବା ବେଳେ ଜାତୀୟକରଣ ବ୍ୟାଙ୍କ ସହି ତୁଳନାତ୍ମକ ଭାବେ ଋଣରେ କମ ସୁଧ ନେଉଥିବା ସେ କହିଥିଲେ। ୨୦୨୫ ମସିହାରେ ପାଳିତ ୭୨ତମ ସମବାୟ ସପ୍ତାହରେ ରାଜ୍ୟର ଶ୍ରେଷ୍ଠ ଅର୍ବାନ ବ୍ୟାଙ୍କ ଭାବେ ପୁରସ୍କୃତ ହେବା ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ପାଇଁ ଗୌରବର ବିଷୟ। ଜମା ତୁଳନାରେ ଋଣ ପ୍ରଦାନକୁ ଅଗ୍ରାଧିକାର, ଅନାଦେୟ ଋଣ ଆଦାୟ, ବ୍ୟାଙ୍କର ନିଜସ୍ୱ ଗୃହ ନିର୍ମାଣ ଏବଂ ବ୍ୟାଙ୍କ ମାଧ୍ୟମରେ ସାମାଜିକ ଦାୟିତ୍ୱ ନିର୍ବାହ ପ୍ରଭୃତି ବିଷୟରେ ସଦସ୍ୟଙ୍କ ମତାମତକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ। ପୂର୍ବ ନିଷ୍ପତ୍ତି କ୍ରମେ ବ୍ୟାଙ୍କରେ ଲକର ବ୍ୟବସ୍ଥା ପ୍ରଚଳନ ଫଳରେ ଗ୍ରାହକମାନେ ଏବେ ଏହି ସୁବିଧାର ସୁଯୋଗ ନେଇପାରୁଛନ୍ତି ବୋଲି ଶ୍ରୀ କର ସୂଚନା ଦେଇଥିଲେ। ଦ୍ରୁତ ଅଗ୍ରଗତି ଓ ବକେୟା ଋଣ ଆଦାୟ ଯୋଗୁଁ ୨୦୨୪-୨୫ ଅଡିଟ୍ କ୍ଲାସିଫିକେସନରେ ବ୍ୟାଙ୍କ "ଏ' ବର୍ଗରେ ପର୍ଯ୍ୟବେକ୍ଷିତ ହୋଇପାରିଛି ବୋଲି ସେ କହିଥିଲେ। ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ଉମାକାନ୍ତ ମହାପାତ୍ର, ମନୋଜ କୁମାର ରାଉତ, ଦୁକୁଲ ଚନ୍ଦ୍ର ଘଡାଇ, ହରେନ ଚନ୍ଦ୍ର ରଣା, ଅତୁଲ କୁମାର ଶତପଥୀ, ଉତ୍ପଳ ମହାନ୍ତି, ଜୟପ୍ରକାଶ ଦାଶ, ଲୋକନାଥ ରଣା, ଶ୍ରୀମନ୍ତ ମାଝୀ, ସଦସ୍ୟା ସୁସ୍ମିତା ନାୟକ, ହୁରମାତୁନ ବିବି ଓ ରଶ୍ମି ଦାସ ପ୍ରମୁଖ ଏଥିରେ ଯୋଗଦେଇ ବ୍ୟାଙ୍କ ପରିଚାଳନାରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ଲାନ, ପ୍ରୋଗ୍ରାମ ଓ ବଜେଟକୁ ଅନୁମୋଦନ କରାଯାଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଜୀବକାନ୍ତ ବେହୁରା ବିଭିନ୍ନ ତଥ୍ୟ ଉପସ୍ଥାପନ ସହ ପରିଷଦ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଉପ-ସଭାପତି ନିଶାମଣି ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାଙ୍କର ସଂଖ୍ୟାଧିକ ସେୟର ହୋଲ୍ଡର ସଦସ୍ୟ ସଦସ୍ୟା ବୈଠକରେ ଅଂଶଗ୍ରହଣ ପୂର୍ବକ ନିଜସ୍ୱ ମତାମତ ଦେଇଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ




ବାଲେଶ୍ୱର,୧୪।୧୨(ସମିସ): ଦୁଇ ଦିନ ଧରି ବ୍ଲକସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ମୋ ଭାରତ ଯୁବକେନ୍ଦ୍ର ଓ ଉତ୍କଳା ମହିଳା ସଂଗଠନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବରେ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ଶଶିକାନ୍ତ ମହାନ୍ତି ଅଭିଭାଷଣ ରଖିଥିଲେ। କଲେଜ ଫାଉଣ୍ଡେସନର ମାର୍କଣ୍ଡ ସେଠୀ ଓ ଶାନ୍ତନୁ କୁମାର ପତିଙ୍କ ମିଳିତ ଆନୁକୂଲ୍ୟରେ ପତାକା ଉତ୍ତୋଳନ କରିଥିଲେ। କ୍ରୀଡା କୋଚ ବାସୁଦେବ ପଣ୍ଡା କ୍ରୀଡା ପରିଚାଳନା କରିଥିଲେ। ଅନ୍ୟତମ ଖେଳ ପ୍ରଶିକ୍ଷକ ରଜନୀକାନ୍ତ ପ୍ରଧାନ ସହଯୋଗ କରି ଖେଳକୁ ତ୍ୱରାନ୍ୱିତ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୨୦୦ ମିଟର ଦୌଡ଼ (ପୁରୁଷ,ମହିଳା) ବ୍ୟାଡ଼ମିଣ୍ଟନ (ପୁରୁଷ, ମହିଳା) କବାଡି(ମହିଳା) ଭଲିବଲ (ପୁରୁଷ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୃତୀ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ କ୍ରୀଡାରେ ଭାଗ ନେବେ। ଉତ୍କଳା ମହିଳା ସଂଗଠନ ଅଧ୍ୟକ୍ଷା ବାସନ୍ତୀ ବାରିକ ଓ ସଭ୍ୟ ଗାୟତ୍ରୀ ବାରିକ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଉତ୍କଳା ମହିଳା ସଂଗଠନ ସଦସ୍ୟା ସହିତ ଉତ୍କଳା କଲଚୁରାଲ ଏକାଡେମୀ ଅଧ୍ୟକ୍ଷ ବିକ୍ରମ ବାରିକ ଅଭିଜିତ ବେହେରା, ନେହା ପଟ୍ଟନାୟକ, ସୁବ୍ରତ ନାୟକ, ମନିଷ୍ଣା ଭଞ୍ଜ, ସୌମ୍ୟାଶ୍ରୀ ପାତ୍ର, ରସିଦା ଅଖତର ଯୋଗ ଦେଇଥିଲେ।

୧୪/୧୨/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୧୭,୪୧୧/- ସୁନା: ୧୫.୮୦୦ ଗ୍ରାମ୍ ରୁପା: ୩୨.୦୦୦ ଗ୍ରାମ୍



### ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

# ଶିଶୁ ଭିତରେ ସୁଗୁଣ ପ୍ରତିଭାର ବିକାଶ ପାଇଁ ପରାମର୍ଶ

ପୁରୀ, ୧୪।୧୨(ସମିସ)



'ଶିଶୁ ମହୋତ୍ସବ ଟ୍ରଷ୍ଟ' ଆନୁକୂଲ୍ୟରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଦୁଇଦିନିଆ ଏକ ବିଂଶତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଯୋଗଦେଇଥିବା ବେଳେ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ପୁରୀ ସଦର ଉପ ଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ଭଞ୍ଜ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାମାନଙ୍କର ପ୍ରତିଭା ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିଥିଲେ। ଶିଶୁ ହେଉଛି କୁସୁମ କଳିକା ଓ ଏହା ଭିତରେ ଅନେକ ସମ୍ଭାବନା ଭରି ରହିଛି। ଗୁରୁ ଓ ଅଭିଭାବକମାନେ ଶିଶୁଟିକୁ ସୁନାଗରିକ ଭାବେ ଗଢ଼ିବା ସହିତ ତା' ଭିତରେ ସୁଗୁଣ ଓ ପ୍ରତିଭାରାଜିର ବିକାଶ ପାଇଁ ଯତ୍ନବାନ ହେଲେ ଦେଶ ହସିବ ଓ ମାନବ ସମାଜ ସମୃଦ୍ଧ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶଙ୍ଖମିତ୍ର ସିଂହାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ସୁଧାଂଶୁ ଭୂଷଣ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଙ୍ଗୀତଗୁରୁ କୁମାର ଭଗବାନ, ଓଡ଼ିଶୀ ନୃତ୍ୟଗୁରୁ ଭାଗ୍ୟଶ୍ରୀ ଦାସ ଏବଂ ଶିଶୁ ନୃତ୍ୟଶିଳ୍ପୀ ଅର୍ଚ୍ଚିତା ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଅଂଶଗ୍ରହଣକାରୀ ଶିଶୁ କଳାକାରମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲୋକ ସମ୍ପର୍କ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିବାବେଳେ କୋଷାଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ଶିଶୁଶିଳ୍ପୀମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ବୃନ୍ଦ ତବଲା ବାଦନ, ଏକକ ସଙ୍ଗୀତ, ଓଡ଼ିଶୀ ମେଳ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ନୃତ୍ୟ ରୂପକ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓ ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ, ସାଂସ୍କୃତିକ ସମ୍ପାଦକ ଅମରେଶ୍ୱର ମହାପାତ୍ର, ସୁକାନ୍ତ ପଣ୍ଡା, ପ୍ରବୀର ଶତପଥୀ, ପ୍ରଭାକର ସାହୁ, ଜିତେନ୍ଦ୍ର କୁମାର ମିଶ୍ର, ଅନ୍ନପୂର୍ଣ୍ଣା ଦେବୀ, ସୋନାଲି ମଧୁସ୍ମିତା ମହାନ୍ତି, କରବୀ ରଥ, ରଶ୍ମିରଞ୍ଜନ ତ୍ରିପାଠୀ, ରାଜେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଥାଉ କି, ଏହି ଦ୍ୱିଦିବସୀୟ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୫୦ ଶିଶୁ କଳାକାର ଯୋଗଦେଇଥିଲେ।

## ଅଭିନେତ୍ରୀ ସୋନାଲିଙ୍କ ସ୍ୱାମୀ ଗିରଫ

**ପୁରୀ, ୧୪।୧୨(ସମିସ):** ତୁଳସୀ ଗଣନାଟ୍ୟର ଅଭିନେତ୍ରୀ ସୋନାଲି ପଣ୍ଡାଙ୍କ ଅଭିଯୋଗକ୍ରମେ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କୁ ଗିରଫ କରିଛି ପୁରୀ ପୁଲିସ। ରବିବାର କୃଷ୍ଣପ୍ରସାଦ ଥାନା ପୁଲିସ ଶ୍ରୀକ୍ଷେତ୍ରଙ୍କୁ ଭୁବନେଶ୍ୱରରୁ ଗିରଫ କରି ପୁରୀ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, କିଛି ମାସ ହେବ ସାରା ରାଜ୍ୟରେ ତୁଳସୀ ଗଣନାଟ୍ୟର ନାୟିକା ସୋନାଲି ପଣ୍ଡା ଓରଫ କାଗଜି ପଲେଇ ଏବଂ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାର ଓରଫ ଜନଙ୍କ ବିବାଦ ନେଇ ଚର୍ଚ୍ଚା ଲାଗିରହିଛି। ଯାତ୍ରା ପାର୍ଟିର ମାଲିକ ଓ ଶ୍ରୀକ୍ଷେତ୍ର ମଧ୍ୟରେ ବିବାଦ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଥିଲା। ସୋନାଲି ଏବଂ ଶ୍ରୀକ୍ଷେତ୍ର ଉଭୟଙ୍କ ଘର କୃଷ୍ଣପ୍ରସାଦ ବ୍ଲକରେ ଅଟେ। ବିବାଦକୁ ନେଇ ସୋନାଲି ଗତ ଅଗଷ୍ଟ ୪ ତାରିଖରେ କୃଷ୍ଣପ୍ରସାଦ ଥାନାରେ ଶ୍ରୀକ୍ଷେତ୍ରଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ କରିଥିଲେ। ତେବେ ଘଟଣା ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି କି, ଗତ ଅଗଷ୍ଟ ୪ରେ କୃଷ୍ଣପ୍ରସାଦ ଥାନାରେ ଜଣେ ମହିଳାଙ୍କ ପକ୍ଷରୁ ଶ୍ରୀକ୍ଷେତ୍ର ବିରୋଧରେ ଅଭିଯୋଗ ହୋଇଥିଲା କି ୨୦୧୨ରେ ସେ ନାବାଳିକା ଥିବାବେଳେ ଶ୍ରୀକ୍ଷେତ୍ରଙ୍କ ସହ ସମ୍ପର୍କ ରହିଥିଲା। ସେ ନାବଳିକା ଥିବାବେଳେ ତାଙ୍କର ଏକ ପୁଅ ହୋଇଥିଲା। ଶ୍ରୀକ୍ଷେତ୍ର ତାଙ୍କୁ ଘରେ ରଖିଥିଲେ ପରେ ତୁଳସୀ ଗଣ୍ୟନାଟ୍ୟକୁ ନେଇଥିଲେ। ସେଠାରେ ଦୁହିଁଙ୍କର ସମ୍ପର୍କ ଭାଙ୍ଗିଯାଇଥିଲା। ଶ୍ରୀକ୍ଷେତ୍ର ତାଙ୍କୁ ଧରାଛୁଆଁ ଦେଇ ନ ଥିଲେ। ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଯାହାକୁ ନେଇ ସୋନାଲି ଏକ ମାମଲା ରୁଜୁ କରିଥିଲେ କୃଷ୍ଣପ୍ରସାଦ ଥାନାରେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ରଙ୍କୁ ଗିରଫ କରି ପୁରୀ ଆଣିବା ସହ କୋର୍ଟ ଚାଲାଣ କରାଯାଇଛି।

# ମେଘନାଦ ପାଚେରିରୁ ଝରୁଛି ପାଣି

**ପୁରୀ, ୧୪।୧୨(ସମିସ):** ଶ୍ରୀମନ୍ଦିର ମେଘନାଦ ପାଚେରିରୁ ପୁଣି ପାଣି ଝରୁଛି। ତେଣୁ ଏହାର ସ୍ଥାୟୀ ସଂରକ୍ଷଣ ନିମନ୍ତେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ପୁନଃ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଏଏସ୍‌ଆଇର ମାର୍ଗଦର୍ଶନରେ



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜରୁରୀ ମରାମତି ପାଇଁ ପଦକ୍ଷେପ ନେବାକୁ ରବିବାର ପତ୍ର ଲେଖି ପ୍ରସ୍ତାବ ରଖିଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହିତ ମେଘନାଦ ପ୍ରାଚୀରର ପାଣି ଝରିବାର କାରଣ ଏବଂ ଏହାର ସ୍ଥାୟୀ ନିରାକରଣ ନିମନ୍ତେ ଏଏସ୍‌ଆଇ ପକ୍ଷରୁ ବୈଜ୍ଞାନିକ ଉପାୟରେ ସର୍ଭେ ତଥା ପଦକ୍ଷେପ ଗ୍ରହଣ କରାଯିବାକୁ ଚିଠିରେ ଗୁରୁତ୍ୱାରୋପ କରିଛନ୍ତି।

ମେଘନାଦ ପାଚେରିର ସୁରକ୍ଷା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପତ୍ର ସଂଖ୍ୟା ୧୭୮୦୦ ତା. ୧୪.୧୨.୨୦୨୫ କ୍ରମେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତବର୍ଷ ମେଘନାଦ ପ୍ରାଚୀରରେ ପାଣି ଝରିବା ସାମ୍ନାକୁ ଆସିଥିଲା। ସେତେବେଳେ ଏଏସ୍‌ଆଇ କର୍ତ୍ତୃପକ୍ଷ ଏହାର

### ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ

ସ୍ଥାୟୀ ମରାମତି ତଥା ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅବଗତ କରାଯାଇଥିଲା। ସେତେବେଳେ ଏଏସ୍‌ଆଇ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ଏହା ପରେ ବି ପୁଣିଥରେ ମେଘନାଦ ପାଚେରିରୁ ପାଣି ଝରିବା ସହ କିଛି ଅଂଶ ସନ୍ତସନ୍ତିଆ ରହୁଛି। ଶ୍ରୀମନ୍ଦିର ସୁରକ୍ଷାର ସବୁଠାରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ ହେଲା ମେଘନାଦ ପ୍ରାଚୀର। ତେଣୁ ଏହାର ସୁରକ୍ଷା ପାଇଁ ଏଏସ୍‌ଆଇ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଚିଠି ମାଧ୍ୟମରେ ଜଣାଇଛନ୍ତି।

# ଶ୍ରୀପଦ୍ମାଳୟା ମହୋତ୍ସବରେ ଗୁରୁଙ୍କୁ ସମ୍ବର୍ଦ୍ଧନା

**ପୁରୀ, ୧୪।୧୨(ସମିସ):** ସ୍ଥାନୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ରବିବାର ଲିଙ୍ଗରାଜ କଳା ନିକେତନ ଦ୍ୱାରା ଆୟୋଜିତ ଶ୍ରୀପଦ୍ମାଳୟା ଦ୍ୱିତୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ବରିଷ୍ଠ ସେବାୟତ ରବିନାରାୟଣ ଦାଶ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଗୁରୁ ଧବଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ମୁଖ୍ୟ ଉପଦେଷ୍ଟା ଶୁକଦେବ ମହାନ୍ତି, ମୁଖ୍ୟ ପରାମର୍ଶଦାତା ଧୀରେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ସଭା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଶିଷ୍ଟ ଗୁରୁମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଦଳଗତ ଓଡ଼ିଶୀ ନୃତ୍ୟ ନାଟିକା ଗଙ୍ଗା ଅବତରଣ ପରିବେଷଣ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ଗୁରୁ ରବିନାରାୟଣ ଦାଶ, ଗୁରୁ ପ୍ରକାଶ କୁମାର ରଥ, ଗୁରୁ ଚିରସ୍ରୋତା ଖୁଣ୍ଟିଆ ଏବଂ ଗୁରୁ ଗାୟତ୍ରୀ ରଣବୀରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର ମହୋତ୍ସବର ଉଦ୍ଦେଶ୍ୟ, ଆଭିମୁଖ୍ୟ ବିବରଣୀ ପାଠ କରିଥିବାବେଳେ ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାରସିଂ, କୋଷାଧ୍ୟକ୍ଷ ସାରଦା ପ୍ରସନ୍ନ ମିଶ୍ର, ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।ss



## ୫୦ ଗ୍ରାମ୍ ଧଳାଜହର ଜବତ, ୩ ଗିରଫ

**ପୁରୀ, ୧୪।୧୨ (ସମିସ):** ପୁରୀ ସହରରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ ଚାଲିଛି। ବିଭିନ୍ନ ସମୟରେ ନିଶା ବେପାରୀ ଗିରଫ ହେଉଛନ୍ତି। ଏହାସତ୍ତ୍ୱେ ଏହାର ପ୍ରଭାବ ବେଆଇନ ନିଶା କାରବାର କରୁଥିବା ବ୍ୟକ୍ତିଙ୍କ ଉପରେ ପଡୁନାହିଁ। ଯେଉଁଥିପାଇଁ ପ୍ରାୟ ପ୍ରତିଦିନ ଏହି ମାମଲାରେ ଅଭିଯୁକ୍ତ ଧରାପଡୁଛନ୍ତି। ରବିବାର ଟାଉନ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ୫୦.୧୬ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଏହି ଅଭିଯୁକ୍ତମାନେ ହେଲେ ବ୍ରାଉନ୍‌ସୁଗର ଯୋଗାଉଥିବା ପାରାନୋଳିଆ ସାହିର ଭବାନୀ ଶଙ୍କର ନାୟକ, ଦୁଇ ବେପାରୀ ଦାମୋଦର ରୋଡ୍ ହରଚଣ୍ଡୀ ଲେନ୍‌ର ବଳଭଦ୍ର ଜେନା ଏବଂ ପଞ୍ଚୁବଟି ଶ୍ରୀରାମ ନଗରର ଭଗବାନ ମଲ୍ଲିକ। ପୁଲିସ ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ଣ ପ୍ରାୟ ୧୦ଟା ୧୦ରେ ପାରାନୋଳିଆ ସାହି ବାବାଜୀ ପୋଖରୀ ନିକଟରେ ଧଳାଜହର କାରବାର ହେଉଥିବା ପୁଲିସ ନିକଟରେ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ଟାଉନ୍ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ଚଢ଼ଉ କରି ୩ ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ୫୦.୧୬ ଗ୍ରାମ୍ ବ୍ରାଉନ୍‌ସୁଗର, ୨୫୦୦ ଟଙ୍କା, ଗୋଟିଏ ବାଇକ୍ ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି।

# ୨୦ରୁ ବେଳାଭୂମିରେ ଦୁଇଦିନିଆ ପୁରୀ ମହୋତ୍ସବ




**ପୁରୀ, ୧୪।୧୨(ସମିସ):** ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନ ଧରି ପୁରୀ ମହୋତ୍ସବ ବେଳାଭୂମିଠାରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବର ରୂପରେଖ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ମଞ୍ଚର ସଭାପତି ବିନୋଦ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି, ବରିଷ୍ଠ ସେବାୟତ ରବି ନାରାୟଣ ପ୍ରତିହାରୀ, ମାଟିମଣ୍ଡପ ସାହି ଆଖଡ଼ାର ସଭାପତି ଶ୍ୟାମସୁନ୍ଦର ମହାପାତ୍ର, ହରଚଣ୍ଡୀ ସାହି ଆଖଡ଼ା ସଦସ୍ୟ କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ୨୦ ଓ ୨୧ ଦୁଇଦିନ ଧରି ପୁରୀ ବେଳାଭୂମିରେ ପୁରୀ ମହୋତ୍ସବ ଅନୁଷ୍ଠିତ ହେବ। ଶ୍ରୀକ୍ଷେତ୍ରର ପରମ୍ପରା, ଶ୍ରୀମନ୍ଦିର ସଂସ୍କୃତି ଓ ଜାଗା ଆଖଡ଼ାର ସଂସ୍କୃତିକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାହାରୀ, ଗୋଟିପୁଅ, ଓଡ଼ିଶୀଠାରୁ ଆରମ୍ଭ କରି ଜାଗା ଆଖଡ଼ାର ପାରମ୍ପରିକ ସରମକଳା ଆଦି ପ୍ରଦର୍ଶନ କରାଯିବ। ଏହାକୁ ଲୋକଲୋଚନକୁ ଆଣିବା ସହ ପର୍ଯ୍ୟଟକଙ୍କ ନିମନ୍ତେ ବେଳାଭୂମିରେ କରାଯାଉଛି। ଶ୍ରୀକ୍ଷେତ୍ର ମାଟିର ଯୁବକମାନଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯୁବପିଢ଼ିଙ୍କ ମଧ୍ୟରେ ବିଚ୍ ଭଲିବଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟାରେ ପୁରୀବାସୀଙ୍କ ସହ ପର୍ଯ୍ୟଟକମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ। ଶ୍ରୀକ୍ଷେତ୍ରର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଆଠ ସାହି ଆଖଡ଼ାର ସହଯୋଗ ସହ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ, ଜିଲ୍ଲା ପ୍ରଶାସନ, ପୁରୀବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ଫଳରେ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ପରମ୍ପରାକୁ ପର୍ଯ୍ୟଟକମାନେ ଜାଣିବା ସହ ଏଥିପ୍ରତି ଆକୃଷ୍ଟ ହୋଇପାରିବେ। ମହାପ୍ରଭୁଙ୍କ ଆଶୀର୍ବାଦରୁ କାର୍ଯ୍ୟକ୍ରମ ବିଶ୍ୱଦରବାରରେ ପହଞ୍ଚିବ ବୋଲି ଶ୍ରୀ ଖୁଣ୍ଟିଆ ଆଶାବ୍ୟକ୍ତ କରିଛନ୍ତି।

# ବେଳାଭୂମିରେ ବର୍ଜ୍ୟ ଅଡିଟ୍ ସଚେତନତା କର୍ମଶାଳା

**ପୁରୀ, ୧୪।୧୨(ସମିସ):** ପରିବେଶ ପର୍ଯ୍ୟାବରଣ ସୁରକ୍ଷା ଦିଗରେ କାମ କରୁଥିବା ଇକୋ ୱାକ୍ ଫାଉଣ୍ଡେସନ ରବିବାର ଚକ୍ରତୀର୍ଥ ବେଳାଭୂମିରେ ହାପିନେସ୍ ଫାଉଣ୍ଡେସନ, ଇକୋ ୱାରିୟର୍ସ ଫାଉଣ୍ଡେସନ ଏବଂ ଜଙ୍ଗଲ୍‌ଲୋର୍ ଫାଉଣ୍ଡେସନ ସହଯୋଗରେ ଏକ ପ୍ଲଗିଂ ସହିତ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଓଡ଼ିଶା ଉପକୂଳର ସୁରକ୍ଷା ପାଇଁ ଶିକ୍ଷଣ କୈନ୍ଦ୍ରିକ, ତଥ୍ୟ ଆଧାରିତ ପରିବେଶଗତ କାର୍ଯ୍ୟାନୁଷ୍ଠାନକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମକୁ ଜଳବାୟୁ କର୍ମୀ ଜଳେନ୍ଦ୍ର ମହାଲିକ ଆୟୋଜନ କରି କହିଥିଲେ ଯେ, ପରିବେଶଗତ କାର୍ଯ୍ୟକ୍ରମମାନ ପ୍ରତୀକାତ୍ମକ ପରିଷ୍କାର ଅଭିଯାନରୁ ଆଗକୁ ବଢ଼ିବା ଉଚିତ୍। ଏହି କର୍ମଶାଳା ଅନନ୍ୟ ଭାବେ ପ୍ଲଗିଂକୁ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ପଦ୍ଧତି ସହିତ ଏକତ୍ରିତ କରିଥିଲା। ଅଂଶଗ୍ରହଣକାରୀମାନେ ବିଚ୍‌ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବର୍ଜ୍ୟ ସଂଗ୍ରହ କରିଥିଲେ ଏବଂ ବର୍ଗୀକରଣ, ଦସ୍ତାବିଜ୍ ଏବଂ ବିଶ୍ଳେଷଣ କରିଥିଲେ। ଯାହା ବର୍ଜ୍ୟର ଗଠନ, ଉତ୍ସ ଏବଂ ସମୁଦ୍ର ପରିସ୍ଥିତି ତନ୍ତ୍ର ଉପରେ ପ୍ରଭାବ ପକାଉଥିବା ପ୍ରଦୂଷଣ ଟ୍ରେଣ୍ଡ ବୁଝିବାରେ ସାହାଯ୍ୟ କରିଥିଲା। କର୍ମଶାଳାରେ ଜଙ୍ଗଲ୍ ଲୋର୍ ଫାଉଣ୍ଡେସନର ଆକାଶ ରଞ୍ଜନ ରଥ ଏବଂ ପ୍ରଭାତ ବିଶ୍ୱାଳ, ହାପିନେସ୍ ଫାଉଣ୍ଡେସନର ପ୍ରଦୀପ୍ତ ପ୍ରଧାନ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜଳବାୟୁ କର୍ମୀ ଶ୍ରୀ ରଥ ଅଂଶଗ୍ରହଣକାରୀଙ୍କୁ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ବ୍ଲୁ ଫ୍ଲାଗ୍ ବିଚ୍‌ର ଗୁରୁତ୍ୱ, ସେମାନଙ୍କ ବିଶ୍ୱବ୍ୟାପୀ ମାନକ ଏବଂ ନାଗରିକଙ୍କ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସଚେତନ କରିଥିଲେ। ଅଡିଟ୍ ସମୟରେ ସଂଗୃହୀତ ବର୍ଜ୍ୟକୁ ଏକକ ବ୍ୟବହାର ପ୍ଲାଷ୍ଟିକ୍, ମତ୍ସ୍ୟ ପାଳନ ସମ୍ପର୍କିତ ଧ୍ୱଂସାବଶେଷ, ବହୁସ୍ତରୀୟ ପ୍ୟାକେଜିଂ, କାଚ, ଧାତୁ, କପଡ଼ା, ଜୋତା ଏବଂ ବିବିଧ ବର୍ଜ୍ୟରେ ବର୍ଗୀକୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ଏବଂ ସ୍ୱଚ୍ଛତା କର୍ମୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ; ଯିଏ ଜଳବାୟୁ ଉତ୍ସାହୀ ଏବଂ ସ୍ଥାନୀୟ ଯୁବକମାନଙ୍କ ସହିତ ମିଶି ଭୂମିରେ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ପଦ୍ଧତି ଶିଖିଥିଲେ ଏବଂ ପ୍ରୟୋଗ କରିଥିଲେ।

# ହୋଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ

**ପୁରୀ, ୧୪।୧୨(ସମିସ):** ଭୁବନେଶ୍ୱରର ଏକ ବାର୍‌ରେ ଅଗ୍ନିକାଣ୍ଡ ପରେ ସତର୍କ ହୋଇଛି ଅଗ୍ନିଶମ ବିଭାଗ। ଏହି କ୍ରମରେ ପୁରୀରେ କଡ଼ା ଯାଞ୍ଚ ଆରମ୍ଭ ହୋଇଛି। ଅଗ୍ନିଶମ ବିଭାଗର ଅଧିକାରୀ ହୋଟେଲଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ଅଗ୍ନିଶମ ଅଧିକାରୀମାନେ ହୋଟେଲଗୁଡ଼ିକରେ ଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟ କରୁଛି ନା ନାହିଁ, ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକ ଠିକ୍ ଅଛି କି ନାହିଁ, ହୋଟେଲର ରୁମ୍, ରୋଷେଇ ଘରେ ସେନ୍‌ସର କାମ କରୁଛି କି ନାହିଁ ତାହାର ତଦାରଖ କରିଥିଲେ।

### ପୁରୀ ପ୍ରବେଶ ପଥରେ ଲାଗିଛି ବ୍ୟାନର

## 'ସମ୍ବିତ୍ ଭାଇ ତମେ ବହୁତ ମିଛ କହୁଛ'

**ପୁରୀ, ୧୪।୧୨(ସମିସ):** ପୁରୀ ପ୍ରବେଶ ପଥରେ ଲାଗିଛି ଏମିତି ଏକ ବ୍ୟାନର। ଯେଉଁଥିରେ ଲେଖାଯାଇଛି 'ସମ୍ବିତ୍ ଭାଇ ତମେ ବହୁତ ମିଛ କହୁଛ, ଆମ ପୁରୀ ସଦରବାସୀଙ୍କୁ ଭଣ୍ଡେଇ ଚାଲିଛ'। ତେବେ ଏଭଳି ବ୍ୟାନର କିଏ ଲଗାଇଛି, କାହିଁକି ଲଗାଇଛି ଏବଂ କାହା ଉଦ୍ଦେଶ୍ୟରେ ତାକୁ ନେଇ ପୁରୀରେ ବେଶ୍ ଚର୍ଚ୍ଚା ଚାଲିଛି। ରବିବାର ପୁରୀ ପ୍ରବେଶ ପଥ ଅଠରନଳା ନିକଟରେ ତଳେ ପ୍ରତିବାଦର ଚିତ୍ର ଥାଇ ଏମିତି ଏକ ବ୍ୟାନର ଲଗାଯାଇଛି। ଯେଉଁଥିରେ ଉକ୍ତ କଥା ଲେଖା ରହିଛି।



କିନ୍ତୁ ଏହାକୁ ଲଗାଇଛି କିଏ ସେ ବିଷୟରେ କିଛି ସ୍ପଷ୍ଟତା ନାହିଁ। ଏହି ବ୍ୟାନର ଏବଂ ଲେଖା ପୁରୀବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ବାସ୍ତବରେ ଏହାକୁ କିଏ ଲଗାଇଛି ଏବଂ ଏହା ଲଗାଇବା ପଛର ପ୍ରକୃତ ଉଦ୍ଦେଶ୍ୟ କ'ଣ? ଏଥିରେ କାହାକୁ ଆକ୍ଷେପ କରାଯାଇଛି ତାହା ବି ସ୍ପଷ୍ଟ ନାହିଁ। ତେବେ ସମ୍ବିତ୍ ଭାଇ ପୁରୀ ସଦରବାସୀଙ୍କୁ କ'ଣ ପ୍ରତିଶ୍ରୁତି ଦେଇଥିଲେ ଯେ, ଭଣ୍ଡେଇ ଦେଲେ? ପୁଣି ସମ୍ବିତ୍ ଭାଇ ବହୁତ ମିଛ କହୁଥିବା ଏହି ବ୍ୟାନରେ ଦର୍ଶାଯାଇଛି। ତେଣୁ ଏ ସବୁକୁ କିଏ ଏବଂ କେଉଁ ଉଦ୍ଦେଶ୍ୟ ନେଇ ଲଗାଇଛି ତାହା ଜଣାପଡ଼ି ନ ଥିବାବେଳେ ଏହାକୁ ନେଇ ପୁରୀ ସହରରେ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହେଉଛି।

### ପଞ୍ଚମ ପୁରୀ ବିଚ୍ ମାରାଥନ୍

# ଓଡ଼ିଶାର ଅଶୋକ ଦଣ୍ଡସେନା ପ୍ରଥମ

ପୁରୀ, ୧୪।୧୨(ସମିସ)




ଭୁବନେଶ୍ୱର ସାଇକେଲିଂ ଏବଂ ଆଡ୍‌ଭେଞ୍ଚର କ୍ଲବ୍ (ବିସିଏସି) ପକ୍ଷରୁ ରବିବାର ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଏମ୍‌ସିଏଲ୍ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ସମେତ ୧ ହଜାରରୁ ଅଧିକ ଦୌଡ଼ାଳି ଏହି ଅନନ୍ୟ ମାରାଥନରେ ସେମାନଙ୍କ ଶାରୀରିକ ଶକ୍ତିକୁ ଚ୍ୟାଲେଞ୍ଜ କରିବା ଏବଂ ମାନସିକ ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅଂଶଗ୍ରହଣ କରିଥିଲେ। ପୁରୀ ବିଚ୍ ମାରାଥନ୍ ୨୦୨୫କୁ ମଙ୍ଗଳା ନଦୀର ସମୁଦ୍ର ମୁହାଣରେ ଥିବା ଶାମୁକା ବେଳାଭୂମିରୁ ବିସିଏସି ସଭାପତି ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ, ପୁରୀ ଏସ୍‌ପି ପ୍ରତୀକ୍ ସିଂ, ବିସିଏସି ସଚିବ ଅଜୟ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଦେଶର ବିଭିନ୍ନ ସ୍ଥାନ ସମେତ ଆମେରିକା ଏବଂ ୟୁଏସ୍‌ଏସ୍‌ଆରରୁ କିଛି ପ୍ରସିଦ୍ଧ ଧାବକ ଏବଂ ଉଦୀୟମାନ ଖେଳାଳିଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ମାରାଥନରେ ଦୁଇ ପ୍ରକାର ଦୌଡ଼ ହୋଇଥିଲା। ହାଫ୍ ମାରାଥନ୍ ମଙ୍ଗଳା ନଦୀ ସମୁଦ୍ର ମୁହଁର ଶାମୁକା ବେଳାଭୂମିରୁ ବାଲି ହାରଚଣ୍ଡୀ ବିଚ୍ ଯାଇ ଫେରିଥିଲେ। ୭ କିଲୋମିଟର ମଜାଦାର ଦୌଡ଼ ଅଂଶଗ୍ରହଣକାରୀମାନେ ସମାନ ସ୍ଥାନରୁ ଆରମ୍ଭ କରି ବାଲି ହାରଚଣ୍ଡୀ ଆଡ଼କୁ ୩.୫ କିମି ଦୂରତା ଅତିକ୍ରମ କରି ୟୁ-ଟର୍ଣ୍ଣ ନେବା ପରେ ସମାନ ଆରମ୍ଭ ବିନ୍ଦୁକୁ ଫେରିଥିଲେ। ପ୍ରତି ୩.୫ କିଲୋମିଟରରେ ପାଣି ଏବଂ ସହାୟତା ଷ୍ଟେସନର ବ୍ୟବସ୍ଥା ରହିଥିଲା। ଧାବକମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ବିଜେତା ଏବଂ ପୋଡିୟମ୍ ଫିନିସରମାନଙ୍କ ପାଇଁ ନଗଦ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା। ପୁରସ୍କାର ବ୍ୟତୀତ ଅଂଶଗ୍ରହଣକାରୀମାନେ ସଫଳତାର ସହ ସମାପ୍ତି ପରେ ଏକ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଫିନିସର ପଦକ, ଇଭେଣ୍ଟ ଟି-ସାର୍ଟ ଏବଂ ଡିଜିଟାଲ୍ ପ୍ରମାଣପତ୍ର ପାଇଥିଲେ। ବିଭିନ୍ନ ବର୍ଗର ବିଜେତାମାନେ ମୋଟ ୨.୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ୨୧ କିଲୋମିଟର ହାଫ୍ ମାରାଥନ୍ ପ୍ରଥମ ପୁରସ୍କାର ବାବଦ ୫୦ ହଜାର ଟଙ୍କା ଓଡ଼ିଶାର ଅଶୋକ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା। ସେ ୧ ଘଣ୍ଟା ୧୬ ମିନିଟ୍ ୨୫ ସେକେଣ୍ଡ ସମୟ ସହିତ ଏହା ଶେଷ କରିଥିଲେ। ଦ୍ୱିତୀୟରେ ପଶ୍ଚିମବଙ୍ଗର ଅନୁପମ ମହତା ୧ ଘଣ୍ଟା ୧୬ ମିନିଟ୍ ୨୮ ସେକେଣ୍ଡରେ ଦୌଡ଼ ଶେଷ କରି ୩୦ ହଜାର ଟଙ୍କା ଏବଂ ତୃତୀୟ ଛତିଶଗଡ଼ର ଫୁଲଧର ନେତାମ୍ ୧ ଘଣ୍ଟା ୧୭ ମିନିଟ୍ ୬ ସେକେଣ୍ଡରେ ଦୌଡ଼ ଶେଷ କରି ୨୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ତେବେ ୨୧ କିମି ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ ହୋଇଥିଲେ।

ସମବାୟ ସଚିବ ରାଜେଶ ପାଟିଲଙ୍କ ସହିତ ବିସିଏସି ସଭାପତି ତଥା ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ, ବିସିଏସି ସଚିବ ଅଜୟ କୁମାର ନନ୍ଦ, କୋଷାଧ୍ୟକ୍ଷ ଶିବାଶିଷ୍ ମହାନ୍ତି, ଏମ୍‌ସିଏଲ୍ ପକ୍ଷରୁ ସୁଶାନ୍ତ ତ୍ରିପାଠୀ, ବିପିସିଏର ସୌମ୍ୟ ଜୈନ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିସିଏସି ସଭାପତି ସଭାପତି ଶ୍ରୀ ପଣ୍ଡା ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଡିସେମ୍ବର ମାସର ଦ୍ୱିତୀୟ ରବିବାର ଦିନ ବିଚ୍ ମାରାଥନ୍ ପ୍ରତିବର୍ଷ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ସୂଚନାଥାଉ କି, ବିସିଏସି ପୂର୍ବରୁ ଭିଏତନାମରୁ କାମ୍ବୋଡିଆ, ଭୁବନେଶ୍ୱରରୁ ଭୂଟାନ, କଟକରୁ କାଠମାଣ୍ଡୁ, ମନାଲିରୁ ହିମାଳୟରେ ଖାରଡୁଙ୍ଗ ଲା ଭଳି ମେଗା ସାଇକେଲିଂ ଇଭେଣ୍ଟ ଆୟୋଜନ କରିଛି। ବିସିଏସି ପ୍ରତିବର୍ଷ ଫେବୃଆରୀ ମାସର ଦ୍ୱିତୀୟ ରବିବାର ଦିନ ଗୋଲ୍‌ଡେନ ଟ୍ରାଏଙ୍ଗଲ୍ ସାଇକେଲିଂ ଚାମ୍ପିଅନସିପ୍ ମଧ୍ୟ ଆୟୋଜନ କରିଥାଏ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ରାଇବଣିଆ ଦୁର୍ଗ



**ଜଳେଶ୍ୱର ବ୍ଲକ, ୧୪।୧୨ (ସମିସ) :** ଆଗକୁ ଡିସେମ୍ବର ୨୫ ବଡ଼ଦିନ ଓ ଜାନୁଆରୀ ୧ ନୂଆବର୍ଷ ଆସୁଥିବାରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗର ଅନେକ ପର୍ଯ୍ୟଟକ ଐତିହ୍ୟ ରାଇବଣିଆ ଦୁର୍ଗ ବୁଲିବା ପାଇଁ ଆସିବା ସହିତ ବଣ ଭୋଜି କରିବେ। ତେଣୁ ପର୍ଯ୍ୟଟକ କିପରି ଭାବରେ ଅଧିକ ଆକୃଷ୍ଟ ହୋଇ ପାରିବେ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉଛି। ରାଇବଣିଆ ଦୁର୍ଗର ଗାଥାକୁ ପର୍ଯ୍ୟଟକମାନଙ୍କ ପାଖରେ ସଠିକ୍ ଭାବରେ ଜଣାଯାଇ ପାରିବ ସେ ବାବଦରେ ବନ୍ଦୋବସ୍ତ କରିବାକୁ ଦାବି ହେଉଛି।

# ପୂର୍ବତନ ସୈନିକଙ୍କ ଶେଷକୃତ୍ୟ ସମ୍ପନ୍ନ

**ବାରିପଦା, ୧୪।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକସ୍ଥ ଅନ୍ଧାରୀ ଗ୍ରାମର ଅବସରପ୍ରାପ୍ତ ସେନାଧିକାରୀ ସୁବେଦାର ମେଜର ମୋହନ ମାରାଣ୍ଡିଙ୍କ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଥିବାବେଳେ ମେଜର ମାରାଣ୍ଡିଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇ ଝିଅ ଓ ପୁଅ ଉପସ୍ଥିତ ଥିଲେ। ମେଜର ମାରାଣ୍ଡିଙ୍କ ମୃତ୍ୟୁରେ ନିଜ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। କୁଳିଅଣାରେ ହୋଇଥିବା ଶେଷକୃତ୍ୟ



ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ତିମ ଯାତ୍ରାରେ ଜିଲ୍ଲା ଅବସରପ୍ରାପ୍ତ ସୈନବାହିନୀ ସଂଘ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସେବା ଲିଗର କର୍ମକର୍ତ୍ତା ସାମିଲ ହୋଇ ମେଜର ମାରାଣ୍ଡିଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ପତାକା ତ୍ରିରଙ୍ଗାରେ ଆବୃତ୍ତ ପୂର୍ବକ ପୁଷ୍ପ ପ୍ରଦାନ କରି ସମ୍ମାନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ପୂର୍ବତନ ମେଜର ମାରାଣ୍ଡି ଆର୍ମି ଓଡିନାନ୍ସ କପର୍ସରେ କାର୍ଯ୍ୟରତ ଥିଲେ। ସମୟରେ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସୈନିକ ସଙ୍ଘ ସଭାପତି ଏଚଏଫଓ ଜନାର୍ଦ୍ଦନ ମହାନ୍ତ, ସାଧାରଣ ସମ୍ପାଦକ ସବ୍‌ମେଜର ପରମେଶ୍ୱର ମହାନ୍ତ, ଯୋଗାଯୋଗ ଓ ଏଡିଆରଏଲ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ୨୫ ଜଣ ଭେଟେରାନ ଯୋଗ ଦେଇଥିଲେ।

## ବ୍ୟାଙ୍କ ଋଣ ପାଇଁ ଗ୍ୟାରେଣ୍ଟର ହେବା ମହଙ୍ଗା ପଡ଼ିଲା

# ଘର ନିଲାମ ପାଇଁ ବ୍ୟାଙ୍କରୁ ଆସିଲା ନୋଟିସ୍

ଭୋଗରାଇ, ୧୪।୧୨ (ସମିସ)

ବିଶ୍ୱାସରେ ବିଷ ଦେଇଛନ୍ତି ସମ୍ପର୍କୀୟ। ଶିଳ୍ପପତି ହେବାର ନିଶାରେ ବ୍ୟାଙ୍କ୍ ଋଣ କରିବା ପାଇଁ ନିଜର ଜଣେ ସମ୍ପର୍କୀୟଙ୍କୁ ଜଣେ ବ୍ୟକ୍ତି ବିଶ୍ୱାସ ଜନ୍ମାଇ ବ୍ୟାଙ୍କରେ ଗ୍ୟାରେଣ୍ଟର ରଖିଥିଲେ। ମାତ୍ର ସେ ଋଣ ନ ଶୁଝିବାରୁ ସମ୍ପୃକ୍ତ ଗ୍ୟାରେଣ୍ଟର ନାମରେ ଏବେ ବ୍ୟାଙ୍କ ଘର ନିଲାମ ନୋଟିସ ଦେବାରୁ ତାଙ୍କ ପରିବାରକୁ ଦାଣ୍ଡରେ ଛିଡ଼ା କରାଇଛି। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦାରୁହା ପଞ୍ଚାୟତ ଅଧୀନ ବେଣୁଦା ଗ୍ରାମର ଇଂ ଯାଦବେନ୍ଦ୍ର ପ୍ରଧାନ ଶିଳ୍ପପତି ହେବା ନିଶାରେ ବାଲେଶ୍ୱର ଶାଖା କାନାଡ଼ା ବ୍ୟାଙ୍କ୍‌ରୁ ୨୦୧୪ ମସିହାରେ ଏକ ବଡ଼ଧରଣର ଋଣ ମଞ୍ଜୁର ପାଇଁ ଗ୍ୟାରେଣ୍ଟର ଯୋଗାଡ଼ କରିବା ପାଇଁ ମସୁଧା କରିଥିଲେ। ଏ ନେଇ ଶ୍ରୀ ପ୍ରଧାନ ତାଙ୍କ ଶଶୁର ଯୋଗେନ୍ଦ୍ର ନାଥ ପାଳଙ୍କ ଜରିଆରେ ଏହି ବ୍ଲକ ଅନ୍ତର୍ଗତ ନାଚିନ୍ଦା ପଞ୍ଚାୟତ ଖରିଦଚକ ଗ୍ରାମର ପ୍ରଭୁରାମ ଦେଙ୍କୁ ଗ୍ୟାରେଣ୍ଟର ଭାବେ ଯୋଗାଡ଼ କରିଥିଲେ। ଶ୍ରୀ ଦେ ତାଙ୍କ ନାମିତ ଘରବାଡ଼ି ୦.୧୨ ଡେସିମିଲକୁ ଆଇନଗତ ଭାବେ ବ୍ୟାଙ୍କରେ ବନ୍ଧକ ପକାଇ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଶ୍ରୀ ପ୍ରଧାନ ଋଣ ଖିଲାପ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ୟାରେଣ୍ଟର ଥିବା ପ୍ରଭୁରାମ



ଦେଙ୍କୁ ବନ୍ଧକ ଥିବା ସମ୍ପତ୍ତି ନିଲାମ କରାଯିବାର ନୋଟିସ ଆସିଛି। ଫଳରେ ତାଙ୍କୁ ବାସହରା ହେବାକୁ ପଡ଼ିବ। ବ୍ୟାଙ୍କ୍ ବକେୟା ରାଶି ୨୧ କୋଟି ୬୭ ଲକ୍ଷ ୪୬ ହଜାର ୨୪୭ ଟଙ୍କା ୫୮ ପଇସା ପରିଶୋଧ ନିମନ୍ତେ ନିଲାମ ନୋଟିସ୍ ଜାରି କରି ପୁଲିସ ସହାୟତାରେ ରହୁଥିବା ବାସଭବନରେ ଶ୍ରୀ ଦେଙ୍କ ପରିବାରକୁ ଘରୁ ବାହାର କରିବା ପାଇଁ ପହଞ୍ଚିଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ଯାହା ଏବେ ପ୍ରଭୁରାମଙ୍କ ପରିବାର ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଯେଉଁ ନିଲାମ ନୋଟିସ୍ ଖବର କାଗଜରେ ଗତ ୧୧ ଡିସେମ୍ବର ୨୦୨୫ ବ୍ୟାଙ୍କ୍ ଜରିଆରେ ପ୍ରକାଶିତ ହୋଇଛି। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ବିସ୍ମିତ ହୋଇ ପ୍ରଭୁରାମଙ୍କ ପତ୍ନୀ ମମତାରାଣୀ ଦେ କମର୍ଦ୍ଦା ଥାନାରେ ତାଙ୍କ ସ୍ୱାମୀଙ୍କୁ ଗ୍ୟାରେଣ୍ଟର ରହିବାକୁ ପ୍ରବର୍ତ୍ତାଇ ଥିବା ଶ୍ରୀ ପାଳଙ୍କ ନାମରେ କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଅଭିଯୋଗ ପତ୍ର ଗ୍ରହଣ ନ କରି ଫେରାଇ ଦେଇଥିଲେ। ଶ୍ରୀ ପାତ୍ରଙ୍କ ପତ୍ନୀ ମମତାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ କିମ୍ବା ପରିବାର ଲୋକଙ୍କ ଅନୁପସ୍ଥିତିରେ ଯୋଗେନ୍ଦ୍ର ନାଥ ପାଳ ତାଙ୍କ ୮୫ ବର୍ଷ ବୟସ୍କା ଶାଶୂ ତଥା ପ୍ରଭୁରାମଙ୍କ ମାଆ ଠାରୁ ତଞ୍ଚକତା କରି ଏକ କୋର୍ଟରୁ ଜାମିନ ଆଣିବା ନିମନ୍ତେ ଘରର କାଗଜ ପତ୍ରର ଜରୁରୀ ଆବଶ୍ୟକତା କହି ମାଗି ନେଇଥିଲେ। ଶ୍ରୀ ପାଳଙ୍କ ସହ ପ୍ରଭୁରାମଙ୍କ ଦୀର୍ଘଦିନର ସମ୍ପର୍କ ରହି ଆସିଥିବାରୁ ସେହି ବିଶ୍ୱାସରେ ସରଳତାର ସୁଯୋଗ ନେଇ ଘରବାଡ଼ି ବନ୍ଧକ ରଖିବା ସମ୍ବନ୍ଧରେ ଅଙ୍କ ଥାଇ ସେ ଦସ୍ତଖତ କରିଦେଇଥିଲେ ବୋଲି ଆଜି ଶ୍ରୀ ଦେଙ୍କ ପତ୍ନୀ ମମତା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଯଦି ଘର ବାଡ଼ି ନିଲାମ କରିନେବେ ତେବେ ପରିବାରର ୧୨ଜଣ ଲୋକେ ସମ୍ପୂର୍ଣ୍ଣ ବାସହୀନ ହୋଇ ଦାଣ୍ଡର ଭିକାରୀ ହୋଇଯିବେ। ଅପରପକ୍ଷରେ ବ୍ୟାଙ୍କରେ ହୋଇଥିବା ବନ୍ଧକରେ ତଫସିଲଭୁକ୍ତ ପ୍ଲଟ ଟି ତାଙ୍କ ବାସଗୃହ ସଂଲଗ୍ନ ଅଟେ। ମାତ୍ର ଏବେ ବ୍ୟାଙ୍କ ପକ୍ଷରୁ ବାସଗୃହ ପ୍ଲଟ ଟି ସଂପୂର୍ଣ୍ଣ ପୃଥକ୍ ହୋଇଥିଲେ ମଧ୍ୟ ବେନିୟମ ଭାବେ ପରିବାରଙ୍କୁ ଘରୁ ବିତାଡ଼ିତ କରିବାର ମସୁଧା ଚଳାଇଛନ୍ତି। ଏଥି ନିମନ୍ତେ ଯାଦବେନ୍ଦ୍ର ପ୍ରଧାନ ଆଦୌ ଧରାଛୁଆଁ ନ ଦେଇ କୁଆଡେ ଚାଲିଯାଇଛନ୍ତି। ଏକ ସପ୍ତାହ ପୂର୍ବେ ଗ୍ରାମ କମିଟି ତରଫରୁ ତଞ୍ଚକତା କରି ଗ୍ୟାରେଣ୍ଟର ପକାଇଥିବା ଶ୍ରୀ ପ୍ରଧାନଙ୍କ ଶଶୁର ଯୋଗେନ୍ଦ୍ର ପାଳଙ୍କୁ ଏହାର ସମାଧାନ ନିମନ୍ତେ ପ୍ରବଳ ଚାପ ଦେଇଥିଲେ। କିଭଳି ବ୍ୟାଙ୍କ ଋଣ ପରିଶୋଧ କରିବା ସହିତ ବନ୍ଧକ ସୂତ୍ରେ ଥିବା ତଫସିଲଭୁକ୍ତ ଘରଡ଼ିହର ମୂଳ ପଟ୍ଟା ବ୍ୟାଙ୍କ ନିକଟରୁ ମୁକୁଳାଇ ଆଣିବା ପାଇଁ ଦାବି କରାଯାଇଥିଲା। ନଚେତ୍ ସପରିବାର ଶ୍ରୀ ପାଳଙ୍କ ବାରଣ୍ଡାରେ ସମୂହ ପ୍ରାଣ ହରାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏ ବାବଦରେ ଯାଦବେନ୍ଦ୍ର ପ୍ରଧାନ କହିଛନ୍ତି ଯେ ମୋର କୋର୍ଟରେ ଏ ନେଇ ମାମଲା ଚାଲିଛି। ମାମଲାର ଫଇସଲା ପରେ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନିଷ୍ପତ୍ତି ନେବି।

## ବାଲେଶ୍ୱର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଝୁମାଇଲେ ସୁଜ୍ଞାନୀ ଓ ସୌରିନ





**ବାଲେଶ୍ୱର,୧୪।୧୨(ସମିସ):** ବାଲେଶ୍ୱର ଉତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପ୍ରାଙ୍ଗଣରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରସିଦ୍ଧ ଗାୟିକା ସୁଜ୍ଞାନୀ ମହାପାତ୍ର ଓ ଗାୟକ ସୌରିନଙ୍କ ସଂଗୀତର ତାଳେ ତାଳେ ବେଶ ଝୁମିଥିଲେ ବାଲେଶ୍ୱରିଆ। ଡ୍ୟାନ୍ସ ଗ୍ରୁପ ତରଫରୁ ପ୍ରଦର୍ଶିତ ଚିତ୍ତାକର୍ଷକ ନୃତ୍ୟ ମଧ୍ୟ ମନ ମୋହିଥିଲା। ପିଲାମାନେ ଦୋଳିରେ ଝୁଲିବା ସାଙ୍ଗକୁ ସୁଆଦିଆ ଖାଦ୍ୟର ମଜା ନେଇଥିଲେ। ଗୃହ ଉପକରଣ ଷ୍ଟଲରେ ଲାଗିଥିଲା ଗୃହିଣୀଙ୍କ ଭିଡ଼। ଆଜିର ମଞ୍ଚରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ଆଶିଷ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ। ମୁଖ୍ୟବକ୍ତା ରୂପେ ସାମ୍ବାଦିକ ଚିତ୍ତରଞ୍ଜନ ଚିରଞ୍ଜୀବ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଆଇନଜୀବୀ ବିଜୟ କୁମାର ପଣ୍ଡା, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ସୂର୍ଯ୍ୟକାନ୍ତ କର, ପାରିଷଦ ରଂଜିତା ମହାପାତ୍ର ଉପସ୍ଥିତ ଥିଲେ। ଯୁବନେତା ଭାଗବତ ସାହୁ, ଉପଦେଷ୍ଟା ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ, ପାରିଷଦ ସତ୍ୟଶିବ ସୁନ୍ଦର ଦାଶ, ମିନତୀ ସେଠି, ପାରିଷଦ ଭାରତୀ ପାତ୍ର, ଦୀପିକା ପଣ୍ଡା, ସସ୍ମିତା ଦାସ, ସନ୍ଧ୍ୟା ଭୂୟାଁ, ଆଶ୍ରିତା ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷ ତଥା ପୌର ପରିଷଦର ପୂର୍ବତନ ପାରିଷଦ ଚିତ୍ତରଞ୍ଜନ ପଣ୍ଡା ଆଜିର ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ପାରିଷଦ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତା କ୍ଷୀରୋଦ, ଟୁବୁଲି, ଆଶିଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ● ଅଷ୍ଟମ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ

# ଚତୁର୍ଥ କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡ ବିଜୟୀ

**ସୋର, ୧୪।୧୨(ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ନିମପୁର କଟକକୁ ହରାଇ ରାଇଜିଂ ସ୍ପୋର୍ଟିଂ ଝାଡଖଣ୍ଡ ବିଜୟୀ ହୋଇଛି। ଆଜିର ମ୍ୟାଚରେ ଝାଡ଼ଖଣ୍ଡ ଟସ ଜିତି ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲା। ନିମପୁର କଟକ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୯ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସ ମ୍ୟାନ ଆକାଶ ପ୍ରଧାନ ୨୦ ଟି ବଲ ଖେଳି ୩୦ ରନ ସଂଗ୍ରହ କରିଥିଲେ। ଜବାବ୍‌ରେ ଝାଡ଼ଖଣ୍ଡ ଟିମ ୧୨. ୫ ଓଭର ରେ ୨ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସ ମ୍ୟାନ ବିନୀତ ସିଂହ ୩୭ ବଲ ଖେଳି ୭୩ ରନ ଏବଂ ଅଜୟ ବାସ୍କେ ୨୩ ବଲ ଖେଳି ୪୩ ରନ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଝାଡ଼ଖଣ୍ଡ ବ୍ୟାଟ୍ସମ୍ୟାନ ବିନୀତ ସିଂହ ୩୭ ବଲରେ ୭୩ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ ବିଭାଗର ଅଧିକାରୀ ପର୍ଶୁରାମ ନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥଲେ।




ଏହି ମ୍ୟାଚକୁ ଓସିଏ ଲେଭୁଲ ଅମ୍ପାୟାର ବିଭୂପ୍ରସାଦ ଚୌଧୁରୀ ଏବଂ ସୌମେନ୍ଦ୍ର ପାତ୍ର ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି କାର୍ଯ୍ୟ ତୁଲାଇ ଥିଲେ। ଭାଷ୍ୟକର ଭାବେ ଯଦୁନାଥ ନାୟକ ଏବଂ ରସିଦ ଖାନ କାର୍ଯ୍ୟ ତୁଲାଇ ଥିଲେ।ଏହି ମ୍ୟାଚକୁ ମୁକ୍ତେଶ୍ୱର କ୍ଲବର ସଦସ୍ୟ ଯଦୁନାଥ ନାୟକ, ବିଶ୍ୱରଂଜନ ଖୁଣ୍ଟିଆ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ମୁକ୍ତିକାନ୍ତ ନାୟକ, ହରିଶ୍ଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାଶ ପ୍ରଧାନ, ଶ୍ରୀକାନ୍ତ ସାହୁ, ନିର୍ମଳ ବେହେରା, ଗଜେନ୍ଦ୍ର ମହାନ୍ତି, ସିଦ୍ଧେଶ୍ୱର ମହାନ୍ତି, ଅଜିତ ନାୟକ, ମାନସ ଜେନା, ଅମିତ ନାୟକ, ତପନ ନାୟକ ମାଧବ ନାୟକ, ଗଦାଧର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ରାଇଜିଂ କ୍ରିକେଟ କ୍ଲବ ଝାଡଖଣ୍ଡ ସହିତ ଆଲଫା ସ୍ପୋର୍ଟିଂ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହେବ।

# କାର୍‌କୁ ଧକ୍କା ଦେଇ ବାପ-ପୁଅ-ପୁତୁରା ଗୁରୁତର

**ବାରିପଦା, ୧୪।୧୨(ସମିସ):** ବାରିପଦା ସଦର ଥାନା ଅଧୀନ ରଙ୍ଗାମାଟିଆ-ଲୁଲୁଙ୍ଗ୍ ରାସ୍ତାରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣାରେ କାର୍ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ତିନିଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାରିପଦା ବେଲଗଡ଼ିଆର ଦିକ୍ଷୀତ ମୁଖି (୪୦) ଓ ତାଙ୍କ ପୁଅ ହରିଶ (୧୮) ଓ ପୁତୁରା ଦେବାଶିଷ(୨୨)। ଗୁରୁତରଙ୍କୁ ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ବାଇକରେ ଲୁଲୁଙ୍ଗରୁ ବାରିପଦା ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର୍‌କୁ ଧକ୍କା ଦେଇଥିଲେ। ବାଇକ୍‌ଟି ଭାଙ୍ଗିଯାଇଛି। ଉଭୟ ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ କରୁଛି।

# ଦୁର୍ଘଟଣାରେ ୩ ଗୁରୁତର ଆହତ

**ବୈଶିଙ୍ଗା, ୧୪।୧୨(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଜରକା ଛକ ନିକଟରେ ରବିବାର ଅପରାହ୍ନ ସମୟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବୈଶିଙ୍ଗା ଥାନା ଅଧୀନ ଭୁଡୁରୁବଣି ଗ୍ରାମର ତ୍ରିନାଥ ବେହେରାଙ୍କ ପୁଅ ଡମ୍ବୁରୁଧର ବେହେରା (୨୩) ଓ କାର୍ତ୍ତିକ ମହାକୁଡ଼ଙ୍କ ପୁଅ କୁଙ୍କୁଲ ମହାକୁଡ଼ (୨୮) ବାଇକ ଯୋଗେ ବୈଶିଙ୍ଗା ବଜାର ଯାଉଥିବା ସମୟରେ ବୈଶିଙ୍ଗା ବଜାର ପଟୁ ନିତୁଆପଦା ଗ୍ରାମର ସନାତନ ବିନ୍ଧାଣୀଙ୍କ ପୁଅ ବବୁଲୁ ବିନ୍ଧାଣୀ ଆସି ଧକ୍କା ଦେଇଥିଲେ। ଫଳରେ ସମସ୍ତ ଆରୋହୀ ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପଡ଼ି ରହିଥିଲେ। ବୈଶିଙ୍ଗା ଥାନା ଏଏସଆଇ ସୁକାନ୍ତ ନାୟକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରିବା ସହ ସ୍ଥାନୀୟ ଲୋକଙ୍କ ସହଯୋଗରେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତିନିଜଣଙ୍କୁ ବାଲେଶ୍ୱର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଉଦଳାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଉଦଳା, ୧୪।୧୨(ସମିସ):** ଉଦଳା କଚେରୀ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧକ୍ଷ ପ୍ରଦୀପ ବେହେରା ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଉଦଳା ଓ ଏସଡିଜେଏମ୍‌ଙ୍କ କୋର୍ଟରେ ଆଗତ ୩୩୧ଟି ମାମଲାରୁ ୩୨୧ଟିର ଫଇସଲା ହୋଇ ୩ ଲକ୍ଷ ୪୦ ହଜାର ୩ ଶହ ଷାଠିଏ ଟଙ୍କା ଆଦାୟ କରାଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ସୋର, ୧୪।୧୨(ସମିସ):** ସୋର ବ୍ଲକ କେଶରୀପୁର ପଞ୍ଚାୟତ ବଗଦା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଯାଇଥିବା ବେଳେ ମହିଳାଙ୍କ ବାପ ଘର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଏହି ଗ୍ରାମର ବିକାଶ ମଲିକ ପିଙ୍ଛାବଣିଆ ଗ୍ରାମର ଏକାଦଶୀ ମଲିକଙ୍କ ଝିଅ ଜୟନ୍ତୀ ମଲିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ।ଆଜି ମଧ୍ୟାହ୍ନରେ ଜୟନ୍ତୀ ଆତ୍ମହତ୍ୟା କରିଥିବା କଥା ଶଶୁର ଘର ଲୋକେ ଜୟନ୍ତୀଙ୍କ ବାପା ଘର ଲୋକଙ୍କୁ ଖବର ଦେଇଥିଲେ। ଫଳରେ ବାପା ଘର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ଜୟନ୍ତୀଙ୍କୁ ଶଶୁର ଘର ଲୋକେ ହତ୍ୟା କରିଥିବା ନେଇ ମୃତ ମହିଳାଙ୍କ ମାଆ କମଳା ମଲିକ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ବାବଦରେ କୌଣସି ଅଭିଯୋଗ ହୋଇନଥିବା ବେଳେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।

## ସୀମାନ୍ତରେ ପ୍ରବେଶ ପଥ ମୁକୁଳା

# ଲଘୁ ଖଣିଜ ଚୋରାଚାଲାଣ ସହ ବଢୁଛି ଅପରାଧିକ କାର୍ଯ୍ୟକଳାପ

**ରାଇରଙ୍ଗପୁର, ୧୪।୧୨ (ସମିସ):** ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଥିବାବେଳେ ସୀମାନ୍ତ ପ୍ରବେଶ ପଥ ମୁକୁଳା ପଡ଼ିଛି। ଫଳରେ ଲଘୁ ଖଣିଜ ଚୋରା ଚାଲାଣ ସହ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଜିଲ୍ଲାର ସମସ୍ତ ଥାନା ମଧ୍ୟରୁ ୧୪ଟି ଥାନା ଆନ୍ତଃରାଜ୍ୟ ସୀମାକୁ ଲାଗିଛି। ଏହାପରେ ମଧ୍ୟ କାର୍ଯ୍ୟକଳାପ ନିୟନ୍ତ୍ରଣ

### ସିସିଟିଭି ସ୍ଥାପନ ନେଇ ସାଂସଦଙ୍କ ଦାବି



କରାଯାଇପାରୁନାହିଁ। ସୀମାନ୍ତରେ ସ୍ଥାୟୀ ଭାବେ ୨୪ ଘଣ୍ଟିଆ ପୁଲିସ ପାଟ୍ରୋଲିଂ ମଧ୍ୟ ହେଉନାହିଁ। ଜିଲ୍ଲାର ଆନ୍ତଃରାଜ୍ୟ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲାଗି ନ ଥିବାରୁ ଚୋରି, ଡକାୟତି, ଲୁଟ, ହତ୍ୟା, ବେଆଇନ ନିଶାଦ୍ରବ୍ୟ ଓ ଲଘୁ ଖଣିଜ ଚୋରାଚାଲାଣ ହେଉଛି। ଅପରାଧ ଘଟାଇ ଅପରାଧୀ ନିମିଷକ ମଧ୍ୟରେ ସହଜରେ ସୀମାନ୍ତ ପାର ହୋଇଯିବାରେ ସକ୍ଷମ ହେଉଛନ୍ତି। ଯଦ୍ୱାରା ଅପରାଧୀଙ୍କୁ ଠାବ କରିବାରେ ପୁଲିସ ପକ୍ଷରେ ଅସମ୍ଭବ ହେଉଛି। ଜିଲ୍ଲାର ସମସ୍ତ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଇବା ଜରୁରୀ ହୋଇପଡ଼ିଛି। ସୀମାନ୍ତରେ ସିସିଟିଭି ସ୍ଥାପନ କରିବା ପାଇଁ ସାଂସଦ ନବଚରଣ ମାଝୀ ଦାବି କରିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିଟି ସନ୍ଦିଗ୍ଧ ଛକରେ ସିସିଟିଭି ସ୍ଥାପନ ପାଇଁ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି। ସୀମାନ୍ତ ପ୍ରବେଶ ପଥରେ ସିସିଟିଭି ଲାଗିଲେ ଅପରାଧ ମାତ୍ରା କମିବ।

## ଜୁଆ ଆଡ୍ଡାରେ ଚଢ଼ଉ

# ୫ ଜୁଆଡ଼ି ଗିରଫ, ଟଙ୍କା ଓ ସରଞ୍ଜାମ ଜବତ

ରାଇରଙ୍ଗପୁର/ବହଳଦା, ୧୪।୧୨ (ସମିସ)





ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଜୁଆ ଖେଳ ସକ୍ରିୟ ହୋଇଛି। ନୂଆ ବର୍ଷ ଓ ମକର ସଂକ୍ରାନ୍ତି ପୂର୍ବରୁ ବିଭିନ୍ନ ଗ୍ରାମାଞ୍ଚଳ ହାଟରେ ଜୁଆ ଟିମ୍ ସକ୍ରିୟ ରହିଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜୁଆ ଖେଳକୁ ରୋକିବା ପାଇଁ ତିରିଂ ପୁଲିସ ପକ୍ଷରୁ ଚଢ଼ଉ କରି ଗିରଫ କରିବାରେ ସଫଳତା ହୋଇଛନ୍ତି। ତିରିଂ ଥାନା ଅନ୍ତର୍ଗତ ଜରିଟାଣ୍ଡି ଗ୍ରାମରେ ତିରିଂ ଥାନା ପୁଲିସ ଟିମ୍ ଦ୍ୱାରା ଦୁଇଟି ଭିନ୍ନ ସ୍ଥାନରେ ଜୁଆ ଚଢ଼ଉ କରାଯାଇଥିଲା। ଚଢ଼ାଉ ସମୟରେ ୫ ଜଣଙ୍କୁ ଗିରଫ କରିବା ସହ ୧୨, ୦୦୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରାଯାଇଛି। ଉକ୍ତ ଘଟଣାକୁ ନେଇ ତିରିଂ ଥାନାରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି।

ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ଜୁଆଡି ଗ୍ୟାଙ୍ଗ ସକ୍ରିୟ ରହିଛନ୍ତି। ଯେଉଁଥିରେ ଜିଲ୍ଲା ଓ ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଅଞ୍ଚଳର ଲୋକେ ସାମିଲ ହେଉଛନ୍ତି। ହାରଜିତକୁ ନେଇ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ହେଉଛି। କଟକଣା ସତ୍ତ୍ୱେ ସାପ୍ତାହିକ ହାଟରେ ଖୁଲମଖୁଲା ଖେଳ ଚାଲୁଛି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି କଟଣୀ ଗ୍ରାମ ନିକଟସ୍ଥ ପଡ଼ିଆ, ବାଦାମପାହାଡ, ଭାଲୁପାହାଡି ଓ ଖେରେଣା ଅଞ୍ଚଳରେ ଜୁଆ ଖେଳ ହେଉଛି। ସେହିପରି ବୁଧବାର ଓ ଗୁରୁବାର ବଳଭଦ୍ରପୁର ଗ୍ରାମ ନିକଟସ୍ଥ ପଡ଼ିଆ ଓ ହାଟବାଦଡା, ଗୋପାଳପୁର, ଶୁକ୍ରବାର କୁସୁମୀ ଅଞ୍ଚଳର ସାତପୌଟିଆ, ଶନିବାର ଓ ରବିବାର ଚମ୍ପାଉଦା ଗ୍ରାମ ନିକଟସ୍ଥ ପଡ଼ିଆ ଓ ବିଜାତଳା ବ୍ଲକ ଅନ୍ତର୍ଗତ ବାଘିଆ ନିକଟସ୍ଥ ଏକ ସ୍ଥାନରେ କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ ହେଉଛି। ଏହାକୁ ରୋକିବା ପାଇଁ ପୁଲିସ ପକ୍ଷରୁ ନିୟମିତ ଚଢ଼ଉ କରାଯାଇ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି। ଫଳରେ ଏହାକୁ ରୋକାଯାଇପାରିବ।

# ଚାନ୍ଦପୁରରେ ଭେଷଜ ମହାବିଦ୍ୟାଳୟ ଦାବି ଜୋର୍ ଧରିଲା

ଟାଙ୍ଗୀ, ୧୪।୧୨(ସମିସ)




ଚାନ୍ଦପୁର ବସନ୍ତ ମଂଜୁରି ସାଧାରଣ ହସପିଟାଲର କଳେବର ପରିବର୍ତ୍ତନ କରାଯାଇ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ଦାବି ଜୋର ଧରିଲା। ବାରମ୍ବାର ଯଥୋଚିତ ଦାବି ପରେ ଆଜି ଏହି ଡାକ୍ତରଖାନା ପରିସରରେ ଥିବା ଶ୍ରୀରାମ ମନ୍ଦିର ମଣ୍ଡପରେ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନୁଷ୍ଠିତ ଜରୁରୀ ବୈଠକରେ ରଣପୁର, ଟାଙ୍ଗୀ ଓ ଚିଲିକା ବ୍ଲକର ଦଳମତ ନିର୍ବିଶେଷରେ ବହୁ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ଯୋଗଦେଇ ଆହ୍ୱାନ ଦେଇଛନ୍ତି।

ଦିନ ଥିଲା ଚାନ୍ଦପୁର ବସନ୍ତ ମଂଜୁରି ଯକ୍ଷ୍ମା ଚିକିତ୍ସାଳୟକୁ ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଯକ୍ଷ୍ମା ଚିକିତ୍ସାଳୟର ମାନ୍ୟତା ମିଳିଥିଲା। ଏହି ଚିକିତ୍ସାଳୟ ପ୍ରତିଷ୍ଠା ସମୟରେ ରଣପୁର ରାଜମାତା, ଓଡିଶାର ପ୍ରଥମ ସ୍ୱାସ୍ଥ୍ୟମନ୍ତ୍ରୀ ରାଣୀ ବସନ୍ତମଜଂରି ଦେବୀ ୧୧୭ ଏକର ଜାଗା ଯୋଗାଇ ଦେଇ ଥିଲେ ଯାହା ଏବେ ମଧ୍ୟ ବଳବତ୍ତର ରହିଛି। ଆବଶ୍ୟକୀୟ ଭିତ୍ତିଭୂମି ଥିବାରୁ ଏହି ଚିକିତ୍ସାଳୟକୁ ଭେଷଜ ମହାବିଦ୍ୟାଳୟ ର ମାନ୍ୟତା ଦାବି ଜୋର ଧରିଛି। କଟକ ଓ ବ୍ରହ୍ମପୁର ଦୁଇଶହ କିଲୋମିଟର ମଧ୍ୟ ସ୍ଥଳରେ ଚାନ୍ଦପୁର,୧୬ ନମ୍ବର ଜାତୀୟ ରାଜପଥ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବା ଚାନ୍ଦପୁର ପାରିପାର୍ଶ୍ୱର୍କ, ଆବଶ୍ୟକୀୟ ଭିତ୍ତିଭୂମି ଏପରିକି ଟାଙ୍ଗୀ, ରଣପୁର, ଚିଲିକା ତିନୋଟି ବ୍ଲକର ୬୭ ଟି ପଞ୍ଚାୟତ ସମେତ କଣାସ ବ୍ଲକର ବିଭିନ୍ନ ପଞ୍ଚାୟତ ମଧ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷରେ ନିର୍ଭର କରନ୍ତି। ଦୀର୍ଘ ବର୍ଷର ସ୍ୱପ୍ନ କେବେ ସାକାର ହେବ ଏହା ନେଇ ଆଜି ଅନୁଷ୍ଠିତ ବୈଠକରେ କର ଅବା ମର ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଆବଶ୍ୟକ ସ୍ଥଳେ ହକ୍‌କୁ ନେଇ ଅଦାଲତ ପର୍ଯ୍ୟନ୍ତ ଯିବାକୁ ପଛାଇବୁ ନାହିଁ ,ଆବଶ୍ୟକ ପଡିଲେ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଯିବାକୁ ପ୍ରସ୍ତୁତ ବୋଲି ମତପ୍ରକାଶ ପାଇଥିଲା। କ୍ରିୟାନୁଷ୍ଠାନ କମିଟି ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ସମାଜସେବୀ ବିଜୟ ମହାପାତ୍ର, ପୂର୍ବତନ ସରପଞ୍ଚ ଅରୁଣ ରଂଜନ ସୁବୁଦ୍ଧି, ଧନେଶ୍ୱର ଅଗ୍ରୱାଲା, ସମାଜସେବୀ ମନୋଜ ଦାସ, ବିପିନ ବିହାରୀ ନାୟକ, ପୂର୍ବତନ ସରପଞ୍ଚ ବିଜୟ କୁମାର ପ୍ରଧାନ, ରଣପୁର ଓକିଲ ସଂଘ ସଭାପତି ଶତ୍ରୁଘ୍ନ ପାଇକରାୟ, ସମାଜସେବୀ ଦୀପକ ସେନାପତି ପ୍ରମୁଖ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସମେତ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ଦାସ, ବରିଷ୍ଠ ଆଡଭୋକେଟ ଦିଲ୍ଲୀପ କୁମାର ନନ୍ଦ, ରଣପୁର ସାମ୍ବାଦିକ ସଂଘ ସଭାପତି ସୁକାନ୍ତ ପଟ୍ଟନାୟକ, ସୁକାନ୍ତ ସାହୁ, ସୁଦର୍ଶନ ମାନସିଂହ, ସାମ୍ବାଦିକ ବ୍ରଜ ରଣସିଂହ, ରାଜିବ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ବିଜୟ କେତନ ସାହୁ, ପୂର୍ବତନ ଜିଲ୍ଲାପରିଷଦ ଗଂଗାଧର ପ୍ରଧାନ, ତ୍ରିନାଥ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ଦଶଦୋଳ କମିଟିର ସଭାପତି ନଥୁମଲ୍ଲ ମହାରାଜୀ, ସ୍ୱର୍ଣ୍ଣ ପ୍ରକାଶ ରାଉତ, ପ୍ରଭାକର ବିଶ୍ୱାଳ, ତ୍ରିଲୋଚନ ସାହୁ, ଅଙ୍କଲ ସିଂ, ସୁଶାନ୍ତ କୁମାର ସିଂ, ଲିଙ୍ଗରାଜ ରଥ, ସଂଗ୍ରାମ ମାର୍ଥା, ସୁରେଶ ପ୍ରଧାନ, ଟାଙ୍ଗୀ ସାମ୍ବାଦିକ ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ରଜନୀକାନ୍ତ ମିଶ୍ରଙ୍କ ସମେତ ଟାଙ୍ଗୀ, ରଣପୁର ଚିଲିକା ବ୍ଲକର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଗୋଡ଼ିପଡ଼ା ଟୋଲପ୍ଲାଜାରେ ସଡ଼କ ସୁରକ୍ଷା ସଚେତନତା



ନିରାକାରପୁର, ୧୪।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡା ପ୍ଲାଜାରେ ଦୁଇ ଦିନ ଧରି ଏକ ସଡ଼କ ସୁରକ୍ଷା ସଚେତନତା ଓ ଯାନବାହାନ ପଛ ପଟେ ରେଟ୍ରୋ ରିଫ୍ଲେକ୍ଟିଭ ଫିତା ଲଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କାଲାର୍କ ଇନଫ୍ରା ଇଞ୍ଜିନିୟର ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଟୋଲ ପ୍ଲାଜା ଦେଇ ଅତିକ୍ରମ କରୁଥିବା ଯାନବାହାନ ଚାଳକ ଓ ଯାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇ ଗାଡି ପଛ ପାଖରେ ରେଟ୍ରୋ ରିଫ୍ଲେକ୍ଟିଭ ଫିତା ଲଗାଇଥିଲେ। ଏହାଫଳରେ ଗାଡି ପଛରୁ ଆସୁଥିବା ଗାଡ଼ିର ଲାଇଟ୍ ପଡ଼ିଲେ ଆଗରେ କେତେ ଦୂରରେ ଅନ୍ୟ ଗାଡି ଯାଉଛି ତାହା ସହଜରେ ଜଣାପଡ଼ିବ। ଯାହାଦ୍ୱାରା ଦୁର୍ଘଟଣା କମାଇବା ସମ୍ଭବ ହୋଇପାରିବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀ ମ୍ୟାନେଜର ଦୀପକ କୁମାର ଓ ମାନବ ସମ୍ବଳ ଅଧିକାରୀ ଅମନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଜେଲ

ବାଲୁଗାଁ,୧୪।୧୨(ସମିସ) : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଜରିପଡା ଗ୍ରାମର ଅଭିଯୁକ୍ତ ସାଗର ବେହେରାଙ୍କୁ ଜେଲ ଦଣ୍ଡାଦେଶ ସହ ଜରିମାନା ଆଦାୟ ଶୁଣାଣି କରିଛନ୍ତି। ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡା ଜଗନ୍ନାଥପୁର ଗ୍ରାମର ସାଧୁ ବେହେରା ଗତ ମେ ମାସ ୨୧ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଚିଲିକା କୂଳରୁ ଘରକୁ ଫେରୁଥିବା ସମୟରେ ହଠାତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାଗ ରଖିଥିବା ଉକ୍ତ ଗ୍ରାମର ସାଗର ବେହେରା ଅନ୍ୟ ୩ ଜଣ ସହଯୋଗୀଙ୍କ ସହ ମିଶି ସାଧୁଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇ ପଡିଥିବା ସାଧୁଙ୍କୁ ପ୍ରଥମେ ଟାଙ୍ଗୀ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏନେଇ ଟାଙ୍ଗୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଏହି ମାମଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଉକ୍ତ ମାମଲା ବିଚାରଧୀନ ଥିବା ବେଳେ ବର୍ତ୍ତମାନ ମାଜିଷ୍ଟ୍ରେଟ ଦଳେଇ ଉକ୍ତ ମାମଲାର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ସାଗରକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରିଛନ୍ତି। ଅଭିଯୁକ୍ତ ସାଗର ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୧୫(୨) ଅନୁଯାୟୀ ୬ ମାସ ଜେଲ ଦଣ୍ଡାଦେଶ, ଧାରା ୧୧୭(୨) ରେ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜୋରିମାନା ଆଦାୟ ଲାଗି ଶୁଣାଣି କରିଛନ୍ତି ବିଚାରପତି। ଜରିମାନା ଅନାଦେୟ ବାବଦକୁ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡିବା ସହ ସବୁ ଦଣ୍ଡ ଗୁଡିକ ଏକ କାଳୀନ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ତତସହିତ ଜରିମାନା ଅର୍ଥରୁ ନଗଦ ୨୦ ହଜାର ଟଙ୍କା କ୍ଷତି ପୂରଣ ବାବଦରେ ଅଭିଯୋଗକାରୀଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଦୀପ୍ତ ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ଏହି ମାମଲା ପରିଚାଳନା କରିଥିଲେ।

## ଭାରତ ଭୂଷଣ ଜଗଦେବଙ୍କୁ ଜ୍ୟୋତିଷ ବିଶିଷ୍ଟ ସମ୍ମାନ

ଟାଙ୍ଗୀ,୧୪।୧୨(ସମିସ): ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଜ୍ୟୋତିର୍ବିଦ ଡ. ଭାରତ ଭୂଷଣ ଜଗଦେବଙ୍କୁ ପୁରୀରେ ଆନ୍ତର୍ଜାତିକ ବେଦିକ ଆଷ୍ଟ୍ରୋଲଜି ଫେଡ଼ରେସନ ତରଫରୁ ଆୟୋଜିତ ଏକ ସମ୍ମିଳନୀରେ ଜ୍ୟୋତିଷ ବିଶିଷ୍ଟ ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ ଭାରତୀୟ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବାସ୍ତୁବିତ ମନୋଜ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ଶ୍ରୀ ଜଗଦେବ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀର ସ୍ୱର୍ଗତ ବେଣୁଧର ଜଗଦେବଙ୍କ ପୁତ୍ର।

## ପୋଡ଼ାଡିହ କ୍ଲଷ୍ଟର ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ



ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀ ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡସ୍ଥିତ ମଧୁର ଜଳର ହ୍ରଦ ଅଂଶୁପାର ପ୍ରକୃତି ଉଦ୍ୟାନ ପରିସରରେ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କ୍ଲଷ୍ଟରର ସଂଯୋଜକ ଦାଶରଥି ପ୍ରଧାନଙ୍କ ଆବାହକତ୍ୱରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ କନିଷ୍ଠ ସହାୟକ ବିରଂଚି ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକନେତା ରବୀନ୍ଦ୍ର କୁମାର ସାହୁ, ଶିକ୍ଷକ ସୁରେଶ ଚନ୍ଦ୍ର ସେଠ, ରବୀନ୍ଦ୍ର ମହାପାତ୍ର, ବଟକୃଷ୍ଣ ମଲ୍ଲିକ, ରାଜେଶ ମହାରଣା ନୀଳମଣି ପ୍ରଧାନ, ପଠାଣୀ ସାହୁ, ସମୀର ଚିନରା, ସନ୍ତୋଷ ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ର, ରେଣୁବାଳା ମିଶ୍ର, ସଂଯୁକ୍ତା ପଣ୍ଡା ଓ ସ୍ନେହଲତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## କୁରାଢ଼ମଲ୍ଲ କ୍ରିକେଟ: ସୁଆଙ୍ଗ ଦଳ ଚାମ୍ପିଅନ



ଖୋର୍ଦ୍ଧା,୧୪।୧୨(ସମିସ): ଖୋର୍ଦ୍ଧା ବ୍ଲକ୍ ଅଧୀନସ୍ଥ କୁରାଢମଲ୍ଲ ଠାରେ ଚାଲିଥିବା ରିତା ଟିକିନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚ୍ ସୁଆଙ୍ଗ (ଭୁବନେଶ୍ୱର) ଓ ପାନବରଜ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଇଥିଲା। ପ୍ରଥମେ ପାନବରଜ ଦଳ ବ୍ୟାଟିଂ କରି ୧୨ ଓଭର ଖେଳି ୩ ୱିକେଟ ହରାଇ ୧୬୩ ରନ୍ କରିଥିଲା।ଦଳ ପକ୍ଷରୁ ଜୟଦ୍ୱୀପ ପଟ୍ଟନାୟକ ୩୨ ବଲରୁ ୭୩ ରନ କରିଥିଲେ। ଜବାବରେ ସୁଆଙ୍ଗ (ଭୁବନେଶ୍ୱର)ଦଳ ବ୍ୟାଟିଂ କରି ୧୧ ଓଭର ୪ ୱିକେଟ ବିନିମୟରେ ୧୬୬ ରନ୍ କରିଥିଲା।ଦଳ ପକ୍ଷରୁ ଆଶୁତୋଷ ଦାସ ୧୮ ବଲରୁ ୫୩ ରନ କରି ଦଳକୁ ବିଜୟୀ କରାଇଥିଲେ ଏବଂ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି କର୍ଣ୍ଣ ଦ୍ୱୀପ ପଟ୍ଟନାୟକ। ଖେଳକୁ ଝଜ ସାମନ୍ତରାୟ ଓ କମଳ ଜଗଦ୍ଦେବ ପରିଚାଳନା କରିଥିବାବେଳେ ସ୍କୋରର ଜ୍ୟୋତିର୍ମୟୀ ପଟ୍ଟନାୟକ ଓ ଭାଷ୍ୟକାର ଶଶୀଭୂଷଣ ସିଂହ ରହିଥିଲେ। ଆଜିର ଫାଇନାଲ ମ୍ୟଚ୍‌ରେ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ପୂବତନ ସରପଂଚ ପ୍ରସନ୍ନ କୁମାର ସାମନ୍ତରାୟ, କୃପାସିନ୍ଧୁ ରାଉତ, ଅବିର ପରିଡ଼ା, ପ୍ରେମାନନ୍ଦ କାଳିଆ, ବୈକୁଣ୍ଠ ସାମନ୍ତରାୟ, ଗୋପିନାଥ ମାର୍ଥା ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମର ସ୍ୱର୍ଗତ ଉଦ୍ୟନାଥ ମହାପାତ୍ରଙ୍କ ପତ୍ନୀ ମାଣିକ (୮୧)ଙ୍କ ପରଲୋକ ଘଟିଛି। ସ୍ୱର୍ଗତା ସ୍ଥାନୀୟ ରମାମଣୀ ମହାବିଦ୍ୟାଳୟ ନିର୍ମାଣ ସମୟରେ ସହାୟତା ନିମିତ୍ତ ଗହଣା ବନ୍ଧକ ରଖି ଅର୍ଥ ଯୋଗାଇ ଦେଇଥିଲେ। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରରେ ପୁତ୍ର ପଦ୍ମ ଚରଣ,କିଶୋର ଓ ଜବାହର ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

## ସେମିରେ ଜ୍ୟାକବ୍ କ୍ରିକେଟ କ୍ଲବ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମରେ ରେନ୍ ବୋ କ୍ରିକେଟ କ୍ଲବ ପକ୍ଷରୁ ୩୧ ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଚୌଦ୍ୱାର ଜ୍ୟାକବ କ୍ରିକେଟ କ୍ଲବ ଓ ପତନିବର୍ ରେନବୋ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଜ୍ୟାକବ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ ପତନିବର ରେନବୋ କ୍ରିକେଟ କ୍ଲବ ୧୩୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଜ୍ୟାକବ କ୍ରିକେଟ କ୍ଲବର ସ୍ମୃତି ରଞ୍ଜନ ସ୍ୱାଇଁ ୩୦ ବଲରେ ୮୩ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଅମ୍ପାୟାର ଭାବେ ଭାଗିରଥି ବେହେରା ଓ ମନୋଜ ପାଇକରାୟ ଖେଳ ପରିଚାଳନା କରିଥିବା ବେଳେ ସୁଶିଲ କୁମାର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

## ବ୍ରହ୍ମ ଚେତନା ପରିଷଦର ସେବା କାର୍ଯ୍ୟକ୍ରମ



ନିରାକାରପୁର, ୧୪।୧୨ (ସମିସ): ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମ ଚେତନା ପରିଷଦ ଆନୁକୂଲ୍ୟରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନୃସିଂହ ନାଥ ପୀଠ କାୟାଠାରେ ମନ୍ଦିର ବେଢା ଚାରିପଟେ ଆମ୍ବ, ବଉଳ ଓ ନିମ୍ବ ଆଦି ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯିବା ସହିତ ନିକଟସ୍ଥ ପୁଷ୍କରିଣୀରୁ ବିଲାତି ଦଳ ସଫା କରାଯାଇଥିଲା। ପରିଷଦର ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ନିକଟସ୍ଥ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ୫୦ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ପରିଷଦର କୋଷାଧ୍ୟକ୍ଷ ହୃଷିକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, ସଭ୍ୟ ଲଳିତ ମୋହନ ଗୁମାନସିଂହ, ଜନ୍ମେଞ୍ଜୟ, ସୁମିତ୍ରା ଗୁମାନସିଂହ ଓ ସଭ୍ୟ ଅଭିମନ୍ୟୁ ମାର୍ଥା, ମନୋଜ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ୨୫ରେ ତ୍ରିଧାରା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମ ସ୍ଥିତ ତୃପ୍ତି କଲ୍ୟାଣ ମଣ୍ଡପ ପରିସରରେ ତ୍ରିଧାରା ସାଂସ୍କୃତିକ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବଟି ଚଳିତ ମାସ ୨୫ ରିଖରେ ଆୟୋଜନ ହୋଇଛି। ଏଥିରେ ବିଭିନ୍ନ ଅଞ୍ଚଳର କବି/କବୟିତ୍ରୀ ସ୍ୱରଚିତ କବିତା ପାଠ ଓ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

## ୩ ବର୍ଷରୁ ଅଧିକ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ହେବ ବଦଳି

ନିରାକାରପୁର, ୧୪।୧୨ (ସମିସ): ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ହେବ ବଦଳି। ଏ ବାବଦରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆଦେଶ ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଏହି ବିଭାଗରେ ଅଧିକାରୀମାନେ ସରକାରଙ୍କ ନିୟମ ଫୁ କରି ରାଜନୀତିକ ଲୋକଙ୍କୁ ହାତ କରି ଗାଦି ମାଡ଼ି ବସୁଥିଲେ। ଅନେକ କର୍ମଚାରୀ ୩ ବର୍ଷରୁ ଅଧିକ ହେଲେ ମଧ୍ୟ କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରେ ଏବେ ଭାଳେଣି ପଡ଼ିଲାଣି।

## ବିପୁଳ ମଦ ଜବତ, ମହିଳା ଗିରଫ



ବାଲୁଗାଁ,୧୪।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରିକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ରବିବାର ସକାଳେ ଖୋର୍ଦ୍ଧା, ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ସହ ବାଣପୁର ପୁଲିସ ଟିମ ମିଳିତ ଭାବେ ବାଣପୁର ଥାନା ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମାଳ କଟୁଆଳ ଗ୍ରାମ ପାଶ୍ୱର୍ ଜଙ୍ଗଲ ଅଞ୍ଚଳର ଦେଶୀ ମଦ ଭାଟି ଉପରେ ଚଢ଼ାଉ କରିଥିଲେ। ବିପୁଳ ପରିମାଣରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯିବା ପାଇଁ ବେଆଇନ ଭାବେ ରଖାଯାଇଥିବା ୨୧ହଜାର ୨ଶହ କେଜି ମହୁଲି ପୋଚ ସହ ୪୭୬୦ ଲିଟର ଦେଶୀ ମହୁଲି ମଦ ଜବତ କରିଥିବା ବେଳେ ଏଥିରେ ସଂପୃକ୍ତ ଜଣେ ମହିଳା ମଦ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫ ମହିଳା ମଦ ବେପାରୀ ଜଣକ ହେଲେ କଟୁଆଳ ଗ୍ରାମର ଡୋମି ଶବର (୪୮) ବୋଲି ଜଣା ପଡିଛି। ଉକ୍ତ ଚଢ଼ାଉ ମୋବାଇଲ ଟିମ ଅଧିକାରୀ ସୁଜିତ ନାଗ, ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ବାରିକ, ବାଲୁଗାଁ ଅବକାରୀ ଏସଆଇ ମିନକେତନ ମହାଲିକ, ଶମ୍ଭୁନାଥ ପାତ୍ର, ସଂଜୟ ରାଉତ, ସିପାହୀ ଅନିଲ ପ୍ରଧାନ, ମନୋଜ ଜୟସି. ଅଶେଷ ପ୍ରଧାନ, ରଂଜିତ ପଟେଲ, ସୁନିତା ମହାରଣା% ଶସ୍ମିତା ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ରକ୍ତଦାନ ଶିବିର: ୧୦୪ ୟୁନିଟ ସଂଗୃହୀତ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତିତପାବନ ଯୁବକ ସଂଘ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରୁ ମୋଟ ୧୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏଥିରେ ଡ଼ାକ୍ତର ମଧୁ ସୂଦନ ସୁବୁଦ୍ଧି, ଓଡ଼ିଶା ରକ୍ତ ଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟର କାଉନସେଲର ଲକ୍ଷ୍ମୀପ୍ରିୟା ପ୍ରଧାନ, ଲାବଟେକନିସିଆନ ଅରୁଣ ସାହୁ ଓ ଷ୍ଟାଫନର୍ସ ଝାନସୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ନୂଆସାହି ସ୍ଥିତ ଜଗନ୍ନାଥ ମନ୍ଦିର କମିଟିର ସଭାପତି ଦିନବନ୍ଧୁ ଦାଶ, ସମ୍ପାଦକ ଭାଗିରଥି ପରିଡ଼ା, ଯୁବକ ସଂଘ ଉପଦେଷ୍ଟା ଦିବାକର ସାହୁ, ସଭାପତି ରଶ୍ମି ଚାନ୍ଦ କର, ଉପସଭାପତି ବିଶ୍ୱ ରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ଓ ରବି ନାରାୟଣ ଦଳେଇ ଉପସ୍ଥିତ ଥିଲେ।

## ବିଜେବି ଉଚ୍ଚ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ଦିବସ




ଖୋର୍ଦ୍ଧା,୧୪।୧୨(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଏନସିସି, ସ୍କାଉଟ ଆଦି ପିଲାମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଯୋଗଦେଇ ଆଜିର ସମୟରେ କିପରି ବହୁ ପରିମାଣରେ ଶକ୍ତିର ଅପଚୟ ହେଉଛି ଏବଂ କିପରି ଏହାର ସଂରକ୍ଷଣ କରାଯାଇ ପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଭୁ ପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ ଓ ଶ୍ରୀରାମ ଭୂୟାଁ ଏହି ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହା ବ୍ୟତୀତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ବିଦ୍ୟାଳୟର ଛାତ୍ର ସିଦ୍ଧି ଶେଖର ଛୋଟରାୟ ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ତ୍ରିପାଠୀ ଖୋର୍ଦ୍ଧା ଜିଲ୍ଲା ତରଫରୁ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ମଡେଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତାଙ୍କର ମଡେଲଟି ବିଚାରକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଶକ୍ତି ସଂରକ୍ଷଣ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ବିଭିନ୍ନ କ୍ଲଷ୍ଟରରେ ଶିକ୍ଷା ସଚେତନତା ସଭା

ଖୋର୍ଦ୍ଧା,୧୪।୧୨(ସମିସ)



କୌଣସି କାରଣ ବଶତଃ ବିଦ୍ୟାଳୟକୁ ଯାଇପାରୁ ନଥିବା ପିଲାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡିବା ପାଇଁ ଜନ୍ମ ରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କର ଘର ଘର ବୁଲି ଏକ ସର୍ବେକ୍ଷଣ କରାଯାଇଛି। ଏହାକୁ ଆଧାର କରି ରାଜ୍ୟସ୍ତରୀୟ ଅଭିଯାନ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାବେଳେ ଏହି ଅଭିଯାନ ମାଧ୍ୟମରେ ୫+ ରୁ ୧୮ ବର୍ଷ ବୟସରେ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷା ର ମୁଖ୍ୟସ୍ରୋତରେ ସାମିଲି କରିବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ ଏହି ଅଭିଯାନ ମାଧ୍ୟମରେ ସେମାନଙ୍କୁ ଗୁଣାତ୍ମକ, ଅନ୍ତର୍ନିର୍ବେଶୀ ଏବଂ ଆନନ୍ଦଦାୟକ ଶିକ୍ଷା ସୁନିଶ୍ଚିତ କରିବା, ବିଦ୍ୟାଳୟରେ ୧୦୦% ନାମ ଲେଖା ସୁନିଶ୍ଚିତ କରିବା ନେଇ ଲକ୍ଷ୍ୟ ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ବିଭିନ୍ନ କ୍ଲଷ୍ଟରରେ ଶିକ୍ଷା ସଚେତନତା ସଭା କରାଯାଇ ଅଭିଭାବକମାନଙ୍କୁ ସଚେତନତା କରାଯାଉଛି।

ଏହି କ୍ରମରେ ନରଣଗଡ଼ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଗନ୍ନାଥପୁର ହାଡ଼ପଦା ଠାରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି ପ୍ରଭାତୀ ମାର୍ଥାଙ୍କ ସଭାପତିତ୍ୱରେ ମୁଖ୍ୟ ସଂଯୋଜକ ଭାବରେ ସିଆରସିସି ରାଜୀବ ଚରଣ ମହାପାତ୍ର ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଦାସ ଯୋଗଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ମହତ୍ୱ ବିଷୟରେ ଆଲୋଚନା କରିଥିଲେ। କ୍ଲଷ୍ଟର ୧୦ଟି ବିଦ୍ୟାଳୟରୁ ଆସିଥିବା ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଫଂଚସଖା ଶିକ୍ଷା ସେତୁର ସଭ୍ୟସଭ୍ୟା, ବୁଦ୍ଧିଜୀବୀ ପିତାମାତା ଓ ଅଭିଭାବକ ଯୋଗଦେଇଥିଲେ।

ସେହିପରି ଫରେଷ୍ଟ କଲୋନୀ କ୍ଲଷ୍ଟରର ଭାଲିଆବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସିଆରସିସି ରେବତୀ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସବିତାରାଣୀ ଛୁଆଳସିଂହଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସ୍ମିତା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବରେ ବଦ୍ରୀ ନାରାୟଣ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ପଲ୍ଲାର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ମହାକୁଡ଼ ଯୋଗଦେଇଥିଲେ।

## ଅବ୍ୟବସ୍ଥାରେ ଆସିକା ସରକାରୀ ବସ୍‌ଷ୍ଟାଣ୍ଡ

# ଶୌଚାଳୟ ଓ ପ୍ରତୀକ୍ଷାଳୟ ନିର୍ମାଣ ପରେ ଝୁଲୁଛି ତାଲା

ଆସିକା, ୧୪।୧୨(ସମିସ)



୭୦ ବର୍ଷର ପୁରାତନ ଆସିକା ଓଏସ୍ଆରଟିସି ବସଷ୍ଟାଣ୍ଡ। ଏହି ବସଷ୍ଟାଣ୍ଡରେ ଯାତ୍ରୀଙ୍କ କଷ୍ଟ ଶେଷ ହେବାର ନା ନେଉନି। ଆସିକା ସହରରୁ କଟକ, ଭୁବନେଶ୍ୱର, ପୁରୀ, ଜୟପୁର, ମାଲକାନଗିରି, ବାଲିମେଲା, ଭବାନୀପାଟଣା, ଝାରସୁଗୁଡା, ରାଉରକେଲା, ସହିତ ରାଜ୍ୟ ଏବଂ ରାଜ୍ୟ ବାହାରେ ସୀମାଞ୍ଚଳମ ଆଦି ଅଞ୍ଚଳକୁ ଦୈନିକ ୫୦ରୁ ଅଧିକ ବସ ଯାତାୟାତ କରୁଛି। ଏହା ସହିତ ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ୧୦ରୁ ଅଧିକ ବସ୍ ଯାତାୟାତ କରୁଛି। ପ୍ରତିଦିନ ପ୍ରାୟ ଏକ ହଜାରରୁ ଅଧିକ ପୁରୁଷ ଓ ମହିଳା ଯାତ୍ରୀ ଏହି ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରନ୍ତି। କିନ୍ତୁ ପରିତାପର ବିଷୟ ଦୈନିକ ହଜାର ହଜାର ଟଙ୍କା ଆଦାୟ କରୁଥିବା ଏହି ବସଷ୍ଟାଣ୍ଡରେ ଲୋକଙ୍କ ମୌଳିକ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଦୀର୍ଘ ବର୍ଷର ଦାବି ପରେ ଗତ କିଛିବର୍ଷ ପୂର୍ବେ ଦୟନୀୟ ସ୍ଥିତିରେ ଥିବା ବସ୍‌ଷ୍ଟାଣ୍ଡର ନିର୍ମାଣ ପ୍ରାୟ ତିନି କୋଟି ଟଙ୍କା ବ୍ୟୟରେ ଶେଷ ହୋଇ ୨୦୨୪ ମାର୍ଚ୍ଚରେ ଉଦ୍‌ଘାଟିତ ହୋଇଥିଲା। ବସଷ୍ଟାଣ୍ଡ ମଧ୍ୟରେ ଶୌଚାଳୟ, ପ୍ରତୀକ୍ଷା ସ୍ଥାନ, ଦୋକାନ ଜଳ ଯୋଗାଣ ସୁବିଧାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଇତି ମଧ୍ୟରେ ୨୦ ମାସ ବିତି ଯାଇଥିଲେ ମଧ୍ୟ ଯାତ୍ରୀଙ୍କ ବ୍ୟବହାରେ ଆସୁନି ନୂତନ କୋଠା। ଶୌଚାଳୟ ଓ ପ୍ରତୀକ୍ଷାଳୟରେ ତାଲା ଝୁଲୁଥିବା ବେଳେ ଯାତ୍ରୀ ଗଛ ତଳେ ଖରା ବର୍ଷାରେ ବସକୁ ଅପେକ୍ଷା କରୁଛନ୍ତି। ସ୍ଥିତି ଏଭଳି ମହିଳା ଯାତ୍ରୀ ଓ ଶିଶୁଙ୍କ କ୍ଷେତ୍ରରେ କଷ୍ଟ ଅଧିକ ବଢ଼ିଯାଉଛି। ଉଦଘାଟନ ପରେ ଯାତ୍ରୀଙ୍କ ସେବାରେ ନ ଲଗାଇ ତାଲା ଝୁଲାଇ ରଖିବା ପଛରେ କାହାର ସ୍ୱାର୍ଥ ରହିଛି ତାହା ପ୍ରଶ୍ନବାଚୀ। ଅନ୍ୟ ପକ୍ଷରେ ଏହି ବସଷ୍ଟାଣ୍ଡ ମଧ୍ୟରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହୁଥିବା ବେଳେ ଏଥି ପ୍ରତି ମଧ୍ୟ କାହାର ନିଘା ନାହିଁ। ଯାତ୍ରୀ ଦୁର୍ଗନ୍ଧମୟ ପରିବେଶରେ ରହିବାକୁ ବାଧ୍ୟ ହେଉଛନ୍ତି। ଶୌଚାଳୟ ନଥିବାରୁ ମହିଳା ଯାତ୍ରୀ ଓ କଲେଜ ପଢ଼ୁଆ ଝିଅଙ୍କ କଷ୍ଟ ବଢ଼ିଯାଇଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗ୍ରାମ୍ୟ ମହୋତ୍ସବ ଉଦ୍‌ଯାପିତ

ହିଞ୍ଜିଳିକାଟୁ, ୧୪।୧୨(ସମିସ): ପଲ୍ଲୀ ବିକାଶ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଆୟୋଜିତ ଗ୍ରାମ୍ୟ ମହୋତ୍ସବର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସଂଗଠକ ସୀତାରାମ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। କିରଣ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମାରୋହ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡ ଅରବିନ୍ଦ ପଣ୍ଡା, ଅବସରପ୍ରାପ୍ତ ପ୍ରାଧାପକ ତାରାତାରିଣୀ ମହାବିଦ୍ୟାଳୟ, ପୁରୁଷୋତ୍ତମପୁର, ମୁଖ୍ୟବକ୍ତା ଭାବେ ଡ ଅନିଲ କୁମାର ମିଶ୍ର ଅବସରପ୍ରାପ୍ତ ପ୍ରାଧାପକ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବପ୍ରାନ୍ତ କାର୍ଯ୍ୟବହ ସମ୍ମାନିତ ଅତିଥି ଭାବେ ଇ. ମନୋଜ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ, ପାରଳାଖେମୁଣ୍ଡି ଯୋଗଦେଇଥିଲେ। ଶିବମ ଗୌଡ଼ଙ୍କ ଦ୍ୱାରା ଅମୃତ ବଚନ, ସୂର୍ଯ୍ୟକାନ୍ତ ବେହେରା ଦ୍ୱାରା ବ୍ୟକ୍ତିଗତ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ଅଞ୍ଚଳର ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଚିନ୍ମୟ ଗୌଡ଼ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜନାର୍ଦ୍ଦନ ପାଢ଼ୀ ଅତିଥି ପରିଚୟ ରଖିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତାପ କୁମାର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା କିରଣ କୁମାର ପାଢ଼ୀ, ଅରୁଣ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଆଲୋକ କୁମାର ନାୟକ, ବିଚିତ୍ର କୁମାର ପଣ୍ଡା, ସଂଯୋଜକ ଚିନ୍ତାମଣି ବେହେରା, ରଞ୍ଜନ କୁମାର ପାଣିଗ୍ରାହୀ, ଆଶିଷ କୁମାର ପଣ୍ଡା, ହରିବନ୍ଧୁ ନାୟକ, ନୀଳାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ଶ୍ରୀସୁନ୍ଦରେଶ୍ୱର ମନ୍ଦିର ପରିଚାଳନା କମିଟି ଗଠିତ

ଛତ୍ରପୁର, ୧୪।୧୨(ସମିସ): ଛତ୍ରପୁର ବ୍ଲକର ସୁନ୍ଦରପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀସୁନ୍ଦରେଶ୍ୱର ମନ୍ଦିର ପରିଚାଳନା ଓ ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ଗଠନ ହୋଇଯାଇଛି। ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗ୍ରାମବାସୀ ଯୋଗଦେଇ ମନ୍ଦିର ସୁରକ୍ଷା, ବିକାଶ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା ଓ ଉନ୍ନୟନ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ କୃଷ୍ଣଚନ୍ଦ୍ର ନାହାକଙ୍କୁ ଚୟନ କରାଯାଇଛି। ସେହିପରି ସମ୍ପାଦକ ମାଧବ ମଣ୍ଡଳ, ଉପସଭାପତି ବଳରାମ ମୁଦୁଲି, କୋଷାଧ୍ୟକ୍ଷ ବିଟୁ ମହାଙ୍କୁଡ ଓ ସହ ସମ୍ପାଦକ ଅନାଦି ନାହାକଙ୍କୁ ଚୟନ କରାଯାଇଥିଲା। ଏହା ସହିତ ଉପଦେଷ୍ଟା ଭାବେ ସୁବାସ ପୁରୋହିତ, ଅଭିରାମ ମଣ୍ଡଳ, ପଦ୍ମଚରଣ ମଣ୍ଡଳ ଓ ଦେବରାଜ ମହାଙ୍କୁଡ, ଆଇନ ପରାମର୍ଶଦାତା ଭାବେ ସଞ୍ଜୟ କୁମାର ବେହେରା ଏବଂ ୧୬ ଜଣିଆ କୋର କମିଟି ମଧ୍ୟ ଚୟନ କରାଯାଇଥିଲା। ଆସନ୍ତା ମହାଶିବରାତ୍ରି ଅବସରରେ ମନ୍ଦିରର ପରିଚାଳନା ଓ ଉନ୍ନୟନ ବିଷୟରେ ଏହି କମିଟିକୁ ଦାୟିତ୍ୱ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ସରପଞ୍ଚ ଶ୍ରୀ ବେହେରା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।



# ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ଜୟନ୍ତୀ

ଖଲ୍ଲିକୋଟ, ୧୪।୧୨(ସମିସ): ଖଲ୍ଲିକୋଟରେ ଜନ୍ମିତ ତଥା ଓଡ଼ିଶାର ପ୍ରଖ୍ୟାତ ଜ୍ୟୋତିଷ ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ୧୧୭ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ବାଇକୋଳି ସ୍ମୃତି ପରିଷଦ ସଭାପତି ଡାକ୍ତର ହରପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଲ୍ଲିକୋଟର ଗୌରବ ପଣ୍ଡିତ ବାଇକୋଳିଙ୍କ ସ୍ମୃତି ରକ୍ଷା କରାଯାଇ ପାରି ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଶ୍ରୀ ପୟରର ସମ୍ପାଦକ ଅନ୍ନଦା ପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପଣ୍ଡିତ ବାଇକୋଳିଙ୍କ ବହୁମୁଖୀ ପ୍ରତିଭାର ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା ଯୋଗ ଦେଇଥିଲେ। ବାଇକୋଳି ସ୍ମୃତି ପରିଷଦର ଉପସଭାପତି ପୂର୍ଣ୍ଣଚନ୍ଦ୍ର ରଥ ନିଜ ଅଭିଭାଷଣରେ ପ୍ରାଚୀନ ଜ୍ୟୋତିଷ ଗଣନା ଓ ଆଧୁନିକ ଜ୍ୟୋତିଷ ଗଣନାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ପଣ୍ଡିତ ହରିକୃଷ୍ଣ ମହାପାତ୍ରଙ୍କୁ ଚଳିତ ବର୍ଷର ବାଇକୋଳି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ବାଇକୋଳି ସମ୍ମାନ ସନନ୍ଦରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଇକୋଳି ସ୍ମୃତି ପରିଷଦର ସମ୍ପାଦକ ଜଗଦିଶ ପାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ମହେଶ୍ୱର ବରାଡ଼ ପଣ୍ଡିତ ବାଇକୋଳିଙ୍କ ସ୍ମୃତିଚାରଣ କରିଥିବା ବେଳେ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଦାଶ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ପ୍ରଭାତ କୁମାର ମିଶ୍ର, ନୀଳକଣ୍ଠ ଦାସ ଓ ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ଏଫଆଣ୍ଡଏ ଫିଟନେସ୍ ଜିମ୍ ଉଦ୍‌ଘାଟିତ



ଛତ୍ରପୁର, ୧୪।୧୨(ସମିସ): ଛତ୍ରପୁର ଷ୍ଟେସନ ରୋଡ଼ କୃଷକ ବଜାର ନିକଟରେ ଏକ ଉନ୍ନତ ମାନର ଟେକ୍ନୋଲୋଜି ଥିବା ଏଫ୍ଆଣ୍ଡଏ ଫିଟନେସ ଜିମ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ୩ନଂ ୱାର୍ଡ କାଉନସିଲର ମାମା ସେଠୀ, ସ୍ୱନାମଧନ୍ୟ ବଡିବିଲ୍‌ଡର ନାରାୟଣ ସାହୁ, ରାଜେଶ ବାବୁ ଆଚାରୀ, ଅଜିତ କୁମାର ପାତ୍ର, ପ୍ରାଣକୃଷ୍ଣ ସାହୁ ଓ ପିଙ୍କି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଜିମ୍ ଆଗାମୀ ଦିନରେ ସମସ୍ତ ବର୍ଗ ଲୋକଙ୍କ ମନ ଜିଣିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ସହାୟକ ହେବ ବୋଲି ଜିମ୍‌ର ପରିଚାଳକ ଜଲାଲ ଖାନ କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଛତ୍ରପୁର ସଂକୁଳ କ୍ରୀଡ଼ା ଉଦ୍‌ଘାଟିତ

ଛତ୍ରପୁର, ୧୪।୧୨(ସମିସ): ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଛତ୍ରପୁର ସଂକୁଳ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ସଂକୁଳ ପ୍ରମୁଖ ଡ. ଜେ କୁର୍ମା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଅଜୟ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ସଂକୁଳ ସଂଯୋଜକ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ।

ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ବିଜ୍ଞାନ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ପ୍ରଭାକର ପାଢ଼ୀ ଏବଂ ସ୍ଥାନୀୟ ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକଙ୍କ ସମେତ ଛତ୍ରପୁର ସଂକୁଳର ଛଅଟି ବିଦ୍ୟାଳୟର (ରମ୍ଭା, ନରେନ୍ଦ୍ରପୁର, ଭଞ୍ଜବିହାର, ଗୋପାଳପୁର, ଛତ୍ରପୁର ଓ ଗଞ୍ଜାମ) ମୋଟ ୧୬୦ଜଣ କ୍ରୀଡ଼ା ପ୍ରତିଭାଗୀମାନଙ୍କ ସହିତ ସମସ୍ତ ପ୍ରଧାନାଚାର୍ଯ୍ୟା ଓ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗ ଦେଇଥିଲେ। ନରେନ୍ଦ୍ରପୁର ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଶ୍ରୀଲିଙ୍ଗରାଜ ମନ୍ଦିରରେ ସେବାକାର୍ଯ୍ୟ କରିବେ ସ୍ୱେଚ୍ଛାସେବୀ

ଛତ୍ରପୁର, ୧୪।୧୨(ସମିସ): ବିଭିନ୍ନ ଯାନିଯାତ୍ରା ଯଥା ରଥଯାତ୍ରା, ତାରାତାରିଣୀଙ୍କର ଚଇତି ଯାତ୍ରା ଆଦିରେ ଶୃଙ୍ଖଳିତ ଢ଼ଙ୍ଗରେ ଲୋକଙ୍କର ସେବା କରି ପ୍ରଶାସନ ତଥା ସାଧାରଣ ଜନତାଙ୍କର ପ୍ରିୟପାତ୍ର ହୋଇଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପ୍ରତିନିଧି ଆସନ୍ତା ମହାଶିବରାତ୍ରିରେ ଭୁବନେଶ୍ୱର ସ୍ଥିତ ଶ୍ରୀଲିଙ୍ଗରାଜ ମନ୍ଦିରରେ ୨୪ଘଣ୍ଟିଆ ଅହରାତ୍ର ସେବା ଯୋଗାଇବା ନେଇ ସଙ୍ଗଠନର ମୁଖ୍ୟ ନୀଳମଣି ମିଶ୍ର ଜଣାଇଛନ୍ତି। ଏହି ସଦସ୍ୟମାନେ ମନ୍ଦିରରେ ଉପସ୍ଥିତ ରହି ଯଥାସମ୍ଭବ ପ୍ରଶାସନକୁ ତଥା ଭକ୍ତଙ୍କୁ ସହଯୋଗ କରିବେ। ଏନେଇ ଛତ୍ରପୁର ଷ୍ଟାଡିୟମରେ ଗଜପତି ଜିଲ୍ଲା ନ୍ୟାୟାଳୟର କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଇଆରଇରେ କାର୍ଯ୍ୟରତ ମନୋରଞ୍ଜନ ବେହେରା, ସମାଜସେବୀ ମନୋଜ ମିଶ୍ର, ଆଇନଜୀବୀ ଲସିତ ଚରଣ ବେହେରା, ମାଧବ ସାସମଲ, ଇଞ୍ଜିନିୟର ଟୁଟୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



# ଗୋ-ହତ୍ୟା ମାମଲାରେ ତିନି ଗିରଫ

ରଙ୍ଗେଇଲୁଣ୍ଡା, ୧୪।୧୨(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ପୁରୁଣାପାଟଣା ନିକଟସ୍ଥ ସୋରାବାଡ଼ି ଜଙ୍ଗଲରେ ଗତ ଶୁକ୍ରବାର ଦୁଇ ଗାଇ କାଟିବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହି ମାମଲାରେ ପୁଲିସ ରବିବାର ତିନି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡି ଅଞ୍ଚଳ ବିଜୟ ବୀର (୩୨), ପୁରୁଣାପାଟଣା ଗ୍ରାମର ଧୋବା ନାଇକ(୬୦) ଓ ଉଆଳି ନାଇକ(୬୦) ବୋଲି ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ପୁରୁଣାପାଟଣା ନିକଟସ୍ଥ ସୋରାବାଡି ଜଙ୍ଗଲରେ ଗତ ୧୨ ତାରିଖରେ ଭୋର ସମୟରେ ୪ରୁ ୫ଜଣ ବ୍ୟକ୍ତି ଦୁଇ ଗାଇକୁ ମାରି ମାଂସ କାଟୁଥିଲେ। ଖବର ପାଇ ବିଜେପି କର୍ମୀ ଓ ଆଖପାଖ ଅଞ୍ଚଳର କିଛି ଯୁବକ ସେଠାରେ ପହଞ୍ଚିଥିଲେ। ଯୁବକ ମାନଙ୍କୁ ଦେଖି ୪ଜଣ କଟାଳି ଖସି ପଳେଇଥିଲେ। ଖବର ପ୍ରସାରଣ ହେବା ପରେ ଆରଏସଏସ ବଜରଙ୍ଗ ଦଳ ଓ ଗୋ ରକ୍ଷକ ମାନେ ପହଞ୍ଚିବା ପରେ କିଛି ସମୟ ପାଇଁ ଉତ୍ତେଜନା ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଜୟ, ଉଆଳି ଓ ଧୋବାକୁ ପୁଲିସ କାବୁ କରି ପଚାର ଉଚରା କରିବା ପରେ ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ସୂଚନା ମିଳିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଛତ୍ରପୁର, ୧୪।୧୨(ସମିସ): ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖାର ବୈଠକ ସଭାପତି ସୁରେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମ୍ପାଦକ ସୋମନାଥ ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପାଢ଼ୀ, ଉପସଭାପତି ଡ଼ଃ ପ୍ରଶାନ୍ତ କୁମାର ଶତପଥୀ, କୋଷାଧ୍ୟକ୍ଷ ଜି. ପାପା ରାଓ, ସମୀକ୍ଷକ ଦଣ୍ଡପାଣି ରାଉଳ ମଞ୍ଚାସୀନ ରହି ନିଜ ଅଭିଭାଷଣରେ ସମାଜ ପ୍ରତି ଅବସରପ୍ରାପ୍ତ କର୍ମଚାରୀ ସଂଘର ଆବଶ୍ୟକତା ଓ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଛତ୍ରପୁର ରେଳ ଷ୍ଟେସନର ର୍‌ୟାମ୍ପ ଆଧୁନିକୀକରଣ ନାମରେ ବହୁଦିନ ହେଲା ଭଙ୍ଗା ଯାଇଥିବାରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ଟ୍ରେନ୍‌ରେ ଯିବା ଆସିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ତୁରନ୍ତ ସୁଧାର ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଅବଗତି ନିମନ୍ତେ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଗଲା। କାର୍ଯ୍ୟକ୍ରମରେ ନିରଞ୍ଜନ ତ୍ରିପାଠୀ, ଅଶ୍ୱିନୀ କୁମାର ଚୌଧୁରୀ, ଜି. ସେସୁ ରେଡ୍ଡୀ, କାଶିରାମ ସାହୁ, ସୂର୍ଯ୍ୟ ନାରାୟଣ ଦାସ, ଏ. ବିଶ୍ୱମ୍ଭର, ପ୍ରକାଶ ଚନ୍ଦ୍ର ଦାସ, ପ୍ରଦୀପ ପଣ୍ଡା, କେ. ହୃଷିକେଶ ରାଓ, ନରସିଂହ ରେଡ୍ଡୀ, ଘନଶ୍ୟାମ ବେହେରା, ବିଜୟ ସାହୁ, ମଙ୍ଗଳାଚରଣ ସ୍ୱାଇଁ, ଦାଶରଥୀ ବେହେରା, କୃଷ୍ଣଚନ୍ଦ୍ର ରଥ, ବାଉରୀବନ୍ଧୁ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ମାହାଙ୍କୁଡ଼, ରବୀନ୍ଦ୍ର କୁମାର ପାଢ଼ୀ, ଅଭିରାମ ଗୌଡ଼, ଅଭିରାମ ସାହୁ, ତ୍ରିନାଥ ସାହୁ, ରବୀନ୍ଦ୍ର ରଥ, ଏସ୍ ଆନନ୍ଦ ରାଓ, ଭାସ୍କର ଚନ୍ଦ୍ର ସ୍ୱାଇଁ, କୃଷ୍ଣ ସାହୁ, ରବୀନ୍ଦ୍ର ନାଥ ଦାସ ଉପସ୍ଥିତ ରହିଥିଲେ।

## ୪ର୍ଥ ରାଜ୍ୟ ପୁଲିସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

# ଗଞ୍ଜାମ ଏସ୍‌ପି ଶୁଭେନ୍ଦୁଙ୍କୁ ଡବଲ୍ ଟାଇଟଲ୍





ହିଞ୍ଜିଳିକାଟୁ, ୧୪।୧୨(ସମିସ)

ଗଞ୍ଜାମ ପୁଲିସ ପକ୍ଷରୁ ହିଞ୍ଜିଳିକାଟୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ପୁଲିସ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ଦୁଇଟି ଇଭେଣ୍ଟରେ ବିଜୟୀ ହୋଇ ଡବଲ୍ ଟାଇଟଲ୍ ହାସଲ କରିଛନ୍ତି। ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିଜି, କଟକ ଯତୀନ୍ଦ୍ର କୋଏଲ ଓ ସମ୍ମାନୀତ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ସର୍ବଣା ବିବେକ ଏମ୍ ପ୍ରମୁଖ ମଞ୍ଚାସୀନ ଥିଲେ।

ଗେଜେଟେଡ ଅଫିସିଆଲ୍ ଡବଲ୍ସରେ ଦକ୍ଷିଣାଞ୍ଚଳ ରେଞ୍ଜ ବ୍ରହ୍ମପୁର ଖେଳାଳି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଓ ସହଯୋଗୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ସ୍ୱାଇଁ ଯୋଡ଼ି ୨-୦ ଗେମ୍‌ରେ ପ୍ରତିପକ୍ଷ ଆଇଆରବିଏନ୍ ଲାୟନ୍ସ ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି। ସେହିପରି ଗେଜେଟେଡ ଅଫିସିଆଲ୍ ଓପନ ସିଙ୍ଗଲରେ ଏସ୍‌ପି ଶୁଭେନ୍ଦୁ ୨-୦ରେ ଆଇଆରବିଏନ ଟାଇଗର ସନ୍ତୋଷ କୁମାର ବିଶ୍ୱାଳଙ୍କୁ ପରାସ୍ତ କରି ଦ୍ୱିତୀୟ ଟାଇଟଲ୍ ହାସଲ କରିଥିଲେ।

ଭେଟେରାନ ସିଙ୍ଗଲରେ ପଶ୍ଚିମାଞ୍ଚଳ ରେଞ୍ଜ ଦେବାଶିଷ ପରିଡ଼ା ପ୍ରତିପକ୍ଷ ଓଏସଏପି ବିଏନଏସ ପେଣ୍ଟର ଦଳର ରୋହିତସ୍ୱ ପୁଟେଲଙ୍କୁ ୩-୧ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ଓନନ୍ ଡବଲରେ ଦକ୍ଷିଣାଞ୍ଚଳ ରେଞ୍ଜ କୋରାପୁଟ ଦଳର ବିକାଶ ତ୍ରିପାଠୀ ଓ ସହଯୋଗୀ ସୁମନ ଶେଖର ବିଷୋୟୀ ପ୍ରତିପକ୍ଷ ପଶ୍ଚିମାଞ୍ଚଳ ରେଞ୍ଜ ରାଉରକେଲା ଦଳର ସିନମୟ ବଳ ଓ ସହଯୋଗୀ ଅମିତ ରଞ୍ଜନ ପରିଡ଼ାଙ୍କୁ ୩-୧ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌର ପ୍ରତିନିଧି ପ୍ୟାରୀମୋହନ ପାଢି, ଗଞ୍ଜାମ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ସ୍ୱାଇଁ, ସୀମା ସ୍ୱାଇଁ, ଭଞ୍ଜନଗର ଆରକ୍ଷୀ ଅଧିକ୍ଷକ ରଞ୍ଜନ ଦେ, ସୂର୍ଯ୍ୟମଣି ପ୍ରଧାନ, ଗଞ୍ଜାମ ଜିଲ୍ଲା ଡିଏସପି ଜ୍ଞାନରଞ୍ଜନ ପଟ୍ଟନାୟକ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ପୁରୁଷୋତ୍ତମପୁର ଆଇଆଇସି ରାଜେଶ ନାୟକ, ଶେରଗଡ଼ ଆଇଆଇସି ବିରେନ୍ଦ୍ର ସିଅଲ, ଧରାକୋଟ ଆଇଆଇସି ଚନ୍ଦ୍ରିକା ସ୍ୱାଇଁ, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, କୋଟିନଡା ଆଇଆଇସି ଦାମୋଦର ବିହାରୀ, ବଡଗଡ଼ ଆଇଆଇସି ଶୁଭ୍ରଜିତ ସାମନ୍ତରାୟ, ପାଟପୁର ଆଇଆଇସି ଦିପ୍ତିରଞ୍ଜନ ବେହେରା, ଗଞ୍ଜାମ ଜିଲ୍ଲା ମୁଖ୍ୟାଳୟ ସରଜେଣ୍ଟ ଜଗନ୍ନାଥ ବରଡଙ୍କ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟ ରେଫରି ଦୀପକ ତିବ୍ରେଓ୍ୱାଲଙ୍କ ନେତୃତ୍ୱରେ ଟେକ୍ନିକାଲ ରେଫରୀ ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ସୁଜୟ କୁମାର ନାୟକ, ସଞ୍ଜୟ କୁମାର ପ୍ରଧାନ, ରଜତ କୁମାର ପଣ୍ଡା, ଅକ୍ଷୟ କୁମାର ତୁରକ୍ ଓ ଅଭୟ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ରିଜର୍ଭ ଇନ୍ସପେକ୍ଟର ବିକାଶ ସେନାପତି ଥାନା ପରିଚାଳନା କରିଥିବା ବେଳେ ହିଞ୍ଜିଳି ଥାନା ଇନ୍ସପେକ୍ଟର ସୁନିଲ କଣ୍ଡାଗୋରୀ, ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା, ସୁରେଶ କୁମାର ସାହୁ, ଏଏସଆଇ ଅନନ୍ତ ଶବର, ସୁବାଷ ମିଶ୍ର, ମନୋଜ ସେନାପତି ଜ୍ୟୋତ୍ସ୍ନା ସାହୁ, ସ୍ୱଦେଶ ଦାଶ, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, କୈଳାସ ମଲ୍ଲିକ, ସନ୍ୟାସି ରାଉତ, ବିରେନ୍ଦ୍ର ମଣ୍ଡଳ, ସୁଶାନ୍ତ ନାହାକ, ପ୍ରଭାକର ଶବର, ମିନତି ମହାଙ୍କୁଡ, ଦଣ୍ଡପାଣି ମଲ୍ଲିକ, ମନୋଜ ଜେନା, ମନୋଜ ମଲିକ, ମନୋଜ ନାୟକ, ନରେନ୍ଦ୍ର ଶବର, ନରେଶ ପ୍ରଧାନ, ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।





# ବସ୍ତି ଅଞ୍ଚଳରେ ଦୁଷ୍କର୍ମ ମାମଲାକୁ ନେଇ ଚିନ୍ତାରେ ପୁଲିସ

**କଟକ ୟୁପିଡିରେ 'ବସ୍ତି-ମିତ୍ର' ଯୋଜନା ନିଷ୍ଫଳ**

**୫ ବର୍ଷରେ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କମିନି ଦୁଷ୍କର୍ମ ଘଟଣା**

**ଚଳିତବର୍ଷ ୧୦ ମାସରେ ୩୪ଟି ଦୁଷ୍କର୍ମ ମାମଲା**

କଟକ,୧୪।୧୨(ସମିସ): ସହରାଞ୍ଚଳରେ ରହିଥିବା ବସ୍ତିଗୁଡ଼ିକରେ ଦୁଷ୍କର୍ମ ସଂଖ୍ୟା ବଢ଼ିବାରେ ଲାଗିଛି। ଦୁଷ୍କର୍ମ ମାମଲାରେ ତ୍ୱରିତ ତଦନ୍ତ ଶେଷ କରି ଅଭିଯୁକ୍ତଙ୍କୁ ଜେଲ୍ ପଠାଇବାରେ ଯଦିଓ କମିସନରେଟ୍ ପୁଲିସ ସଫଳ ହେଉଛି, ତଥାପି ବସ୍ତି ଅଞ୍ଚଳର ସ୍ଥିତି ଉଦ୍‌ବେଗଜନକ ରହିଛି। ଏହା ପୁଲିସ ପାଇଁ ମଧ୍ୟ ଚିନ୍ତାଜନକ ବିଷୟ ହୋଇଛି। ମାତ୍ରାଧିକ ନିଶା କାରବାର, ଶିକ୍ଷାର ଅଭାବ ଏବଂ କୁସଂସ୍କାର ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ପୁଲିସ କହୁଛି। ତେବେ ବସ୍ତି ଅଞ୍ଚଳରେ ଘଟୁଥିବା ବିଭିନ୍ନ ଅପରାଧମୂଳକ ଘଟଣା ରୋକିବାକୁ ପୁଲିସ ବସ୍ତି-ମିତ୍ର ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ତାହା ଫଳପ୍ରଦ ହେଉନାହିଁ।

କଟକ ୟୁପିଡି ଅଧୀନରେ ୧୫୦ରୁ ଅଧିକ ବସ୍ତି ରହିଛି। ବିଭିନ୍ନ ଥାନାରେ ଏଠାରୁ ଦୁଷ୍କର୍ମ ମାମଲା ସର୍ବାଧିକ ପଞ୍ଜିକୃତ ହେଉଛି। ଗତ ୧୦ମାସ(୨୦୨୫) ମଧ୍ୟରେ ୩୪ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ପୁଲିସ ପକ୍ଷରୁ ବସ୍ତି ଅଞ୍ଚଳଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିସହିତ ନିଶା ସାମଗ୍ରୀ ଚାଲାଣ ରୋକିବା ଉପରେ ଅଧିକ ଧ୍ୟାନ ଦିଆଯିବା ସହିତ କେଉଁ ଭଳି ଦୁଷ୍କର୍ମ ମାମଲାକୁ ରୋକାଯାଇ ପାରିବ, ସେଥିପ୍ରତି ପୁଲିସ ଅଭିଯାନ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, କଟକ ୟୁପିଡିରେ ଗତ ୫ ବର୍ଷ ମଧ୍ୟରେ ସମୁଦାୟ ୩୩୪ଜଣ ଦୁଷ୍କର୍ମକାରୀଙ୍କୁ ଗିରଫ କରି ପୁଲିସ ଜେଲ୍ ପଠାଇସାରିଲାଣି। ଗତ ୨୦୨୦, ୨୦୨୧, ୨୦୨୨, ୨୦୨୩ ଓ ୨୦୨୪ରେ କଟକ ୟୁପିଡି ଅଧୀନରେ ହୋଇଥିବା ୯୫ପ୍ରତିଶତ ଦୁଷ୍କର୍ମ ମାମଲାର ତଦନ୍ତ ଶେଷ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୦୨୦ ମସିହାରେ କଟକ ସହରର ବିଭିନ୍ନ ଥାନାରେ ୫୩ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ସମସ୍ତ ମାମଲାର ତଦନ୍ତ ଶେଷ କରାଯାଇ ୫୧ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୨୦୨୧ରେ ୭୮ଟି ଦୁଷ୍କର୍ମ ମାମଲାରେ ୭୯ଜଣଙ୍କୁ ଗିରଫ, ୨୦୨୨ରେ ୮୨ଟି ଦୁଷ୍କର୍ମ ମାମଲାରେ ୭୮ଜଣଙ୍କୁ ଗିରଫ ଏବଂ ୨୦୨୩ମସିହାରେ ୯୭ଟି ଦୁଷ୍କର୍ମ ମାମଲାରେ ମୋଟ୍ ୭୬ଜଣଙ୍କୁ ଗିରଫ କରାଯାଇଛି, ୨୦୨୪ରେ ୫୧ଟି ଦୁଷ୍କର୍ମ ମାମଲାରେ ମୋଟ୍ ୪୮ଜଣଙ୍କୁ ଗିରଫ କରାଯାଇଥିଲା। ପୁଲିସର ଗିରଫଦାରୀ ଓ ମାମଲା ପରିସଂଖ୍ୟାନରୁ ବସ୍ତିରେ ହେଉଥିବା ଦୁଷ୍କର୍ମ ସର୍ବାଧିକ ବୋଲି ଦର୍ଶାଯାଇଛି। କଟକ ସହରର ବସ୍ତି ଅଞ୍ଚଳରେ ୭୦% ନାବାଳିକା ଅତ୍ୟାଚାରର ଶିକାର ହେଉଛନ୍ତି। ଏଠାରେ ଶିକ୍ଷାର ଅଭାବ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ, ପାରିବାରିକ ଅନଗ୍ରସରତା ଭଳି କାରଣକୁ ପୁଲିସ ଦର୍ଶାଉଛି। ପୁଲିସ ପକ୍ଷରୁ ପରୀ, ମୁସ୍କାନ୍ ଭଳି ଡ୍ରାଇଭ୍ ଚାଲୁଥିବା ବେଳେ ଏଭଳି ସ୍ଥିତି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ମର୍କତନଗର, ଫେଜ୍-୨, ପୁରୀଘାଟ, କ୍ୟାଣ୍ଟନମେଣ୍ଟ, ମାଲଗୋଦାମ, ମଧୁପାଟଣା, ମଙ୍ଗଳାବାଗ ଭଳି ଥାନାରେ ପୂର୍ବରୁ ନାବାଳିକା ନିର୍ଯାତନା ମାମଲା ବଢ଼ିଥିଲା। ପୁଲିସ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଏହି ଥାନା ଗୁଡ଼ିକରେ ନାବାଳିକା ଓ ମହିଳା ନିର୍ଯାତନାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ଅନ୍ୟପଟେ ସହରର ମଧୁପାଟଣା, ଲାଲବାଗ, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ, ବିଡ଼ାନାସୀ, ମହିଳା ଥାନା, ମର୍କତନଗର, ଫେଜ୍-୨, ଚୌଦ୍ୱାର ଓ ଜଗତପୁର ଥାନାରେ ମହିଳା ଓ ଶିଶୁ ଡେସ୍କକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଅଧିକ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ପ୍ରକୋଷ୍ଠକୁ ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ରୋକିବା ଲାଗି ଓଡ଼ିଶା ପୁଲିସ ୨୦୦୫ରେ ଏହି ପଦକ୍ଷେପ ଗ୍ରହଣ କରିଥିଲା। ପ୍ରତ୍ୟେକ ଥାନାକୁ ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ସାମିଲ୍ କରାଯାଇ ସ୍ୱତନ୍ତ୍ର ଡେସ୍କ୍ କାର୍ଯ୍ୟକ୍ଷମ ହୋଇଥିଲା। ମହିଳା ଓ ନାବଳିକାଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ରୋକିବାକୁ ପୁଲିସ ତତ୍ପରତା ଦେଖାଉଛି। ଏହି ସମ୍ବେଦନଶୀଳ ମାମଲାକୁ ଗମ୍ଭିରତାର ସହିତ ବିଚାରକୁ ନିଆଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ପୁଲିସ ଗୁରୁତ୍ୱ ଦେଉଛି।

**ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଟକଣା ନାମକୁ ମାତ୍ର**

# ନଡ଼ା ପୋଡ଼ାରେ ଲାଗୁନି ଲଗାମ୍



କଟକ,୧୪।୧୨(ସମିସ): ଖରିଫ ଧାନ ଫସଲର ଅମଳ ସମୟରେ ଫସଲର ଅବଶେଷ ତଥା ପାଳ କୁଟା ପୋଡ଼ାଯିବା ଦ୍ୱାରା ବାୟୁ ପ୍ରଦୂଷଣ ବ୍ୟାପକ ହୋଇଆସୁଛି। ଏଭଳି ସ୍ଥିତି ଆଗକୁ ଆହୁରି ଚିନ୍ତାଜନକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ହେଲେ ଏହା ଉପରେ କାହାରି ଲଗାମ ନଥିବା ଜଣାପଡିଛି। କଟକ ଜିଲ୍ଲାରେ ବ୍ୟାପକ ପରିମାଣରେ ଖରିଫ ଋତୁରେ ଧାନ ଫସଲ ହୋଇଛି। ଏବେ ହାର୍ଭେଷ୍ଟର ମେସିନ ସାହାଯ୍ୟରେ ଫସଲ ଅମଳ ହେଉଥିବାରୁ ଅବଶେଷ ତଥା ପାଳ କୁଟା ବିଲରେ ପଡିରହୁଥିବା ଦେଖିବାକୁ ମିଳୁଛି। ଶୀତ ଋତୁ ସମୟରେ ଖରିଫ ଧାନ ଅମଳ ପରେ ଏହାର ଅବଶେଷ ପାଳକୁଟା ଆଦି ବିଲରେ ଚାଷୀ ମାନେ ପୋଡ଼ିଦେଉଛନ୍ତି। ୭୦ପ୍ରତିଶତ ଚାଷୀ ଧାନ ଅମଳ ମେସିନ ସାହାଯ୍ୟରେ ଅମଳ କରୁଛନ୍ତି। ଏଣୁ ଅମଳ ପରେ ଆଉ କୁଟା ଘରକୁ ଆଣୁନାହାନ୍ତି। ବହୁ ପରିମାଣରେ କୁଟା ପୋଡ଼ାଯିବା ଫଳରେ କାର୍ବନମନୋଅକ୍ସାଇଡ, କାର୍ବନଡାଇଅକ୍ସାଇଡ ମାତ୍ରା ବୃଦ୍ଧି ଦ୍ୱାରା ବାୟୁ ପ୍ରଦୂଷଣର ସ୍ତର (ଏୟାର କ୍ୱାଲିଟି ଇଣ୍ଡେକ୍ସ) ବୃଦ୍ଧି ପାଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେବଳ କଟକଣା ଜାରି କରିଦେଇ ଚୁପ ବସୁଛି। ଏନଫୋର୍ସମେଣ୍ଟ ପାଇଁ ବିଭାଗରେ କର୍ମଚାରୀ ଅଭାବ ଥିବା ବେଳେ ଚାଷୀଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ସଚେତନ କରାଯାଉନାହିଁ। ଉତ୍ତରଭାରତର କେତେକ ରାଜ୍ୟରେ ବିଭିନ୍ନ ଫସଲ ତଥା ଧାନ, ଆଖୁ, ଗହମ ଆଦି ଅମଳ ପରେ ଏହାର ଅବଶେଷ ପୋଡାଯିବା ଦ୍ୱାରା ପ୍ରଦୂଷଣ ସ୍ଥିତି ସଂଗୀନ ହୋଇଆସୁଥିବା ନଜିର ରହିଛି। ସେହିଭଳି ଏବେ ଜିଲ୍ଲାର ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ଇଟାଭାଟି ମଧ୍ୟ ପୋଡ଼ା ଆରମ୍ଭ ହୋଇଗଲାଣି। ସ୍ଥାୟୀ ଚିମିନିଗୁଡିକ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏନଓସି(ନୋ ଅବଜେକ୍ସନ ସାର୍ଟିଫିକେଟ) ଏକାନ୍ତ ଅପରିହାର୍ଯ୍ୟ ହୋଇଥିଲା ବେଳେ ଅନ୍ୟ ଛୋଟ ବଡ଼ ଇଟା ଭାଟି ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏନଓସି ଆବଶ୍ୟକ ପଡୁନି। କେବଳ ରାଜସ୍ୱ ବିଭାଗ ତଥା ତହସିଲ ପ୍ରଶାସନ ପକ୍ଷରୁ ଯାହା ରୟାଲଟି ଆକାରରେ ଅର୍ଥ ଆଦାୟ ହେଉଛି। ଜନବସତି ନିକଟରେ ସ୍ଥାପନ ହୋଇପାରିବ ନାହିଁ ବୋଲି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ପକ୍ଷରୁ ସ୍ପଷ୍ଟ ମାର୍ଗଦର୍ଶିକା ରହିଛି; କିନ୍ତୁ ଠିକ ଭାବେ ଏହା ଅନୁଧ୍ୟାନ କରାଯାଇପାରୁନାହିଁ। ଫଳରେ ଇଟାଭାଟି ସଂପର୍କରେ ସଠିକ ତଥ୍ୟ ମିଳୁ ନଥିବା ଜଣାପଡିଛି। ଜିଲ୍ଲାର ୧୪ଟି ବ୍ଲକରେ ପ୍ରାୟ ୫୦ରୁ ଅଧିକ ସ୍ଥାୟୀ ଚିମିନି ଚାଲୁଥିବା ଜଣାପଡିଛି।

# 'ମୋ କଟକ ସୁରକ୍ଷା ମଞ୍ଚ'ର ଷଷ୍ଠ ସ୍ୱନକ୍ଷତ୍ର



କଟକ,୧୪।୧୨(ସମିସ): ମୋ କଟକ ସୁରକ୍ଷା ମଞ୍ଚର ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୂଖ୍ୟ ଅତିଥି ରୂପେ କଟକ ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ରୂପେ ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବିଧାୟକ ସୌଭିକ୍ ବିଶ୍ୱାଳ, ପ୍ରାକ୍ତନ ବିଧାୟକ ଇଂ ମହମ୍ମଦ ମୋକିମ୍, ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ, ଓଡିଶା ସୂଚନାଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦିପ ପ୍ରଧାନ,ଯୁବ ସମାଜସେବୀ ଇଂ ପ୍ରଦିପ ବେହେରା, ବ୍ରଜ ନନ୍ଦ, ବିଜେଡି କଟକଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ମଞ୍ଚ ଉପଦେଷ୍ଟା ଅଶୋକ କୁମାର ମହାନ୍ତି,କ୍ଷୀରୋଦ କୁମାର ସାହୁ, ଯୁବସମାଜସେବୀ ଦେବକୁମାର ନାଥ,ସମାଜସେବୀ ଭଗବାନ ବିଶ୍ୱାଳ, ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ,କର୍ପୋରେଟର ଲିଜାରାଣୀ ରାଉତ,ସନ୍ତୋଷ ଭୋଳ,ସସ୍ମିତା ଦାସ୍,ଡ.ଅଭୟରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ସୂର୍ଯ୍ୟବଂଶୀ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ପରେ ବନ୍ଦେ ଉତ୍କଳ ଜନନୀ ଗାନ,କୁନି ନୃତ୍ୟଶିଳ୍ପୀ ସାନଭିକା ମହାରଣାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ,ମାନପତ୍ର ଦେଇ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ କଣ୍ଠଶିଳ୍ପୀ କୁମାର ଜାନୁଙ୍କ ସୁମଧୁର କଣ୍ଠରେ ଗୀତ ପରିବେଷଣ କରାଯାଇଥିଲା। କୃତି ଛାତ୍ରଛାତ୍ରୀ, ସାମାଜିକ ସଂଗଠନ, ସୂଚନା ଅଧିକାର କର୍ମୀ,ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, କର୍ପୋରେଟର,ସାହି ମୂରବୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିବା ପରେ କାର୍ଯ୍ୟକ୍ରମର ମୂଖ୍ୟ ଆକର୍ଷଣ ତଥା କଟକର ସୁଯୋଗ୍ୟ ସନ୍ତାନ ବରିଷ୍ଠ ସମାଜସେବୀ ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।ସୂଚନାଅଧିକାର ଆଇନରେ ସରକାରୀ କ୍ଷେତ୍ରରେ ଅନିୟମିତତା ଓ ଦୁର୍ନୀତି ଲୋକଲୋଚନକୁ ଆଣିବା ସହ କଟକ ସହରରେ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ସଦାସର୍ବଦା କାର୍ଯ୍ୟ କରୁଥିବା ମୋ କଟକ ସୁରକ୍ଷା ମଞ୍ଚର ଜନହିତକର କାର୍ଯ୍ୟ ସମ୍ପର୍କରେ ସମସ୍ତ ଅତିଥି ଭୁୟସୀ ପ୍ରଶଂସା କରିବା ସହ ମଞ୍ଚ କଟକର ଉନ୍ନତି ଦିଗରେ ଅନେକ କରୁଥିବା କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୁନିପ୍ରତିଭା ଜ୍ୟୋତିକ୍ଷା ସାହୁ,ବିଶ୍ୱଜିତ ରାୟ,ହେମନ୍ତ ନାୟକ, ପ୍ରିୟଦର୍ଶିନୀ ପ୍ରଧାନ,ବିସ୍ମିତା ରାୟ,ରଶ୍ମିତା ସାହୁ,ମୁକୁଳିତା ମହାରଣା,ନର୍ମଦା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟାପ୍ତ ପାର୍କିଂସ୍ଥଳର ଅଭାବ

**ଚାଲୁଛି ୩୦ରୁ ଅଧିକ କଲ୍ୟାଣ ମଣ୍ଡପ**

**ସରକାରୀ ରାସ୍ତାପାର୍ଶ୍ୱ ପାଲଟିଛି ପାର୍କିଂସ୍ଥଳ**

କଟକ,୧୪।୧୨(ସମିସ): କଟକ ସହରରେ ୩୦ରୁ ଅଧିକ କଲ୍ୟାଣ ମଣ୍ଡପର ପର୍ଯ୍ୟାପ୍ତ ପାର୍କିଂ ପ୍ଲେସ ନଥିଲେ ସୁଦ୍ଧା ଏଗୁଡିକ ବେଧଡକ ଚାଲୁଛି। କମିସନରେଟ ପୁଲିସ ଓ ମହାନଗର ନିଗମ ପ୍ରଶାସନ କିନ୍ତୁ ନିରବଦ୍ରଷ୍ଟା ପାଲଟିଛି। ଏବେ ବିବାହ ଋତୁ ଚାଲୁଥିଲା ବେଳେ ସହରରେ ଥିବା କଲ୍ୟାଣ ମଣ୍ଡପଗୁଡିକ ଅଧିକାଂଶ ଉଲ୍ଲଙ୍ଘନ କରୁଥିବା ଜଣାପଡିଛି। ସହରରେ ପ୍ରାୟ ୧୦୪ଟି କଲ୍ୟାଣ ମଣ୍ଡପ ଥିବା ବେଳେ ମାତ୍ର ୬୦ରୁ ଅଧିକ ସର୍ତ୍ତମୂଳକ ଲାଇସେନ୍ସ ପାଇ ଚାଲୁଥିବା କୁହାଯାଉଛି। ନିଜସ୍ୱ ପାର୍କିଂ ପ୍ଲେସ ନଥିଲା ବେଳେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବହୁ ମଣ୍ଡପ ମଧ୍ୟ ସିଲ ହୋଇଥିଲା। ହେଲେ ସେସହି ସବୁ କଲ୍ୟାଣ ମଣ୍ଡପଗୁଡିକରେ ବେଆଇନ ଭାବେ ଭୋଜି ଭାତ ତଥା ବିବାହ ଉତ୍ସବ ଚାଲିଥିବାର ଅଭିଯୋଗ ହୋଇଛି। ପାର୍କିଂର ସୁବିଧା ଓ ବର୍ଜ୍ୟବସ୍ତୁ ପରିଚାଳନାର ସଠିକ ବ୍ୟବସ୍ଥା ନଥିବାରୁ ସହର ପାଇଁ ସମସ୍ୟା ସୃଷ୍ଟି ହୋଇଥିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏବେ ବିବାହ ଋତୁ ଚାଲିଥିବା ବେଳେ ମହାନଗର ନିଗମ ପକ୍ଷରୁ ପାର୍କିଂ ସ୍ଥଳୀ ରଖିନଥିବା କଲ୍ୟାଣ ମଣ୍ଡପଗୁଡିକୁ ବନ୍ଦ କରିବା ପାଇଁ ଅଭିଯାନ କରାଯାଇଥିଲା। କେତେକ କଲ୍ୟାଣ ମଣ୍ଡପକୁ ବନ୍ଦ ନୋଟିସ ତଥା ସିଲ ହୋଇଥିବା ସତ୍ତ୍ୱେ ବି ଏହି ସବୁ ମଣ୍ଡପରେ ବିବାହ ଭୋଜି ଜମୁଥିବାର ଅଭିଯୋଗ ହେଉଛି। ସହରରେ ଥିବା ଅଧିକାଂଶ କଲ୍ୟାଣ ମଣ୍ଡପ ଗୁଡିକରେ ପାର୍କିଂ ସ୍ଥାନ ନଥିବାରୁ ରାସ୍ତାଘାଟ ଉପରେ ଯାନବାହନ ଗୁଡିକ ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାର ପରିଲକ୍ଷିତ ହୋଇଛି। କଟକର ପ୍ରମୁଖ ସ୍ଥାନ ବାଦାମବାଡି, ପାଲାମଣ୍ଡପ, ଲିଙ୍କରୋଡ, ମଧୁପାଟଣା, ବକ୍ସିବଜାର, ପୁରୀଘାଟ, ଚାଉଳିଆଗଞ୍ଜ, ନୂଆବଜାର ଆଦି ସ୍ଥାନରେ ବହୁ କଲ୍ୟାଣ ମଣ୍ଡପ ଅତୀତରେ ପାର୍କିଂ ସ୍ଥାନ ନଥିବା ହେତୁ ସିଲ ହୋଇଥିବାର ନଜିର ରହିଛି। ଏବେ ସେହି ସବୁ ମଣ୍ଡପ ନିଜର ଆଇଡିଲ ପାର୍କିଂ ସ୍ଥାନ ଥିବା ଦର୍ଶାଇଛନ୍ତି। ୨୦୧୬ରେ କଲ୍ୟାଣ ମଣ୍ଡପ ଗୁଡିକ ପାଇଁ ହାଇକୋର୍ଟ ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଥିଲେ। ଏହାକୁ ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ପ୍ରକାଶଥାଉକି କଲ୍ୟାଣମଣ୍ଡପ ଗୁଡିକର ନିଜସ୍ୱ ପାର୍କିଂ ସ୍ଥାନ ୪୦ପ୍ରତିଶତ ଥିବ,କମର୍ସିଆଲ ହୋଲଡିଂ ଟିକସ ଅଗ୍ରୀମ ଏକ ବର୍ଷ ପାଇଁ ସିଏମସିକୁ ପଇଠ କରାଯିବା, କଲ୍ୟାଣମଣ୍ଡପ ଆବର୍ଜନା ବାହାରେ ଫିଙ୍ଗାଯିବ ନାହିଁ, ନୂତନ ମଣ୍ଡପ ପାଇଁ ସିଡିଏର ପ୍ଲାନ ମଞ୍ଜୁରୀ ସହ ଏନଓସି ଥିବ, ଏପରିକି ଖାଲି ସ୍ଥାନକୁ ଜାଗା ମାଲିକ ବିବାହ ଉତ୍ସବ ଆଦି ପାଇଁ ବ୍ୟବହାର କରୁଥିଲେ ସିଏମସିର ଲାଇସେନ୍ସ ଆବଶ୍ୟକ,ସିସିଟିଭି ଓ ଅଗ୍ନିନିର୍ବାପକ ଯନ୍ତ୍ର ରଖାଯିବା, ନିୟମ ଖିଲାପକାରୀଙ୍କଠାରୁ ପ୍ରଥମ ଥର ପାଇଁ ୧୦ହଜାର ଓ ପରେ ପୁଣି ଖିଲାଫ କଲେ ୨୦ହଜାର ଲେଖାଏଁ ଆଦାୟ କରିବାକୁ ହାଇକୋର୍ଟ ୨୦୧୬ରେ ନିର୍ଦ୍ଦେଶ ଦେଇଥିଲେ। ଏହି ସବୁ ନିର୍ଦ୍ଦେଶନାମା ପାଳନ ହେଉନଥିବା ସତ୍ତ୍ୱେ କଲ୍ୟାଣ ମଣ୍ଡପ ଗୁଡିକ ବେଧଡକ କିପରି ଚାଲୁଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କିନ୍ନରଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ଘଟଣାରେ ଯୁବକ ଗିରଫ

ଫୁଲନଖରା, ୧୪।୧୨ (ସମିସ): କଟକ ସଦର ଥାନା ଅନ୍ତର୍ଗତ ତେନ୍ତୁଳିନାଳି ଅଞ୍ଚଳରେ କିନ୍ନର ଭିକ୍ଷା କରୁଥିବା ସମୟରେ ଜଣେ ଯୁବକ ତାଙ୍କୁ ମାଡ଼ମାରି ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ସଦର ଥାନା ପୁଲିସ୍ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ରାତିରେ ତେନ୍ତୁଳିନାଳି ଗ୍ରାମର ଯତିନ୍ଦ୍ର ଦାସଙ୍କ ପୁଅ ବମ୍ବୋଇ ଓରଫ ସୁକାନ୍ତ ସେହି ଅଞ୍ଚଳରେ ଜଣେ କିନ୍ନର ନିକଟକୁ ଯାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। କିନ୍ନର ଜଣକ ଟଙ୍କା ନଦେବାରୁ ସେ ତାଙ୍କୁ ମାଡ଼ ମାରିବା ସହିତ ତାଙ୍କ ଭ୍ୟାନିଟି ବ୍ୟାଗରୁ ଟଙ୍କା ୩ହଜାର ଟଙ୍କା ଛଡେଇ ନେଇ ପଳାଇ ଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଚିତ୍ତରଂଜନ ସାହୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ସୂତ୍ରରୁ ପ୍ରକାଶ।

# ମଧୁ ବାରିଷ୍ଟର ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



କଟକ,୧୪।୧୨(ସମିସ): ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ମହାବୀର ସ୍ପୋର୍ଟିଂ କ୍ଲବ୍ ନରଣପୁର, ବାରଙ୍ଗସ୍ଥିତ ଖେଳ ପିଡ଼ିଆରେ ପଞ୍ଚମ ବାର୍ଷିକ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ବାର ଆସୋସିଏସନ ଓ ଢେଙ୍କାନାଳ ବାର ଆସୋସିଏସନ ମଧ୍ୟରେ ଭୁବନେଶ୍ୱର ବାର ଆସୋସିଏସନ ବିଜୟୀ ହୋଇ ଚଳିତବର୍ଷ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ଭୁବନେଶ୍ୱର ବାର ଆସୋସିଏସନର ମିଳନ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ରଞ୍ଜିତ କେଶରୀ ରାୟ ଓ ଆଇନଜୀବୀ ସ୍ୱର୍ଗତ ସୁଶୀଳ ସ୍ୱାଇଁଙ୍କ ସ୍ମୃତିରେ ଶୋକସଭା ସହ ସେମାନଙ୍କର ଧର୍ମପତ୍ନୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ରୂପେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ, କଟକ ମେୟର ସୁବାସ ସିଂ, ସମାଜସେବୀ ପ୍ରଭାତ ନନ୍ଦ, କର୍ପୋରେଟର ଗଗନ ଓଝା, ଇତିଶ୍ରୀ ଦାସ,ସଞ୍ଜୀବ ଜେନା,ଶିକ୍ଷାବିତ ବଂଶୀଧର ପରିଡା,ବିଜେପି ନେତା ବୁଲୁ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଆଇନଜୀବୀ ଶରତଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ସାହୁ,ଗଦାଧର ସାହୁ,ନରେନ୍ଦ୍ର ସାହୁ,ଦୁଃଶାସନ ରାଉତ,ଅଜୟ ମହାରଣା,ଧର୍ମାନନ୍ଦ ସୁବୁଦ୍ଧି,ପ୍ରଦୀପ ପରିଡା,ଶିଶିର କୁମାର ବିଶ୍ୱାଳ,ସୁବାସ ଚନ୍ଦ୍ର ମହାନ୍ତି,ଶୁଭ୍ରାଂଶୁ ମହାନ୍ତି,ତାପସ ନାୟକ,ସ୍ମୃତିରଞ୍ଜନ ରାଉତ,ସୁବାଶିଷ ପଟନାୟକ,ସ୍ୱଦେଶ ଦାସ,ପୁନିଲ ସ୍ୱାଇଁ,ସମରେନ୍ଦ୍ର ସେଠି,ରବୀନ୍ଦ୍ର ଲେଙ୍କା ସହଯୋଗ କରିଥିଲେ। ସଙ୍ଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧକ୍ଷ ମହେନ୍ଦ୍ର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ପରିଚାଳନା କରିଥିଲେ।

**ଶୀତରେ ଥରୁଛି ସହର**

# ରାସ୍ତାକଡ଼ରେ ଶୋଉଛନ୍ତି ନିରାଶ୍ରୟ; ରାତ୍ର ଆଶ୍ରୟସ୍ଥଳୀ ଫାଙ୍କା





କଟକ,୧୪।୧୨(ସମିସ): ଶୀତରେ ଥରୁଛି ସହର। ବିପଦପୂର୍ଣ୍ଣ ଭାବେ ରାସ୍ତା କଡରେ ସଂଖ୍ୟାଧିକ ନିରାଶ୍ରୟ ରାତି କାଟୁଛନ୍ତି। ରାତ୍ର ଆଶ୍ରୟସ୍ଥଳୀ ଥାଇ ମଧ୍ୟ ସେଠାକୁ କେହି ଯାଉନଥିବା ଦେଖିବାକୁ ମିଳୁଛି। ସୂଚନା ସହରରେ ୫ଟି ରାତ୍ର ଆଶ୍ରୟସ୍ଥଳୀ ରହିଛି। ମହାନଗର ନିଗମ ପକ୍ଷରୁ ଏହି ରାତ୍ର ଆଶ୍ରୟସ୍ଥଳୀକୁ ପରିଚାଳନା କରାଯାଉଛି। ସହରରେ କୌଣସି ଲୋକ ଯେମିତି ରାସ୍ତା କଡରେ ନଶୋଇବେ, ସେମାନଙ୍କୁ ରାତ୍ର ଆଶ୍ରୟସ୍ଥଳରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ସତୀଚଉରା, କାଠଗଡ଼ା ସାହି, ଶିଶୁ ଭବନ, ଜଗତପୁର ଏବଂ ଦେଉଳସାହିରେ ଆଶ୍ରୟସ୍ଥଳୀ ଖୋଲାଯାଇ ଅସହାୟ ଲୋକଙ୍କୁ ଆଶ୍ରୟ ଦିଆଯାଉଥିବା କୁହାଯାଉଛି। କିନ୍ତୁ ବାସ୍ତବସ୍ଥିତି ଭିନ୍ନ ରହିଛି। ସେହିପରି ମହାନଗରରେ ୨ଟି ଆନନ୍ଦାଳୟ ଖୋଲାଯାଇ ଭିକାରୀ ଏବଂ ବଞ୍ଜାରାଙ୍କୁ ରଖାଯାଉଛି। ପ୍ରଶାସନ ଏଭଳି ଉତ୍ତମମାନର ବ୍ୟବସ୍ଥା କରିଥିବା ବେଳେ ଶୀତରେ ରାସ୍ତା କଡରେ ଶହ ଶହ ଅମାନିଆ ଶୋଉଛନ୍ତି। ଅନ୍ୟପଟେ ମାଲଗୋଦାମ ଥାନା ସାମ୍ନା, ହାୱାର୍ଡମୋଟର ଛକ, କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖ, ଗୋରାକବର ପର୍ଯ୍ୟନ୍ତ ଚିଂବନ୍ଧ ଉପରେ ବେପରୁଆ ଭାବେ ବଞ୍ଜାରା ଓ ବସ୍ତିବାସିନ୍ଦାମାନେ ରାତିରେ ଚିଂବନ୍ଧ କଡରେ ଶୋଉଛନ୍ତି। ଏଥିପ୍ରତି ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ଉଠିଛି। ଏହା ଉପରେ କାହାର ନିୟନ୍ତ୍ରଣ ରହୁନାହିଁ। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ଘଟୁଛି। ଅନ୍ୟ ପକ୍ଷରେ ଭାରିଯାନ ତଥା ହାଇୱା ଚାଳକମାନେ ବେଗରେ ନିୟନ୍ତ୍ରଣ ନରଖି ବେପରୁଆ ଭାବେ ଗାଡି ଚାଳନା କରୁଛନ୍ତି। ଏବେ ଦ୍ରୁତଗତିରେ ହାଇୱା ଚଳାଚଳ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି।

ରାତି ୧୦ଟା ବାଜିଲେ ରାସ୍ତା କଡରେ ସଂଖ୍ୟାଧିକ ବଞ୍ଜାରା, ବସ୍ତି ବାସିନ୍ଦା, ଭିକାରି ଏବଂ ମଦ୍ୟପମାନେ ଶୋଉ ଥିବାର ଦେଖିବାକୁ ମିଳୁଛି। ବିନା ଭୟରେ ରାସ୍ତା କଡ଼, ଫୁଟ୍‌ପ୍ୟାଥ୍ ଏବଂ ଚିଂବନ୍ଧ ଉପରେ ଏମାନେ ରାତି ସାରା ଶୋଇ ରହୁଛନ୍ତି। ଯଦିଓ ପୁଲିସ ଚେକିଂ କଡାକଡି ରହିଛି, ତଥାପି ଏମାନଙ୍କୁ ରାସ୍ତା କଡରେ ଶୋଇବାକୁ ବାରଣ କରିବାରେ ପୁଲିସ ବିଫଳ ହୋଇଛି। ଏଭଳି ଦୃଶ୍ୟ ମଣିମନ୍ଦିର ଛକଠାରୁ ଚହଟା ଛକ ପର୍ଯ୍ୟନ୍ତ ଏବଂ ଚହଟା ଛକଠାରୁ ମାଲଗୋଦାମ ଥାନା ପର୍ଯ୍ୟନ୍ତ ଚିଂବନ୍ଧ କଡରେ ପ୍ରତ୍ୟେକ ଦିନ ରାତିରେ ଦେଖିବାକୁ ମିଳୁଛି। ଯେହେତୁ ଚିଂବନ୍ଧରେ ବିଳମ୍ବିତ ରାତ୍ରିରେ ମାଲବାହୀ ଗାଡି ଏବଂ ବାଲି ବୋଝେଇ ହାଇୱା ଗୁଡ଼ିକ ଦ୍ରୁତ ଗତିରେ ଯିବା ଆସିବା କରୁଛନ୍ତି, ତେଣୁ ଏମାନଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏବେ ନେତାଜୀ ବସ୍ ଟର୍ମିନାଲ କଡ ୬ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଛି। ଏଥି ପାଇଁ ମଲାଚଣ୍ଡିଆ ଛକରେ ଚିଂବନ୍ଧକୁ ଖୋଳି ଦିଆଯାଇଛି। ଏଠାରେ ୫୦ରୁ ଅଧିକ ବସ୍ତି ବାସିନ୍ଦା ରାସ୍ତା କଡ଼ରେ ରାତି କଟାଉଛନ୍ତି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ରାତିରେ ଶୋଇବା ଆଦୌ ନିରାପଦ ନୁହେଁ। ଯଦି କୌଣସି ମାଲବୋଝେଇ ଗାଡ଼ି ରାସ୍ତା କଡ଼କୁ ମାଡିଯାଏ, ତେବେ ଅକାରଣେ ଜୀବନ ହାନି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମସ୍ୟା ବାବଦରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପ୍ରଶ୍ନ କରିବାରୁ ସେ କହିଛନ୍ତି, ପୂର୍ବରୁ ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଭାବେ ନଶୋଇବାକୁ ପ୍ରଚାର କରାଯାଇଥିଲା। କିନ୍ତୁ ବଞ୍ଜାରା, ବସ୍ତି ବାସିନ୍ଦା ଏସବୁକୁ କର୍ଣ୍ଣପାତ କରୁନାହାନ୍ତି। ଏଣିକି ପ୍ରତ୍ୟେକ ଦିନ ରାତିରେ ପିସିଆର୍ ଭ୍ୟାନ୍ ବୁଲି ସହରର ବିଭିନ୍ନ ଅଞ୍ଚଳରେ ଯେଉଁମାନେ ରାସ୍ତା କଡରେ ଶୋଉଛନ୍ତି, ସେମାନଙ୍କୁ ବାରଣ କରିବ। ତା'ପରେ କୌଣସି ଲୋକ ଅମାନିଆଁ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିସିପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

## ଜୟପୁର 'ରହାଗିରି'ରେ ପ୍ରବଳ ଭିଡ଼

# ଓଲିଉଡ଼ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିଲେ ଦର୍ଶକ






ଜୟପୁର,୧୪।୧୨(ସମିସ): ଆଜି ଜୟପୁର ସହରର ମୁଖ୍ୟରାସ୍ତାରେ ପୂର୍ବାହ୍ନରେ ପଥୋତ୍ସବ (ରହାଗିରି) ଆୟୋଜିତ ହୋଇଥିଲା। ଏହି ପ୍ରୟାସକୁ ପ୍ରତିବର୍ଷ ବଜାୟ ରଖିବାକୁ ଚେଷ୍ଟା ଜାରି ରଖିବେ ବୋଲି ଆଜି ସଭା ମଞ୍ଚରେ କହିଛନ୍ତି ପଥୋତ୍ସବର ମୁଖ୍ୟ ଆୟୋଜକ ଭୂମିକା ନେଇଥିବା ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ. ସସ୍ୟାରେଡ୍ଡୀ। ଓଡିଆ ସିନେମାର ଅଭିନେତ୍ରୀ ତଥା ଗାୟୀକା ଡା .ଅନୁରାଧା ପାଣିଗ୍ରାହୀ ଓ ଇଣ୍ଡିଆନ ଆଇଡଲର ଗାୟକ ବିଶ୍ୱଜିତ ମହାପାତ୍ରଙ୍କ ମନଛୁଆଁ ଗୀତରେ ସାରା ଜୟପୁରବାସୀ ଝୁମି ଉଠିଥିଲେ। ପୁଣିଥରେ ସୃଷ୍ଟି ହୋଇଥିବା ଏହି ଉତ୍ସବ ଜୟପୁରବାସୀଙ୍କ ମନରେ ଭରି ଦେଇଥିଲା ନିଆରା ଅନୁଭୂତି। ପ୍ରବଳ ଶୀତରେ ଆଜି ସକାଳରେ ୭ ଟା ପ୍ରାୟ ୧୦ ହଜାର ଲୋକଙ୍କ ସମାବେଶରେ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଜୟପୁର ମୁଖ୍ୟ ରାସ୍ତାରେ ମସ୍ତି କରିବାକୁ ନଥିଲା କେ?ଣସି ଅଟକ। ପିଲାଙ୍କ ଠାରୁ ବୁଢାଙ୍କ ପର୍ଯ୍ୟନ୍ତ ସମସ୍ତେ ନାଚିଲେ ଗାଇଲେ ଶିଖିଲେ ଶିଖାଇଲେ। ଶୀତୁଆ ରବିବାର ସକାଳକୁ ରାଜରାସ୍ତାରେ ମନଭରି ଉପଭୋଗ କଲେ। ସାଢେ ୩ଘଣ୍ଟାର ଉତ୍ସବରେ ଏମିତି ମଜିଗଲେ ଯେ ସମୟ କେତେବେଳେ ସରିଗଲା ଜାଣିପାରିଲେ ନାହିଁ। ଅନେକ ସ୍ମୃତି ଓ ଅନୁଭୂତି ସାଙ୍ଗକୁ କିଛି କଳା ଓ କୌଶଳ ନେଇ ଘରକୁ ଫେରିଲେ ସହରବାସୀ। ଏହାକୁ ସଫଳ କରିବାକୁ ଜିଲ୍ଲାପ୍ରଶାସନ ଯେପରି ବ୍ୟବସ୍ଥା ଗ୍ରହଣ କରିଥିଲା ତାହାଠୁ ଅଧିକ ବ୍ୟବସ୍ଥିତ ଭାବେ ସହଯୋଗ କରିଥିଲେ ସହରବାସୀ। ରାଜରାସ୍ତାରେ ଏକାଠି ହୋଇଥିଲ ଜୟପୁର ବାସିନ୍ଦା ଗୌଡ ସାହିର ୱେଲ୍ କମ୍ ଛକ ଯାଏ ଲାଗିଥିବା ଷ୍ଟଲ ଗୁଡିକରେ ମନୋରଞ୍ଜନ ଶିକ୍ଷାଧର୍ମୀ ବିଷୟବସ୍ତୁ ଜୟପୁରବାସୀଙ୍କୁ ଯୋଗାଇଥିଲା ମନୋରଞ୍ଜନର ଖୋରାକ। ମଞ୍ଚରେ ପ୍ରଥମେ ଜୟପୁର କଳାକାରଙ୍କ ନୃତ୍ୟ ପରିବେଷଣ ହୋଇଥିଲା। ଏହିପରି ଜୟପୁର ସହରର ବିଭିନ୍ନ ଡ୍ୟାନ୍ସ ଗ୍ରୁପର କଳାକାର ମାନେ ନିଜ ନିଜ ପ୍ରତିଭା ଦେଖାଇଥିଲେ। ଏତିକିରେ ସୀମିତ ନଥିଲା ପଥୋତ୍ସବ। ଶୀତୁଆ ସକାଳକୁ ଆହୁରି ମନୋରଞ୍ଜନ କରିବା ନିମନ୍ତେ ଆସିଥିଲେ ଚଳଚ୍ଚିତ୍ର ଅଭେନେତ୍ରୀ ଅନୁରାଧା ପାଣିଗ୍ରାହୀ ଓ ଇଣ୍ଡିଆନ ଆଇଡଲର ଗାୟକ ବିଶ୍ୱଜୀତ ମହାପାତ୍ର। ବେଷ୍ଟ ଆଉଟ ଅଫ ଷ୍ଟେଜ୍ ,ଝୋଟି, ଭେଜିଟେବୁଲ ଆର୍ଟ, ମେହେନ୍ଦି, ପେପର କ୍ରାଫ୍ଟ ପ୍ରତିଯୋଗୀତା, କ୍ରିଏଟ ୟୋର ଓନ କାନଭାସ, ଖେଳକୁଦ, ପରିବେଶ ଓ ପରିସ୍ଥିତିକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା, ମ୍ୟୁଜିକାଲ ଚେୟାର, ସଂକୀର୍ତ୍ତନ, ସ୍କେଟିଂ,କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ନାହିଁ ନଥିବା ଉତ୍ସାହ। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜୟପୁର ,ଏସ୍‌ପି ରୋହିତ ବର୍ମା, ଏଡିଏମ ତପନ କୁମାର ନାୟକ, ସିଡିଓ ବେଣୁଧର ଶବର, ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଟାଉନଥାନା ଅଧିକାରି ଉଲ୍ଲାସ ରାଉତ, ସଦରଥାନା ଅଧିକାରି ସଚ୍ଚିଦ୍ର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ। ରାହାଗିରିରେ ସ୍ୱେଚ୍ଛାକୃତ ଭାବେ ଜୟପୁର ସହରର ବ୍ୟବସାୟୀ ସଞ୍ଜୟ କୁମାର ଜୈନ ସହଯୋଗ କରିଥିଲେ।

## • 'ରାହାଗିରି'ରେ 'ଜଗନ୍ନାଥ ସାଗର ବଞ୍ଚାଅ' ଶୋଭାଯାତ୍ରା

# ପ୍ରବେଶ ପଥରେ ଅଟକାଇଲା ପୁଲିସ




ଜୟପୁର,୧୪।୧୨(ସମିସ): ଆଜି ପୂର୍ବାହ୍ନରେ 'ରାହାଗିରି' ଧୁମ୍‌ଧାମ୍‌ରେ ଚାଲିଥିବା ବେଳେ 'ଜଗନ୍ନାଥ ସାଗର ବଞ୍ଚାଅ' ନେଇ କିଛି ସ୍ଥାନୀୟ ଯୁବକ ହାତରେ ପ୍ଲାଗକାର୍ଡ ଧରି ରାହାଗିରି ଆୟୋଜନ ସ୍ଥଳରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ପୁଲିସ ରାସ୍ତାରେ ଅଟକାଇଥିଲେ। ସେଠାରେ ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା। ଶୋଭାଯାତ୍ରାରେ କୌଣସି ସ୍ଲୋଗାନ ନ ଦେବା ସତ୍ତ୍ୱ ରେ ଏବଂ ଶାନ୍ତି ପୂର୍ଣ୍ଣ ଭାବେ ସହରର ମୁଖ୍ୟ ରାସ୍ତା ପରିକ୍ରମା କରିଥିଲେ। ଏଥିରେ କୃଷ୍ଣ କେଶବ ଷଡଙ୍ଗୀ, ସାଧୁ ଚରଣ ଦାସଚୌଧୁରୀ, ସୁବ୍ରତ ପଣ୍ଡା, ବିଶ୍ୱନାଥ ନନ୍ଦ, ବାରିଗେଡା ଚନ୍ଦ୍ରଶେଖର, ରାଜ କିଶୋର ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ସାଗର କୂଳରେ ହେଉଥିବା ପେଟ୍ରୋଲ ପମ୍ପ ବନ୍ଦ କରିବା, ଜଗନ୍ନାଥ ସାଗର ବଞ୍ଚାଇବା ଭଳି ଅନେକ ପ୍ଲା କାର୍ଡ ଧରି ଶାନ୍ତି ଶୋଭାଯାତ୍ରା କରିଥିଲେ।

# ଦେଓମାଳି ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ



ପଟ୍ଟାଙ୍ଗି,୧୪।୧୨(ସମିସ): ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଠାରେ ଆସନ୍ତା ୧୬ ତାରିଖ ଦିନ ହେବାକୁ ଥିବା ଦେଓମାଳି ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା। ମଙ୍ଗଳାବର ଦିନ ହେବାକୁ ଥିବା ଦେଓମାଳି ଉତ୍ସବକୁ ସାଫଲ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ମାନ୍ୟଗଣ୍ୟ ଜନ ପ୍ରତିନିଧିଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରାଯିବା ନେଇ ନିଷ୍ପତି ନିଆଯାଇଥିଲା। ସ୍ଥାନୀୟ କୋରାପୁଟିଆ ଗାୟକ କମଳ ବୁରୁଡ଼ିଙ୍କ ଅର୍କେଷ୍ଟ୍ରାକୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରିବା ନିମନ୍ତେ ନିଷ୍ପତି ନିଆଯାଇଥିଲା। କାର୍ଯ୍ୟକ୍ରମରେ କନ୍ଧ ନୃତ୍ୟ, ପୁକାଲି ଗ୍ରାମର କାଠି ନାଚ, ଢେମସା ନୃତ୍ୟ, କୁଇ ଗୀତ ଆଦି କାର୍ଯ୍ୟକ୍ରମ କରିବା ନେଇ ଆଲୋଚନା କରାଯାଇଥିଲା। ସମସ୍ତ ସରକାରୀ କର୍ମଚାରୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଚାର ପ୍ରସାର କରାଯିବା ନେଇ ନିଷ୍ପତି ହୋଇଥିଲା। ଆଜିର ବୈଠକ ସମୟରେ କୋଟିଆର ସମିତି ସଭ୍ୟା ଅମ୍ବିକା ପାଙ୍ଗି ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

# ବିଜ୍ଞାନ ପ୍ରଦର୍ଶନୀରେ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ୍‌ର ସଫଳତା

ରାୟଗଡ଼ା,୧୪।୧୨(ସମିସ): ଯୁବ ମହୋତ୍ସବ ଅବସରରେ ମହିଳା ମହାବିଦ୍ୟାଳୟ ରାୟଗଡ଼ା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ ସ୍ଥାନ ହାସଲ କରି ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ୍ ଅନୁଷ୍ଠାନ ପାଇଁ ଗୌରବ ଆଣିଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରଦର୍ଶନୀ ମାଧ୍ୟମରେ ଉଲ୍ଲେଖନୀୟ ବୈଜ୍ଞାନିକ ସୃଜନଶୀଳତା ଏବଂ ନବସୃଜନ ପ୍ରଦର୍ଶନ କରିଥିଲେ। 'ଇକୋ-ସ୍ମାର୍ଟ ମନିଟରିଂ ଇଣ୍ଡଷ୍ଟ୍ରିଆଲ୍ ସିଟ' ଶୀର୍ଷକ ପ୍ରକଳ୍ପଟି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହି ପ୍ରକଳ୍ପକୁ ଗୌରୀଶଙ୍କର ପଟ୍ଟନାୟକ, ବଂଶୀକୃଷ୍ଣ, ହର୍ଷବର୍ଦ୍ଧନ, ଚିନ୍ମୟୀ ମିଶ୍ର, ତାନିଶା ସିଂହ ଏବଂ କୃନ୍ଦନା ଉପସ୍ଥାପନ କରିଥିଲେ ଏବଂ ଏହାର ମୌଳିକତା, ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ବ୍ୟାବହାରିକ ପ୍ରୟୋଗ ପାଇଁ ବିଚାରକମାନଙ୍କ ଦ୍ୱାରା ଏହାକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ରେଲୱେ ସେଫ୍ଟି" ଶୀର୍ଷକ ଅନ୍ୟ ଏକ ଉଲ୍ଲେଖନୀୟ ପ୍ରକଳ୍ପ ଆଦିତ୍ୟ ନନ୍ଦ, ସାର୍ଥକ ଚାନ୍ଦ, ଖିରାଦି, ସୁଦୀପ୍ତି ସାହୁ ଏବଂ ଓମକାର ନାୟକଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା, ଯାହା ପ୍ରଦର୍ଶନୀରେ ତୃତୀୟ ସ୍ଥାନ ହାସଲ କରିଥିଲା। ଏହି ପ୍ରକଳ୍ପଟି ରେଳବାଇ କାର୍ଯ୍ୟକୁ ବୃଦ୍ଧି କରିବା ପାଇଁ ନିରାପତ୍ତା ବ୍ୟବସ୍ଥା ଏବଂ ବୈଷୟିକ ସମାଧାନ ଉପରେ ଆଲୋକପାତ କରିଥିଲା। ଉଭୟ ପ୍ରକଳ୍ପ ବିଜ୍ଞାନ ବିଭାଗର ଉତ୍ସର୍ଗୀକୃତ ଅଧ୍ୟାପକ ପ୍ରଶାନ୍ତ, ବିଭୂତି, ରବି, ଶ୍ରୀମତୀ ବବିତା ଏବଂ ଶ୍ରୀମତୀ ଅଖିଳାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯାହାର ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କ ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଅଧ୍ୟକ୍ଷ ଆର୍. କେ. ମହାପାତ୍ର ଏବଂ ନିର୍ଦ୍ଦେଶକ ଡକ୍ଟର ରାଜେଶ କୁମାର ପାଢୀ ସେମାନଙ୍କ ଗର୍ବ ଏବଂ ପ୍ରଶଂସା ବ୍ୟକ୍ତ କରି ଛାତ୍ରଛାତ୍ରୀ ତଥା କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏହିପରି ଉପଲବ୍‌ôଧ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନବସୃଜନ ଏବଂ କୌତୁହଳକୁ ପ୍ରୋତ୍ସାହିତ କରିଥାଏ। ଏହି ସଫଳତା ବିଜ୍ଞାନ ଶିକ୍ଷା ଏବଂ ସାମଗ୍ରିକ ଛାତ୍ର ବିକାଶରେ ଉତ୍କର୍ଷ ପାଇଁ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ଧାନରେ ତିଆରି ହେଉଛି ସୁନ୍ଦର ମୂର୍ତ୍ତି

## • ସ୍ୱାବଲମ୍ବୀ ହୋଇଛନ୍ତି ଅନେକ ପରିବାର





କୋଷାଗୁମୁଡା,୧୪।୧୨(ସମିସ): ଧାନରେ ତିଆରି ଚାଲିଛି ସୁନ୍ଦର ସୁନ୍ଦର ଭଗବାନଙ୍କ ମୂର୍ତ୍ତି। ତିଆରି ଚାଲିଛି ମହାପ୍ରଭୁ ଶ୍ରୀ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା, ସ୍ୱରସ୍ୱତୀ, ଗଣେଶ, ମା ଲକ୍ଷ୍ମୀ, ଏବଂ ମୟୂର ଏମିତି ଅନେକ କିଛି ମନୋଲୋଭା ମୂର୍ତ୍ତି । କଳା ତ ଅନେକ ରହିଛି । ଏହି କଳା କିନ୍ତୁ ବିରଳ। ଆଖିରେ ନଦେଖିଲେ ବିଶ୍ୱାସ ହେବନାହିଁ । ଆମେ ଧାନକୁ ଲକ୍ଷ୍ମୀ କହିଥାଉ ଏବଂ ଏହି ଧାନ ପ୍ରତ୍ୟେକ ମନୁଷ୍ୟକୁ ଭୋଜନ ଦେଇଥାଏ। ଏମାନେ କିନ୍ତୁ ଗୋଟା ଧାନକୁ ହଳଦୀ ରଙ୍ଗ ଦେଇ ତିଆରି କରିଛନ୍ତି ଏମିତି ସୁନ୍ଦର ଜିନିଷ। ଏଥିରୁ ବେଶ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି । ଏହି କଳା ଦେଖିବାକୁ ମିଳୁଛି କେବଳ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଉପାନ୍ତ ଅଞ୍ଚଳ କେ. ସେମେଲା ପଞ୍ଚାୟତର ଲିମଭଟା ଗ୍ରାମରେ। ଗ୍ରାମର ଧନଲକ୍ଷ୍ମୀ ଏସଏଚଜି ଗ୍ରୁପର ସଦସ୍ୟ ମାନେ ଏହି କାର୍ଯ୍ୟ କରୁଛନ୍ତି । ପରିବାରର ଛୋଟ ଛୁଆଠୁ ଆରମ୍ଭ କରି ବୃଦ୍ଧବୃଦ୍ଧା ଏହି କାମରେ ଲାଗି ରହୁଛନ୍ତି। କଳାରେ ଭରପୁର ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅଞ୍ଚଳବାସୀ ପୂର୍ବପିଢ଼ିରୁ ଏହି କଳାରୁ ସେମାନଙ୍କ ରୋଜଗାର କରୁଛନ୍ତି। ଦିନ ଥିଲା ଗାଁ ଗାଁକୁ ଏହି ଜିନିଷ ବିକ୍ରି ପାଇଁ ବୁଲିବାକୁ ପଡୁଥିଲା। ବର୍ତମାନ କିନ୍ତୁ ଏହାର ପ୍ରଚାର ପ୍ରସାର ହେବା ପରେ ଆଗଭଳି ଆଉ ବିକ୍ରି ପାଇଁ କଷ୍ଟ କରିବାକୁ ପଡୁନାହିଁ । ଏହି ଧନ ଲକ୍ଷ୍ମୀ ଗ୍ରୁପକୁ ସରକାରଙ୍କ ତରଫରୁ ଅନେକ ପ୍ରଶିକ୍ଷଣ ଦେବା ସହ ମାମାର୍କେଟିଂ ଲିଙ୍କେଜ ମଧ୍ୟ କରାଯାଇଥିବା ପ୍ରକାଶ କରିଥିଲେ ଗ୍ରୁପର ସଦସ୍ୟ। ବିଭିନ୍ନ ମେଳା, ଯାନୀଯାତ୍ରା ତଥା ରାଜ୍ୟ ଏବଂ ରାଜ୍ୟ ବାହାରେ ହେଉଥିବା ପ୍ରଦର୍ଶନି ସ୍ଥାନ ମାନଙ୍କରେ ଏମାନଙ୍କର ଏହି ଜିନିଷର ଚାହିଦା ଢେର ରହିଥାଏ। ଧାନରେ ତିଆରି ଏହି ଠାକୁରଙ୍କ ପ୍ରତିମୂର୍ତ୍ତି କୋଣସି ଘରେ ରଖିଲେ ଗୃହକୁ ବେଶ ଶୋଭା ପାଇଥାଏ । ସେଥିପାଇଁ ତ ଏହାର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ଢେର ରହିଛି । ଅନେକ ଥର ଭୁବନେଶ୍ୱର ଦିଲ୍ଲୀ ପ୍ରଦର୍ଶନି ପଡିଆରେ ଏହି ଗ୍ରୁପର ସଦସ୍ୟ ମାନେ ଏହି ହାତ ତିଆରି ଜିନିଷ ପ୍ରଦର୍ଶିତ କରି ବେଶ ପ୍ରଶଂସିତ ହୋଇଛନ୍ତି । ବର୍ତମାନ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସଂସ୍ଥା ପକ୍ଷରୁ ଏମାନଙ୍କ ପାଖକୁ ଏହି ଜିନି ତିଆରି ପାଇଁ ର୍ଡର ଆସୁଥିବା ପ୍ରକାଶ କରିଥିଲେ । ଏବଂ ଏହି ବୃତ୍ତି ଆପଣେଇ ପରିବାର ସ୍ୱଚ୍ଛଳ ହେବା ସହ ବେଶ ଖୁସି ଥିବା ପ୍ରକାଶ କରିଥିଲେ । ସାମ୍ପ୍ରତିକ ଯୁଗରେ ଅନେକ ଲୋକେ ରୋଜଗାର ପାଇଁ ପଥଭ୍ରାନ୍ତ ହେଉଥିବା ବେଳେ ଏହି ଉପାନ୍ତ ଅଞ୍ଚଳର ସଦସ୍ୟ ମାନେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । କୁଲି ମଜୁରୀ ନକରି ଅନ୍ୟ କାହା ପାଖରେ ହାତ ନ ପତାଇ ନିଜର ବୃତ୍ତି କଳାକୁ ଉଜ୍ଜୀବିତ ରଖିବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି ଏହି ପରିବାର ମାନେ। ହାତ ତିଆରି ଏହିଭଳି ଅନେକ ସୁନ୍ଦର ଜିନିଷ ବିକ୍ରି କରି ବେଶ ଶାନ୍ତିରେ ଜୀବନ ଅତିବାହିତ କରୁଛନ୍ତି ।

## • ଲୋକ ମହୋତ୍ସବ 'ମଣ୍ଡେଇ'ର ଦ୍ୱିତୀୟ ଦିନ

# ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ



ନବରଙ୍ଗପୁର, ୧୪।୧୨ (ସମିସ) : ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅର୍କେଷ୍ଟ୍ରାରେ ଦୁଲୁକିଲା ମଞ୍ଚ। ପ୍ରଥମେ ସ୍ୱାଗତ ସଙ୍ଗୀତ ପରିବେଷଣ ରୁ ଆରମ୍ଭ ହୋଇଥିଲା ୨ୟ ଦିନର ଲୋକ ମହୋତ୍ସବ ମଣ୍ଡେଇ କାର୍ଯ୍ୟକ୍ରମ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ଆରମ୍ଭ ହୋଇଥିବା ମଣ୍ଡେଇ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର ମଣ୍ଡେଇ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ସଂଗ୍ରାମ କେଶରୀ ମହାପାତ୍ର ଯୋଗ ଦେଇ କହିଲେ ଯେ, ଆଜି ପର୍ଯ୍ୟନ୍ତ ଯେତିକି ବହି ପଢ଼ିଛି ସବୁଥିରେ ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ସହିତ ନବରଙ୍ଗପୁର ଜିଲ୍ଲାର କଳା ଏବଂ ସଂସ୍କୃତି ବିଷୟରେ। ଯାହାକି ଆଜି ମୁଁ ଯେତେବେଳେ ଏହି ମଣ୍ଡେଇ କାର୍ଯ୍ୟକ୍ରମ ରେ ଯୋଗ ଦେଇ କଳା, ସଂସ୍କୃତି , ଲୋକ କଳା , ଲୋକ ନୃତ୍ୟ ଏବଂ ପାରମ୍ପରିକ ଗୀତ ନାଚ ଏବଂ କଳା ର ଭରପୁର ଥିବା ଜିଲ୍ଲା ହେଉଛି ନବରଙ୍ଗପୁର ଜିଲ୍ଲା ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ପୂର୍ବତନ ଜିଲ୍ଲାପାଳ ତଥା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ଃ କୋମଳ ଲୋଚନ ମିଶ୍ର ଯୋଗ ଦେଇ ଏହି ନବରଙ୍ଗପୁର ମାଟି ଏକ କଳାକାର ତଥା କଳା ଓ ସଂସ୍କୃତିର ମାଟି ବୋଲି କହିଥିଲେ। ଏହି ଅବସରରେ ଅନ୍ୟତମ ସମ୍ମାନିତତ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ଦୌରା ଜଜ୍ ସୁବ୍ରତ ମହାନ୍ତି ଯୋଗଦେଇ ନବରଙ୍ଗପୁର ଜିଲ୍ଲା ଏକ ଏଭଳି ଜିଲ୍ଲା ଏହି ଜିଲ୍ଲାରୁ ଅନେକ ଆମ ଦେଶକୁ ସ୍ୱାଧୀନ କରିବାରେ ନିଜକୁ ବଳିଦାନ ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ହେଉଛି କଳା, ସଂସ୍କୃତି , ଲୋକ ନୃତ୍ୟ ଏବଂ ଲୋକ କଳାର ଜିଲ୍ଲା ବୋଲି ନିଜ ବକ୍ତବ୍ୟରେ କହିଛନ୍ତି ଜିଲ୍ଲା ଦୌରା ଜଜ୍ ସୁବ୍ରତ ମହାନ୍ତି। ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସିଆର୍‌ପିଏଫ୍ କମାଣ୍ଡେଣ୍ଟ ଏନ କେ କେ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଦ୍ୱିତୀୟ ସନ୍ଧ୍ୟାରେ ସଭାକାର୍ଯ୍ୟ ଶେଷ ହେବା ପରେ ଯୋଗଦେଇଥିବା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ସହ ଉପସ୍ଥିତ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଙ୍କୁ ମଣ୍ଡେଇ ସ୍ମୃତି ଫଳକ ଦେଇ ସମ୍ମାନୀତ କରାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମେ ଜଗନ୍ନାଥ କଳା କେନ୍ଦ୍ର ନବରଙ୍ଗପୁର ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ପରେ ଝାଡ଼ଖଣ୍ଡ ର ସାନ୍ତାଳୀ ନୃତ୍ୟ, ନବରଙ୍ଗପୁର ପୌର ପାଳିକା ପକ୍ଷରୁ ଏକ ନୃତ୍ୟ,ନୂଆପଡ଼ା ର ଘୁମୁରା ନୃତ୍ୟ,ଉମରକୋଟ ପୌର ପାଳିକାର ଏକ ନୃତ୍ୟ, କୋଟପାଡ଼ର ଦୁରୁଆ ନୃତ୍ୟ,, ପାପଦହାଣ୍ଡିର ଶିଙ୍ଗ ବାଜା ନୃତ୍ୟ , ରାୟଗଡ ର କୁଟିଆ କନ୍ଧ ନୃତ୍ୟ ଏବଂ ଏହି ସବୁ ନୃତ୍ୟ କାର୍ଯ୍ୟକ୍ରମ ସରିବା ପରେ ସାରେଗାମା ପା ବିଜେତା ନିଷ୍ଠା ଶର୍ମା ଏବଂ ଦଳ ଙ୍କୁ ନେଇ ଏକ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।" ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାରେ ଚଳିତ ୨୦୨୫ରେ ବିଭିନ୍ନ ପ୍ରକାର ମୋଟ ୪୦୦ଟି ଷ୍ଟଲ କରାଯାଇଥିଲା। ୨ୟ ଦିନର ମହୋତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା, ନବରଙ୍ଗପୁର ତହସିଲଦାର କୁଷ ଗରଡ଼ା , ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା , ନବରଙ୍ଗପୁର ଜରୁରୀ କାଳୀନ ବିଭାଗର , ସେକ୍ସନ ଅଧିକାରୀ ତ୍ରିପତି ବାଲାଜୀ ସାହୁ ,ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ , କର୍ମଚାରୀ ଉପସ୍ଥିତ ଥିବା ବେଳେ ବହୁ ପରିମାଣରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ମଣ୍ଡେଇ ପଡିଆ ପରିସର ଏବଂ ସହରରୁ ମଣ୍ଡେଇ ସ୍ଥଳକୁ ପହଞ୍ଚିବା ରାସ୍ତାର ହେଉଥିବା ଭୀଷଣ ଭିଡ ନିୟନ୍ତ୍ରଣ କରିଥିଲେ।

## • ନବରଙ୍ଗପୁର-ଇନ୍ଦ୍ରାବତୀ ମୁଖ୍ୟରାସ୍ତା ପ୍ରଶସ୍ତିକରଣ

# ଅସମ୍ପୂର୍ଣ୍ଣ ରାସ୍ତାକାମକୁ ନେଇ ଅସନ୍ତୋଷ



ତେନ୍ତୁଳିଖୁଣ୍ଟି , ୧୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ମୁଖ୍ୟାଳୟ ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ସହର ଭାୟା ତେନ୍ତୁଳିଖୁଣ୍ଟି ଦେଇ ତିନି ପର୍ଯ୍ୟାୟରେ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଜାରିରହିଛି । କିନ୍ତୁ ହୋଇଥିବା ରାସ୍ତା ନିର୍ମାଣରେ ବିଭାଗୀୟ ସହଯୋଗର ଅଭାବ ରହୁଥିବା ଅଭିଯୋଗ ହେଉଛି । ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ, ମେଗା ପ୍ରକଳ୍ପ ଏୟାର ଭଲବ, ବୃକ୍ଷ ଆଦି ରାସ୍ତା ଉପରେ ରହିଛି । ସେଗୁଡିକୁ ସ୍ଥାନାନ୍ତର ନକରି ରାସ୍ତା କାର୍ଯ୍ୟ ଜାରିରହିଛି । ଯାହାଫଳରେ ଗୋଟିଏ ପର୍ଯ୍ୟାୟରେ ରାସ୍ତା ନହୋଇ ଦରଖଣ୍ଡିଆ ଭାବରେ ରାସ୍ତା ନିର୍ମାଣ ଚାଲିଛି । ଅଳ୍ପ ବାଟ ଭାଇବ୍ରେଟର ମାଧ୍ୟମରେ ରୋଲିଂ କରି ବିଦ୍ୟୁତ୍ ଖୁଣ୍ଟ ନଚେତ ବୃକ୍ଷ ପାଇଁ କିଛି ସ୍ଥାନ ଛାଡି ପୁଣି କାର୍ଯ୍ୟ କରାଯାଉଛି । ଯାହାଫଳରେ ରାସ୍ତାର ମାନ କମିବା ନେଇ ଆଶଙ୍କା ପ୍ରକାଶ ପାଉଛି । ପୂର୍ବରୁ ବିଭାଗୀୟ ସହଯୋଗ ମିଳୁନଥିବା ନେଇ ଖବର ପ୍ରକାଶ ପାଇଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁନଥିବା କାରଣରୁ ରାସ୍ତା କାର୍ଯ୍ୟ ସଠିକ ରୂପେ ହୋଇପାରୁନାହିଁ । ଅନ୍ୟ ପକ୍ଷରେ ରାସ୍ତା ପ୍ରଶସ୍ତ ପାଇଁ ଟେଣ୍ଡର ପ୍ରକ୍ରିୟା ସରିବା ପରେ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତାକୁ ଲଗାଇ ବିଦ୍ୟୁତଖୁଣ୍ଟ ପୋତାଗଲା। ଯାହାକୁ ନେଇ ଅସନ୍ତୋଷ ଦେଖାଦେବା ସହ ଦୈନିକ ଖବରକାଗଜ 'ସକାଳ'ରେ ରାସ୍ତା କାର୍ଯ୍ୟରେ ବିଦ୍ୟୁତ ଖୁଣ୍ଟି ବାଧକ ହେବା ନେଇ ଖବର ପ୍ରକାଶ ପାଇଥିଲା । କିନ୍ତୁ ପ୍ରକାଶିତ ଖବରକୁ ଗୁରୁତ୍ୱ ନଦେଇ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା କଡରେ ହିଁ ବିଦ୍ୟୁତ ଖୁଣ୍ଟ ପୋତିଥିଲେ। ବର୍ତମାନ ଉକ୍ତ ବିଦ୍ୟୁତ ଖୁଣ୍ଟ ରାସ୍ତା କାର୍ଯ୍ୟରେ ବାଧକ ହେଉଥିବାରୁ ସରକାରୀ ରାଜକୋଷରୁ ଟଙ୍କା ବିନିଯୋଗ କରି ସେଗୁଡିକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ହେଉଛି । ତଥାପି ସ୍ଥାନାନ୍ତରରେ ବିଳମ୍ବ ହେଉଛି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ସରକାରୀ ରାଜକୋଷରୁ ଯେଉଁ ଅର୍ଥର ଦୁରୁପଯୋଗ ହେଲା, ସେଥିପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଦରଖଣ୍ଡିଆ ରାସ୍ତା କାର୍ଯ୍ୟକୁ ନେଇ ବିଭାଗୀୟ ଯନ୍ତ୍ରୀ ଙ୍କ ଅରବିନ୍ଦ ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ବିଭାଗକୁ ପତ୍ର ଲେଖାଯାଇଛି । କିନ୍ତୁ ବିଭାଗୀୟ ସହଯୋଗ ମିଳୁନଥିବାରୁ ଏହିଭଳି କାର୍ଯ୍ୟ ହେଉଛି ବୋଲି କହିଛନ୍ତି।

## ନନ୍ଦପୁର ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀ

# ରଙ୍ଗମରା ବିଜେପି ସରକାରଙ୍କୁ କଡ଼ା ସମାଲୋଚନା




ନନ୍ଦପୁର, ୧୪।୧୨(ସମିସ):

ସାଧାରଣ ନିର୍ବାଚନ ଶେଷ ହୋଇ ନୂତନ ସରକାରକୁ ଦେଢ ବର୍ଷ ବିତିଲାଣି। ଏହି ସମୟରେ ସରକାରଙ୍କ ଗୋଟିଏ ମଧ ଜନହିତକର ଯୋଜନାର ରୂପରେଖ ନଥିବା ବେଳେ କେବଳ ବିଜେଡି ସରକାରଙ୍କ ଯୋଜନାର ରୂପରେଖ ବଦଳାଇ ରଙ୍ଗ ଦେଇ ଚାଲିଛନ୍ତି ବୋଲି କର୍ମୀ ସମ୍ମିଳନୀ ବିଜେପି କର୍ମୀ ଓ ନେତାମାନେ ନୂଆ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ନନ୍ଦପୁର ବ୍ଲକ ବିଜେଡି କର୍ମୀ ସମ୍ମିଳନୀ ନନ୍ଦପୁର ବ୍ଲକ୍‌ର କାବୁଲ ପଡିଆ ପରିସରରେ ଅନୁଷ୍ଠିତ ହୋଇଥିଲା। ଗତ ନିର୍ବାଚନ ରେ ପରାଜୟ ପରେ ନିରାଶ ବିଜେଡି ଦଳୀୟ କର୍ମୀ ଦେଢ ବର୍ଷ ପରେ ମନୋବଳ ଦୃଢ କରିଛନ୍ତି। କର୍ମୀ ସମ୍ମିଳନୀରେ ବ୍ଲକ୍ ସଭାପତି କାଶୀନାଥ ଗୋଳାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା ସ୍ୱାଗତ ଭାଷଣ ଦେଇଥିଲେ। ନନ୍ଦପୁର ବ୍ଲକ୍‌ର ସକ୍ରିୟ କର୍ମୀଙ୍କ ବିୟୋଗରେ ଶୋକ ପ୍ରାର୍ଥନା କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଇଶ୍ୱର୍ଚନ୍ଦ୍ର ପାଣିଗ୍ରାହୀ, ନୂତନ ଜିଲ୍ଲା ସଭାପତି ଝିନ୍ନ ହିକୋକା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପିତମ କୁମାର ପାଢ଼ି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା ମହିଳା ସଭାପତି ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ଏସଡିସି ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ବ୍ଲକ୍ ମହିଳା ସଭାନେତ୍ରୀ କୁନି ଦଳପତି, ଜିଲ୍ଲାପରିଷଦ ସଭ୍ୟ ଲୋଇଛନ ଖରା, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରା କର୍ତ୍ତୁଲ, ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, ଭଗବାନ ପେଟିଆ,ମହିଳା ସଭାନେତ୍ରୀ ଲତା ରାୟ,ବ୍ଲକ୍ ଉପାଅଧ୍ୟକ୍ଷ ଗୋପାଳ ହନ୍ତାଳ,ଯୁବ ନେତା ପ୍ରଭାତ ଗୁରୁମାଇ, ମୁନା ଦଳପତି, ଆକାଶ ଖିଲ, ପ୍ରସନ୍ନ ନାୟକ, ଜଗବନ୍ଧୁ ଚେଟି, ପଦଲାମ ହନ୍ତାଳ,ସେକ ୱଜିଦ ସମେତ ଶତାଧିକ ବହୁ ଯୁବ, ମହିଳା, ବରିଷ୍ଠ କର୍ମୀ ଓ ନେତା ଯୋଗ ଦେଇଥଲେ। ଏହି ଅବସରରେ ନୂତନ ଜିଲ୍ଲା ସଭାପତି ଝିନ୍ନ ହିକ୍କାଙ୍କୁ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତେ ଦଳୀୟ କର୍ମୀ ଓ ନେତା ସଂଗଠନ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଲୋକଙ୍କ ସମସ୍ୟା ସହ ଜଡ଼ିତ ରହିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସେକ ନୁର ଓ ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା ପରିଚାଳନା କରିଥିଲେ।

ଏକାଧିକ ମଣ୍ଡିରେ ନାହିଁ ଗୋଦାମ ଘର

# ମିଲର୍‌ଙ୍କ ଭରସାରେ ହେବ ଧାନ କିଣା

**ଦଶରଥପୁର, ୧୪।୧୨(ସମିସ)**

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ଆସନ୍ତା ମାସ ୭ ତାରିଖ ଠାରୁ ଧାନ ମଣ୍ଡିରେ ଚଳିତ ଖରିଫ ଋତୁର ଧାନ କିଣା ଆରମ୍ଭ ହେବ ବୋଲି ଜିଲ୍ଲା ପ୍ରଶାସନ ନିଷ୍ପତି ନେଇଛି। ତେବେ ମଣ୍ଡିରେ ଚାଷୀଙ୍କ ଧାନ ସୁରକ୍ଷିତ ଭାବେ ରଖିବାକୁ ଦଶରଥପୁର ବ୍ଲକର ଏକାଧିକ ମଣ୍ଡିରେ ଗୋଦାମ ଘର ନାହିଁ।



ଦଶରଥପୁର ବ୍ଲକରେ ଚଳିତ ଖରିଫ ଋତୁରେ ନିଜାମପୁର ପାକ୍ସକୁ ବାଦ ଦେଲେ ଅବଶିଷ୍ଟ ୧୨ଟି ପ୍ୟାକ୍ସ ଚାଷୀଙ୍କ ଠାରୁ ଧାନ କିଣିବେ। ତେବେ ଉକ୍ତ ୧୧ଟି ପ୍ୟାକ୍ସ ମଧ୍ୟରୁ ଦଶରଥପୁର ଓ ମଙ୍ଗଳପୁର ପ୍ୟାକ୍ସକୁ ଛାଡି ଅନ୍ୟ ସବୁ ପ୍ୟାକ୍ସରେ ଚାଷୀଙ୍କ ଧାନର ସୁରକ୍ଷିତ ପାଇଁ ଗୋଦାମ ଗୃହ ନାହିଁ। ସେହିପରି ୧୪ଟି ମହିଳା ଏସ୍‌ଏଚ୍‌ଜି ସ୍ୱୀକୃତିପ୍ରାପ୍ତ ଧାନ ମଣ୍ଡିରେ ଧାନ ବିକିବାକୁ ପଞ୍ଜିକୃତ ଚାଷୀ ନିଜକୁ ସବୁଠୁ ଅଧିକ ଅସୁରକ୍ଷିତ ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏସ୍‌ଏଚ୍‌ଜି ପରିଚାଳିତ ମଣ୍ଡିଗୁଡ଼ିକୁ ସ୍ୱୀକୃତି ଦେବା ପୂର୍ବରୁ ବିଭାଗୀୟ ଅଧିକାରୀ ଚାଷୀଙ୍କ ଧାନ ସୁରକ୍ଷିତ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଫଳରେ ଚଳିତ ଥର ମଣ୍ଡିରେ ଧାନ କିଣା ମିଲରଙ୍କ ଭରସାରେ ହେବ ବୋଲି ଚାଷୀକୂଳ ଆଶଙ୍କା ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ବ୍ୟବସ୍ଥିତ ଢଙ୍ଗରେ ଚାଷୀଙ୍କ ଠାରୁ ଧାନ କିଣିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଦଶରଥପୁର ବ୍ଲକର ଏକାଧିକ ମଣ୍ଡିରେ ସୁରକ୍ଷିତ ଭାବେ ଚାଷୀଙ୍କ ଧାନ ରଖିବାକୁ ଗୋଦାମ ଘର ନଥିବାରୁ ମିଲରଙ୍କ ମନମାନିରେ ମଣ୍ଡି ପରିଚାଳିତ ହେବ ବୋଲି ଅଭିଯୋଗ ହୋଇଛି। ଗୋଦାମ ଘର ଅଭାବ ଯୋଗୁଁ ଅତୀତରେ ଚାଷୀଙ୍କ ଧାନ ମଣ୍ଡିକୁ ନଯାଇ ସିଧାସଳଖ ମିଲକୁ ଯାଇଥିବା ବେଳେ ପାଗ ପରିବର୍ତ୍ତନ ସୁଯୋଗର ଫାଇଦା ଉଠାଇ ମଣ୍ଡିରେ ଚାଷୀଙ୍କ ଧାନକୁ ମନ ଇଚ୍ଛା କଟ୍‌ନୀ ଛଟ୍‌ନୀ କରାଯାଉଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ତେଣୁ ଯେଉଁଠି ଗୋଦାମ ଘର ନାହିଁ ସେଠାରେ ସୁଦୃଢ ଭିତିଭୂମି ଯୁକ୍ତ ସୁରକ୍ଷା ବ୍ୟବସ୍ଥା କରି ମଣ୍ଡି ଖୋଲିବା ଦିଗରେ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀକୁଳ ପକ୍ଷରୁ ଦାବି ହୋଇଛି।

# ଗରିଆପୁର ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା



**ଯାଜପୁର, ୧୪।୧୨ (ସମିସ):** ଯାଜପୁର ସହରସ୍ଥିତ ଗରିଆପୁର ୟୁଜିୟୁପି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଇଦୁଜ୍ ଜମାନ ଏବଂ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଅରସଜୁଦ୍ ଜମାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଆଳୁ ଚାମଚ ଦୌଡ଼, ଅଖା ଦୌଡ଼, ଚକୋଲେଟ୍ ରେସ୍, ମ୍ୟୁଜିକ ଚେୟାର, ଦଉଡି ଡିଆଁ, ଲଙ୍ଗ ଜମ୍ପ, ଗଣିତ ଦୌଡ଼ ଇତ୍ୟାଦି ଖେଳ ଗୁଡ଼ିକ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ବିଷ୍ଣୁ ପ୍ରସାଦ ବାନାର୍ଜୀ, ସଫିଉର ରହେମାନ, ତାପସ କୁମାର ପତି ଏବଂ ଶିକ୍ଷୟିତ୍ରୀ ରୀନା ବେହେରା, ସୁମିତ୍ରା ରାଉଳ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଅଭିଭାବିକା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ଆଦେଶ

**ବଡ଼ଚଣା, ୧୪।୧୨(ସମିସ):** ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟ ପ୍ରଥମ ଥର ପାଇଁ ତିନିଗୋଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ପ୍ରକାଶ ଥାଉକି ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ତିନି ଗୋଟି ମୋଟର ଯାନ ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର କରି ମୃତକର ପରିବାର ଓ ଆହାତ ବ୍ୟକ୍ତିଙ୍କୁ କ୍ଷତିପୂରଣ ରାଶି ବାବଦକୁ ପାଖାପାଖି ୩୮ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ ପାଇଁ ବୀମା କମ୍ପାନୀମାନଙ୍କୁ ଆଦେଶ ଦେଇଛନ୍ତି। କ୍ଷତିପୂରଣ ରାଶି ଭାବେ ମନୋରମା ଦେବତାଙ୍କୁ ୨ ଲକ୍ଷ, ନିହାରିକା ପ୍ରିୟଦର୍ଶୀନୀ ପୁରୀ ଓ ଅନ୍ୟମାନଙ୍କୁ ୩୪ ଲକ୍ଷ ୯୦ ହଜାରେ ଟଙ୍କା, ଦେବାଶିଷ ପୁରୀଙ୍କୁ ୧ ଲକ୍ଷ ୬୦ ହଜାର ଟଙ୍କା ଦେବାପାଇଁ ଆଦେଶ ଦେଇଛନ୍ତି। ଚଣ୍ଡିଖୋଲ କୋର୍ଟ ସବଜଜ୍ ବିଶ୍ୱଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାର୍ ଆସୋସିଏସନର ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ ଓ ଜନ ବେହେରା, ଯୁଗ୍ମସମ୍ପାଦକ ସିରିଶ ସାମଲ, କୈଳାସ ସାମଲ ଶ୍ରୀକାନ୍ତ ବଳ, ସୁବ୍ରତ ସ୍ୱାଇଁ, ପ୍ରେମାନନ୍ଦ ବେହେରା, ଅରୁଣ ସାହୁ, ତରୁଣ ବିଶ୍ୱାଳ, ବୀରେନ୍ ବିଶ୍ୱାଳ, ପ୍ରିୟଗୋବିନ୍ଦ ଦାସ, ଲକ୍ଷ୍ମୀପ୍ରିୟା ବେହେରା, ଲୋମାରାଣୀ ନାୟକ, ଦୀନବନ୍ଧୁ ନାୟକ, କୁମର ପ୍ରସାଦ ବେହେରା, ଯତୀନ ସାମଲ, ଅବିନାଶ ବଳ, ଜ୍ଞାନେଶ ମହାନ୍ତି, ସତ୍ୟବ୍ରତ ସାମଲ, ଜ୍ୟୋତିର୍ମୟୀ ସ୍ୱାଇଁ, ଜ୍ୟୋତିଶଙ୍କର ମହାପାତ୍ର, ଉପେନ୍ଦ୍ର ସିଂହ, ମାନସ ସାହୁ, ନିଗମାନନ୍ଦ ପାତ୍ର, ପ୍ରଭୁଦତ୍ତ ରାଉତରାୟଙ୍କ ସମେତ ବହୁ ଆଇନଜୀବୀ ସହଯୋଗ କରିଥିଲେ।

# ଟମ୍‌କା ବିଦ୍ୟାଳୟରେ ଖୋଲିଲା ଲାଇବ୍ରେରୀ

**ଦାନଗଦି, ୧୪।୧୨ (ସମିସ):** ଗ୍ରାମାଞ୍ଚଳର ବିଦ୍ୟାର୍ଥୀଙ୍କ ଶିକ୍ଷାର ବିକାଶକୁ ଆଉ ପାଦେ ତ୍ୱରାନ୍ୱିତ କରିବା ଲକ୍ଷରେ ଆଗେଇ ଆସିଛି ଟାଟାଷ୍ଟିଲ। ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଏ ନେଇ ଏକ ଲାଇବ୍ରେରୀ କମ୍ କମ୍ପ୍ୟୁଟର ଲ୍ୟାବର ଶୁଭାରମ୍ଭ କରାଯାଇଛି। ଦାନଗଦୀ ବ୍ଲକ ଅନ୍ତର୍ଗତ ଟମକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଏହି ଲାଇବ୍ରେରୀକୁ ଓଡ଼ିଶା ସରକାରଙ୍କର ସମବାୟ, ହସ୍ତତନ୍ତ ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର ମୋହନ ଜେନା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ବରିଷ୍ଠ ବିଜେପି ନେତା ପ୍ରତାପ ଚନ୍ଦ୍ରଧୀର, ଦେଉଳକଣ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ଜେନା, କିଆଝରେ ପଞ୍ଚାୟତ ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନର ବ୍ରାହ୍ମଣୀପାଳ ଶାଖା



ଓ ବୟନ ଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାର ଉଦଘାଟନ କରିଛନ୍ତି। ଟାଟା ଷ୍ଟିଲର ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶରେ ସହାୟକ ହେବ ବୋଲି ଶ୍ରୀ ବଳ ସାମନ୍ତ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ ବ୍ରାହ୍ମଣୀପାଳ ଏଫଏମ୍‌ଡ଼ି ମୁଖ୍ୟ ଆଦର୍ଶ ଅର୍ଗୱାଲ, ଲଜିଷ୍ଟିକ ମୁଖ୍ୟ ଅନଙ୍ଗ କୁମାର ମହାରଣା, ମୁଖ୍ୟ ଡ. ରଜତ କୁମାର ଶତପଥିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଟିଏସ୍‌ଏଫ କର୍ମଚାରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଏକ ବିଜ୍ଞାନମେଳାକୁ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ବୁଲି ଦେଖିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ



**ଯାଜପୁର, ୧୪।୧୨(ସମିସ):** ଆମ୍ବେଦକର ବିକାଶ ପରିଷଦ ବରୀ ପକ୍ଷରୁ ରବିବାର ଆମ୍ବେଦକର ଭବନ ନେଉଳାଠାରେ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶିକ୍ଷାବିତ ଦୁର୍ଯ୍ୟୋଧନ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବରୀର ପୂର୍ବତନ ବିଧାୟକା ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରମ୍ପା ସରପଞ୍ଚ ମାନସ ଜେନା, ଆର୍ତ୍ତତ୍ରାଣ ମଲ୍ଲିକ, ହରିଶ୍ଚନ୍ଦ୍ର ଦାସ, ଅଭିନ କୁମାର ଜେନା, ଦୁଷ୍ମନ୍ତ ସେଠୀ, ବିଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥବଲେ। ଶିକ୍ଷାବିତ ଜଳଧର ମଲ୍ଲିକ ଅତିଥି ପରିଚୟ ଦେଇଥିବା ବେଳେ ରମାକାନ୍ତ ମଲ୍ଲିକ ସମ୍ବିଧାନ ପଠନ କରିଥିଲେ।

# ଦଶରଥପୁର ମଣ୍ଡଳସ୍ତରୀୟ ଓଷ୍ଟା ଶିଶୁଉତ୍ସବ



**ଦଶରଥପୁର, ୧୪।୧୨(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ଅଧୀନସ୍ଥ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି ଶ୍ରୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଧନଞ୍ଜୟ କେଶରୀ ରାଉତରାୟ, ସମ୍ମାନିତ ଅତିଥି ଭାବେ ଏବିଇଓ ସାବିତ୍ରୀ ସେଠୀ, ବରିଷ୍ଠ ଶିକ୍ଷାବିତ ତଥା ଆଇନଜୀବୀ ବୈକୁଣ୍ଠ ନାଥ ପରିଡ଼ା, ଶିକ୍ଷାବିତ ଦିଗାମ୍ବର ସାହୁ, ସୁରେନ୍ଦ୍ର କୁମାର ମୁଦୁଲି, ସାରଦା କାନ୍ତ ମହାପାତ୍ର, ଶିଶିର କୁମାର ଶତପଥୀ, ବିପିନ ରାୟ, ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ଶିଶୁ ସାହିତ୍ୟିକ ଡ. ଧୀରେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ପ୍ରାୟ ୨୧ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ସାହିତ୍ୟିକ ହରେରାମ ପଣ୍ଡା, ଶିକ୍ଷାବିତ ସନାତନ ନାୟକ, ସରସ୍ୱତୀ ପଣ୍ଡା, ଚିନ୍ମୟ ଦାସ, ସାହିତ୍ୟିକ ସୁତେଶ ପାତ୍ର, କଳାକାର ମାଷ୍ଟର ମିହିର କୁମାର, କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉଦ୍‌ଘାଟକ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ଏମ୍‌ସି ମେମ୍ବର କୈଳାଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ଓଷ୍ଟାର ଯୁଗ୍ମ ସମ୍ପାଦକ ମମତା ମିଶ୍ର, ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଭ୍ୟ ସୀତାରାମ ପାଢ଼ୀ, ଏମ୍‌ସି ଚେୟାର ପର୍ସନ ରାଜେଶ ବିଶ୍ୱାଳ ଯୋଗଦେଇଥିଲେ। ଗାନ୍ଧୀଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ, ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାମଲ, ହରିଶ ମହାରଣା, ଅଶୋକ ନାୟକ, ଶରତ ଚନ୍ଦ୍ର ସାହୁ, ଶିକ୍ଷା କର୍ମଚାରୀ କଳ୍ପତରୁ ରାଉତ, ବ୍ରଜକିଶୋର ବେହେରାଙ୍କ ସମେତ ଓଷ୍ଟାର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସବୁଜ ବାହିନୀ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର



**ଯାଜପୁର, ୧୪।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ, ଜିଲ୍ଲା କାର୍ଯ୍ୟକାରିଣୀ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଇକୋ କ୍ଲବ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ପ୍ଲାଷ୍ଟିକ ପରିଚାଳନା ସମ୍ବନ୍ଧିୟ ଏକ ଦିବସିୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ମୁଖ୍ୟ ଅତିଥି ଯାଜପୁରର ସହ କୃଷି ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ମୁଖ୍ୟବକ୍ତା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ କଳିଙ୍ଗ ନଗରର ଆଞ୍ଚଳିକ ଶାଖାର ସହ ପରିବେଶ ଯନ୍ତ୍ରୀ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଶାଖାର ଉପ ପରିବେଶ ଯନ୍ତ୍ରୀ ସୌମେନ୍ଦ୍ର ସାହୁ, ମୁଖ୍ୟ ପ୍ରଶିକ୍ଷକ ଡ. ମହେଶ୍ୱର ଜେନା ସାମନ୍ତ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ବନ୍ଦନା ପଣ୍ଡା ଓ ଗାୟତ୍ରୀ ନାୟକ ମଧ ପ୍ଲାଷ୍ଟିକ ଆବର୍ଜନା ଓ ଗୃହ ଆବର୍ଜନରୁ ବିଭିନ୍ନ ପଦାର୍ଥ ନିର୍ମାଣ ପଦ୍ଧତି ଦେଖାଇଥିଲେ। ଆବାହକ ଡ. ଶରତ କୁମାର ସାହୁ ଉକ୍ତ ଦକ୍ଷତା ବୃଦ୍ଧି କାର୍ଯ୍ୟ କ୍ରମର ଆବଶ୍ୟକତା ଓ ପ୍ରଣାଳୀ, ଉପାଦେୟତା, ନିୟମ ଇତ୍ୟାଦି ପାୱାର ପଏଣ୍ଟ ଜରିଆରେ ଉପସ୍ଥାପନ କରିଥିଲେ। ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ସଭା ପରିଚାଳନା କରିଥିଲେ। ଇକୋ କ୍ଲବ ଛାତ୍ରୀ ମାନେ ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ। ବରୀ, ବଡ଼ଚଣା, ଧର୍ମଶାଳା, ରସୁଲପୁର ଇତ୍ୟାଦି ବ୍ଲକରୁ ପଚାଶରୁ ଅଧିକ ଇକୋ କ୍ଲବ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ।

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ବ୍ରହ୍ମବରଦା, ୧୪।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଢିଅସାହି ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା 'ଜନ୍ମଭୂମି' ଖବରକାଗଜର ପ୍ରତିଷ୍ଠାତା ସମ୍ପାଦକ ଭିକାରୀ ଚରଣ ବିଶ୍ୱାଳ (୭୮)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଓ ବ୍ରହ୍ମବରଦା ଇଲେକ୍ଟ୍ରି ସବଷ୍ଟେସନ ସ୍ଥାପନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଶେଷ ଦର୍ଶନ ନିମିତ୍ତ ବରୀ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ବିଜେପି ନେତା ଦେବେନ୍ଦ୍ର ଦାସଙ୍କ ସମେତ ବ୍ରହ୍ମବରଦା ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ।

# ଜାଭିୟର ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଦଶରଥପୁର, ୧୪।୧୨(ସମିସ):** ଆଜି ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତ ବୋତଲଟାଙ୍ଗସ୍ଥ କାଳୀପଡ଼ିଆ ଠାରେ ଜାଭିୟର ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ପାଇଁ ଏକ ସଭା ଆୟୋଜନ କରାଯଇଥିଲା। ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ କୈଳାସ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ନାରୀଗାଁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ତଥା ବୈଜ୍ଞାନିକ ଡ. ଶଶଧର ମେଦିନୀ ସିଂ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ସୁବ୍ରତ କୁମାର ସାମଲ, ଅଧ୍ୟକ୍ଷ ବାସନ୍ତୀ ଲତା ସାମଲ ପ୍ରମୁଖ ଯୋଗଦେଇଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ରୁବିନା ପାରବିନ, ଜୟଶ୍ରୀ ମହାପାତ୍ର, କୃପାସିନ୍ଧୁ ମଲିକ, ଜୀବନଜ୍ୟୋତି ଓଝା, ମନୋରମା ମହାନ୍ତି, ଅଲିପ୍ତା ମହାନ୍ତି, ବର୍ଷା ପ୍ରିୟଦର୍ଶନୀ ସାମଲ, ଆଶୁତୋଷ ମହାନ୍ତି, ଶୁଭଶ୍ରୀ ଦାସ, ଜୟଶ୍ରୀ ଜେନା, ଅନିତା ନାୟକ, ପ୍ରୀତି ସୁହାନି ନାୟକ, ସାମସଦ ପରବୀନ, ସୁଇଟ ମଲିକ, ଲୋପାମୁଦ୍ରା ମଲିକ, ସୁନିତା ମଲିକ ଓ ବେବିନା ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସୁକିନ୍ଦା ମହାବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା



**ସୁକିନ୍ଦା, ୧୪।୧୨(ସମିସ):** ସୁକିନ୍ଦା ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଉଦଘାଟନୀ ଅବସରରେ ଛାତ୍ର ଛାତ୍ରୀ ଏକ ଶୋଭାଯାତ୍ରାରେ ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡୁରାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲରେ ଅଗ୍ନି ସଂଯୋଗ ପୂର୍ବକ ମହାବିଦ୍ୟାଳୟକୁ ଆସିଥିଲେ। ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କୁ ମଶାଲ ହସ୍ତାନ୍ତର କରିଥିଲେ। କ୍ରୀଡ଼ା ପତାକା ଉତ୍ତୋଳନ ସହିତ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଅଧ୍ୟକ୍ଷ ସୁସ୍ଥ ଶରୀର ଓ ମନ ପାଇଁ ଛାତ୍ର ଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଥିବା ମତବ୍ୟକ୍ତ କରିଥିଲେ। ପରେ ପରେ କ୍ରୀଡ଼ା ଶିକ୍ଷକ କାଳନ୍ଦୀ ଚରଣ ସାହୁ, ସଞ୍ଜୟ କୁମାର ବାରିକ, ଗଣେଶ୍ୱର ବେହେରା, କୈଳାସ ମହାପାତ୍ର, ଅଜିତ କୁମାର ପାଲଙ୍କ ପରିଚାଳନା ଓ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହଯୋଗରେ ଦୁଇ ଦିନ ଧରି ବିଭିନ୍ନ ପ୍ରକାରର ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଅଧ୍ୟକ୍ଷ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ମା' ଦୟାଶୁଣୀଙ୍କ ପୀଠରେ ଗୀତା ମହାଯଜ୍ଞ

**ବଡ଼ଚଣା, ୧୪।୧୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଉପୂଳା ଗ୍ରାମର ଆରାଧ୍ୟା ଦେବୀ ମା' ଦୟାଶୁଣୀଙ୍କ ପୀଠରେ ଶ୍ରୀଜଗନ୍ନାଥ ଚେତନା ଚାରଣ ସଂଘ ମୁଖ୍ୟ ଶାଖା ବୈତରଣୀ ବେଳାଭୂମି ସାଂସ୍କୃତିକ କେନ୍ଦ୍ର ମକେଇପୁର ମଠାଧୀଶ ଋଷିମଣି ବଶିଷ୍ଠ ପଣ୍ଡା ଅଜ୍ଞାଦେବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଦିନାତ୍ମକ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆୟୋଜିତ ହୋଇଯାଇଛି। କର୍ତ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଅଜୟ କୁମାର ଲେଙ୍କା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଲେଙ୍କା ଯଜ୍ଞ କାର୍ଯ୍ୟରେ ଦାୟିତ୍ୱ ନିର୍ବାହ କରିଥିଲେ। ଦେବଙ୍କ ମୁଖ୍ୟ ପଣ୍ଡିତ ସତ୍ୟବାନ ମିଶ୍ର, ପଣ୍ଡିତ ନୀଳମଣି ମିଶ୍ର, ଗୌରାଙ୍ଗ ଚରଣ ପଣ୍ଡା, ପ୍ରଭାକର ପଣ୍ଡା, ନୀଳକଣ୍ଠ ପତି, ମାଧବାନନ୍ଦ ପଣ୍ଡା, ନୀଳାମ୍ବର ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ହୃଷୀକେଶ ନାୟକ, ବିଷ୍ଣୁଚରଣ ନାୟକ, ସୁଶାନ୍ତ କୁମାର ଲେଙ୍କା, ଅକ୍ଷୟ କୁମାର ଲେଙ୍କା, ମନ୍ମଥକୁମାର ନନ୍ଦ, କୃଷ୍ଣଚନ୍ଦ୍ର ପଣ୍ଡା, ପବିତ୍ର ପଢ଼ିଆରି, ପ୍ରକାଶ ଚନ୍ଦ୍ର ମହାନ୍ତି, ଅରୁଣ କୁମାର ନାୟକ, ପ୍ରଭାକର ସାମଲ ଏକାଦଶୀ ମହାରଣା, ରମେଶ ଚନ୍ଦ୍ର ପଢ଼ିଆରୀ, ଭାଗ୍ୟଧର୍ ଦାସ, ଲକ୍ଷ୍ମୀଧର ରାଉତ, କବି ସାହୁ ପ୍ରମୁଖ ସହଯୋଗ କରିଥିଲେ।

ମନରେଗା ଅର୍ଥ ଅନିୟମିତତା ଅଭିଯୋଗ

# କାମ ନ କରି ଟଙ୍କା ଉଠାଇନେଲେ ଠିକାଦାର

**ବ୍ରହ୍ମବରଦା, ୧୪।୧୨(ସମିସ)**

ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ ଜୟସୁଙ୍ଗୁଡ଼ା ଗ୍ରାମ ୧୩ ନମ୍ବର ୱାର୍ଡରେ ଥିବା ବହୁ ପୁରାତନ ଗୋବରା ନାଳଟି ବର୍ଷ ବର୍ଷ ଧରି ନାଗ ଦଳରେ ଭର୍ତ୍ତି ହୋଇ ପଡ଼ି ରହିଛି। ଫଳରେ ଗ୍ରାମବାସୀଙ୍କ ସହିତ ଗୃହପାଳିତ ପଶୁମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ପରେ ଚଳିତ ବର୍ଷ ଏହି ନାଳରୁ ଦଳ ସଫା କରିବା ଓ ଏହାର ପୁନଉଦ୍ଧାର ନିମନ୍ତେ ଗତ ନଭେମ୍ବର ୧୯ ତାରିଖରେ ମନରେଗା ଯୋଜନାରେ ସାମିଲ କରାଯାଇଥିଲା। ଯୁଗଳ ମଲ୍ଲିକ ଘର ଠାରୁ ଜୟସୁଙ୍ଗୁଡ଼ା ଘୁଷୁରିଆ ମୁହଁ ପର୍ଯ୍ୟନ୍ତ ଗୋବରା ନାଳର ପୁନଉଦ୍ଧାର ନିମନ୍ତେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଗ୍ରାମର ଲୋକମାନଙ୍କୁ ନେଇ ଏହି କାର୍ଯ୍ୟ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ଥିବା ବେଳେ ଠିକାଦାର କାମ ଆରମ୍ଭ ନ କରି ୩୫ ଜଣ ଶ୍ରମିକ ୧୮୩ ଦିନ ଶ୍ରମଦାନ କରି ୫୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଲ କରି ନେଇଛି। ସବୁଠୁବଡ କଥା ଏଠାରେ ନିୟୋଜିତ ହୋଇଥିବା ଶ୍ରମିକମାନେ ଏହି ଅଞ୍ଚଳର ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଏହି ଗ୍ରାମର ସପ୍ତେଶ୍ୱର ନାଳର ପୁନଉଦ୍ଧାର ଓ ଜଳ ସଂରକ୍ଷଣ ନିମନ୍ତେ ଚଳିତ ବର୍ଷ ନଭେମ୍ବର ୧୯ ତାରିଖରେ



ମଞ୍ଜୁର ହୋଇ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏଠି ମଧ୍ୟ ସମାନ ଅବସ୍ଥା ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡିସପ୍ଲେ ବୋର୍ଡ ନିର୍ମାଣ ହୋଇନାହିଁ କି ଦଳ ସଫା କରା ନ ଯାଇ ଶ୍ରମିକ ପାଉଣା ୨୭୩ ଟଙ୍କା ଲେଖାଏଁ ଦୈନିକ ମଜୁରି ବାବଦରେ ୩୫ ଜଣ ଶ୍ରମିକ ୨୨୯ ଦିନ କାମ କରି ୬୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବିଲ କରି ନେଇ ଥିବା ମନରେଗା ପୋର୍ଟାଲରେ ଦର୍ଶାଯାଇଛି। ଏଠି ବି ମଧ ସମାନ ଅବସ୍ଥା ଏଠାରେ ନିୟୋଜିତ ହୋଇଥିବା ଶ୍ରମିକ ମାନେ ଏହି ଗ୍ରାମର ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ କୁହନ୍ତି ସେ ଏ ବିଷୟରେ ଅବଗତ ନାହାନ୍ତି। ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ସହିତ କଥା ହେବେ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଏହି ନାଳକୁ ପୁନଉଦ୍ଧାର କରିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମର ପ୍ରଦିପ ସାହାଣୀ, ବିଚିତ୍ର ମଲ୍ଲିକ, ଗୌତମ ଜେନା, ବୃନ୍ଦାବନ ସାହାଣୀ, ମଣ୍ଟୁ ମଲ୍ଲିକ, ଜଳଧର ଜେନା, ପୂର୍ଣ୍ଣଚନ୍ଦ୍ର ସାହାଣୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ବଙ୍ଗଳାଗୁଡ଼ା ବ୍ରିଜ୍ ଗାର୍ଡୱାଲ କାମ

# ୩୨୬ ନମ୍ବର ଏନ୍‌ଏଚ୍ ୧୦ ଦିନ ବନ୍ଦ



କୋରାପୁଟ/ପୋଡ଼ାଗଡ,୧୪।୧୨ (ସମିସ): କୋରାପୁଟ ଠାରୁ ରାୟଗଡାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ବଙ୍ଗଳାଗୁଡା ବ୍ରିଜର ଗାର୍ଡୱାଲ ଓ ଲଞ୍ଚିଙ୍ଗ କାର୍ଯ୍ୟ ପାଇଁ ରବିବାର ଠାରୁ ୧୦ ଦିନ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିବ ବୋଲି ଜଣା ପଡିଛି। ଏ ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ୧୪ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ବଙ୍ଗଳାଗୁଡା ବ୍ରିଜ ଦେଇ ସକାଳ ନଅଟାରୁ ସନ୍ଧ୍ୟା ପାଞ୍ଚଟା ଯାଏଁ ସମସ୍ତ ଗାଡ଼ି ଚଳ ପ୍ରଚଳ ଉପରେ ରୋକ ଲଗାଯାଇଛି।ଏଇ କ୍ଷେତ୍ରରେ ସମସ୍ତ ଗାଡ଼ି"କାକିରିଗୁମା ଠାରୁ ଦାମନଯୋଡି ରାସ୍ତା ନଚେତ ପୋଡାଗଡ଼ ଠାରୁ ବ୍ରାହ୍ମଣ ସୁକୁ ଦେଇ କୋଡିଏ କିଲୋ ମିଟର ବୁଲିକି ବାଗ୍ରା ଛକ ଦେଇ କୋରାପୁଟ ଯାଇପାରିବେ। ନିର୍ଦ୍ଦେଶନାମା ସମୟ ବାଦେ ସନ୍ଧ୍ୟା ପାଞ୍ଚଟା ପରେ ବଙ୍ଗଳାଗୁଡା ବ୍ରିଜର ଡ଼ାଇଭର୍ଶନ ପୋଲ ଉପର ଦେଇ ଗାଡି ସ୍ୱାଭାବିକ ଭାବେ ଯାତାୟାତ କରିପାରିବେ ବୋଲି ସୂଚନା ମିଳିଛି।ପ୍ରକାଶ ଥାଉକି ଗତ ଦୁଇ ବର୍ଷ ଧରି ବଙ୍ଗଳା ଗୁଡା ପୋଲ ଭାଙ୍ଗି ପଡିବା ପରେ କୋରାପୁଟ ରାୟଗଡା ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳପ୍ରଚଳରେ ବାଧା ଉପୁଜିଥିଲା। ବର୍ଷା ଦିନେ ସବୁଠୁ ଅଧିକ ସମସ୍ୟା ଦେଖା ଦେଉଥିଲା। ଏହାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଆଦିବାସୀ ଲୋକ ମହୋତ୍ସବ ପରବ ଥିବାରୁ ଆସନ୍ତା ୧୮ ତାରିଖ ୯ଘଣ୍ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ବନ୍ଦ ରହିବା ନେଇ ସୂଚନା ମିଳିଛି।

# ମାଗଣା ଏଲ୍‌ପିଜି ପ୍ରଦାନ ନେଇ ପଦକ୍ଷେପ

ସେମିଳିଗୁଡା, ୧୪।୧୨ (ସମିସ): ୨୫ ଲକ୍ଷ ଅତିରିକ୍ତ ମାଗଣା ଏଲ୍‌ପିଜି ଗ୍ୟାସ ପ୍ରଦାନ କରିବା ଲକ୍ଷ୍ୟ ରହିଛି ବୋଲି ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ଚିଫ୍ ଜେନେରାଲ ମ୍ୟାନେଜର କାମଳ ଶିଲ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ଯାହାର ଏଲ୍‌ପିଜି ଗ୍ୟାସ ନଥିବା ଗରିବ ପରିବାରର ବୟସ୍କ ମହିଳାଙ୍କ ନିମନ୍ତେ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀଙ୍କ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ନୂତନ ଏଲ୍ ପି ଜି ଗ୍ୟାସ ପ୍ରଦାନ କରାଯିବା ନେଇ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଛି। ଇଣ୍ଡିଆନ ଅଏଲ୍ କର୍ପୋରେସନ ଲିମିଟେଡ୍‌ର ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟର ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟି କୋରାପୁଟ ଜିଲ୍ଲା ସେମିଳିଗୁଡା ସ୍ଥିତ ହୋଟେଲ 'ଇମ୍ପେରିଆଲ ଇନ୍'ଠାରେ ଆୟୋଜିତ ହୋଇଛି। ଉକ୍ତ ସମାବେଶରେ କାମଳ ଶିଲ ଉକ୍ତ ଯୋଜନା ତଥା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ରେ ୨୫ ଲକ୍ଷ ଅତିରିକ୍ତ ମାଗଣା ଏଲ୍‌ପିଜି ଗ୍ୟାସ ପ୍ରଦାନ କରିବେ। ଉକ୍ତ ଯୋଜନାରେ ମାଗଣା ସିଲିଣ୍ଡର, ପ୍ରେସର ରେଗୁଲେଟର, ସୁରକ୍ଷା ହୋସ, ଦିଯିଶିଶି ବୁକ୍, ଅନ୍ୟ ଶୁଳ୍କ ମାଗଣା ରହିବ, ମାଗଣା ଗ୍ୟାସ ଚୁଲା ଏବଂ ପ୍ରଥମ ରିଫିଲ ମଧ୍ୟ ମାଗଣା ଦିଆଯିବ। ଆବେଦନ କରି ନିଜ ଫଟୋ ସହ ଗୋଟିଏ କେୱାଇସି ଫର୍ମ, ଆଧାର ଏବଂ ସ୍ଥାନୀୟ ଠିକଣା ଅଲଗା ଥିଲେ ସ୍ୱାମୀଙ୍କ ପ୍ରମାଣ ପତ୍ର ଆବଶ୍ୟକ, ପରିବା ସଂରଚନା ପ୍ରମାଣ ପତ୍ର ତଥା ରେସନ୍ କାର୍ଡ ଆଦି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ ପ୍ରମାଣ ପତ୍ର, ବୟସ୍କ ଲୋକଙ୍କ ଆଧାର କାର୍ଡ, ବ୍ୟାଙ୍କ ଖାତାର ବିବରଣୀ, ପ୍ରବାସୀଙ୍କ ପାଇ ମଧ୍ୟ ନିଜର ପ୍ରମାଣ ପତ୍ର ମାଧ୍ୟମରେ ନିବେଦନ କରି ପାରିବେ ବୋଲି ସୂଚନା ଦେଇଛନ୍ତି। ଏହାକୁ ଅନଲାଇନ୍ କିମ୍ବା ନିକଟ ଗ୍ୟାସ ଡିଷ୍ଟ୍ରିବ୍ୟୁଟର ପାଖରେ ଆବେଦନ କରାଯାଇ ପାରିବ ଏବଂ ଏଥିନେଇ କୌଣସି ଜାତିଗତ ପ୍ରମାଣ ପତ୍ର ଆବଶ୍ୟକତା ନାହିଁ କିନ୍ତୁ ଆଧାର ର ବାୟୋ ମେଟ୍ରିକ ର ପ୍ରମାଣ ଆବଶ୍ୟକ ବୋଲି କହି ଥିଲେ। ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୫୫ ଲକ୍ଷ ଏବଂ କୋରାପୁଟ ଠାରେ ଦୁଇ ଲକ୍ଷ ୧୮ ହଜାର ହିତାଧିକାରୀ ଉପକୃତ ହୋଇଅଛନ୍ତି ବୋଲି ସେ ସୂଚନା ଦେଇ ଥିଲେ। ଅପହଞ୍ଚ ଗ୍ରାମରେ ଜଣେ ଭିଏଲ୍‌ଇ ମୁତୟନ କରି ଗ୍ରାମର ହିତାଧିକାରୀଙ୍କୁ ପହଞ୍ଚାଇବାର ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ଗ୍ୟାସର ବ୍ୟବହାର ଏବଂ ସରକାରଙ୍କ ଦିଆ ଯାଉଥିବା ଯୋଜନା ନେଇ ସଚେତନ ବିଭାଗ ଦ୍ୱାରା କରାଯିବ ବୋଲି ଉପସ୍ଥିତ ଅଧିକାରୀଗଣ ସୂଚନା ପ୍ରଦାନ କରିଛନ୍ତି। କୋରାପୁଟ ଜିଲ୍ଲାରେ ଗ୍ୟାସ କଳା ବାଜାର ରଖିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜିଲ୍ଲା ଜିଲ୍ଲା ଯୋଗାଣ ଅଧିକାରୀ ସବେଶ୍ୱର ନାୟକ ଚେତାବନୀ ଦିଆଯାଇଥିଲା। ଏଲ୍‌ପିଜିସିଜିଏମ ନରୋ ତୁଣ୍ଡୁପ୍, ଇଣ୍ଡେନ୍ ଡିଭିଜନ କାର୍ଯ୍ୟାଳୟ ଡେପୁଟି ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର୍ ଦାସ, ଓ ପ୍ଲାଣି ଜେନେରାଲ ମ୍ୟାନେଜର ସସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ଗୀର୍ଜା ଗୃହ ଉଦ୍‌ଘାଟିତ

କୋରାପୁଟ/ପୋଡ଼ାଗଡ଼,୧୪।୧୨(ସମିସ): ଜେଇଏଲସି ଅଧୀନ ବଙ୍ଗଳାଗୁଡା ପରିସର ମାଲିଙ୍ଗଯୋଡ଼ି ଗ୍ରାମରେ ନୂତନ ଗୀର୍ଜା ଗୃହ ଉଦ୍‌ଘାଟନ ହୋଇଛି । ଜୟପୁର ଇଭାଞ୍ଜିକାଲ ଲୁଥରନ୍ ମଣ୍ଡଳୀର ବିଶପ ଅନନ୍ତ କୁମାର ନାଗ ରିବନ୍ କାଟି ଉଦ୍‌ଘାଟନ କରିଥିଲେ। ପ୍ରଧାନ ମଣ୍ଡଳୀର ପରିଚାଳକ ରେଭରେଣ୍ଟ ରବୀନ୍ଦ୍ର ଚେଟୀ, ପାଳକ ଶାନ୍ତନୁ କୁମାର ସୁନା, ରବି ଚାନ୍ଦ ଟାକ୍ରି , କୋଷାଧକ୍ଷ ବିରଜ କୁମାର ବେନିଆ , ସମ୍ପାଦକ ଲାଲୁ ବାଘ , ପେରିସ ସଭାପତି ଉପେନ୍ଦ୍ର ବେନିଆ, ଉପ ସଭାପତି ପ୍ରଫୁଲ ଭତ୍ରା, ସଞ୍ଜୀବ କୁଲଦୀପଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ପ୍ରଧାନ ମଣ୍ଡଳୀ ଓ ମହା ମଣ୍ଡଳୀର ସମସ୍ତ ଅଧିକାରୀ ଉପସ୍ଥିତି ଥିଲେ।

# ପୂର୍ବତନ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି

ବୈପାରୀଗୁଡ଼ା, ୧୪।୧୨(ସମିସ)



ବୈପାରୀଗୁଡାର ସଦର ମହକୁମା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମୁଖ୍ୟ ଚାରି ଛକ ଠାରେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ତ୍ରିନାଥ ପାତ୍ର ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ତ୍ରିନାଥ ପାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଛି। ଏହି ଶୋକସଭାରେ ବୈପାରୀଗୁଡାର ସମସ୍ତ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କ ଗୁଣ ଗାନ କରାଯାଇଥିବା ବେଳେ ବୈପାରୀଗୁଡାର ଉନ୍ନତି ରେ ତାଙ୍କର ଯୋଗଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମତ ବ୍ୟକ୍ତି କରିଛନ୍ତି ବରିଷ୍ଠ ନାଗରିକମଞ୍ଚ । ସ୍ୱର୍ଗତ ତ୍ରିନାଥ ପାତ୍ର ବୈପାରୀଗୁଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଥିଲେ। ସେ ପ୍ରଥମେ ଜନତା ଦଳ ପରେ ବିଜେପି ପାର୍ଟି ର ଜଣେ ଟାଣୁଆ ନେତା ସହ ଗାଁ ଜଣେ ବରିଷ୍ଠ ନାଗରିକ ଭାବେ ବେଶ ପରିଚିତ ଜଗନ୍ନାଥ ମନ୍ଦିର ପୂଜା କମିଟିର ଜଣେ ସକ୍ରିୟ ସଦସ୍ୟ ଏବଂ ଦଇତାପତି ଥିଲେ। ସୂଚନା ଥାଉକି ଗତ ବୁଧବାର ଦିନ ଅପରାହ୍ନରେ କୂଅରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଗ୍ରାମବାସୀ ପକ୍ଷରୁ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ଚାଷୀଙ୍କୁ ଚଣା ବିହନ ବଣ୍ଟନ

ପାପଡାହାଣ୍ଡି, ୧୪।୧୨ (ସମିସ): ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ଠାରେ ଆଜି ପାପଡାହାଣ୍ଡି ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ୪୦ ଜଣ କୃଷକଙ୍କୁ ଚଣା ବିହନ ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପରିଷଦ ସଭାପତି ମୋତିରାମ ନାୟକ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ମାଳତୀ ଭତରା, ସମିତି ସଭ୍ୟା ବୋଇଦି ଭତରା, ନୟାବ ସରପଞ୍ଚ ଯାହାଙ୍ଗୀର, ପାପଡାହାଣ୍ଡି ଏଡିଓ ବିଶ୍ୱଜିତ ସାହୁ, ଏଏଓ ମିସ ଏ. ଲାଭାନ୍ୟା, ଏଓ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ ଏବଂ କୃଷକ ସାଥି ଯୋଗ ଦେଇଥିଲେ। ଏହି ଅବସରରେ ଜଟାବାଲ ପଞ୍ଚାୟତର ମୋଟ ୪୦ ଜଣ ଚାଷୀଙ୍କୁ ଜଣକ ପିଛା ଦେଢ ଏକର ଜମି ପାଇଁ ୨୫ କିଗ୍ରା ହିସାବରେ ବିହନ ମାଗଣାରେ ବଣ୍ଟନ କରାଯାଇଛି

# ମାଝୀଧନୁଅର ଛାତ୍ର ବିଷ୍ଣୁଙ୍କ ସଫଳତା



କୋଷାଗୁମୁଡା,୧୪।୧୨(ସମିସ): ଚଳିତ ବର୍ଷ ଶକ୍ତି ସଂରକ୍ଷଣ ପ୍ରକଳ୍ପ ୧୩ରୁ ୧୪ ଭୁବନେଶ୍ୱର ସ୍ଥିତ ଲୋକସଭା ଭବନରେ ହୋଇଯାଇଛି। ଉକ୍ତ ପ୍ରକଳ୍ପ ପ୍ରଦର୍ଶନୀରେ ନବରଙ୍ଗପୁର ଜିଲ୍ଲାରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଅର ଛାତ୍ର ବିଷ୍ଣୁ ଚଣ୍ଡଳ ଅଂଶ ଗ୍ରହଣ କରି ସଫଳତାର ସହ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆସି ପ୍ରଦର୍ଶନୀ ବୁଲି ଦେଖିଥିଲେ ଏବଂ ବିଷ୍ଣୁର ପ୍ରକଳ୍ପ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଷ୍ଣୁ ନିପୁଣ ଭାବରେ ନିଜ ପ୍ରକଳ୍ପ ଭବିଷ୍ୟତର ସ୍ମାର୍ଟ୍ ବିଦ୍ୟାଳୟରେ କିପରି ସୌର ଏବଂ ଜଳକୁ ବ୍ୟବହାର କରି ଶକ୍ତି ସଂରକ୍ଷଣ କରିପାରିବ ବୁଝାଇଥିଲେ। ଉକ୍ତ ପ୍ରକଳ୍ପର ମାର୍ଗ ଦର୍ଶକ ବିଜ୍ଞାନ ଶିକ୍ଷକ ବଦ୍ରି ନାରାୟଣ ବିଶ୍ୱାଳ ଛାତ୍ରକୁ ସଠିକ୍ ମାର୍ଗ ଦର୍ଶନ କରି ରାଜ୍ୟ ସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପରେ ଅଂଶ ଗ୍ରହଣ କରିପାରିଛନ୍ତି। ଉପାନ୍ତ ଅଞ୍ଚଳର ଛାତ୍ର ଛାତ୍ରୀମାନେ ବିଭିନ୍ନ ସମୟରେ ଅନେକ କାର୍ଯ୍ୟ କ୍ରମରେ ଯୋଗଦାନ୍ ଦେଉଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମାଲିକ ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ନିଜସ୍ୱ ଖର୍ଚ୍ଚରେ ଆବର୍ଜନା ସଫା କଲେ ଯୁବକ



ନନ୍ଦପୁର, ୧୪।୧୨ (ସମିସ): ନନ୍ଦପୁରର ଜଣେ ଯୁବକ କ୍ରାନ୍ତି କୁମାର ନିଜସ୍ୱ ଉଦ୍ୟମ ଓ ନିଜସ୍ୱ ଖର୍ଚ୍ଚରେ ମୁଖ୍ୟ ରାସ୍ତା କଡରେ ପଡ଼ିଥିବା କୁଢ଼ କୁଢ଼ ଆବର୍ଜନା ସଫା କରିଛନ୍ତି। ନନ୍ଦପୁର ମୁଖ୍ୟ ରାସ୍ତା କଡ଼ରେ ସ୍ଥିତ କୁମ୍ଭାର ସାହି ସ୍କୁଲ ନିକଟରେ ବହୁ ଦିନ ଧରି କୁଢ଼ କୁଢ଼ ଆବର୍ଜନା ଭରି ରହିଥିଲା। ଆବର୍ଜନା ସଂକ୍ରାନ୍ତରେ ବହୁବାର ବିଭିନ୍ନ ଖବରକାଗଜରେ ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲେ। ନନ୍ଦପୁର ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିଲେ ମଧ୍ୟ ଏହି ସହରର ସୌନ୍ଦର୍ଯ୍ୟ ବଜାୟ ରଖିବା ଦିଗରେ କୌଣସି ପ୍ରଶାସନ ବା ରାଜନେତା ବା ସ୍ଥାନୀୟ ଜନତାଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ନିଜ ଆବାସ ନିକଟରେ ସେହି ଆବର୍ଜନା ଜମି ରହିଥିବା ଯୋଗୁ କ୍ରାନ୍ତି ନିଜସ୍ୱ ଖର୍ଚ୍ଚରେ ଏକ ଜେସିବି ଯୋଗେ ଆବର୍ଜନା ହଟାଇ ଗ୍ରାମବାସୀଙ୍କ ପାଇଁ ଉଦାହରଣ ସାଜିଛନ୍ତି।

# ଆଜି ରାୟଗଡ଼ାରୁ ୬ଟି ଜିଲ୍ଲାର ୭୭୫ ଜଣଙ୍କ ତୀର୍ଥଯାତ୍ରା

ରାୟଗଡ଼ା,୧୪।୧୨(ସମିସ):

ରାୟଗଡ଼ା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ଦକ୍ଷିଣ ଭାରତର ରାମେଶ୍ୱରମ ଓ ମଦୁରାଇ ଭଳି ପ୍ରସିଦ୍ଧ ତୀର୍ଥସ୍ଥାନକୁ ସୋମବାର ପୂର୍ବାହ୍ନରେ ଯାତ୍ରା କରିବେ ଦକ୍ଷିଣ ପଶ୍ଚିମ ଓଡିଶାର ୬ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଏବଂ ୨୫ଜଣ ଏସକର୍ଟ। ମୋଟ ୮୦୦ଜଣ ଏହି ତୀର୍ଥସ୍ଥାନକୁ ଯାତ୍ରା କରିବାକୁ ଥିବା ବେଳେ ଏହି ତୀର୍ଥଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କ ଯାତ୍ରାର ଶୁଭ କାମନା କରିବା ସହ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବେ ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ,ମହିଳା ଓ ଶିଶୁ ବିକାଶ ବିଭାଗୀୟ ମନ୍ତ୍ରୀ ପ୍ରଭାତି ପରିଡା। ଯାହାକୁ ନେଇ ରେଳବାଇ ଆଇଆରସିଟିସି ଓ ପର୍ଯ୍ୟଟନ ବିଭାଗ ମିଳିତ ଆନୁକୂଲ୍ୟରେ ରାୟଗଡ଼ା ଜିଲ୍ଲା ପ୍ରଶାସନ ସହଯୋଗରେ ତୀର୍ଥଯାତ୍ରୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଏ ନେଇ ମିଳିଥିବା ସୂଚନା ପ୍ରକାରେ ଏହି ତୀର୍ଥ ଯାତ୍ରାରେ ରାୟଗଡ଼ା ଜିଲ୍ଲାରୁ ୧୧୮ ଜଣ, କୋରାପୁଟରୁ ୧୬୮ ଜଣ, ନବରଙ୍ଗପୁରରୁ ୧୪୮ ଜଣ, ମାଲକାନଗିରିରୁ ୭୫ଜଣଙ୍କ ସମେତ ନୂଆପଡା ଜିଲ୍ଲାରୁ ୭୪ ଏବଂ କଳାହାଣ୍ଡି ଜିଲ୍ଲାରୁ ୧୯୨ଜଣ ମୋଟ ୭୭୫ଜଣ ବରିଷ୍ଠ ନାଗରିକ ତୀର୍ଥ ସ୍ଥଳ ଭ୍ରମଣ କରି ଆସନ୍ତା ଡିସେମ୍ବର ୨୦ତାରିଖରେ ପୁଣି ଟ୍ରେନ ଯୋଗେ ଫେରିବେ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ସଚିବ, ଦକ୍ଷିଣାଞ୍ଚଳ ଆରଡିସି, ସ୍ଥାନୀୟ ସାଂସଦ, ବିଧାୟକଙ୍କ ସମେତ ଜିଲ୍ଲା ପ୍ରଶାସନିକ ଏବଂ ରେଳବାଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ୬୦ରୁ ୭୫ବର୍ଷ ବୟସର ବରିଷ୍ଠ ନାଗରିକମାନଙ୍କ ପାଇଁ ମାଗଣାରେ ତୀର୍ଥ ଭ୍ରମଣ ପାଇଁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା କରିଛନ୍ତି ରାଜ୍ୟ ସରକାର।

● ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା

## ପରୀକ୍ଷା ଦେଲେ ୫୩୪୫ ପରୀକ୍ଷାର୍ଥୀ

ତେନ୍ତୁଳିଖୁଣ୍ଟି ୧୪।୧୨(ସମିସ): ଆଜି ସମଗ୍ର ନବରଙ୍ଗପୁର ଜିଲ୍ଲାର ୧୦ ଟି ବ୍ଲକ ଅନ୍ତର୍ଗତ ୨୫ ଟି ପରୀକ୍ଷା କେନ୍ଦ୍ରରେ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ନବୋଦୟ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ତଥା ଜିଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ପୀତବାସ ପ୍ରହରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୁଦାୟ ୬୦୨୯ ଆବେଦନକାରୀଙ୍କ ମଧ୍ୟରୁ ୫୩୪୫ ପରୀକ୍ଷାର୍ଥୀ ଶୃଙ୍ଖଳାର ସହ ପରୀକ୍ଷା ଦେଇ ଥିବା ବେଳେ ୬୮୪ ଜଣ ଅନୁପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ରେ ୪୦୮ ଆବେଦନକାରୀଙ୍କ ମଧ୍ୟରୁ ୩୮୭ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ସେହିପରି ନବରଙ୍ଗପୁର ବ୍ଲକ ରେ ୪୧୪ ରୁ ୩୬୨ , ଉମରକୋଟ ରେ ୧୦୨୦ ରୁ ୯୧୦ , ଚନ୍ଦାହାଣ୍ଡି ରେ ୫୨୩ ରୁ ୫୦୪ , କୋଷାଗୁମୁଡ଼ା ରେ ୭୩୫ ରୁ ୬୪୮ , ପାପଡ଼ାହାଣ୍ଡି ରେ ୫୩୪ ରୁ ୪୫୮ , ଝରିଗାଁ ରେ ୬୮୩ ରୁ ୫୮୫ , ଡ଼ାବୁଗାଁ ରେ ୪୪୯ ରୁ ୩୬୦ , ରାଇଘର ରେ ୧୦୦୭ ରୁ ୯୧୪ ଓ ନନ୍ଦାହାଣ୍ଡି ରେ ସର୍ବନିମ୍ନ ୨୫୬ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୧୬ ଜଣ ପରୀକ୍ଷାର୍ଥୀ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ୧୩ ଜଣ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଜବାହର ନବୋଦୟ ବିଦ୍ୟାଳୟ ଉପାଧ୍ୟକ୍ଷ ପି ସିତାରାମଙ୍କ ସହ ୧୨ ଜଣ ଅଧ୍ୟାପକ ଅଧ୍ୟାପିକା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପରିଚାଳନା କରିଥିଲେ।

## ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକୀ ଅଧିବେଶନ




ଜୟପୁର, ୧୪।୧୨(ସମିସ): ମୁମ୍ବାଇ ଆଇଆଇଟି ଠାରେ ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକ ଅଧିବେଶନ ଗତ ୯ ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ୧୯୨୫ ମସିହାରେ ସର୍ବପଲ୍ଲୀ ରାଧାକୃଷ୍ଣନ ଏବଂ ରାନୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଦେଶବିଦେଶର ଉଚ୍ଚତର ଶିକ୍ଷା ଓ ଗବେଷଣା ଅନୁଷ୍ଠାନରୁ ୫୦୦ରୁ ଅଧିକ ପ୍ରତିନିଧି ଦର୍ଶନର ଏହି ମହାକୁମ୍ଭରେ ଯୋଗଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡ଼ଃ ନନ୍ଦିନୀ ମିଶ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ ଡ଼ଃ ପତିତପାବନ ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟ ଡ଼ଃ କଲ୍ୟାଣୀ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅଧ୍ୟାପକ କ୍ୟାପଟେନ ଡ଼ଃ. ଲକ୍ଷ୍ମଣ ପାତ୍ର, ଗୋପ ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ ପ୍ରଜ୍ଞା ଦାସ କାନୁନଗୋ ଏବଂ ଅବଦରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ ଦୁର୍ଗମାଧବ ପ୍ରହରାଜଙ୍କ ଦ୍ୱାରା ସମ୍ପାଦିତ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଗଣେଶ ପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ ଏକ ଅଭିନନ୍ଦନ ଗ୍ରନ୍ଥ ଉଦ†ାଟନୀ ଉତ୍ସବରେ ଉନ୍ମୋଚିତ ହୋଇ ତାଙ୍କୁ ସମର୍ପଣ କରାଯାଇଥିଲା।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ



ସୁନାବେଡା,୧୪।୧୨ (ସମିସ): ସୁନାବେଡା ସ୍ଥିତ ଇନଷ୍ଟିଚ୍ୟୁସନ୍ ଏଫ୍ ଇଞ୍ଜିନିୟରସ୍ (ଇଣ୍ଡିଆ) ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରାଜ ପଲମା ଉନ୍ନୀତ ଆଶ୍ରମ ବିଦ୍ୟାଳୟରେ ପାଳିତ ହୋଇ ଯାଇଛି। ଆଇଇଆଇର ଚେୟାରମ୍ୟାନ୍ ସଞ୍ଜୟ ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏକ୍ୟୁଏ, ଡିଜିଏ କ୍ୟୁଏ ର ଅତିରିକ୍ତ ମହାନିର୍ଦ୍ଦେଶକ ହର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସୁନାବେଡା ହାଲର ଅତିରିକ୍ତ ମହା ପ୍ରବନ୍ଧକ ଅରବିନ୍ଦ ସ୍ୱାମୀ ସମ୍ମାନିତ ଅତିଥି ଏବଂ ଇଂ. ସୁନିଲ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମସ୍ତେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଶକ୍ତିର ଶୂନ୍ୟ ଅପଚୟକୁ ସୁନିଶ୍ଚିତ କରିବା ଏବଂ ଏକ ସୁସ୍ଥ ପରିବେଶ ଏବଂ ନିରନ୍ତର ଭବିଷ୍ୟତ ପାଇଁ ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଶକ୍ତିକୁ ଆବଶ୍ୟକ ମୁତାବକ ବ୍ୟବହାର କରି ଭବିଷ୍ୟତ ପାଇଁ ଏହାର ସଂରକ୍ଷଣ କିପରି କରିବା ସେ ଦିଗରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ। ଛୋଟ କାର୍ଯ୍ୟ ଠାରୁ ଆରମ୍ଭ କରି ବଡ଼ କାର୍ଯ୍ୟକ୍ରମ ମାନଙ୍କରେ ଅନାବଶ୍ୟକ ଲାଇଟ୍ , ଫ୍ୟାନ , ଟି ଭି ଆଦି ବନ୍ଦ କରିବା ପାଇଁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ରୀଙ୍କି, ଶିକ୍ଷୟିତ୍ରୀ ଅଞ୍ଜଳି ଦୋରା, ସମାଜ ସେବୀ ଶେଖ ଇବ୍ରାହିମ୍, ଆଇ ଇ ଆଇ ର କାର୍ଯ୍ୟନିର୍ବାହୀ ସଦସ୍ୟ ନିହାରିକା ରୟ,ଅଞ୍ଜନା ନାୟକ, ହାଲ୍, ସୁନାବେଡାର ଇ. ବୁଦ୍ଧ ଦୋରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ।

## 'ପରବ' ପାଇଁ ଗଣଦୌଡ଼

# ପୁରୁଷରେ ଦଳମଣି, ମହିଳାରେ ଦୟାମଣି ଓ ଦୀପ୍ତି ରାଣୀ ଚାମ୍ପିଅନ୍




କୋରାପୁଟ,୧୪।୧୨(ସମିସ): ଲୋକ ମହୋତ୍ସବ ପରବ ୨୦୨୫ ଉପଲକ୍ଷେ ବିଏସଏଫ ଓ ଜିଲ୍ଲା ପ୍ରଶାସନର ମିଳିତ ସହଭାଗିତାରେ କ୍ରସ କଣ୍ଟ୍ରି ରନ୍ ଆୟୋଜିତ ହୋଇଯାଇଛି। ଜିଲ୍ଲା ପୁଲିସ ପ୍ୟାରେଡ ପଡିଆରେ ଆୟୋଜିତ ଉଦଘାଟନୀ ସମାରୋହରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୯୦୦ ରୁ ଅଧିକ ପ୍ରତିଯୋଗୀ ଯୋଗଦାନ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଏସପି ରୋହିତ ବର୍ମା, ବିଏସଏଫ ଡିଆଇଜି ସତ୍ୟବାନ ଖାଞ୍ଚି ଅତିଥି ଭାବରେ ଯୋଗ ଦେଇଥିଲେ। ୫ କିମିର ଏହି ଗଣଦୌଡ ନିମନ୍ତେ ବିଏସଏଫ ତରଫରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା। ଏହି କ୍ରସ କଣ୍ଟ୍ରି ରନ କୋରାପୁଟର ବିଶେଷ ଆକର୍ଷଣ ଥିଲା ପୁରସ୍କାର ରାଶି, ପ୍ରଥମ ପୁରସ୍କାର ୧୦, ୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୮,୦୦୦ ଟଙ୍କା, ତୃତୀୟ ପୁରସ୍କାର ୫୦୦୦ ଟଙ୍କାର ଚେକ ସହ ମେଡାଲ ଓ ମାନପତ୍ର ଓ ଏହି ଦୌଡ଼ରେ ପୁରୁଷ ବର୍ଗରେ ଦଳମଣି ଚିରଗୁଣ (ବଲାଙ୍ଗୀର) ପ୍ରଥମ, ରବି ମୁଦୁଲି (କୋରାପୁଟ ) ଦ୍ୱିତୀୟ, ସିଦ୍ଧାର୍ଥ ଗୌତମ ଜେନା (କୋରାପୁଟ) ତୃତୀୟ ସ୍ଥାନ ହାସଲ କରିଥିଲେ ଓ ସେହିପରି ମହିଳା ବର୍ଗରେରେ ଦୟାମଣି ହରିଜନ (ଜୟପୁର) ଓ ଦୀପ୍ତି ରାଣୀ ସାହୁ (ଭୁବନେଶ୍ୱର) ଯୁଗ୍ମ ଭାବେ ପ୍ରଥମ, ପୂର୍ଣ୍ଣିମା ସଦିଆଲ (ଭୁବନେଶ୍ୱର) ଦ୍ୱିତୀୟ, ଅଞ୍ଜନା ଗରଡ଼ା (ଭୁବନେଶ୍ୱର) ତୃତୀୟ ସ୍ଥାନ ହାସଲ କରିଥିଲେ ଓ ଏହି ସଫଳ ପ୍ରତିଯୋଗୀଙ୍କୁ ମଞ୍ଚରେ ମେଡାଲ, ମାନପତ୍ର ତଥା ଚେକ ପ୍ରଦାନ କରି ପୁରସ୍କୃତ କରାଯାଇଛି । ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ନିମନ୍ତେ ମାନପତ୍ର ପ୍ରଦାନ କରାଯାଇଥିଲା। ଏହା ସହ ଦୌଡରେ ଉତ୍ସାହିତ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ସୂର୍ଯ୍ୟକାନ୍ତ ବେହେରା, କୋମାଣ୍ଡ ରବୀନ୍ଦ୍ର ସିଂ ଭଣ୍ଡାରୀ, କୋମାଣ୍ଡ ୧୦୮ ବାଟାଲିୟନ ସଂଜୟ ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ଯୋଗ ଦେଇ ଥିଲେ। ଏଥିରେ ଏନସିସି, ଅଗ୍ନିଶମ ବିଭାଗ ତଥା ଡାକ୍ତରୀ ଦଳ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନିରାଶ୍ରୟଙ୍କ ପାଇଁ ନାହିଁ ରାତ୍ରିକାଳୀନ ଆଶ୍ରୟସ୍ଥଳୀ



**ବଣାଇଁ, ୧୪।୧୨(ସମିସ)**

ଓଡ଼ିଶାକୁ ସବୁଠାରୁ ଅଧିକ ରାଜସ୍ୱ ଦେଇ ଆସୁଥିବା ଖଣି ଖାଦାନଭରା ବଣାଇଁ ଉପଖଣ୍ଡର ମୁଖ୍ୟ ସହରରେ ନିରାଶ୍ରୟ, ଅସହାୟଗରିବ ଲୋକଙ୍କ ପାଇଁ ରାତ୍ରିକାଳୀନ ବିଶ୍ରାମସ୍ଥଳୀ ନ ଥିବାରୁ ନିରାଶ୍ରୟ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସାରା ରାଜ୍ୟରେ ଶୀତଲହରୀ ଜାରି ରହିଥିବା ବେଳେ ରାତି ସମୟରେ ବଣାଇଁରେ ମଧ ପ୍ରବଳଶୀତ ଅନୁଭୁତ ହେଉଛି। ସର୍ବନିମ୍ନ ତାପମାତ୍ରା ପାରଦ ୧୦ ଡିଗ୍ରୀ ତଳକୁ ରହୁଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ବର୍ଷସାରା ରାସ୍ତାକଡ଼ରେ ଜୀବନ ବିତାଉଥିବା ନିରାଶ୍ରୟ ଲୋକଙ୍କ ଜୀବନ ଶୀତଦିନେ ଆହୁରି ଅସହ୍ୟ ହୋଇପଡୁଛି। ଦିନସାରା ବିଭିନ୍ନ କାମରେ ବ୍ୟସ୍ତ ରହିବା ପରେ ରାତିହେଲେ ଏଭଳି ନିରାଶ୍ରୟ ଲୋକମାନେ ସାଇକଲ ଷ୍ଟାଣ୍ଡ, ରାସ୍ତା କଡ଼, ଗଛମୂଳେ, ନତୁବା କେଉଁ ଦୋକାନବାରଣ୍ଡାରେ ଖୋଲା ଆକାଶ ତଳେ ଆଶ୍ରୟ ନେବାର ଦେଖାଯାଇଛି। ଶୀତରୁ ରକ୍ଷା ପାଇବା ପାଇଁ ଏମାନଙ୍କ ନିକଟରେ ଶୀତବସ୍ତ୍ରର ଅଭାବ ରହିଥାଏ, ଫଳରେ ଅନେକ ସମୟରେ ପ୍ରବଳଶୀତର କଷ୍ଟକୁ ସହିନପାରି ବୃଦ୍ଧବୃଦ୍ଧାଙ୍କ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳିଥାଏ। ବଣାଇଁ ସହରର ଅନେକ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଥିଲେ ମଧ ତାହା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି। ଖୋଦ୍ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସାଇକେଲ ଷ୍ଟାଣ୍ଡରେ ଦୀର୍ଘ ଦିନ ଧରି ଗୋଟିଏ ପରିବାରର ସ୍ତ୍ରୀ, ଛୋଟ ଛୁଆମାନେ ରାସ୍ତା କଡ଼ରେ ବସବାସ କରୁଥିବା ଦେଖିବାକୁ ମିଳିଛି। ତେଣୁ ରାସ୍ତା କଡ଼ରେ ରାତି ବିତାଉଥିବା ଥିବା ଗରିବ ଅସହାୟ ଲୋକମାନଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ପ୍ରଶାସନପକ୍ଷରୁ ଶୀତବସ୍ତ୍ର ଯୋଗାଇ ଦିଆଯିବା ସଙ୍ଗେସଙ୍ଗେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ବିଶ୍ରାମସ୍ଥଳୀ ନିର୍ମାଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ହସ୍ପିଟାଲରେ 'ସକାଳ' ପ୍ରତିନିଧିଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଧାୟକ

**ରାଉରକେଲା, ୧୪।୧୨(ସମିସ):** ୫୫ନମ୍ବର ଜାତୀୟ ରାଜପଥର ଢ଼େଙ୍କାନାଳ ସଦରଥାନା ଗେଙ୍ଗୁଟିଆ ଗ୍ରାମ ନିକଟରେ ହୋଇଥିବା ସଡ଼କ ଦୁର୍ଘଟଣାରେ ଗୁରୁତର ଥିବା 'ସକାଳ' ରାଉରକେଲା ବ୍ୟୁରୋ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ତାଙ୍କ ପତ୍ନୀ ଇତିଶ୍ରୀ ପଟ୍ଟନାୟକ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ରବିବାର ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଭୁବନେଶ୍ୱରର ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଉଭୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ସମାଜସେବୀ ଅଶୋକ ପଟ୍ଟନାୟକ, ଶିକ୍ଷାବିତ୍ ଶାନ୍ତନୁ କୁମାର ମୁଦାଲି, ଗୌରାଙ୍ଗ ଚନ୍ଦ୍ର ପାହାଡି, ଓଡ଼ିଆ ଧାରାବାହିକ କଳାକାର ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ପ୍ରଶାନ୍ତ କୁମାର ହୋତା, ପ୍ରଦୀପ ବାନାର୍ଜୀ, ଅରୁଣ କୁମାର ପଣ୍ଡା, ସଞ୍ଜୀତ କୁମାର ସ୍ୱାଇଁ, ପାର୍ଥୋଲୋଜିଷ୍ଟ ସୁନୀଲ କୁମାର ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅପଲୋ ହସ୍ପିଟାଲରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ଶ୍ରୀ ପଟ୍ଟନାୟକ ନିଜ ପତ୍ନୀ ଇତିଶ୍ରୀ ଓ ପୁଅ ସହ ରାଉରକେଲାରୁ କାର୍ ଯୋଗେ ଭୁବନେଶ୍ୱର ଯାଉଥିଲେ। ଢ଼େଙ୍କାନାଳ ସଦରଥାନା ଗେଙ୍ଗୁଟିଆ ଗ୍ରାମ ନିକଟରେ ଏକ ହାଇୱା ତାଙ୍କ କାର୍‌କୁ ଧକ୍କା ଦେଇଥିଲା। ଫଳରେ ଦେବବ୍ରତ ଓ ତାଙ୍କ ପତ୍ନୀ ଇତିଶ୍ରୀ ଗୁରୁତର ହୋଇଥିଲେ। ଉଭୟଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



# ସେଲ୍‌ରେ ଏପ୍ରିଲ୍‌ରୁ ନଭେମ୍ବର ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ

**ରାଉରକେଲା, ୧୪।୧୨(ସମିସ):** ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ) ଗତ ନଭେମ୍ବର ୨୦୨୫ରେ ବିକ୍ରୟ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ହସଲ କରିଛି ଏବଂ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୨୭ଧ ଅଭିବୃଦ୍ଧି ହାସଲ କରିଛି। ଗତ ବର୍ଷର ସମାନ ଅବଧି ମଧ୍ୟରେ ୦.୦୮୪ ନିୟୁତ ଟନ୍ ତୁଳନାରେ ୨୦୨୫ ନଭେମ୍ବର ମାସରେ ଖୁଚୁରା ବିକ୍ରୟ ପ୍ରଭାବଶାଳୀ ଭାବେ ୬୯% ବୃଦ୍ଧି ପାଇ ୦.୧୪ ନିୟୁତ ଟନ୍ ହାସଲ ହୋଇଛି। ବହୁବିଧ ଉତ୍ପାଦ ବର୍ଗ ଓ ଘରୋଇ ବିକ୍ରିୟଯୋଗ୍ୟ ଇସ୍ପାତ ସମେତ ବିତରଣ ମାଧ୍ୟମରେ ବ୍ୟାପକ ଅଭିବୃଦ୍ଧି, ସଡ଼କ ମାର୍ଗ ଚାଲାଣ ଏବଂ ୱେରହାଉସରୁ ସିଧାସଳଖ ବିତରଣ ଏହି ଉଲ୍ଲେଖନୀୟ ବୃଦ୍ଧିରେ ଯୋଗଦାନ ଦେଇଥିବାବେଳେ ଉକ୍ତ ମାସ ମଧ୍ୟରେ ଦେଶରେ ଟିଏମଟି ବାରର ସର୍ବାଧିକ ବିକ୍ରେତା ଭାବରେ କମ୍ପାନୀ ଉଭା ହୋଇଛି। ଉପରୋକ୍ତ ମାସର ପ୍ରଭାବଶାଳୀ ଅଭିବୃଦ୍ଧିକୁ ଆଧାର କରି, ସେଲ୍‌ଫ ଏପ୍ରିଲରୁ ନଭେମ୍ବର ୨୦୨୫ ଅବଧିରେ ଦୃଢ଼ ସାମଗ୍ରୀକ ପ୍ରଦର୍ଶନ ହାସଲ କରିଛି। ଗତ ବର୍ଷର ସମାନ ଅବଧିର ୧୧.୧ ନିୟୁତ ଟନ୍ ତୁଳନାରେ ୧୪ % ଅଧିକ ଅଭିବୃଦ୍ଧି ସହକାରେ ୨୦୨୫ ଏପ୍ରିଲରୁ ନଭେମ୍ବର ବିକ୍ରୟ ପରିମାଣ ୧୨.୭ ନିୟୁତ ଟନ ହାସଲ ହୋଇଛି। ବିଭିନ୍ନ ବିଶ୍ୱ ବାଣିଜ୍ୟ ନୀତି ଅନିଶ୍ଚିତତା ଏବଂ ଭୂରାଜନୈତିକ ଉତ୍ତେଜନା ଜନିତ ବିଶ୍ୱ ମୂଲ୍ୟଚାପ ଏବଂ ଚାହିଦା ଅସ୍ଥିରତା ସମେତ ବିବିଧ ଆହ୍ୱାନ ସତ୍ତ୍ୱେ ସେଲ୍‌ଫ ଦଳ ଦ୍ୱାରା ନିରନ୍ତର ପ୍ରୟାସ ସହିତ ଏକ ଦୃଢ଼ ବିକ୍ରୟ ରଣନୀତି ଯୋଜନା ଯୋଗୁଁ ଏହି ସ୍ଥିର ପ୍ରଦର୍ଶନ ସମ୍ଭବ ହୋଇପାରିଛି। ଗତ ଏପ୍ରିଲରୁ ନଭେମ୍ବର ଅବଧି ମଧ୍ୟରେ ଖୁଚୁରା ବିକ୍ରୟ ସ୍ଥିତି ମଧ ବେଶ ସୁଦୃଢ଼ ଥିଲା ଏବଂ ଏହାର ପରିମାଣ ୦.୯୭ ନିୟୁତ ଟନ୍ ପଞ୍ଜିକରଣ କରାଯାଇଥିଲା ଯାହା ଅନୁରୂପ ପୂର୍ବବର୍ଷ ଅବଧିର ୦.୮୬ ନିୟୁତ ଟନରୁ ୧୩% ଅଧିକ ଅଟେ। ଏହି ଅଭିବୃଦ୍ଧି ଦେଶବ୍ୟାପୀ ଚାଲିଥିବା ବ୍ରାଣ୍ଡ ପ୍ରମୋସନ ଅଭିଯାନର ମଧ ଏଥିରେ ଯୋଗଦାନ ଥିବା କମ୍ପାନୀ ଦର୍ଶାଇଛି।

# 'ଆଜା ନାଚ୍‌ଲେ' କାର୍ଯ୍ୟକ୍ରମ ନେଇ ଆଲୋଚନା



**ରାଉରକେଲା, , ୧୪।୧୨(ସମିସ):** ନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର ରୋଜା ନୃତ୍ୟାନୁଷ୍ଠାନ ପକ୍ଷରୁ କୋଏଲନଗର ସ୍ଥିତ ଅବସରପ୍ରାପ୍ତ ଇସ୍ପାତ କାରଖାନା କର୍ମଚାରୀ ସଂଘ ଠାରେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଆଜା ନାଚଲେ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରୋଜା ରାଣାଙ୍କ ଆଭିମୁଖ୍ୟଙ୍କ ଅନୁଯାୟୀ ଚଳିତଥର ଏକ ନିଆରା ଢଙ୍ଗରେ ଅନୁଷ୍ଠାନ ତରଫରୁ ଏକ ଜାତୀୟସ୍ତରର ନୃତ୍ୟ ପ୍ରତିଯୋଗୀତା ହେବାର ଆୟୋଜନ କରାଯାଉଛି। ଆସନ୍ତା ୨୭ ୨୮ ତାରିଖ ଦିନ ସ୍ଥାନୀୟ ଭଞ୍ଜଭବନ ପ୍ରେକ୍ଷାଳୟରେ ନୃତ୍ୟ କ୍ଷେତ୍ରରେ ରୁଚି ରଖୁଥିବା କୁନି ପିଲାଙ୍କଠାରୁ ସିନିୟର ବର୍ଗପର୍ଯ୍ୟନ୍ତ ୧୧ ଟି ପର୍ଯ୍ୟାୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୯ ତାରିଖ ଦିନ ଉକ୍ତ ପ୍ରତିଯୋଗିତାର ପୁରସ୍କାର ବିତରଣ ସ୍ଥାନୀୟ ସିଭିକ୍‌ସେଣ୍ଟର ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ପୁରସ୍କାର ବିତରଣ ସନ୍ଧ୍ୟାରେ ଓଲିଉଡ଼ ଅଭିନେତ୍ରୀ ଅଙ୍କିତା ଦାସ ଯୋଗଦେବେ ବୋଲି ଜଣାପଡ଼ିଛି। ଉକ୍ତ ପ୍ରତିଯୋଗିତା ପାଇଁ ଶାସ୍ତ୍ରୀୟ କ୍ଷେତ୍ରରେ ବରହମପୁରରୁ ଗୁରୁଦେବୀ କୁମାରୀ ପ୍ରଧାନ ଓ ରାଉରକେଲାରୁ ଗୁରୁ ସୁଚିସ୍ମିତା ସେନ ବିଶ୍ୱାସ ଓ ରୋଜା ରାଣା ବିଚାରକ ମଣ୍ଡଳୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅଧକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁ ଓ ନିର୍ଦ୍ଦେଶକ ଆଲୋକ ଜେନା ସାମ୍ବାଦିକ ସମ୍ମିଳନୀକୁ ସଭାପତିତ୍ୱ କରିଥିଲେ। ସଭାପତି ବିଜୟ ମୁଖୀ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ନୃତ୍ୟାନୁଷ୍ଠାନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦିକା ଶିବାନୀରାଣା ସମସ୍ତଙ୍କର ପରିଚୟ ପ୍ରଦାନ ପୂର୍ବକ ଜାତୀୟସ୍ତରରେ ନୃତ୍ୟ ପ୍ରତିଯୋଗୀତା ଆଜା ନାଚଲେ କିପରି ସୁରୁଖୁରୁରେ କରାଯାଇପାରିବ ବୋଲି ସମସ୍ତ ସାମ୍ବାଦିକ ମାନଙ୍କଠାରୁ ପ୍ରସ୍ତାବ ଆଶା କରିଥିଲେ। ଉପସଭାପତି ରୋଜା ରାଣା ଉଦୀୟମାନ ନୃତ୍ୟ ପ୍ରତିଭାମାନଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରେ କିପରି ପ୍ରତିଯୋଗୀତା ମାଧ୍ୟମରେ ପ୍ରତିଷ୍ଠିତ କରାଯାଇ ପାରିବ ସେ ସମ୍ପର୍କ ରେ ସୂଚନା ଦେଇଥିଲେ। ଆଲୋକ ଜେନା ଓ ଅଧକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁ, ସହଯୋଗ କାମନା କରିଥିଲେ। ସହ ସମ୍ପାଦିକା ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ରାଜ କୁମାର ପଣ୍ଡାଙ୍କସହ ଅନୁଷ୍ଠାନର ସଦସ୍ୟ ଦୀପିକା ପାତ୍ର, ଟୁନା ଗଉଡ଼, ସୁରଜ ତନ୍ତି, ହରେନ୍ଦ୍ର ନାୟକ, ସୋମେଶ୍ୱରୀ ନାୟକ, ଓ ମନୀଷା ଜେନା ଉପସ୍ଥିତ ଥିଲେ।

# ଅନ୍ଧାରରେ ଦେଓଗାଁ- କେନ୍ଦ୍ରିକଳା ରାସ୍ତା

**ବଣାଇଁ, ୧୪।୧୨(ସମିସ):** କେନ୍ଦ୍ରିକଳା ଦେଇ ବଣାଇଁ ସହରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଅନ୍ଧାରରେ। ଦୀର୍ଘଦିନ ଧରି ଷ୍ଟ୍ରିଟଲାଇଟ୍ ଗୁଡ଼ିକ ଅଚଳ ହୋଇ ପଡ଼ି ରହିଥିବାରୁ ସନ୍ଧ୍ୟା ହେବାମାତ୍ରେ ଦେଢ଼ କିମି ରାସ୍ତା ସମ୍ପୂର୍ଣ୍ଣ ଭାବେ ଅନ୍ଧକାର ହୋଇପଡୁଛି। ଏହି ରାସ୍ତାଟି ସବୁ ସମୟରେ ବ୍ୟସ୍ତବହୁଳ ହୋଇଥିବାବେଳେ ଅନ୍ଧାର ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟାରୁ କୁହୁଡି ଯୋଗୁଁ ରାସ୍ତା ଠିକ୍ ଦେଖାଯାଉନାହିଁ। ତେଣୁ ଅନେକ ସମୟରେ ଦୁର୍ଘଟଣା ଘଟିବାର ସମ୍ଭାବନା ମଧ ରହୁଛି। ଦ୍ୱିତୀୟରେ ଏହି ରାସ୍ତା ଦେଇ ଅନେକ ସମୟରେ ହାତୀ ଯିବା ଆସିବା କରୁଛନ୍ତି। ତେଣୁ ସନ୍ଧ୍ୟାରେ ଛାତ୍ରଛାତ୍ରୀମାନେ ମଧ ଟିଉସନ ସାରି ଘରକୁ ଫେରିବା ବେଳକୁ ଅନ୍ଧାର ଯୋଗୁଁ କେତେବେଳେ ଯେ ହାତୀ ହାବୁଡରେ ନ ପଡ଼ିବେ କହି ହେବନାହିଁ। ଦୀର୍ଘ ଦିନ ପୂର୍ବରୁ ସ୍ଥାନୀୟ ଏକ ସ୍ପଞ୍ଜ ଆଇରନ୍ କାରଖାନା ପକ୍ଷରୁ ଏସବୁ ଲାଇଟ୍ ଲଗାଯିବାର ବ୍ୟବସ୍ଥା କରିଥିଲେ ପୂର୍ବତନ ଉପଜିଲ୍ଲାପାଳ। କିନ୍ତୁ ରକ୍ଷଣାବେକ୍ଷଣା ଅଭାବରୁ ତାହା ଏବେ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦୃଷ୍ଟିଦେଇ ଏସବୁକୁ ମରାମତି କରାଯିବାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା; ୨ ଗୁରୁତର

**ବଣାଇଁ, ୧୪।୧୨(ସମିସ):** ବଣାଇଁ ଥାନା ଅଧୀନ ଦେଓଗାଁର ପୁରୁଣା ସ୍କୁଲ ନିକଟରେ ରବିବାର ସନ୍ଧ୍ୟାରେ ଏକ କାର୍ ଧକ୍କାରେ ଦୁଇ ଜଣ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। କାର୍‌ରେ ଦେବଗଡ଼ ଜିଲ୍ଲା ପୁରୁଣାପାଣି ଅଞ୍ଚଳର ମନୁ ପ୍ରଧାନ (୪୭) ବଣାଇଁ ସ୍ଥିତ ଖଣ୍ଡାଧାର ଜଳପ୍ରପାତରୁ ଭୋଜି ସାରି ଘରକୁ ଫେରିବା ସମୟରେ ନିଶାସକ୍ତ ଅବସ୍ଥା ରେ ଦେଓଗାଁ ବୁଲାଣି ରେ କେନ୍ଦ୍ରିକଳା ପଟୁ କେନ୍ଦ୍ରାପଡ଼ାର ଦେଓଗାଁ ଠାରେ ରହୁଥିବା ଜ୍ୟୋତି ରଞ୍ଜନ ମହନ୍ତ (୨୭) ଏବଂ ଶିଲ୍ପା କୁମାରୀ ଜେନା (୨୬) ଏକ ଆପାଚି ବାଇକରେ ବଣାଇଁଗ ସହରକୁ ବୁଲିବା ପାଇଁ ଯିବା ସମୟରେ ଏହି ଦୁର୍ଘଟଣା ହୋଇଥିଲା। ଉଭୟ ରାସ୍ତା ତଳକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଓ ବାଇକ୍‌କୁ ଜବତ କରିଥିବାବେଳେ କାର୍ ଚାଳକକୁ ମଧ ଅଟକ ରଖି ପଚରାଉଚୁରା କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା-ଜେଜେମାଆ ସମ୍ମିଳନୀ

**ବଣାଇଁ, ୧୪।୧୨(ସମିସ):** ବଣାଇଁଗଡ଼ ସହରସ୍ଥିତ ଅମଲାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜେଜେବାପା ଜେଜେମାଆ ସମ୍ମାନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗୁରୁମା ଗୁରୁଜୀମାନେ ଉପସ୍ଥିତ ଥିବା ଜେଜେବାପା ଓ ଜେଜେମାଆଙ୍କୁ ଭକ୍ତି ସଙ୍ଗୀତ



ଗୀତ ଗାନ କରି ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା କବି ଭାବେ ପରିଚିତ ସ୍ନେହଲତା ରଣା, ସମ୍ମାନିତ ଅତିଥି ଭାବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିକେ ଅନିତା, ବିଦ୍ୟାଳୟ ଯୁଗ୍ମ ସମ୍ପାଦକ ସତ୍ୟ ନାରାୟଣ ମିଶ୍ର, ରବୀନ୍ଦ୍ର କୁମାର ରଣା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି କହିଥିଲେ ଯେ ଜେଜେବାପା ଓ ଜେଜେମାଆ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆମକୁ ଛୋଟ ସମୟରେ ହାତଧରି ଚଲାଇବା ସହିତ ଭଲ ମାର୍ଗ ଦର୍ଶନ ଶିକ୍ଷା ଦେଉଥିଲେ ବୋଲି ଅଭିଭାଷଣ ପ୍ରଦାନ ରଖିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସପନ ଓଝା ଅଧକ୍ଷତା କରିଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରତିଭା ରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଗୁରୁଜୀ ପ୍ରଶାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ଜ୍ୟୋସ୍ନା ରାଣୀ ପଣ୍ଡା, ଅନିତାଞ୍ଜଳି ପାତ୍ର, ରେଣୁକା ଦାସ, ଲକ୍ଷ୍ମୀ ସାହୁ, ଉର୍ମିମାଳା ସାହୁ, ଦିବ୍ୟରାଣୀ ପାଣିଗ୍ରାହୀ, ପ୍ରେମଲତା ବେହେରା, ପୂର୍ବତନ ସଭାପତି ସତ୍ୟବାଦୀ ସାହୁ, ଗୁରୁମା ଗୁରୁଜୀମାନେ ସହାୟତା କରିଥିଲେ

# ମନ୍ଦିରାଡ୍ୟାମ୍ ଉମଙ୍ଗ ରିଟ୍ରିଟ୍‌ରେ ଆଉଟ୍‌ବାଉଣ୍ଡ ତାଲିମ



**ରାଉରକେଲା, ୧୪।୧୨(ସମିସ):** କର୍ମଚାରୀଙ୍କୁ ବ୍ୟକ୍ତିଗତ ତଥା ଦଳର ପ୍ରଭାବୀ ସଦସ୍ୟରୂପେ ବିକଶିତ କରିବା ଲକ୍ଷ୍ୟରେ ଏକ ଅନନ୍ୟ ପ୍ରୟାସ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ବିଭିନ୍ନ ବିଭାଗର ୨୫ ଜଣ ପୁରୁଷ ଏବଂ ମହିଳା କର୍ମଚାରୀ 'ଜୋଶ୍' ଶୀର୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଟାଟାଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍ (ଟିଏସଏଏଫ) ବିଶେଷଜ୍ଞ ସହଯୋଗ ଯୋଗାଇ ଦେଇଥିଲା। ୨୦୨୫-୨୬ ପର୍ଯ୍ୟାୟର ଏହା ପ୍ରଥମ କାର୍ଯ୍ୟକ୍ରମ ଥିଲା। ଏଚଆର ଏଲ ଆଣ୍ଡ ? ବିଭାଗର ସିଜିଏମ ଶ୍ରୀ ପି କେ ସାହୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅଧିବେଶନ କେକେ ଜୟସ୍ୱାଲ ଏବଂ ଜୁନିୟର ମ୍ୟାନେଜର ଜେସି ପାତ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଆଉଟବାଉଣ୍ଡ ଲର୍ଣ୍ଣିଂ ପଦକ୍ଷେପ ଏକ ସାମଗ୍ରୀକ ବିକାଶ ଆଭିମୁଖ୍ୟ ଉପରେ ଧ୍ୟାନ ଦେଉଛି। ନେତୃତ୍ୱ, ଯୋଗାଯୋଗ ଦକ୍ଷତା, କାର୍ଯ୍ୟଦକ୍ଷତା, ଯୋଜନା, ପରିବର୍ତ୍ତନ ପରିଚାଳନା, ଦଳଗତ କାର୍ଯ୍ୟ ଏବଂ ପ୍ରେରଣାକୁ ଉନ୍ନତ କରିବା ପାଇଁ ଏହି ତାଲିମ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କ ବୃତ୍ତିଗତ ଦକ୍ଷତା ଶୃଙ୍ଖଳରେ ସକରାତ୍ମକ ପରିବର୍ତ୍ତନ ଆଣିବା ଏବଂ ଏକ ସମାବେଶୀ କାର୍ଯ୍ୟ ସଂସ୍କୃତିରେ ଧାରା ପ୍ରବର୍ତ୍ତନ ପାଇଁ ଡିଜାଇନ କରାଯାଇଛି। ସୂଚନାଯୋଗ୍ୟ ଯେ ଘନ ଜଙ୍ଗଲ ଏବଂ ଶାନ୍ତ ମନୋରମ ବାତାବରଣମୟ ପ୍ରକୃତିର କୋଳରେ ସ୍ୱତନ୍ତ୍ର ଭାବରେ ବିକଶିତ ଉକ୍ତ ଆଉଟବାଉଣ୍ଡ ଟ୍ରେନିଂ ସୁବିଧା ଏଭଳି ପ୍ରଶିକ୍ଷଣ ନିମନ୍ତେ ସର୍ବୋତ୍ତମ ସ୍ଥାନ ପ୍ରଦାନ କରୁଛି, ଯେଉଁଠାରେ ଅନେକ ଆକର୍ଷଣୀୟ ସାହସିକ କାର୍ଯ୍ୟଧାରା ନିମିତ୍ତ ଉଦ୍ଦିଷ୍ଟ ଭିତ୍ତିଭୂମି ଏବଂ ସୁବିଧା ଉପଲବ୍ଧ ରହିଛି। ଉକ୍ତସ୍ଥାନରେ ଏକ ସୁନ୍ଦର ଘାସଗାଲିଚା ଆଚ୍ଛାଦିତ ମନୋରମ ଉଦ୍ୟାନ ବିକଶିତ କରାଯାଇଛି।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**କୁତ୍ରା, ୧୪।୧୨(ସମିସ):** ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶକ୍ତି ସଂରକ୍ଷଣ ଓ ସୁବିନିଯୋଗ ସମ୍ବନ୍ଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ଶ୍ରୀ ସାହୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଇକୋ କ୍ଲବ୍ ଓ ଏନେର୍ଜି କ୍ଲବ୍ ଆନୁକୂଲ୍ୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ଏକ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇକୋକ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଓ ଏନେର୍ଜିକ୍ଲବ୍ ଇନଚାର୍ଜ ଶିକ୍ଷକ ହରେକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ ବ୍ୟବହାରେ ଶୃଙ୍ଖଳା, ଉଚ୍ଚ ଦକ୍ଷତା ସମ୍ପନ୍ନ ବିଦ୍ୟୁତ ଉପକରଣ ବ୍ୟବହାର ଓ ନବୀକରଣ ଯୋଗ୍ୟ ଶକ୍ତିର ବହୁଳ ବ୍ୟବହାର ଦ୍ୱାରା ଶକ୍ତି ସଂରକ୍ଷଣ ହେବା ସହିତ ପରିବେଶ ମଧ ସୁରକ୍ଷିତ ହୋଇ ପାରିବ ବୋଲି ଶ୍ରୀମତୀ ପାଢ଼ୀ ନିଜ ବକ୍ତବ୍ୟରେ କହିଥିଲେ। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନର ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୋଷ୍ଟର ତିଆରି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା।

# ସିଆଇଟିୟୁର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

**ରାଉରକେଲା, ୧୪।୧୨(ସମିସ):** ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟିର ୧୬ତମ ରାଜ୍ୟ ସମ୍ମିଳନୀ ପାରାଦ୍ୱୀପ ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ସଭାନେତ୍ରୀ ଡ. କେ ହେମଲତା ଓ ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ତପନ ସେନ୍ ଯୋଗଦେଇ ମୋଦୀ ସରକାରଙ୍କ ଶ୍ରମିକ ବିରୋଧୀ ନୀତି, କର୍ପୋରେଟ ପୁଞ୍ଜିପତି ଓ ମାଲିକମାନଙ୍କ ସ୍ୱାର୍ଥରେ ଦେଶର ଶ୍ରମିକ ଶ୍ରେଣୀର ଅଧିକାରୀକୁ ଛଡ଼ାଇ ନେଇ ସମସ୍ତ ଶ୍ରମ ଆଇନକୁ ଖତମ କରି ୪ଟି ଶ୍ରମ କୋର୍ଡ ଲାଗୁ କରିବା ବିରୁଦ୍ଧରେ ଆଗାମୀ ଦିନରେ ଦେଶବ୍ୟାପୀ ଦୁର୍ବାର ଆନ୍ଦୋଳନ ପାଇଁ ପ୍ରସ୍ତୁତି କରିବାକୁ ଆହ୍ୱାନ କରିଥିଲେ। ଆଗାମୀ ୩ ବର୍ଷ ପାଇଁ ଏକ ୭୩ ଜଣିଆ ରାଜ୍ୟ କାର୍ଯ୍ୟକାରିଣୀ କମିଟି ଓ ୨୯ ଜଣିଆ କର୍ମକର୍ତ୍ତା କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସଭାପତି ଭାବେ ଜନାର୍ଦ୍ଦନ ପତି ଓ ସାଧାରଣ ସମ୍ପାଦକ ଭାବରେ ବିଷ୍ଣୁ ମହାନ୍ତି, କୋଷାଧ୍ୟକ୍ଷ ଭାବରେ ଉଲ୍ଲାସ ସ୍ୱାଇଁ, ଉପସଭାପତି ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଦୁଷ୍ମନ୍ତ ଦାସ, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଲୋଭାକାନ୍ତ ସ୍ୱାଇଁ, ଇନ୍ଦ୍ରମଣି ବେହେରା, ଦିବ୍ୟସିଂହ ନାୟକ, ଜଗତ ଜୀବନ ଦାସ, ଉପେନ୍ଦ୍ର ଶର୍ମା, ଇଷାନୀ ଷଡ଼ଙ୍ଗୀ, ସମ୍ପାଦକ ଭାବେ ବସନ୍ତ ନାୟକ, ରମେଶ ଜେନା, ପୁଷ୍ପା ଦାଶ, ଅଭୟ ସ୍ୱାଇଁ, ଶକୁନ୍ତଳା ମହାକୁଡ଼, ସୁରେଶ ରାଉତରାୟ, ପ୍ରଦୀପ୍ତ ନାୟକ, ପ୍ରଭାତ ପଣ୍ଡା, ପ୍ରଣୟ ନାୟକ, ହୃଦୟାନନ୍ଦ ଯାଦବ, ଏକାଦଶୀ ବେହେରା, ସୁରେଶ ସ୍ୱାଇଁ, ଆନନ୍ଦମାସି ହରୋ ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ।



# ଝିରପାଣିରେ ବ୍ୟାସକ୍ଷେତ୍ର ବ୍ରାହ୍ମଣ ସମାବେଶ

**ରାଉରକେଲା, ୧୪।୧୨(ସମିସ):** ଝିରପାଣିରେସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆଜି ବ୍ୟାସକ୍ଷେତ୍ର ବ୍ରାହ୍ମଣ ସମାଜ ପକ୍ଷରୁ ଏକ ବ୍ରାହ୍ମଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଶୋକ ପାତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ସୁନ୍ଦରଗଡ଼ ବ୍ରାହ୍ମଣ ସମାବେଶରେ ଗୌର ଚନ୍ଦ୍ର ଠାକୁର ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର ସୁଆର ଯୋଗଦେଇ ବ୍ରାହ୍ମଣମାନଙ୍କୁ ସଂଗଠିତ କରିବା ପାଇଁ ଏକ ସୁଚିନ୍ତିତ ଯୋଜନା ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ବ୍ରାହ୍ମଣ ପରିବାର, ମାତୃଶକ୍ତି ଓ ଯୁବବର୍ଗଙ୍କ ସମେତ ଏକ ବିଶାଳ ସମାବେଶ ସୁନ୍ଦରଗଡ଼ରେ ଆୟୋଜିତ ହେବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଉଦିତ ମହାପାତ୍ର, ମୁଖ୍ୟବକ୍ତା ବିଜୟ ବିହାରୀ ହୋତା, ଉପଦେଷ୍ଟା ବେନୁଧର ତ୍ରିପାଠୀ ଓ ମୁଖ୍ୟ ଉପଦେଷ୍ଟା ଶରତଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଗୋପୀନାଥ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବ୍ରାହ୍ମଣମାନଙ୍କୁ ନେଇ ଗଠିତ ବ୍ୟାସକ୍ଷେତ୍ର ବ୍ରାହ୍ମଣ ସମାଜ ସାମାଜିକ ସଂସ୍କାର, ଆଧାତ୍ମିକ ଚେତନା ଓ ଆର୍ଥିକ ପ୍ରଗତି ନିମନ୍ତେ ବଦ୍ରିନାରାୟଣ ପାଢ଼ୀ, କାହ୍ନୁ ଦିବେଦୀ, ଭାସ୍କର ନନ୍ଦ, ଉର୍ବଶୀ ଦାଶ ପାତି ଓ ସୁନ୍ଦରଗଡ଼ ବ୍ରାହ୍ମଣ ମଣ୍ଡଳୀର ଜଗଦୀଶ ଠାକୁର ମତବ୍ୟକ୍ତ କରିଥିଲେ। ସମାବେଶରେ ସୁନ୍ଦରଗଡ଼ ବ୍ରାହ୍ମଣ ମଣ୍ଡଳୀର ଅନ୍ୟାନ୍ୟ ସଦସ୍ୟ ପଣ୍ଡିତ ସତ୍ୟବନ ପୁରୋହିତ, ରଜନୀକାନ୍ତ ପୁରୋହିତ, ଯୁବ ବ୍ରାହ୍ମଣ, ବିଶ୍ୱରଞ୍ଜନ ପୁରୋହିତ, ମନୋଜ କୁମାର ପଣ୍ଡାଙ୍କ ସମେତ ରାଉରକେଲା ମହାନଗର, ଲାଠିକଟା, ବିସ୍ରା, ନୂଆଗାଁ ଓ କୁଆରମୁଣ୍ଡା ବ୍ଲକରୁ ଶତାଧିକ ବ୍ରାହ୍ମଣ ଯୋଗଦେଇଥିଲେ। ନରେନ୍ଦ୍ର ପାତ୍ରି ଧନ୍ୟବାଦ ଦେଇଥିଲେ।



ସକାଳ THE SAKALA



www.sakalaepaper.com

# ଜବରଦଖଲରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଜମି

## ବେଆଇନ ଭାବେ ବସବାସ କରୁଛନ୍ତି ୧୦ ପରିବାର




ନିଶ୍ଚିନ୍ତକୋଇଲି,୧୪ ।୧୨(ସମିସ): ବ୍ରିଟିଶ ଅମଳରେ ନିର୍ମାଣ କରାଯାଇଥିବା ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ବହୁ ଜମି ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି। ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ଏହି କାର୍ଯ୍ୟାଳୟ ପରିସରରେ ୧୦ ପରିବାର ଗୃହ ନିର୍ମାଣ କରି ରହିଥିବା ବେଳେ ବହୁ ଦୋକାନ ଘର କରାଯାଇ ବ୍ୟବସାୟ କରାଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେଲା ଉକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା। ଏହାକୁ ନୂତନ ଭାବେ ନିର୍ମାଣ କରାଯିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଥିଲା ବେଳେ ଗତ ଅକ୍ଟୋବର ୧୭ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ଚୟନ କରାଯାଇ ଏହି ନିର୍ମାଣ କାର୍ଯ୍ୟ କରାଯାଉଛି।

ଅନ୍ୟପଟରେ ପୂର୍ବରୁ ରହିଥିବା କାର୍ଯ୍ୟାଳୟଟି ଭଙ୍ଗାଯାଇ ସେହି ସ୍ଥାନରେ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କାର୍ଯ୍ୟାଳୟର ୫୬୦ ଡିସିମିଲ୍ ନିଜସ୍ୱ ଜମି ରହିଥିବା ବେଳେ ଏହାର ପରିସରରେ ଏକ ପୋଖରୀ ଏବଂ ପାନୀୟ ଜଳଯୋଗାଣ ପାଇଁ ଏକ ପାଣିଟାଙ୍କି ମଧ୍ୟ ରହିଛି। ଯେତିକି ସ୍ଥାନରେ କାର୍ଯ୍ୟାଳୟ ନିର୍ମାଣ ହେଉଛି ତାହା ପର୍ଯ୍ୟାପ୍ତ ହେଉ ନଥିବାରୁ ଏହା ପରିସରରୁ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଦାବି କରିଛନ୍ତି। ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯାଇ ଖାଲି ଜାଗାରେ କାର୍ଯ୍ୟାଳୟ ନିର୍ମାଣ କଲେ ସମସ୍ତେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। ଉକ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବା ପାଇଁ ଦାବି ହେଉଛି। ପୂର୍ବରୁ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିଲେ ମଧ୍ୟ ଜବରଦଖଲକାରୀମାନେ ଏହାକୁ ଭ୍ରୂକ୍ଷେପ କରୁନଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ତହସିଲଦାର ଦମୟନ୍ତୀ ସାହୁ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନେଇ ନଥିବା ପ୍ରକାଶ କରିଛନ୍ତି।

# ଆକ୍ରମଣରେ ମାଆ-ପୁଅ ଗୁରୁତର





ନିଶ୍ଚିନ୍ତକୋଇଲି,୧୪ ।୧୨(ସମିସ): ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ ଦିକ୍ଷୀତପଡା ଗ୍ରାମରେ ଜମି ବାଡି ସଂକ୍ରାନ୍ତ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏକ ଆକ୍ରମଣ ଘଟଣାରେ ମାଆ ଓ ପୁଅ ଆହତ ହୋଇଛନ୍ତି। ସଂପୃକ୍ତ ମାଆ ପୁଅଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହାଦ୍ୱାରା ଉକ୍ତ ଘଟଣା ତୀବ୍ର ରୂପ ନେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅଭିଯୋଗ ଅନୁଯାୟୀ, ଗତ ଶନିବାର ଥାନାରେ ଉକ୍ତ ଗ୍ରାମର ସୁବାସଚନ୍ଦ୍ର ବେଜ୍, ମଣ୍ଟୁ ବେଜ୍ ଏବଂ ମନୋରଂଜନ ବାରିକ, ଅନୀଲ ବାରିକଙ୍କ ମଧ୍ୟରେ ଏକ ଜମିବାଡ଼ି ସଂକ୍ରାନ୍ତ ଗଣ୍ଡଗୋଳର ସମାଧାନ କରାଯାଇଥିଲା। ଉଭୟ ପରିବାର ଘରକୁ ଆସିବା ପରେ ରାତ୍ରି ପ୍ରାୟ ୧୧ଟାରେ ସୁବାସଚନ୍ଦ୍ର ବେଜ୍ ଓ ମଣ୍ଟୁ ବେଜ୍ ଅନ୍ୟ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ସୁବାସ ଓ ମଣ୍ଟୁ ମନୋରଂଜନଙ୍କ ପତ୍ନୀ ସଂଯୁକ୍ତା ଓ ପୁତ୍ର ଅନୀଲଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ କରିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବିହାରର ବିଦ୍ୟାଳୟରେ ନାମ ଥିବାରୁ ୮ ଛାତ୍ରଙ୍କୁ ଟିସି

ନିଶ୍ଚିନ୍ତକୋଇଲି, ୧୪ ।୧୨ (ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବାହାବଳପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରୁ ୮ ଜଣ ବିଦ୍ୟାର୍ଥୀଙ୍କୁ ଏକକାଳୀନ ଟିସି ଦିଆଯାଇଛି। ଏହି ୮ ଜଣ ବିଦ୍ୟାର୍ଥୀମାନେ ସେମାନଙ୍କ ଉପଯୁକ୍ତ ରେକର୍ଡପତ୍ର ଦେଇ ବିଦ୍ୟାଳୟରେ ନାମ ଲେଖାଇଥିଲେ ମଧ୍ୟ ଅନ୍ ଲାଇନରେ ବିହାରର ଏକ ବିଦ୍ୟାଳୟରେ ସେମାନଙ୍କ ନାମ ଥିବା ଦେଖାଯାଇଥିଲା। ଫଳରେ ୟୁଡାଇସ୍‌ରେ ସେମାନଙ୍କ ନାମ ଅପ୍‌ଲୋଡ୍ ହୋଇ ପାରି ନଥିଲା। ନିୟମାନୁଯାୟୀ, ଯେ କୌଣସି ବିଦ୍ୟାର୍ଥୀମାନେ ଦେଶର ଯେ କୌଣସି ଗୋଟିଏ ବିଦ୍ୟାଳୟରେ ନାମ ଲେଖାଇବା କଥା; ହେଲେ ଏହି ୮ ଜଣ ବିଦ୍ୟାର୍ଥୀଙ୍କ ନାମ ଅନ୍ୟ ରାଜ୍ୟର ବିଦ୍ୟାଳୟରେ ଥିବାରୁ ସେମାନଙ୍କୁ ପ୍ରଧାନଶିକ୍ଷକ ଟିସି ଦେବାକୁ ବାଧ୍ୟ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ, ବିହାରରୁ କେତେକ ଲୋକେ ଆସି ପରିବାର ସହ ବାହାବଳପୁର ଗ୍ରାମରେ ରହି ସେମାନଙ୍କ ପେଟ ପୋଷିବା ପାଇଁ କାମଧନ୍ଦା କରୁଥିଲେ। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟକୁ ସର୍ଭେ କରି ସ୍ଥାନୀୟ ଅଞ୍ଚଳରେ ରହୁଥିବା ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇବା ପାଇଁ କଡା ନିର୍ଦ୍ଦେଶ ଥିବା ବେଳେ ଏହି ବିଦ୍ୟାଳୟର ଶିକ୍ଷକମାନେ ସର୍ଭେ କରିବା ସମୟରେ ଗାଁରେ ବୁଲୁଥିବା ଏମ୍‌ଡି ଅବଦୁଲ, ସୁଫିଆନା ଖାନ୍, ଅବୁ ନସର, ଆକିଲ ରଜା, ଅବଦୁଲ ବାସିଦ୍, ଏମ୍‌ଡି ସାଦାବ,ଏମଡି ଇବତେଖାର, ଅକଲି ଇଜା ପିଲାମାନେ ଗାଁରେ ବୁଲୁଥିବାର ଦେଖି ସେମାନଙ୍କ ପିତାମାତାଙ୍କ ସହିତ ଯୋଗାଯୋଗ କରାଯାଇ ନାମ ଲେଖାଯାଇଥିଲା। ନାମ ଲେଖା ପରେ ସେମାନଙ୍କୁ ୟୁଡାଇସ୍‌ରେ ସାମିଲ କରିବା ସମୟରେ ଅନ୍‌ଲାଇନ୍‌ରେ ସେମାନଙ୍କ ନାମ ଅନ୍ୟ ବିଦ୍ୟାଳୟରେ ଥିବା ଜଣାଯାଇଥିଲା। ଏ ସଂକ୍ରାନ୍ତରେ ଜଣାପଡିବା ପରେ ପିଟିଏ ଏବଂ ସ୍କୁଲ ପରିଚାଳନା କମିଟିକୁ ଅବଗତ କରାଯାଇ ସେମାନଙ୍କୁ ଟିସି ଦିଆଯାଇଥିବା ଜଣାଯାଇଛି।

### ରଘୁନାଥ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ବୈଠକ

# ବିରୂପା ନଦୀ ପୁନରୁଦ୍ଧାର ଦାବି



ମାହାଙ୍ଗା, ୧୪ ।୧୨(ସମିସ): ମାହାଙ୍ଗା ବ୍ଲକ ରଘୁନାଥ ବିଦ୍ୟାପୀଠ କୋଠପଦା ୧୯୭୭ ବ୍ୟାଚର ବିଦ୍ୟାର୍ଥୀଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରୂପା ବିରୂପା ନଦୀ ଦିନକୁ ଦିନ ପୋତି ହୋଇପଡିବାରୁ ଏହି ବୈଠକରେ ଉଦବେଗ ପ୍ରକାଶ ପାଇଛି। ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ବିରୂପା ନଦୀର ପୁନରୁଦ୍ଧାର ଦାବି ସହ ଛତିଆ-ସାଲେପୁର ପୂର୍ତ୍ତ ରାସ୍ତା ସମ୍ପ୍ରସାରଣ ବେଳେ, ପ୍ରଶାସନ ପକ୍ଷରୁ ବ୍ୟାପକ ଗଛକାଟ ଘଟଣାକୁ ନିନ୍ଦା କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ପାଇଁ ଗୁରୁତ୍ୱ ଦେବାକୁ ପୁରାତନ ଛାତ୍ର ସଂଘ ଦାବି କରିଛି। ଏହି ବନ୍ଧୁମିଳନ ଉତ୍ସବରେ ମହେନ୍ଦ୍ର କୁମାର ମହାନ୍ତି, ହେମନ୍ତ କୁମାର ରାଉତ, ଅକ୍ଷୟ କୁମାର ପାଣି, ଡାକ୍ତର ସମିତା ମହାନ୍ତି, କାର୍ତ୍ତିକ ମହାନ୍ତି, ରେଣୁବାଳା ଦାଶ, ପଦ୍ମିନୀ ପାଣି, ଜୟଦେବ ମହାନ୍ତି, ପରମାନନ୍ଦ ମହାନ୍ତି, ସୁଧୀର କୁମାର ମହାନ୍ତି, ବ୍ରଜବନ୍ଧୁ ପଲେଇ ପ୍ରମୁଖ ବହୁ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ପି.ପି. କଲେଜରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

## ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ପାଇଁ ଆଲୋଚନା



ନିଶ୍ଚିନ୍ତକୋଇଲି,୧୪ ।୧୨(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ସଭାଗୃହରେ ଅଭିଭାବକ ଓ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ତରୁଲତା ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜିକା ଅଧ୍ୟାପିକା ଡ.ଦେବଯାନୀ ସିହ୍ନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ସଂଚାଳନ କରିଥିଲା ବେଳେ ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ରଶ୍ମିରଂଜନ ପଟ୍ଟନାୟକ, ଅଧ୍ୟାପକ ନୀଳକଣ୍ଠ ସାହୁ, ଅଧ୍ୟାପକ ଅମରିଶ ସ୍ୱାଇଁ, ରାଜେଶ କୁମାର ପଣ୍ଡା, ସ୍ୱର୍ଣ୍ଣପ୍ରଭା ସାମଲ, ଦୀପକ କୁମାର ଦ୍ୱିବେଦୀ, ଅଧ୍ୟାପିକା ସୁମିତ୍ରା ସାହୁ, ଡ. ପଦ୍ମପ୍ରଭା ସ୍ୱାଇଁ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରିତିଶ୍ରୀ ଦାସ, ମଧୁସ୍ମିତା ପାଲ, ଡ. ପ୍ରସନ୍ନ କୁମାର ଦାସ ଅଂଶଗ୍ରହଣ କରିଥିଲେ। ଶୈକ୍ଷିକ ଅଧିକାରୀ ଡ. ପ୍ରସାନ୍ତ କୁମାର ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଚନ ସ୍ମାରକୀ ଫୁଟ୍‌ବଲ: ମାହାଙ୍ଗା ବିଜୟୀ



ମାହାଙ୍ଗା,୧୪ ।୧୨(ସମିସ): ମାହାଙ୍ଗା ଆଥଲେଟିକ ଆସୋସିଏସନ, କଟକ ଫୁଟବଲ ଆସୋସିଏସନ ଓ ରୁରାଲ ଆଥଲେଟିକ ଆସୋସିଏସନ କୋଠପଦାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋଠପଦା ମିନି ଷ୍ଟାଡିୟମଠାରେ ଉଦଘାଟିତ ହୋଇଯାଇଛି। ବିଧାୟକ ଶାରଦା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଫୁଟବଲ ସଂଘର ସମ୍ପାଦକ ବିରେନ ବେହେରା, କ୍ରୀଡ଼ା ପ୍ରଶିକ୍ଷକ ତଥା କ୍ରୀଡ଼ାବିତ ସହଦେବ ରାଉତ, ମାହାଙ୍ଗା କ୍ରୀଡା ସଂସଦର ସଭାପତି ସୁଟୁ ଘୋଷ, ସମ୍ପାଦକ ସମରେନ୍ଦ୍ର ଜେନା, ଆଇନଜୀବୀ ଶରତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନ ମ୍ୟାଚ ମାହାଙ୍ଗା ଫୁଟବଲ ଟିମ ଏବଂ କଟକ ରାଇଜିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାହାଙ୍ଗା ଫୁଟବଲ ଟିମ ୧-୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲା।

# ଶିଶୁ ବିଦ୍ୟାମନ୍ଦିରରେ ସପ୍ତସତୀ ସଂଗମ କାର୍ଯ୍ୟକ୍ରମ



ସାଲେପୁର,୧୪ ।୧୨(ସମିସ): ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଂଗମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଅଳକା ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତ୍ୟଭାମାପୁରସ୍ଥିତ କସ୍ତୁରବା ଟ୍ରଷ୍ଟର ମୁଖ୍ୟ ପରିଚାଳିକା ସନ୍ଧ୍ୟାରାଣୀ ମଲ୍ଲିକ, ପଞ୍ଚାୟତ ପ୍ରହଲ୍ଲାଦ କଲେଜର ଅଧ୍ୟକ୍ଷା ତଥା ଶିକ୍ଷାବିକାଶ ସମିତି ଯୋଜନାର କ୍ରିୟାଶୋଧନ ମୁଖ୍ୟ ସଂଯୋଜିକା ଡ ତରୁଲତା ଦେବୀ କୁଟୁମ୍ବ ପ୍ରବନ୍ଧନ ଓ ପର୍ଯ୍ୟାବରଣ ଉପରେ ବକ୍ତବ୍ୟ ଦେଇଥିଲେ। ଆଚାର୍ଯ୍ୟା ତନୁଜା ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ପ୍ରାନ୍ତଃ ପର୍ଯ୍ୟାୟ ପ୍ରମୁଖ ଅନ୍ନପୂର୍ଣ୍ଣା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ୭୫ଜଣ ମାତୃମଣ୍ଡଳୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ଦିପ୍ତିମୟୀ ରାଉତ ମା'ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟା ପୁଷ୍ପଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା କମଳା କୁମାରୀ ସ୍ୱାଇଁ ମା'ମାନଙ୍କୁ ସଂକଳ୍ପ ପାଠ କରାଇଥିଲେ।

# ୧୯୭୪ ମାଟ୍ରିକ୍ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ




ନିଶ୍ଚିନ୍ତକୋଇଲି,୧୪ ।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହି ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୪ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଛାତ୍ର ଡ. ଯଶୋବନ୍ତ ବେହେରା ଓ ଦେବେନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଜୀବନର ବହୁ ସ୍ମୃତି ଅନୁଭୁତିକୁ ବଖାଣିଥିଲେ। ଏହାଛଡା ବିଦ୍ୟାଳୟର ପ୍ରଗତି କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷକ ରଙ୍ଗାଧର ବେହେରାଙ୍କୁ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

# ୨ ୱାରେଣ୍ଟି ଗିରଫ

ସାଲେପୁର,୧୪।୧୨(ସମିସ): ସାଲେପୁର ପୁଲିସ ୱାରେଣ୍ଟି ବଳରେ ୨ ଜଣ ୱାରେଣ୍ଟିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ୨ଟି ପୃଥକ୍ ପୃଥକ୍ ୱାରେଣ୍ଟି ବଳରେ ସାଲେପୁର ପୁଲିସ ଆଜି ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନୀପୁର ପାଟପୁର ଗ୍ରାମର କୀର୍ତ୍ତିଚନ୍ଦ୍ର ଦାସ ଓ ରସୁଲପୁର ଅବଦୁଲ ୱାହିଦ ବାବୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

# ପଣ୍ଡିତ ଅବନ୍ତୀନାଥ ଶତପଥୀ ସ୍ମୃତିସମ୍ମାନ ସମାରୋହ



ସାଲେପୁର,୧୪ ।୧୨(ସମିସ): ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ କଥାବାଚକ ପ୍ରବଚକ ପଣ୍ଡିତ ଅବନ୍ତୀନାଥ ଶତପଥୀଙ୍କ ଏକାଦଶ ବାର୍ଷିକ ଶ୍ରାଦ୍ଧ ଦିବସ ଓ ପଣ୍ଡିତ ଅବନ୍ତୀନାଥ ସ୍ମୃତି ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଡଃ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିରଞ୍ଚିନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ କଟକ ଜିଲ୍ଲାରେ ଶିକ୍ଷାକ୍ଷେତ୍ରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଲେପୁର, ସମାଜସେବା କ୍ଷେତ୍ରରେ ସଖା ସେବା ଟ୍ରଷ୍ଟ, ମଙ୍ଗରାଜପୁର, ସାମ୍ବାଦିକତା କ୍ଷେତ୍ରରେ ସାପ୍ତାହୀକ ରାଷ୍ଟ୍ରଦୀପ, ଆଧ୍ୟାତ୍ମିକ କ୍ଷେତ୍ରରେ ଧର୍ମଜାଗରଣ ସମିତି ତେଲେଙ୍ଗା ପେଣ୍ଠ, କଟକକୁ ମାନପତ୍ର ଦେଇ ପଣ୍ଡିତ ଅବନ୍ତୀନାଥ ସ୍ମୃତି ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ନିକଟସ୍ଥ ୮ଟି ବିଦ୍ୟାଳୟର ମାତୃଭାଷା ଓଡ଼ିଆ ଓ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ସଂସଦର ଆବାହକ ଚିନ୍ମୟ ରଂଜନ ଶତପଥୀଙ୍କର ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ ଗୌତମ ମହାରଣା, ଡ ଚିତ୍ତରଂଜନ ପଣ୍ଡା, ପଣ୍ଡିତ ସଂଜୟ କୁମାର ଷଡ଼ଙ୍ଗୀ, ଡ କୁନ୍ମୟ ରଂଜନ ଶତପଥୀ, ଶିକ୍ଷକ ଦେବେନ୍ଦ୍ର ନାଥ ନାୟକ, ସାଲେପୁର ଶିଶୁବିଦ୍ୟାମନ୍ଦିରର ପ୍ରଶାସକ ରମାକାନ୍ତ ନାୟକ, ଡଃ ତରୁଲତା ଦେବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ଟିପିସିଓଡିଏଲ୍‌ର ଅତିରିକ୍ତ ସିକ୍ୟୁରିଟି ଆଦାୟ ନୋଟିସ

## ଉପଭୋକ୍ତାଙ୍କ ଅସନ୍ତୋଷ; ୧୮ ରେ ସବ୍‌ଡିଭିଜନ କାର୍ଯ୍ୟାଳୟ ଘେରଉ



ସାଲେପୁର,୧୪ ।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ କିଛି ଦିନ ହେବ ସମସ୍ତ ଉପଭୋକ୍ତାମାନଙ୍କ ମୋବାଇଲ୍‌କୁ ଆଡିସନାଲ ସିକ୍ୟୁରିଟି ଦେୟ ଦେବାକୁ ମେସେଜ୍ ଆସିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୧୮ ତାରିଖ ଗୁରୁବାର ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟକୁ ଉପଭୋକ୍ତା ସଂଘ ପକ୍ଷରୁ ଘେରଉ କରାଯାଇ ବିକ୍ଷୋଭ କରାଯିବା ପାଇଁ ସ୍ଥିର କରାଯାଇଛି। ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ନନ୍ଦକିଶୋର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ସମସ୍ତ ବିଦ୍ୟୁତ୍ ସେକ୍ସନ୍, ମାହାଙ୍ଗା ବ୍ଲକ୍‌ର ସମସ୍ତ ବିଦ୍ୟୁତ୍ ସେକ୍‌ସନ୍ ଏବଂ ସାଲେପୁର ବ୍ଲକ୍‌ର ସମସ୍ତ ବିଦ୍ୟୁତ୍ ସେକ୍ସନ୍ ଅଧୀନରେ ରହିଥିବା ଉପଭୋକ୍ତା ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଟିପିସିଓଡିଏଲ୍, ବିଶେଷ କରି ଡିଜିଟାଲ ମିଟର, ଗ୍ରାହକମାନଙ୍କର ବିଦ୍ୟୁତ୍ ସମସ୍ୟା ସୃଷ୍ଟି ହେଲେ ସିଧାସଳଖ ନିକଟସ୍ଥ କାର୍ଯ୍ୟାଳୟରେ ଅଭିଯୋଗ କରିବା ପାଇଁ କୌଣସି ବ୍ୟବସ୍ଥା ନ କରିବା ଓ ସମସ୍ୟା ସଂପର୍କରେ ଟୋଲ୍ ଫ୍ରି ନମ୍ବରରେ ଅବଗତ କଲେ ୧/୨ ଦିନ ପରେ କର୍ମଚାରୀ ଆସୁଥିବାରୁ ଗ୍ରାହକମାନେ ବିଦ୍ୟୁତ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାହକଙ୍କୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ବିଲ୍‌କୁ ଆମ ମାତୃଭାଷା ଓଡ଼ିଆରେ ମୁଦ୍ରଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ନବକିଶୋର କର, ଗଗନ ବିହାରୀ ନନ୍ଦ, ସୁରେନ୍ଦ୍ର ମହାରଣା, ଅଜିତ ପଣ୍ଡା, ବିଶ୍ୱଜିତ ଷଡ଼ଙ୍ଗୀ, ଆଇନ୍‌ଜୀବୀ ଭାସ୍କରଚନ୍ଦ୍ର ବେହେରା, ରମାକାନ୍ତ ବେହେରା, ସରପଞ୍ଚ ପବିତ୍ର ସାମଲ, ହେମନ୍ତ ଦାସ, ପରବେଶ ଅଲ୍ଲୀ, ସୁଧୀର ଶତପଥୀ, ପ୍ରତ୍ୟୁଷ ମହାନ୍ତି, ମନୋଜ ଆଚାର୍ଯ୍ୟ, ଦୀପକ ଦାସ, ହୃଷିକେଶ ମଲ୍ଲିକ, ଶଙ୍କର କାନ୍ତି, ଶ୍ରୀପତି ଷଡ଼ଙ୍ଗୀ ଯୋଗ ଦେଇଥିଲେ।

### ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ଟିମ୍

# ଉପାନ୍ତ ଅଞ୍ଚଳରେ ଶୂନ୍ୟ ମ୍ୟାଲେରିଆ ପାଇଁ ପ୍ରୟାସ





**ରାଇରଙ୍ଗପୁର, ୧୪।୧୨(ସମିସ)**

ମୟୂରଭଞ୍ଜ ଜିଲ୍ଲାର ଅପହଞ୍ଚ ଇଲାକାରେ ଶୂନ୍ୟ ମ୍ୟାଲେରିଆ ମାମଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ବାମନଘାଟି ଉପଖଣ୍ଡର ବଣ ପାହାଡ଼ ଘେରା ଉପାନ୍ତ ଗ୍ରାମରେ ମ୍ୟାଲେରିଆ ନିରାକରଣ ନେଇ ନିରନ୍ତର ପ୍ରୟାସ ଜାରି ରହିଛି। ମ୍ୟାଲେରିଆପ୍ରବଣ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ ପହଞ୍ଚି ମ୍ୟାଲେରିଆ ବ୍ୟାପିବାକୁ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଆଦିବାସୀ ବହୁଳ ବିଜାତଳା ଅଞ୍ଚଳର ବିଭିନ୍ନ ଉପାନ୍ତ ଗ୍ରାମରେ ବିଜାତଳା ସିଏଚସି-୧ ଟିମ ଘର ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ ଆରମ୍ଭ କରିଛନ୍ତି।

ସରଗଛଡା ସବ୍‌ସେଣ୍ଟର ଅନ୍ତର୍ଗତ ହାତୀଛାଡ଼, ଡାହିସାହି, କରମବେଡା, ଲତାଜର ଓ ମଣଦା ସିଏଚସି ଅନ୍ତର୍ଗତ ଦେଓପାଟ ଗ୍ରାମରେ ମ୍ୟାଲେରିଆ ବ୍ୟାପୁଥିବାବେଳେ ଟିମ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ମ୍ୟାଲେରିଆ କିଟ୍ ସହ ସ୍ୱାସ୍ଥ୍ୟ ଟିମ୍ ବଣ ପାହାଡ଼ ପାର ହୋଇ ଉପାନ୍ତ ଅଞ୍ଚଳର ଗ୍ରାମରେ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ପ୍ରତି ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଯାହାଙ୍କ ଶରୀରରେ ଜ୍ୱର ରହୁଛି, ତାଙ୍କର କିଟ୍‌ରେ ଯାଞ୍ଚ କରାଯାଉଛି। ମ୍ୟାଲେରିଆ ରୋକିବା ପାଇଁ ପ୍ରଥମ ଡୋଜ୍ ଔଷଧ ଖୁଆଉଛନ୍ତି। ଅନ୍ୟ ଔଷଧ କିପରି ଖାଇବେ, ସେନେଇ ସଚେତନ କରୁଛନ୍ତି। ମ୍ୟାଲେରିଆପ୍ରବଣ ଗ୍ରାମ ଘର ଗୁଡ଼ିକରେ ଡିଡିଟି ସ୍ପ୍ରେ କରାଯାଉଛି। ଏହା ଉପରେ ମ୍ୟାଲେରିଆ ବ୍ୟାପୁଥିବା ମଶା ବସିଲେ ମରିଯିବେ। ଏଥିସହିତ ଔଷଧ ବୋଳା ମଶାରୀ ବଣ୍ଟନ କରାଯାଉଛି। ଜିଲ୍ଲା ଭିବିଡି ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ଅନୁଧ୍ୟାନ କରୁଛନ୍ତି। ଅନେକ ଦିନ ହେବ ଜ୍ୱର ଥିବା ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସିକ ଟିମ ଜ୍ୱର ଅନୁଧ୍ୟାନ କରି ଆବଶ୍ୟକ ସ୍ଥଳେ ହସ୍ପିଟାଲକୁ ଆଣୁଛନ୍ତି। ଉକ୍ତ ଟିମରେ ସିଏଚସି ସ୍ୱାସ୍ଥ୍ୟ ଅଧିକାରୀ, ମ୍ୟାଲେରିଆ ସ୍ୱାସ୍ଥ୍ୟ କର୍ମଚାରୀ, ଆଶା ଦିଦି, ଅଙ୍ଗନବାଡ଼ି

▶▶ ବଣ ପାହାଡ଼ ଘେରା ଗ୍ରାମରେ ଘର ଘର ବୁଲି କରୁଛନ୍ତି ଟେଷ୍ଟ

▶▶ ମଶାରି ବଣ୍ଟନ ସହ ଘରେ ହେଉଛି ଡିଡିଟି ସ୍ପ୍ରେ

ଦିଦି ଉପସ୍ଥିତ ରହି ଘର ଘର ବୁଲି ଡିଡିଟି ସ୍ପ୍ରେ କରୁଛନ୍ତି। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ଶୂନ୍ୟ ମ୍ୟାଲେରିଆ ଜିଲ୍ଲା ଭାବେ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ତେବେ ଉକ୍ତ ଗ୍ରାମରେ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଥିବାବେଳେ ସମ୍ପୂର୍ଣ୍ଣ ରୋକିବା ନେଇ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରି ନିରନ୍ତର ପ୍ରୟାସ ଜାରି ରହିଛି। ଯାହାକୁ ନେଇ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ଟିମ ପହଞ୍ଚି ଚିକିତ୍ସା ସହ ସଚେତନ କରୁଛନ୍ତି।

## ଉଭିଦ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



**କୁଆମରା, ୧୪।୧୨(ସମିସ):** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗ ପକ୍ଷରୁ 'ମାନବ କଲ୍ୟାଣରେ ଜୈବ ପ୍ରଯୁକ୍ତି ବିଜ୍ଞାନର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବାଣୀବ୍ରତା ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଅଧ୍ୟକ୍ଷ ସରୋଜ ତ୍ରିପାଠୀ ମୁଖ୍ୟଅତିଥି ଓ ଗବେଷକ ଭାବେ ଉଦଳା ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ଦିବ୍ୟାଲୋଚନ ଭୂୟାଁ ଯୋଗଦେଇ ମାନବ କଲ୍ୟାଣରେ ଜୈବ ପ୍ରଯୁକ୍ତି ବିଜ୍ଞାନର ଭୂମିକା, ବ୍ୟବହାର, ଉପକାରିତା ଓ କୌଶଳ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ପ୍ରଦର୍ଶକ ମନକୃଷ ମହାନ୍ତ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏ ପରିପ୍ରେକ୍ଷୀରେ ତୃତୀୟ ବର୍ଷର ଗୀତାରାଣୀ ହେମ୍ବ୍ରମ, ଦ୍ୱିତୀୟ ବର୍ଷର ପୁଷ୍ପାଞ୍ଜଳି ଟୁଡୁ, ବିକାଶ କୁମାର ସିଂ, ପ୍ରଥମ ବର୍ଷର ସୋନାଲି ହେମ୍ବ୍ରମ ବିଭାଗ ପକ୍ଷରୁ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ମହାବିଦ୍ୟାଳୟର ଅନ୍ୟ ବିଭାଗର ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଲ୍ୟାମ୍ପ୍‌ସ ପକ୍ଷରୁ ଧାନକିଣା ଓ ମାନ ନିର୍ଦ୍ଧାରଣ ବୈଠକ

**ମହୁଲଡିହା, ୧୪।୧୨(ସମିସ):** ଠାକୁରମୁଣ୍ଡା ଲ୍ୟାମ୍ପ୍‌ସ ପକ୍ଷରୁ ସମିତିସ୍ତରୀୟ ଚାଷୀ ସଚେତନତା ଓ ଧାନକିଣା, ମାନ ନିର୍ଦ୍ଧାରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍‌ସ ସଭାପତି ଗଣନାଥ ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ମଣ୍ଡଳର ସହକାରୀ ନିବନ୍ଧକ



ବସନ୍ତ ନାୟକ ଯୋଗ ଦେଇଥିଲେ। ଏଥିରେ କରଞ୍ଜିଆ ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ ଜୟଦତ୍ତ ମହାନ୍ତ, ଯୋଗାଣ ଅଧିକାରୀ ଦିଲ୍ଲୀପ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା ମାଧ୍ୟମରେ ବିଭିନ୍ନ ସମସ୍ୟା ଓ ସମାଧାନର ବାଟ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ଖରିଫ ବିପଣନ ଋତୁରେ ସମସ୍ତ ଚାଷୀ ଧାନମଣ୍ଡିରେ କିପରି ଧାନ ବିକ୍ରି କରିବେ ଓ କେଉଁ ମାନଦଣ୍ଡ ପାଳନ କରିବାକୁ ହେବ ଉପସ୍ଥିତ ଅଧିକାରୀ ଚାଷୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ, ଲ୍ୟାମ୍ପ୍‌ସର ସମସ୍ତ ପରିଚାଳନା ସମିତି ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ। ଲ୍ୟାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶିକା ପାର୍ବତୀ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାତୃ ଓ ଶିଶୁ ସୁରକ୍ଷା ସଚେତନତା

**ବାରିପଦା, ୧୪।୧୨(ସମିସ):** ସ୍ଥାନୀୟ ରୋଟାରୀ କ୍ଲବର ମାତୃ ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସଭାପତି ଭବାନୀ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ବାରିପଦାର ଦାରୋଗଡ଼ାହିସ୍ଥ ୱାର୍ଡନଂ ୧୯ ଓ ତକତପୁର ୱାର୍ଡନଂ ୨୩, ୨୭ରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ସଚେତନତା ସଭାରେ ରୋଟାରୀ ଆନ୍ତର୍ଜାତିକ କ୍ଲବ୍‌ର ପ୍ରକଳ୍ପ ଅଧ୍ୟକ୍ଷା ରୋଟରିଆନ ନୂପୁର ବୋଷ ଓ ରୋଟାରିଆନ ଶିବାଶିଷ ସୁରି ବିଶେଷଜ୍ଞ ଓ ସମୀକ୍ଷକ ଭାବେ ଯୋଗଦେଇ ଦୁଇଟି ଯାକ କେନ୍ଦ୍ରର ପ୍ରାୟ ୧୩୦ ଜଣ ମାଆ ଓ ନବଜାତ ଶିଶୁଙ୍କ ବିଶେଷ ଭାବରେ ଯତ୍ନ ନେବା ତଥା ଉଭୟ ଓ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକ ସମ୍ପର୍କରେ ସଚେତନ କରିଥିଲେ। ଆଲୋଚନା ଓ କଥୋପକଥନ ଜରିଆରେ ମାଆମାନେ



ନିଜ ନିଜର ଦୈନନ୍ଦିନ ଜୀବନରେ ସମ୍ମୁଖ ହେଉଥିବା ସମସ୍ୟା ସମ୍ପର୍କରେ ସମାଧାନ ଆଦି ପଚାରି ବୁଝିଥିଲେ। ଏଥିସହ ବିଶେଷଜ୍ଞମାନେ ଉଭୟ କେନ୍ଦ୍ରର ମାଆ ଓ ଶିଶୁଙ୍କୁ ରୋଟାରୀ ଆନ୍ତର୍ଜାତିକ କ୍ଲବ୍ ପ୍ରଦତ୍ତ ସଚେତନତା ବାର୍ତ୍ତା ଦେବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଘ ପ୍ରସ୍ତାବିତ ଶୈଶବାବସ୍ଥାରେ ଶିଶୁଙ୍କ ଶରୀର ଯତ୍ନ ଉପଯୋଗୀ ସାମଗ୍ରୀ ଦେହଲଗା ତେଲ, ସାବୁନ, ତଉଲିଆ, ଖେଳନା, ଫଳ ଓ ବିସ୍କୁଟ ଆଦି ସାମଗ୍ରୀ ବଣ୍ଟନ କରିଥିଲେ। କ୍ଲବ ସମ୍ପାଦକ ତିମିର ଘୋଷ ସ୍ୱାଗତ ଭାଷଣ ରଖିଥିଲେ। ପ୍ରକଳ୍ପ ଅଧ୍ୟକ୍ଷ ରୋଟାରିଆନ୍ ରାକେଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ରୋଟରିଆନ୍ ରବୀନ୍ଦ୍ରନାଥ ମହାପାତ୍ର, ପ୍ରାକ୍ତନ ସଭାପତି ରୋଟରିଆନ ଡ. ପୁଷ୍ପା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟସାଇ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଚେତନତା

**ଖୁଣ୍ଟାପୁର, ୧୪।୧୨(ସମିସ):** ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଖୁଣ୍ଟାପୁର ଶ୍ରୀସତ୍ୟସାଇ ଉଚ୍ଚବିଦ୍ୟାଳୟରେ ଶକ୍ତି କ୍ଲବ ଆନୁକୂଲ୍ୟରେ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟଙ୍କ ନେତୃତ୍ୱରେ ଶକ୍ତି ସଙ୍କଟ ଓ ଏହାର ସମାଧାନ ଦିଗରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପିଲାଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ସମେତ ବିଜ୍ଞାନ ଶିକ୍ଷୟିତ୍ରୀ ତୃପ୍ତି ଦାଶ, ଶୁଭଲକ୍ଷ୍ମୀ ମାଝୀ ଓ ରାଧୁ ସିଂ ଶକ୍ତି ସଙ୍କଟର ଭୟାଭୟତା, ସମଗ୍ର ବିଶ୍ୱ ତଥା ଆମ ଦେଶରେ ଏହାର ମୁକାବିଲା କରିବା ପାଇଁ ମିଳିଥିବା ବୈଜ୍ଞାନିକ ଉପଲବ୍ଧି, ଆମ ଦୈନନ୍ଦିନ ଜୀବନରେ ଏହାର ଉପଯୋଗ ଦିଗରେ ପିଲାଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ୟୋତ୍ସ୍ନାରାଣୀ ଜେନା, ବିଜୟ ସେଠୀ, ସ୍ନିଗ୍ଧା ଲେଙ୍କା, ଜୟନ୍ତୀ ମହାପାତ୍ର ଓ ସୌଭଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ସୈନିକଙ୍କ ଶେଷକୃତ୍ୟ ସମ୍ପନ୍ନ

**ବାରିପଦା, ୧୪।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକସ୍ଥ ଅନ୍ଧାରୀ ଗ୍ରାମର ଅବସରପ୍ରାପ୍ତ ସେନାଧିକାରୀ ସୁବେଦାର ମେଜର ମୋହନ ମାରାଣ୍ଡିଙ୍କ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଥିବାବେଳେ ମେଜର ମାରାଣ୍ଡିଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇ ଝିଅ ଓ ପୁଅ ଉପସ୍ଥିତ ଥିଲେ। ମେଜର ମାରାଣ୍ଡିଙ୍କ ମୃତ୍ୟୁରେ ନିଜ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। କୁଳିଅଣାରେ ହୋଇଥିବା ଶେଷକୃତ୍ୟ



ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ତିମ ଯାତ୍ରାରେ ଜିଲ୍ଲା ଅବସରପ୍ରାପ୍ତ ସୈନବାହିନୀ ସଂଘ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସେବା ଲିଗର କର୍ମକର୍ତ୍ତା ସାମିଲ ହୋଇ ମେଜର ମାରାଣ୍ଡିଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ପତାକା ତ୍ରିରଙ୍ଗାରେ ଆବୃତ୍ତ ପୂର୍ବକ ପୁଷ୍ପ ପ୍ରଦାନ କରି ସମ୍ମାନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ପୂର୍ବତନ ମେଜର ମାରାଣ୍ଡି ଆର୍ମି ଓଡିନାନ୍ସ କପର୍ସରେ କାର୍ଯ୍ୟରତ ଥିଲେ। ସମୟରେ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସୈନିକ ସଙ୍ଘ ସଭାପତି ଏଚଏଫଓ ଜନାର୍ଦ୍ଦନ ମହାନ୍ତ, ସାଧାରଣ ସମ୍ପାଦକ ସବ୍‌ମେଜର ପରମେଶ୍ୱର ମହାନ୍ତ, ଯୋଗାଯୋଗ ଓ ଏଡିଆରଏଲ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ୨୫ ଜଣ ଭେଟେରାନ ଯୋଗ ଦେଇଥିଲେ।

## ଅରୁଣ ରଥ ପାଇବେ ଭଞ୍ଜ ଗୌରବ ଉପାଧି

**ବାରିପଦା, ୧୪।୧୨(ସମିସ):** ଆସନ୍ତା ୧୭ ତାରିଖରେ ଆମେ ମୟୂରଭଞ୍ଜିଆ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଜୟନ୍ତୀ (ଗୌରବ ଦିବସ) ପାଳନ ଅବସରରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ପୂର୍ବତନ ସଚିବ ତଥା ବିଶିଷ୍ଟ ଲେଖକ ଡ. ଅରୁଣ କୁମାର ରଥଙ୍କୁ ମର୍ଯ୍ୟାଦାଜନକ ଭଞ୍ଜ ଗୌରବ ଉପାଧିରେ ସମ୍ମାନିତ କରାଯିବ। ବିଶିଷ୍ଟ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଭାସୀ ପ୍ରସ୍ତୁତି ବୈଠକରେ ସାମ୍ବାଦିକ ସଞ୍ଜୟ ଚୌଧୁରୀ ସୂଚନା ଦେଇଛନ୍ତି।



ଏ ଅବସରରେ ଶିଶୁ ଉଦ୍ୟାନ ପରିସରରେ ଥିବା ବ୍ୟାଣ୍ଡ ଷ୍ଟାଣ୍ଡରେ ରବିବାର ଅପରାହ୍ନରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆମ ଐତିହ୍ୟ ଶୀର୍ଷକ ଓ ଷଷ୍ଠରୁ ଦଶମ ଶ୍ରେଣୀ ମଧ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୋଟ୍ରେଟ ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୁଁ ମୟୂରଭଞ୍ଜିଆ ମୋ ବରପୁତ୍ର ଓ ସ୍କୁଲ ପିଲାଙ୍କ ମଧ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ କୃତୀ ଓ କୀର୍ତ୍ତି ଉପରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଛି।

ସେହିପରି ମହିଳାଙ୍କ ମଧ୍ୟରେ ମେହେନ୍ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ୧୭ ତାରିଖରେ 'ମୋ ମୟୂରଭଞ୍ଜ: ମୋ ମହାରାଜା' ପ୍ରସଙ୍ଗରେ ଆଲୋଚନାଚକ୍ର ସହିତ ଅପରାହ୍ନରେ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିମିକ୍ରି ପ୍ରତିଯୋଗିତା ଓ ମହିଳାଙ୍କ ମଧ୍ୟରେ ଝୋଟି ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀରେ ଗୌରବ ଦିବସର କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ଉଦଯାପିତ ହେବ। ଏହି ଆଭାସୀ ବୈଠକରେ ବୈଜୟନ୍ତୀମାଳା ପାଲ, ଲକ୍ଷ୍ମୀଧର ଜେନା, ରଞ୍ଜନ ବେନାର୍ଜୀ, ରଜନୀ ବାରିକ, ସନ୍ଧ୍ୟାରାଣୀ ଦାସ ଓ ସାଇ ପ୍ରକାଶ ମହାନ୍ତିଙ୍କ ସମେତ ଆମେ ମୟୂରଭଞ୍ଜିଆର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ମୌଳିକ ସମସ୍ୟା ନେଇ ଗର୍ଜିଲା ଏସ୍‌ୟୁସିଆଇ

## ବିଡିଓଙ୍କୁ ୧୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

**ବିଶୋଇ, ୧୪।୧୨(ସମିସ):** ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ପାନୀୟଜଳ ଭଳି ମୌଳିକ ସମସ୍ୟାର ତୁରନ୍ତ ସମାଧାନ ନେଇ ବିଶୋଇ ବ୍ଲକ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଗର୍ଜିଛି। ସଂଗଠନ ପକ୍ଷରୁ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ୧୭ ଦଫା ସମ୍ବଳିତ ଦାବିପତ୍ର ବିଡିଓ ସାଗର ମୁର୍ମୁଙ୍କୁ ପ୍ରଦାନ କରାଯାଇଛି। ଏସ୍‌ୟୁସିଆଇର ବ୍ଲକ କମିଟି ସମ୍ପାଦକ ଶୈଳ୍ୟ କୁମାର ନାଏକ ଓ ଜିଲ୍ଲା କମିଟି ସଦସ୍ୟ ମଧୁସୂଦନ ନାଏକଙ୍କ ନେତୃତ୍ୱରେ ସଂଗଠନରର ବହୁ କର୍ମୀ ଏକତ୍ରିତ ହୋଇ ସରକାରଙ୍କ ମାରଣ ନୀତି ବିରୁଦ୍ଧରେ ଗର୍ଜି ବିଶୋଇ ବଜାର ପରିକ୍ରମା କରିଥିଲେ। ପରେ ବ୍ଲକ ଅଫିସ ସମ୍ମୁଖରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ।



ବିଦ୍ୟୁତ୍ ଆଇନ ୨୦୨୩ ବାତିଲ ସହିତ ସ୍ମାର୍ଟ ମିଟର ଓ ମନୋମୁଖୀ ବିଦ୍ୟୁତ୍ ବିଲ ଆଦାୟ ବନ୍ଦ, ବନ୍ୟଜନ୍ତୁଜନିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ, ବ୍ଲକରେ ବନ୍ଦ ପଡ଼ିଥିବା ପ୍ରାଥମିକ ବିଦ୍ୟାଳୟକୁ ଅବିଳମ୍ବେ ଖୋଲିବା, ବିଶୋଇ ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ସହିତ ଆବଶ୍ୟକ ଔଷଧ, ଚିକିତ୍ସା ଉପକରଣ ଯୋଗାଇବା, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ବନ୍ଦ କରାଯିବା, ଭୂମିହୀନ, ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କୁ ଘରବାରି ତଥା ଚାଷଜମି ପଟ୍ଟା ପ୍ରଦାନ କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬ ଲାଗୁ କରିବା, ବିଶୋଇ ବ୍ଲକକୁ ମଦ ମୁକ୍ତ କରିବା ପ୍ରମୁଖ ୧୭ଟି ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବ୍ଲକ କମିଟି ସଦସ୍ୟ ସୁଶୀଲ ମହାକୁଡ଼, ପୀତବାସ ଦାସ, ଗୋବିନ୍ଦ ଦାସ, ଫୁଲଚାନ୍ଦ ଲୋହାର, ଲକ୍ଷ୍ମଣ ଦେହୁରୀ, ଜବା ମାଝୀ, ସୁମୀ ନାଏକ, ଅନାଦି ଦେହୁରୀ, ଜଟା ସିଂ, ଯଦୁନାଥ ମୁର୍ମୁ, ଦେବୀଲାଲ ବାସ୍କେ, ନଦିଆ ସରେନଙ୍କ ସମେତ ଏସ୍‌ୟୁସିଆଇର ବହୁକର୍ମୀ ସାମିଲ ଥିଲେ।

## ଏମ୍‌ଏସ୍‌ଏଚ୍‌ବି ବିଶ୍ୱବିଦ୍ୟାଳୟରେ କର୍ମଶାଳା

**ବାରିପଦା, ୧୪।୧୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ବି) ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗ ପକ୍ଷରୁ 'ଶିକ୍ଷାମୂଳକ ଅନୁସନ୍ଧାନ ପାଇଁ ସାମାଜିକ ବିଜ୍ଞାନର ମୌଳିକ ଗବେଷଣା ପ୍ରବୃତ୍ତି' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳା ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ କୋଲକାତା ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ନୃତତ୍ତ୍ୱବିତ୍ ପ୍ରଫେସର ଅରୁପ ରତନ ବନ୍ଦୋପାଧ୍ୟାୟ ମୁଖ୍ୟଅତିଥି ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଡଃ ଜ୍ୟୋତି ରତନ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଞ୍ଚ ଦିନର ଏହି କର୍ମଶାଳାରେ ଆନ୍ଥ୍ରୋପୋଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ନିର୍ଦ୍ଦେଶକ ପ୍ରଫେସର ବି.ଭି. ଶର୍ମା, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ର, ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର, ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ ଗିରିଡିହ, କେନ୍ଦ୍ରୀୟ ଓଡ଼ିଶା ବିଶ୍ୱବିଦ୍ୟାଳୟ କୋରାପୁଟ, ସ୍ୱାମୀ ବିବେକାନନ୍ଦ ବିଶ୍ୱବିଦ୍ୟାଳୟ କୋଲକାତା ଭଳି ପ୍ରତିଷ୍ଠିତ ସଂସ୍ଥାନର ଗଣ୍ୟମାନ୍ୟ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଓ ସଂଲଗ୍ନ କଲେଜର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଗବେଷକ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ସମାପନୀ ସମାରୋହକୁ ଜାତୀୟ



ସ୍ମାରକ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବାସା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୃତତ୍ତ୍ୱ ବିଭାଗ ମୁଖ୍ୟ ତଥା ପ୍ରସିଦ୍ଧ ନୃତତ୍ତ୍ୱବିତ୍ ଡଃ ମୋନାଲି ଗୋସ୍ୱାମୀ ଏହି କର୍ମଶାଳାର ଆୟୋଜକ ଥିଲେ। ବିଭାଗର ଅନ୍ୟାନ୍ୟ ପ୍ରସିଦ୍ଧ ଅଧ୍ୟାପକ ଡ. ବସନ୍ତ କେ. ମୋହନ୍ତା, ଡ. ପ୍ରିୟଙ୍କା ଦାସ, ଡ. ଭୁବନେଶ୍ୱର ସାବର ଓ ଶୁଭଜିତ ସେନ ସହସଂଯୋଜକ ଭାବେ ସହଯୋଗ କରିଥିଲେ।

### ସୀମାନ୍ତରେ ପ୍ରବେଶ ପଥ ମୁକୁଳା

## ଲଘୁ ଖଣିଜ ଚୋରାଚାଲାଣ ସହ ବଢୁଛି ଅପରାଧିକ କାର୍ଯ୍ୟକଳାପ

**ରାଇରଙ୍ଗପୁର, ୧୪।୧୨ (ସମିସ):** ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଥିବାବେଳେ ସୀମାନ୍ତ ପ୍ରବେଶ ପଥ ମୁକୁଳା ପଡ଼ିଛି। ଫଳରେ ଲଘୁ ଖଣିଜ ଚୋରା ଚାଲାଣ ସହ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଜିଲ୍ଲାର ସମସ୍ତ ଥାନା ମଧ୍ୟରୁ ୧୪ଟି ଥାନା ଆନ୍ତଃରାଜ୍ୟ ସୀମାକୁ ଲାଗିଛି। ଏହାପରେ ମଧ୍ୟ କାର୍ଯ୍ୟକଳାପ ନିୟନ୍ତ୍ରଣ

**ସିସିଟିଭି ସ୍ଥାପନ ନେଇ ସାଂସଦଙ୍କ ଦାବି**

କରାଯାଇପାରୁନାହିଁ। ସୀମାନ୍ତରେ ସ୍ଥାୟୀ ଭାବେ ୨୪ ଘଣ୍ଟିଆ ପୁଲିସ ପାଟ୍ରୋଲିଂ ମଧ୍ୟ ହେଉନାହିଁ। ଜିଲ୍ଲାର ଆନ୍ତଃରାଜ୍ୟ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲାଗି ନ ଥିବାରୁ ଚୋରି, ଡକାୟତି, ଲୁଟ, ହତ୍ୟା, ବେଆଇନ ନିଶାଦ୍ରବ୍ୟ ଓ ଲଘୁ ଖଣିଜ ଚୋରାଚାଲାଣ ହେଉଛି। ଅପରାଧ ଘଟାଇ ଅପରାଧୀ ନିମିଷକ ମଧ୍ୟରେ ସହଜରେ ସୀମାନ୍ତ ପାର ହୋଇଯିବାରେ ସକ୍ଷମ ହେଉଛନ୍ତି। ଯଦ୍ୱାରା ଅପରାଧୀଙ୍କୁ ଠାବ କରିବାରେ ପୁଲିସ ପକ୍ଷରେ ଅସମ୍ଭବ ହେଉଛି। ଜିଲ୍ଲାର ସମସ୍ତ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଇବା ଜରୁରୀ ହୋଇପଡ଼ିଛି। ସୀମାନ୍ତରେ ସିସିଟିଭି ସ୍ଥାପନ କରିବା ପାଇଁ ସାଂସଦ ନବଚରଣ ମାଝୀ ଦାବି କରିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିଟି ସନ୍ଦିଗ୍ଧ ଛକରେ ସିସିଟିଭି



ସ୍ଥାପନ ପାଇଁ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି। ସୀମାନ୍ତ ପ୍ରବେଶ ପଥରେ ସିସିଟିଭି ଲାଗିଲେ ଅପରାଧ ମାତ୍ରା କମିବ।

### ଜୁଆ ଆଡ୍ଡାରେ ଚଢ଼ଉ

## ୫ ଜୁଆଡ଼ି ଗିରଫ, ଟଙ୍କା ଓ ସରଞ୍ଜାମ ଜବତ

**ରାଇରଙ୍ଗପୁର/ବହଳଦା, ୧୪।୧୨ (ସମିସ)**





ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଜୁଆ ଖେଳ ସକ୍ରିୟ ହୋଇଛି। ନୂଆ ବର୍ଷ ଓ ମକର ସଂକ୍ରାନ୍ତି ପୂର୍ବରୁ ବିଭିନ୍ନ ଗ୍ରାମାଞ୍ଚଳ ହାଟରେ ଜୁଆ ଟିମ୍ ସକ୍ରିୟ ରହିଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜୁଆ ଖେଳକୁ ରୋକିବା ପାଇଁ ତିରିଂ ପୁଲିସ ପକ୍ଷରୁ ଚଢ଼ଉ କରି ଗିରଫ କରିବାରେ ସଫଳତା ହୋଇଛନ୍ତି। ତିରିଂ ଥାନା ଅନ୍ତର୍ଗତ ଜରିଟାଣ୍ଡି ଗ୍ରାମରେ ତିରିଂ ଥାନା ପୁଲିସ ଟିମ୍ ଦ୍ୱାରା ଦୁଇଟି ଭିନ୍ନ ସ୍ଥାନରେ ଜୁଆ ଚଢ଼ଉ କରାଯାଇଥିଲା। ଚଢ଼ାଉ ସମୟରେ ୫ ଜଣଙ୍କୁ ଗିରଫ କରିବା ସହ ୧୨, ୦୦୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରାଯାଇଛି। ଉକ୍ତ ଘଟଣାକୁ ନେଇ ତିରିଂ ଥାନାରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି।

ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ଜୁଆଡି ଗ୍ୟାଙ୍ଗ ସକ୍ରିୟ ରହିଛନ୍ତି। ଯେଉଁଥିରେ ଜିଲ୍ଲା ଓ ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଅଞ୍ଚଳର ଲୋକେ ସାମିଲ ହେଉଛନ୍ତି। ହାରଜିତକୁ ନେଇ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ହେଉଛି। କଟକଣା ସତ୍ତ୍ୱେ ସାପ୍ତାହିକ ହାଟରେ ଖୁଲମଖୁଲା ଖେଳ ଚାଲୁଛି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି କଟଣୀ ଗ୍ରାମ ନିକଟସ୍ଥ ପଡ଼ିଆ, ବାଦାମପାହାଡ, ଭାଲୁପାହାଡି ଓ ଖେରେଣା ଅଞ୍ଚଳରେ ଜୁଆ ଖେଳ ହେଉଛି। ସେହିପରି ବୁଧବାର ଓ ଗୁରୁବାର ବଳଭଦ୍ରପୁର ଗ୍ରାମ ନିକଟସ୍ଥ ପଡ଼ିଆ ଓ ହାଟବାଦଡା, ଗୋପାଳପୁର, ଶୁକ୍ରବାର କୁସୁମୀ ଅଞ୍ଚଳର ସାତପୌଟିଆ, ଶନିବାର ଓ ରବିବାର ଚମ୍ପାଉଦା ଗ୍ରାମ ନିକଟସ୍ଥ ପଡ଼ିଆ ଓ ବିଜାତଳା ବ୍ଲକ ଅନ୍ତର୍ଗତ ବାଘିଆ ନିକଟସ୍ଥ ଏକ ସ୍ଥାନରେ କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ ହେଉଛି। ଏହାକୁ ରୋକିବା ପାଇଁ ପୁଲିସ ପକ୍ଷରୁ ନିୟମିତ ଚଢ଼ଉ କରାଯାଇ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି। ଫଳରେ ଏହାକୁ ରୋକାଯାଇପାରିବ।

# ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼

ରାଜନଗର,୧୪ ।୧୨(ସମିସ):



ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଛି ଏବେ ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ। ଆଗକୁ ନୂଆବର୍ଷ ଥିବାରୁ ଆଜି ରବିବାର ଛୁଟିଦିନ ଥିବାରୁ ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ଆଜି ଗୋଟିଏ ଦିନରେ ୨୦୦୬ ପର୍ଯ୍ୟଟକ ୧୨୨ ବୋଟରେ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଈ ପଠାରେ ଖରା ପୁଉଁଥିବା ବିରାଟ କୁମ୍ଭୀର ଦେଖି ବିମୋହିତ ହୋଇଥିଲେ।

ଡାଙ୍ଗମାଳରେ ପହଞ୍ଚି ପୋଖରୀରେ ଆବଦ୍ଧ ଥିବା ଧଳା କୁମ୍ଭୀର ଗୋରୀ, ମଲ୍ଲିକୁ ଦେଖିଥିଲେ। ଡାଙ୍ଗମାଳରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ ସହିଦ୍ ସ୍ତମ୍ଭ, ସ୍କାୟ ଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୮୮ ବୋଟରେ ୧୦୩୦ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୧ ବୋଟରେ ୨୨୧, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୩ ବୋଟରେ ୨୦୭ ଓ ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ସ୍ଥଳପଥରେ ୫୪୮ ପର୍ଯ୍ୟଟକ ଭିତରକନିକା ଶୋଭା ଉପଭୋଗ କରିଥିଲେ। ଭିତରକନିକା ଆସୁଥିବା ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ବିରଳ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀମାନଙ୍କ ସହିତ ଦେଶୀୟପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ ଭିତରକନିକାରେ ଥିବା ବିରଳ ବଉଳାକୁମ୍ଭୀର, ଶହ ଶହ ସଂଖ୍ୟାରେ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଉଛନ୍ତି।

## ଜିଲ୍ଲାପାଳଙ୍କ ଦ୍ୱାରା ଡେଷ୍ଟିନ କାଫେ ଉଦ୍‌ଘାଟିତ




କେନ୍ଦ୍ରାପଡ଼ା,୧୪ ।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ହଳଦିଡିହ ପେଟ୍ରୋଲପମ୍ପ ସମ୍ମୁଖରେ ନବନିର୍ମିତ ଡେଷ୍ଟିନ୍ କାଫେ ଓ ରେଷ୍ଟୁରାଣ୍ଟକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟାର ରବିବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟାର ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ଡେଷ୍ଟିନ୍‌ର ମାଲିକଙ୍କୁ ପରାମର୍ଶ ଦେଇଥିଲେ। ଡେଷ୍ଟିନ୍ କାଫେ ଓ ରେଷ୍ଟୁରାଣ୍ଟର ମାଲିକ ସୌମ୍ୟରଞ୍ଜନ ଦାସ କହିଛନ୍ତି ଯେ ଏଠାରେ ଗ୍ରାହକମାନେ ଉତ୍ତମ ଗୁଣବତ୍ତା ଯୁକ୍ତ ହାଇଜେନିକ ସୁସ୍ୱାଦ ଖାଦ୍ୟ ପାଇବା ସହ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ଯଥା ଭିତରକନିକା ଅଭୟାରଣ୍ୟ, ଡାଙ୍ଗମାଳ, ହୁକିଟୋଲା, ଲାଇଟ ହାଉସ, ଶ୍ରୀବଳଦେବଜୀଉଙ୍କ ଚିତ୍ରପଟ ମଧ୍ୟ ଦେଖିବାକୁ ପାଇପାରିବେ। ଏହି କାଫେକୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନିର୍ମାଣ କରାଯାଇଛି। ଏହି କାଫେରେ ଅତ୍ୟନ୍ତ ପ୍ରଫେସନାଲ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାଫଳରେ ସେମାନେ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେଇପାରିବେ ବୋଲି ଶ୍ରୀ ଦାସ କହିଛନ୍ତି।

## ଯୁବକବି ପ୍ରମୋଦ ସେଠୀଙ୍କ ପରଲୋକ



ରାଜନଗର,୧୪ ।୧୨(ସମିସ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଯୁବକବି ପ୍ରମୋଦ କୁମାର ସେଠୀଙ୍କର ରବିବାର ଭୋର ୩ଟାରେ ହୃଦଘାତରେ ପରଲୋକ ହୋଇଛି। ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ କବି, ସାହିତ୍ୟିକ, ସଂଗଠକ, ଛାତ୍ରବତ୍ସଳ ଶିକ୍ଷକ, ଶିକ୍ଷକ ନେତା, ପରୋପକାରୀ ଓ ପରିବେଶପ୍ରେମୀ ଭାବେ ପରିଚିତ ଥିଲେ। ବିଳମ୍ବିତ ରାତିରେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ରାଜନଗର ମେଡିକାଲ ଆଣିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଦେହାନ୍ତରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ଗଭୀର ଶୋକବ୍ୟକ୍ତ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଗାଳ୍ପିକ ପ୍ରଦୀପ ନାୟକ, ପ୍ରାଧ୍ୟାପକ ଅତୁଲ ବଳ, କବି ଅଭିରାମ ସାହୁ, ବାଟୋଇର ସମ୍ପାଦକ ଶତ୍ରୁଘ୍ନ ତରାଇ, ବନଫୁଲର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଏଥର ପୁସ୍ତକମେଳାର ନୂଆ ଆକର୍ଷଣ 'ଯୁବ ସ୍ପନ୍ଦନ'



**କେନ୍ଦ୍ରାପଡ଼ା,୧୪ ।୧୨(ସମିସ):** ଆସନ୍ତା ଜାନୁୟାରୀ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୩ତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାର ନୂତନ ଆକର୍ଷଣ 'ଯୁବ ସ୍ପନ୍ଦନ' ହେବ ବୋଲି ଏହାର ଆୟୋଜକ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପ୍ରକାଶ କରିଛି। ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟ ଏବଂ ରାଜ୍ୟ ବାହାରର ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରାଯିବ ବୋଲି ସଭାପତି ଅକ୍ଷୟ ପାଣି, ମୁଖ୍ୟ ସଂଯୋଜକ ବଂଶୀଧର ମହାନ୍ତି ଓ ସମ୍ପାଦକ ମହମ୍ମଦ ଜାହିଦ୍ ଖାନ୍ ପ୍ରକାଶ କରିଛନ୍ତି। ବିଶେଷ କରି ଯୁବବର୍ଗଙ୍କ ପଠନ ରୁଚିକୁ ଗୁରୁତ୍ୱ ଦିଆଯିବା ସହ ପୁସ୍ତକମେଳା ପରିସରରେ ଜାନୁୟାରୀ ୭ ଓ ୮ ତାରିଖ ଦୁଇ ଦିବସ ବ୍ୟାପୀ ଜିଲ୍ଲାସ୍ତରୀୟ କଳା, ସାଂସ୍କୃତିକ ଓ ବୌଦ୍ଧିକ ଯୁବ ମହୋତ୍ସବ "ଯୁବ ସ୍ପନ୍ଦନ"ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତ୍ୟେକ ଓ ଯୁବ ସାଂସ୍କୃତିକ ସଂଗଠନମାନଙ୍କୁ ଏଥିରେ ସାମିଲ ହେବାପାଇଁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦିଆଯିବ। କ୍ଷୁଦ୍ର ନାଟକ, ଏକକକଳା ଅଭିନୟ, ବକ୍ତୃତା, ଦଳଗତ ଆଲୋଚନା, ସଙ୍ଗୀତ ଓ ନୃତ୍ୟ ପରି ବିବିଧ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ କରାଯାଇ ସଫଳ ଯୁବ ଛାତ୍ର ଛାତ୍ରୀଙ୍କୁ ଯୁବ ସ୍ପନ୍ଦନର ପ୍ରଶସ୍ତିପତ୍ର ପ୍ରଦାନ କରାଯିବ ବୋଲି ସଂଯୋଜିକା ଅମ୍ରିନ୍ ସାହାଦ ପ୍ରକାଶ କରିଛନ୍ତି। ପୁସ୍ତକମେଳାର ଏହି ପ୍ରଗତି ବୈଠକରେ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ଉପସଭାପତି ପ୍ରତାପ ସ୍ୱାଇଁ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶିବ ଚରଣ ସାମଲ, ଶୁଭଙ୍କର ନାୟକ, କ୍ଷୀରୋଦ କର, ଜ୍ୟୋତିରଞ୍ଜନ ନାୟକ, ସଞ୍ଜୟ ଜେନା, ଶେଷଦେବ ପ୍ରସାଦ ଦାସ ଓ ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ।

## ଯାଜପୁର ଦଳ ଚାମ୍ପିଅନ

■ ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଡେରାବିଶ,୧୪ ।୧୨(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍ ଯାଜପୁର ଓ ମୟୂରଭଞ୍ଜ ମଧ୍ୟରେ ଖେଳାଯାଇଥିଲା। ଯାଜପୁର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଭୟ ଦଳର ଖେଳାଳି ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଖେଳର ଶେଷ ବେଳକୁ ଯାଜପୁର ଟିମ୍ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଛି। ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍ ସଭାପତି ନୃସିଂହ ନାୟକଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ସମ୍ମାନିତ ଅତିଥି ଭାବେ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟା ସଞ୍ଜୁକ୍ତା ଜେନା, କ୍ରିୟା ଫାଉଣ୍ଡେସନ ଅଧ୍ୟକ୍ଷା ଲିଲି ଜେନାମଣି, ଅଭିନେତ୍ରୀ ମିଠୀ ଓ ସମାଜସେବୀ ସ୍ମାରକ ମହାନ୍ତି ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଜିତେନ୍ଦ୍ର ବାରିକ, ସୁଶାନ୍ତ ବିଶ୍ୱାଳ ଓ ରିଆଜ କାଦରି ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଆସୋସିଏସନ୍ ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ବାବୁଲି ସ୍ୱାଇଁ, କୋଷାଧ୍ୟକ୍ଷ ଗୋଲଖ ସ୍ୱାଇଁ, ସଭ୍ୟ ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ ସାହୁ, ରାମଚନ୍ଦ୍ର ସେଠୀ, ଅଭୟ ମଲିକ, ଦିଲୀପ ଦାସ, ଶରତ ବେହେରା, ଆଲେଖ ବେଜ, ଅଭିରାମ ମହାନ୍ତି, ସିଲୁ ସାହୁ, ଶତ୍ରୁଘନ ସାହୁ ସହଯୋଗ କରିଥିଲେ।

## ଚିକିତ୍ସାଧୀନ ବିବେକଙ୍କୁ ଭେଟିଲେ ଚିତ୍ତରଞ୍ଜନ



**ମହାକାଳପଡ଼ା,୧୪ ।୧୨(ସମିସ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ତାଲସଙ୍ଗା ପଞ୍ଚାୟତ ମାଣିକପୁର ଗ୍ରାମର ବିବେକାନନ୍ଦ ଜେନା ଏକ ସଡ଼କ ଦୁର୍ଘଟଣାରେ ଶିକାର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ରାଜ୍ୟ ଯାଦବ ମହାସଭା ସାଧାରଣ ସମ୍ପାଦକ, ଯୁବନେତା ଆଇନଜୀବୀ ଚିତ୍ତରଞ୍ଜନ ଦାସ ବିବେକାନନ୍ଦଙ୍କୁ ମେଡିକାଲରେ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପଟ୍ଟାମୁଣ୍ଡାଇ ଠିକାଦାର ସଂଘର ସାଧାରଣ ବୈଠକ



ପଟ୍ଟାମୁଣ୍ଡାଇ,୧୪ ।୧୨(ସମିସ): ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟି ଠିକାଦାର ସଂଘର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବରିଷ୍ଠ ଠିକାଦାର ରତ୍ନାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘର ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗଦେଇ ସଂଘକୁ ଅଧିକ ଶକ୍ତିଶାଳୀ ଏବଂ ସୁସଙ୍ଗଠିତ କରିବା ନିମନ୍ତେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମୁଖ୍ୟତଃ ଟେଣ୍ଡର କାମରେ କେହି ଲେସ୍‌ରେ ଟେଣ୍ଡର ନ ପକାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। କୌଣସି ବିଭାଗରେ ଟେଣ୍ଡର ବି ସ୍ପେଶାଲ ଶ୍ରେଣୀଭୁକ୍ତ- ଏ, ବି, ସି, ଡିର ଠିକାଦାରମାନେ ସିଡ୍ୟୁଲ ରେଟରେ ଟେଣ୍ଡର ପକାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ମାସକୁ ଥରେ ବୈଠକ କରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ପ୍ରସ୍ତାବ ଗୃହୀତ କରାଗଲା। ଜିଲ୍ଲା ବାହର ଠିକାଦାରମାନେ ସିଡ୍ୟୁଲ ରେଟରେ ଟେଣ୍ଡର ପାକାଇବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ବରିଷ୍ଠ ଠିକାଦାର ରାଜେନ୍ଦ୍ର ସାହୁ, ଭୁବନମୋହନ ସିଂ, ଅଧୀର ସାହୁ, ପ୍ରମୋଦ ପତି, ସରୋଜ ସାମଲ, ରମାକାନ୍ତ ବିଶ୍ୱାଳ, ସୁବାସ ଭୋଳ, ବାପୁଜୀ ପାତ୍ର, ଦିଲୀପ ଜେନା, ମନମୋହନ ରାଉତ ସମେତ ୧୦୦ରୁ ଊର୍ଦ୍ଧ୍ୱ ଠିକାଦାର ଯୋଗଦେଇଥିଲେ।

## ଅଚ୍ୟୁତପୁରରେ ମାତିଛନ୍ତି ଲୁଟେରା

**ରାଜକନିକା,୧୪ ।୧୨(ସମିସ):** ଘରେ କେହି ନ ଥିବାର ସୁଯୋଗ ନେଇ ଅଚ୍ୟୁତପୁର ବିଶୁଭାଇ ଛକ ଟାୱାର ସାମ୍ନାରେ ଥିବା ଭାଗ୍ୟଧର ମହାନ୍ତିଙ୍କ ଘରୁ ଲୁଟ୍ ହୋଇଛି। ଲକର ଭାଙ୍ଗି ସୁନା ଚେନ, ଚୁଡ଼ି ନଗଦ ଟଙ୍କା ଚୋରି ହୋଇଥିବା ଭାଗ୍ୟଧରଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏଭଳି ଲୁଟ କରୁଥିବା ଗ୍ରାମର ସମସ୍ତେ ଜାଣିଥିବା ବେଳେ ଠୋସ ପ୍ରମାଣ ନ ଥିବାରୁ ସେ ଖସିଯାଉଛନ୍ତି। ପୁଲିସ ଖୋଳତାଡ଼ କରି ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ଏଭଳି ଅସାମାଜିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଗୋପାଳଜୀଉ ମନ୍ଦିରରେ ବ୍ରାହ୍ମଣ ମହାସଭା

କେନ୍ଦ୍ରାପଡ଼ା,୧୪ ।୧୨(ସମିସ): ଗୋପାଳଜୀଉ ମନ୍ଦିର ପରିସରରେ ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱରେ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଛି। ପ୍ରଥମେ ପ୍ରାକ୍ତନ ସଭ୍ୟ ସ୍ୱର୍ଗତ ଦାମୋଦର ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କେନ୍ଦ୍ରାପଡ଼ା ବ୍ଲକ ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ବେଦପାଠ କରିବା ସହ ବୈଠକର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବ୍ରାହ୍ମଣ ସମାଜ ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ପୂର୍ବ ସଭାର ବିବରଣୀ ପାଠ କରିଥିଲେ ଓ ବ୍ରାହ୍ମଣ ସମାଜର ଉନ୍ନତି କଳ୍ପେ ଅନେକ ନୂତନ ପ୍ରସ୍ତାବ ଆଗତ କରିଥିଲେ। ବିଭିନ୍ନ ମଠ, ମନ୍ଦିରରେ ପୂଜା କରୁଥିବା ପୂଜକମାନଙ୍କ ନିମନ୍ତେ ସରକାରଙ୍କ ତରଫରୁ ଭତ୍ତା ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। କେନ୍ଦ୍ରାପଡ଼ା ନଗର ସମ୍ପାଦକ ନୃସିଂହ ଚରଣ ତ୍ରିପାଠୀ ଔଷଧୀୟ ଚାରାରୋପଣ, ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲେ। ପଣ୍ଡିତ ସୁବାସ ପାଣି ସମସ୍ତ ବ୍ଲକରେ ବ୍ରାହ୍ମଣ ସମାଜ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ଆଗାମୀ ଡିସେମ୍ବର ୨୧ ପୂର୍ବାହ୍ନ ୧୧ଟାରେ ଗୋପାଳଜୀଉ ମନ୍ଦିର ପରିସରରେ ପୁନଃ ବୈଠକ ଅନୁଷ୍ଠିତ ହେବ ଓ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି। ସଭାରେ ନିତ୍ୟାନନ୍ଦ ମିଶ୍ର, ଯୁଧିଷ୍ଠିର ପଣ୍ଡା, ରବିନାରାୟଣ ମହାପାତ୍ର, ଭୁବନ ମୋହନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବପ୍ରସାଦ ସାମନ୍ତରାୟ, ରାମଚନ୍ଦ୍ର ପତି, ରୁନୁବାଳା ଦାଶ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ନରେନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



## ଖୋଲା ବଜାରରେ ବିକ୍ରି ହେଉଛି ପିଡିଏସ୍ ଚାଉଳ !

**ଡେରାବିଶ,୧୪ ।୧୨(ସମିସ):** ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ବାଘିଲୋ ଗ୍ରାମ ନିକଟରେ ୧୧ନଂ କୋନାଲ ବନ୍ଧରେ ଏକ ଟାଟା ଏସିଇ ଗାଡ଼ିରେ ପାଲ ଘୋଡ଼ାହୋଇ ଚାଉଳ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଯୁବକ ସନ୍ଦେହରେ ଗାଡ଼ି ଅଟକାଇଥିଲେ। ଗାଡ଼ିରେ ଚାଉଳ ଚାଲାଣ ହେଉଥିବା ଡ୍ରାଇଭର ଜଣକ ସଫେଇ ଦେଇଥିବା ବେଳେ ଟାଟା ଏସି ଡାଲା ପାଲ ଟେକିବାରୁ ଉପରେ ଅନ୍ୟ ଜରିଅଖାରେ ଚାଉଳ ଚାଲଣ ହେଉଥିବା ବେଳେ ଏହି ଚାଉଳ ଜରିଅଖା ତଳେ ସରକାରୀ ଭାବେ ଚାଲାଣ ହେଉଥିବା ପାଖାପାଖି ୨୦ ବସ୍ତା



ପିଡିଏସ୍ ଚାଉଳ ବସ୍ତା ଦେଖିବାକୁ ମିଳିଥିଲା। ଡ୍ରାଇଭର ବାଲିଆ ଅଞ୍ଚଳରୁ ଏକ ଦୋକାନରୁ ଏହି ଚାଉଳ ନେଇ ଓଲଡ଼ି ଛକ ଦେଇ ଫକିରାବାଦ ଅଞ୍ଚଳକୁ ଯାଉଥିବା ପ୍ରକାଶ କରିଥିଲେ। ତେବେ ବାରମ୍ବାର ଏ ସମ୍ପର୍କରେ ପଚାରିଥିଲେ ମଧ୍ୟ ଡ୍ରାଇଭର ସନ୍ତୋଷଜନକ ଉତ୍ତର ନ ଦେଇ କେବଳ ବାଲିଆ ଅଞ୍ଚଳର ଏକ ଦୋକାନରୁ ଓଲଡ଼ି ଅଞ୍ଚଳକୁ ଯାଉଛି ବୋଲି କହିଥିଲେ। ତେବେ କୌଣସି ପ୍ରକାର ଡ୍ରାଇଭର ଜଣକ କାକୁତି ମିନତି ହୋଇ ସମ୍ପୃକ୍ତ ଯୁବକଙ୍କଠାରୁ ବର୍ତ୍ତି ସେଠାରୁ ଗାଡ଼ି ସହ ଖସି ପଳାଇଥିଲେ। ଏତେ ପରିମାଣରେ ପିଡିଏସ୍ ଚାଉଳ କେଉଁ ଡିଲର ପାଖରୁ ଚୋରାରେ ସମ୍ପୃକ୍ତ ଦୋକାନୀ ପାଖରେ ବିକ୍ରି ହୋଉଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅପରପକ୍ଷରେ ବହୁ ଡିଲର ପଏଣ୍ଟରେ ଅସାଧୁ ଉପାୟରେ ରାଶନ କାର୍ଡ ହାତେଇଥିବା ହିତାଧିକାରୀ ଏପରିକି ବହୁ ଅନ୍ତ୍ୟୋଦୟ ହିତାଧିକାରୀ ମଧ୍ୟ ଡିଲର ପଏଣ୍ଟରେ ଚାଉଳ ନ ନେଇ ଚାଉଳ ବଦଳରେ ଟଙ୍କା ନେଇ ଯାଉଥିବା ଶୁଣିବାକୁ ମିଳିଛି। ଯଦି ଏପରି ହେଉଥାଏ ତେବେ ସମ୍ପୃକ୍ତ ଅସାଧୁ ହିତାଧିକାରୀଙ୍କ କାର୍ଡ କାଟି ତା' ବଳରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ରୀବଳଦେବଜୀଉ ମଣ୍ଡଳର କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡ଼ା,୧୪ ।୧୨(ସମିସ):** ଶ୍ରୀନିଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ଶାଖା ଶ୍ରୀବଳଦେବଜୀଉ ମଣ୍ଡଳର ଏକ ବୈଠକ ତିନିମୁହାଣୀସ୍ଥିତ ରାମମନ୍ଦିର ପରିସରରେ ଗାୟକ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରାପଡ଼ା



ଜିଲ୍ଲାର ପଟ୍ଟାମୁଣ୍ଡାଇ, ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକର ସମସ୍ତ ଗାୟକ, ଗାୟିକା, ବାୟକ ଓ ସଂଗୀତକାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଶ୍ରୀବଳଦେବଜୀଉ ମଣ୍ଡଳର ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା। ମଣ୍ଡଳର ଉପଦେଷ୍ଟା ଭାବେ ଚିନ୍ମୟ ଦାଶ, ରମାକାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ଦାସ, ଗଗନବିହାରୀ ସିଂହ, ପ୍ରଫୁଲ୍ଲ କୁମାର ପଣ୍ଡା ଓ ଗୋଲକ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିବା ବେଳେ ସ୍ଥାୟୀ ସଭାପତି ଭାବେ ଗୋଲକ ବିହାରୀ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଉପସଭାପତି ଆରତୀ ଓଝା, ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ, ସହସମ୍ପାଦକ ଶରତ ଚନ୍ଦ୍ର ସ୍ୱାଇଁ, ବାର୍ତ୍ତା ସମ୍ପାଦକ କୈଳାସ ଚନ୍ଦ୍ର ବଳ, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ନାଥ, ସାଂସ୍କୃତିକ ସମ୍ପାଦକ ଶ୍ରୀଧର ସାହୁ ଓ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସାଂଗଠନିକ ସମ୍ପାଦକ ସଦାଶିବ ପଣ୍ଡିତ୍ରା ଓ ମଞ୍ଜୁବାଳା ପତି ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ ମଣ୍ଡଳ ସ୍ତରରେ ସଂଗଠନର ଉନ୍ନତି କଳ୍ପେ କାମ କରିବେ ବୋଲି ଶ୍ରୀରାମଲାଲଙ୍କ ସମ୍ମୁଖରେ ଶପଥ ପାଠ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଆଳି,୧୪ ।୧୨(ସମିସ): ଆଳି ବ୍ଲକ୍ ଦେମାଳ ପଞ୍ଚାୟତ ଦେମାଳ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ଆଳି ନୂଆବଜାର ଲକ୍ଷ୍ମୀବରାହ ବସ୍ତ୍ରାଳୟ ମାଲିକ ବାସୁଦେବ ବେହେରାଙ୍କର ୭୦ ବର୍ଷ ବୟସରେ ରବିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅରୁଣ ବେହେରା, କବିତା ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ପୁଅ ନରେଶ ବେହେରା ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟ ସମୂହ ବିଚ୍ ଭଲିବଲ ପ୍ରତିଯୋଗିତା




ରାଜନଗର,୧୪ ।୧୨(ସମିସ): ପେଣ୍ଥ ବେଳାଭୂମିରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବିଚ୍ ଭଲିବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ବନଖଣ୍ଡ ଅଧିକାରୀ ଭାରଦରାଜ ଗାଓଁକର, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ତିଳୋତ୍ତମା ପୃଷ୍ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଶାରରୀକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଜିଲ୍ଲା ପିଏଚଓ ସଚ୍ଚିଦାନନ୍ଦ ମିଶ୍ର, ରାଜନଗର ବିଇଓ ମନୋରଞ୍ଜନ ସେଠୀ ପ୍ରମୁଖ ଏହାକୁ ଉଦଘାଟନ କରିଥିଲେ। ଏଥିରେ ୧୭ ବର୍ଷରୁ କମ ବୟସ୍କ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୨୪ ଜିଲ୍ଲାରୁ ୧୭୬ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ବରଦାକାନ୍ତ ଜେନା, ଅନ୍ନପୂର୍ଣ୍ଣା ଚୁଳି ମଞ୍ଚ ପରିଚାଳନା କରିଥିଲେ। ସମୀରଣ ମଣ୍ଡଳ ଓ ସୁଲତା ପ୍ରମୁଖ ମଞ୍ଚ ସହଯୋଗ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ପ୍ରମୁଖ ସ୍ମିତା ପ୍ରତିଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡିପିଇଓ ଅଜୟ ପ୍ରଧାନ, ରାମକୃଷ୍ଣ ବେହେରା, ଚନ୍ଦ୍ରକାନ୍ତ ଘଡ଼ାଇ, ଭାଗୀରଥି ମଲ୍ଲିକ, ସବିତା ନାୟକ, ବ୍ଲକ କ୍ରୀଡ଼ା ସମ୍ପାଦକ ରଞ୍ଜନ ରାଉଳ, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳ ଓ ନୋଡାଲ ସିଆରସିସି ଚନ୍ଦ୍ରକାନ୍ତ ରାଉତ ସହଯୋଗ କରିଥିଲେ।

# ରାତିଅଧରେ କଲେଜ ଜମି ଜବରଦଖଲ ଉଦ୍ୟମ

କେନ୍ଦ୍ରାପଡ଼ା,୧୪ ।୧୨(ସମିସ):

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଜମି ଜବରଦଖଲ ପାଇଁ ଶନିବାର ବିଳମ୍ବିତ ରାତିରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ହୋଇଥିବା ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଛି। ଭୀଷଣ ଶୀତରେ ଲୋକେ

### ଜିଲ୍ଲା ପ୍ରଶାସନର ତତ୍‌କ୍ଷଣାତ ହସ୍ତକ୍ଷେପରେ ଟଳିଲା ସଙ୍କଟ



ଘରେ ଥିବା ବେଳେ ୪୫ଟି ହାଇୱା ଓ ଏକ ଜେସିବି ମେସିନ ସହାୟତାରେ କଲେଜର ଖାଲ ଜମିରେ ବାଲି ଢାଳି ସମତଳ କରି ଦଖଲ ନେବା ପାଇଁ ଉଦ୍ୟମ କରାଯାଇଥିଲା। ତେବେ ଜିଲ୍ଲା ପ୍ରଶାସନର ତତ୍‌କ୍ଷଣାତ ହସ୍ତକ୍ଷେପ ଯୋଗୁଁ ଏହି ଉଦ୍ୟମ ଫସରଫାଟିଛି। ଏହି ଜମି କଟକ-ଚାନ୍ଦବାଲି ରାସ୍ତାର ଉଦୟନଗର ଛକରୁ କଲେଜ ପରିସରକୁ ଯାଇଥିବା ରାସ୍ତାର ଡାହାଣ ପାଶ୍ୱର୍ରେ ଡେରାବିଶ ତହସିଲ ଅନ୍ତର୍ଗତ ଗୁଆଳସିଂ ମୌଜାରେ ଅବସ୍ଥିତ। ୧୯୫୮ରେ କେନ୍ଦ୍ରାପଡ଼ା କଲେଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗଠିତ ଟ୍ରଷ୍ଟି କମିଟି ପକ୍ଷରୁ ଦିବଂଗତ ମହମ୍ମଦ ଫଜଲେ ରବି, ଦୀନବନ୍ଧୁ ସାହୁ ଓ ନିମାଇଁ ଚରଣ ଦାସଙ୍କ ନାମରେ ଏହି ଜମି କ୍ରୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଦାଖଲଖାରଜରେ ତଞ୍ଚକତା କରି ଅନ୍ୟ କିଛି ବ୍ୟକ୍ତି ଏହାକୁ ବାରମ୍ବାର ଦଖଲ କରିବାକୁ ଉଦ୍ୟମ କରିଆସୁଥିବା ଅଭିଯୋଗ ରହିଛି। ଏହି ଜମିର ସ୍ୱତ୍ୱ ନିର୍ଦ୍ଧାରଣ ପାଇଁ କେନ୍ଦ୍ରାପଡ଼ା ଚକବନ୍ଦୀ ଉପନିର୍ଦ୍ଦେଶକଙ୍କ କୋର୍ଟରେ ଏକ ମାମଲା ବିଚାରାଧୀନ ଥିବା ବେଳେ ନ୍ୟାୟିକ ପ୍ରକ୍ରିୟାକୁ ଏଡ଼ାଇ ଏପରି ଜୋର ଜୁଲମ ଉଦ୍ୟମ କରାଯାଇଥିବାରୁ କଲେଜର ପୁରାତନ ଛାତ୍ରସଂସଦ ଗଭୀର ଉଦବେଗ ପ୍ରକାଶ କରିଛି। ଏନେଇ ଶନିବାର ପୁରାତନ ଛାତ୍ରସଂସଦର ଏକ ଜରୁରୀ ବୈଠକରେ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ସମ୍ପାଦକ ଡ. ପ୍ରମୋଦ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡ଼ା, ପ୍ରାକ୍ତନ ଅତିରିକ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ଅମୀୟ ମହାନ୍ତି, ଅଧ୍ୟାପକ ଅଜୟ ସାମଲ, ଡ. ପ୍ରଦୀପ୍ତ କିଶୋର ଦାଶ, ଡ. ତ୍ରୈଲୋକ୍ୟନାଥ ସାମଲ, ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ବିଶ୍ୱନାଥ ଆଚାର୍ଯ୍ୟ, ଡ. ପ୍ରଭାକର ମଲ୍ଲିକ, ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କ ସହ ବହୁ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କଲେଜ ଜମିର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

■ ବେଆଇନ କୋଇଲା ଚାଲାଣ

# ହାଇୱା ସହିତ ୨ ଟ୍ରାକ୍ଟର ଜବତ

ଦେବଗଡ,୧୪।୧୨(ସମିସ): ବେଆଇନ କୋଇଲା କାରବାର ହେଉଥିବା ବେଳେ ଦେବଗଡ଼ ଥାନା ପୁଲିସ ଏକ କୋଇଲା ବୋଝେଇ ୧୮ ଚକିଆ ହାଇୱା ଓ ୨ ଗୋଟି କୋଇଲା ବୋଝେଇ ଟ୍ରାକ୍ଟର ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ ଥାନା ଏଏସଆଇ ବିନୋଦ ବିହାରୀ



ନାୟକ ଓ ଏଏସଆଇ ଅଚ୍ୟୁତ ସାହୁ ସଦଳବଳେ ସୁଗୁଡା-ଝୁଣ୍ଟିଆପାଲି-ଧୋବଲିପଥର ରାସ୍ତାରେ(ରାଞ୍ଚି-ବିଜୟୱାଡା କୋରିଡର ରସ୍ତାରେ) ସାଂଧ୍ୟକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଦେବଗଡ ସହର ଉପକଣ୍ଠସ୍ଥ ନୁଆଁଗାଁ ରାସ୍ତାକଡରେ ଥିବା ନିର୍ମାଣାଧୀନ ପାଣିଟାଙ୍କି ନିକଟରେ ଏକ କୋଇଲା ବୋଝେଇ ହାଇୱା ବେଆଇନ ଭାବେ କୋଇଲା ଅନଲୋଡ କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସୂଚନା ଅଧାରରେ ସେମାନେ ନୁଆଁଗାଁ ରାସ୍ତା କଡରେ ଥିବା ନିର୍ମାଣାଧିନ ପାଣିଟାଙ୍କି ନିକଟରେ ପହଞ୍ଚିବା ବେଳକୁ ଏକ ୧୮ ଚକିଆ ହାଇୱା (ନଂ-ଓଡି୧୬-ବି-୯୪୯୨) ୨ଗୋଟି ଟ୍ରାକ୍ଟର( ନଂ-ଓଡି୧୯-ଆର-୧୩୫୬) ଓ (ନଂ-ଓଡି୨୮-ବି-୦୯୧୦) କୁ କୋଇଲା ଅନଲୋଡକରୁଥିବା ଦେଖିବାକୁ ପାଇଥିଲେ। ତେବେ ଉକ୍ତ ଯାନଗୁଡକୁ ଯାଞ୍ଚ କରିବା ପୂର୍ବରୁ ସେଗୁଡିକର ଚାଳକମାନେ ପୁଲିସକୁ ଦେଖି ଫେରାର ହୋଇଯାଇଥିଲେ। ହାଇୱା ଓ ଟ୍ରାକ୍ଟର ଦ୍ୱୟକୁ ଯାଞ୍ଚ କରିବାରୁ ସେଥିରେ ବିପୁଳ ପରିମାଣର ବେଆଇନ କୋଇଲା ଲୋଡ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ଏହି କୋଇଲା ସମ୍ପର୍କୀତ କୌଣସି ବୈଧ କାଗଜପତ୍ର ନମିଳିବାରୁ ପୁଲିସ ସମ୍ପୃକ୍ତ ହାଇୱା ଓ ଟ୍ରାକ୍ଟର ଦ୍ୱୟକୁ ଥାନାକୁ ଆଣି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ଏମସିଏଲ ଠିକାଦାରଙ୍କ ବୈଠକ

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

ଝାରସୁଗୁଡା,୧୪।୧୨(ସମିସ):




ଏମ୍‌ସିଏଲ ଅଧୀନରେ କାର୍ଯ୍ୟ କରୁଥିବା ଠିକାଦାରମାନଙ୍କର ରବିବାର ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ମଣ୍ଡଲିୟା ସ୍ଥିତ କାଲିମନ୍ଦିର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏମ୍‌ସିଏଲରେ କାର୍ଯ୍ୟକରୁଥିବା ଠିକାଦାରଙ୍କ ଦୀର୍ଘଦିନରୁ ହୋଇ ଆସୁଥିବା ଦାବି ସମ୍ବନ୍ଧରେ ଯଦି ଏମ୍‌ସିଏଲ୍ ବିଚାର ନ କରେ ତେବେ ଆସନ୍ତା ୧୭ ତାରିଖରୁ ଏମ୍‌ସିଏଲ୍ ଅଧୀନରେ କାର୍ଯ୍ୟ କରୁଥିବା ୩୦୦ରୁ ଊର୍ଦ୍ଧ୍ୱ ଠିକାଦାର ସମସ୍ତ କାର୍ଯ୍ୟ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ରବିବାର ଅନୁଷ୍ଠିତ ଏହି ବୈଠକରେ ଇବ୍ କ୍ଷେତ୍ର, ଓରିଏଣ୍ଟ କ୍ଷେତ୍ର, ବସୁନ୍ଧରା ମାଇନ୍ସ, ତାଳଚେର ମାଇନ୍ସ, ଏମ୍‌ସିଏଲ୍ ହେଡ୍ କ୍ୱାଟରରୁ ସମସ୍ତ ଠିକାଦାର ସପ୍ଲାୟରମାନେ ଯୋଗଦାନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ମହାନଦୀ କୋଇଲା କମ୍ପାନୀ ଅଧୀନରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଠିକାଦାର ସପ୍ଲାୟର ସେମାନଙ୍କର ୧୧ ଦଫା ଦାବି ସମ୍ପର୍କରେ ଏମସିଏଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଏହା ସହିତ ହେଡକ୍ୱାଟର ସିଏମ୍‌ଡିଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ନଭେମ୍ବର ମାସ ୩୦ ତାରିଖ ଭିତରେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଏହି ସମୟ ମଧ୍ୟରେ କୌଣସି ଆଲୋଚନା ହୋଇନଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି। ରବିବାର ଅନୁଷ୍ଠିତ ଏହି ବୈଠକରେ ଠିକାଦାର ସଂଘ ସଭାପତି ଜିତେନ ସିଂ, ସମ୍ପାଦକ ଭଞ୍ଜ ରାଉତଙ୍କ ସମେତ ସମସ୍ତ ଠିକାଦାର ଉପସ୍ଥିତ ରହିଥିଲେ।

# ବନ୍ଧବାହାଲ ଶିଶୁ ମନ୍ଦିରରେ ଖେଳକୁଦ ସମାରୋହ



ଇବଥର୍ମାଲ,୧୪।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବନ୍ଧବାହାଲର ମାଧବଭବନ ପରିସରରେ ୨୪ତମ ଖେଳକୁଦ ସମାରୋହର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ଯ୍ୟାୟରେ ଶିଶୁ ବାଟିକା ବିଭାଗର ୧୧୨ ଜଣ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ୧୦୬ ଜଣଙ୍କୁ ମିଶାଇ ମୋଟ ୨୧୮ ଶିଶୁ ଭାଇଭଉଣୀ ପାଉଡର ରେସ୍, ବାଟି ଚାମଚ୍, ବେଙ୍ଗ ଡିଆଁ, ବୋତଲରେ ରଙ୍ଗିନ ପାଣି ଭରିବା, ୫୦ମିଟର ଦୌଡ଼, ଅଙ୍କ ଦୌଡ଼, ମ୍ୟୁଜିକ ଚେୟାର ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ରଜରାଜନଗର ସଂକୁଳ ପ୍ରମୁଖ ଯୋଗେଶ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ଆଦିତ୍ୟ କୁମାର ସିଂଦେଓ, ମଧୁସୂଦନ ମେହେର, ସଦସ୍ୟା ମଞ୍ଜୁଲତା ଭୂମିଜ, ପୁଷ୍ପାଞ୍ଜଳି ବାରିକ, ଗୀତାରାଣୀ ମେହେର ପ୍ରମୁଖ ଯୋଗଦେଇଥିଲେ। ଗୁରୁମା ରୁକ୍ମଣୀ ପ୍ରଧାନ ବୃତ୍ତ କଥନ କରିଥିବା ବେଳେ ପରିଚାଳନା ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତା କରିଥିଲେ। ଶିଶୁ ବାଟିକା ବିଭାଗର ସମସ୍ତ ପ୍ରତିଭାଗୀ ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ଶ୍ରେଣୀର ଟିଙ୍କିମୟୀ ବଢେଇ ଓ ସନାୟା ସା ଭଉଣୀ ଶ୍ରେଷ୍ଠ କ୍ରୀଡାବିତ ଭାବେ ପୁରସ୍କୃତ ହୋଇଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସିମାଞ୍ଚଳ ଜେନା, ସତ୍ୟଭାମା ପ୍ରଧାନ, ମନ୍ଦାକିନୀ ମହନ୍ତ, ଭଗବତୀ ମହନ୍ତ, ପ୍ରଜ୍ଞାପରିମିତା ଦାସ, ରୂପମା ଗୁପ୍ତା, ରଶ୍ମିତା ପାଢ଼ୀ, ପୂଜା ମେହେର, ରଶ୍ମିତା ସେଠ୍ ପ୍ରମୁଖ ଗୁରୁମା ସହଯୋଗ କରିଥିଲେ।

# ଧରିତ୍ରୀ ପଟେଲଙ୍କ ପରଲୋକ



ଝାରସୁଗୁଡା,୧୪।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କ୍ରିକେଟ ସଂଘ ସଭାପତି ଓ ଜିଲ୍ଲା ଆଥେଲେଟିକ ସଂଘର କୋଷାଧ୍ୟକ୍ଷ, ଅବସରପ୍ରାପ୍ତ ଶିକ୍ଷକ ପ୍ରଜ୍ୱଲ୍ ପଟେଲଙ୍କ ସ୍ତ୍ରୀ ଧରିତ୍ରୀ ପଟେଲ(୫୬)ଙ୍କ ନିଜ କଣ୍ଟାପାଲି ସ୍ଥିତ ବାସଭବନରେ ଶନିବାର ଅକାଳ ବିୟୋଗ ଘଟିଛି। ସେ ନିମୋନିଆ ରୋଗରେ ପୀଡିତ ଥିଲେ। ରବିବାର ସକାଳୁ ଧରିତ୍ରୀଙ୍କ ଦୁଇ ପୁଅ ଦେବ କିଷନ ପଟେଲ, ରାଜକିଷନ ପଟେଲ ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ଧରିତ୍ରୀଙ୍କ ବିୟୋଗ ଖବର ଶୁଣି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ଆଥଲେଟିକ ସଂଘ କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଝାରସୁଗୁଡା,୧୪।୧୨(ସମିସ): ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ୍ ଅନ୍ତର୍ଗତ ସାହସପୁର କ୍ଲଷ୍ଟରରୁ ୨୦୨୫ ମସିହାରେ ଅବସର ନେଇଥିବା ସମସ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସହିତ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଗୁଦଗୁଦା ଜଳପ୍ରପାତରେ ଏକ ବଣଭୋଜି ଆୟୋଜିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ପ୍ରଦୀପ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ସଭାରେ ତାଳମୁଣ୍ଡା ସିଆରସିସି ମନୋରଞ୍ଜନ କଣ୍ଟା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ଶିକ୍ଷକ ଛତ୍ରଲାଲ କିସାନ ମୁଖ୍ୟବକ୍ତା ଏବଂ ପୂର୍ବତନ ସିଆରସିସି ଅନିତ କିରନ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ବିଦାୟୀ ଶିକ୍ଷକ ଲକ୍ଷ୍ମୀଧର ଓରାମ, ପ୍ରଶାନ୍ତ ଦେଓ, ତସିଲ କୁମାର ଦେଓ, ଗଙ୍ଗାଧର ପଟେଲ, ଲିଙ୍ଗରାଜ ସାହୁ ପ୍ରମୁଖଙ୍କୁ ପୁଷ୍ପ ଗୁଚ୍ଛ, ଉପଢ଼ୌକନ ପ୍ରଦାନ ପୂର୍ବକ ସମର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୁତୁଙ୍ଗ ହାଇସ୍କୁଲର ସହକାରୀ ଶିକ୍ଷକ ଭୁବନେଶ୍ୱର ମାଝୀ ମଞ୍ଚ ପରିଚାଳନା କରିଥିବାବେଳେ କୈଳାସ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବିଦ୍ୟା ମନ୍ଦିରରେ ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା



ଦେବଗଡ,୧୪।୧୨(ସମିସ): ବାରକୋଟ ବ୍ଲକ୍ କଣ୍ଢେଇ ଗ୍ରାମ ପଞ୍ଚାୟତସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଆଜି ଶିକ୍ଷା ବିକାଶ ସମିତି, ଓଡ଼ିଶା ଅଧୀନସ୍ଥ ଦେବଗଡ଼ ସଂକୁଳସ୍ତରୀୟ ବାର୍ଷୀକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି, ଓଡ଼ିଶାର ଦେବଗଡ଼ ସଂକୁଳ ସଂଯୋଜକ ଉମାକାନ୍ତ ରଣାଙ୍କ ତତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଢେଇ ସରପଞ୍ଚ ସବିତା ବେହେରା, ବିଦ୍ୟାଳୟର ସଭାପତି ଦୟାନିଧି ବେହେରା, ସଂକୁଳ ପ୍ରମୁଖ ସଦାନନ୍ଦ ସାହୁ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ଦୌଡକୁଦ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ତ୍ରି କୁଦ, ସଟପୁଟ, ଡିସକସ ଓ ଜାଭଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଲୋକସଭା ସଦସ୍ୟଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବିରଞ୍ଚି ବେହେରା, ମୀନକେତନ ପ୍ରଧାନ ଓ ବିଦ୍ୟାଳୟର ଉପସଭାପତି ପ୍ରଶାନ୍ତ ସାମଲ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ପାଣିରେ ବୁଡ଼ି ଜଣେ ମୃତ

ଦେବଗଡ଼,୧୪।୧୨(ସମିସ): ପାଣିରେ ବୁଡି ଆଜି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରକୋଟ ଥାନାଞ୍ଚଳର କୁଲସୁରା ଗ୍ରାମର ଲୋକନାଥ ଧିବର(୫୦)। ସୂଚନାନୁଯାୟୀ, ଆଜି ଲୋକନାଥ ବ୍ରାହ୍ମଣୀ ନଦୀକୁ ଗାଧେଇବା ପାଇଁ ଯାଇଥିଲେ। ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ପରିବାର ଲୋକ ଖୋଜାଖୋଜି କରିଥିଲେ। ତେବେ ବ୍ରାହ୍ମଣୀ ନଦୀର ପାଣିରେ ଲୋକନାଥ ଅଚେତ ହୋଇପଡିଥିବା ତାଙ୍କର ପରିବାର ଲୋକ ଦେଖିବାକୁ ପାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୁଳ ଜିଲ୍ଲାର ପାଲଲହଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ବାରକୋଟ ଥାନା ପୁଲିସ ଶବ ଜବତ କରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୂଚନା ଲୋକ ସଂପର୍କ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା/ଇବଥର୍ମାଲ,୧୪।୧୨(ସମିସ): ଜିଲ୍ଲା ପ୍ରେସ୍ କ୍ଲବ (ଡିପିସି) ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଜୟ କୁମାର ଜେନାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଜୟ କୁମାର ଜେନା ଗତ ୩୦ ତାରିଖରେ ଅବସର ଗ୍ରହଣ କରିଥିଲେ। ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ଜିଲ୍ଲା ପ୍ରେସ କ୍ଲବ ତରଫରୁ ତାଳପଟିଆ ସ୍ଥିତ ଇବ୍ ନଦୀ କୂଳରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରେସ୍ କ୍ଲବ ତରଫରୁ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ବରିଷ୍ଠ ସଭ୍ୟ ସନ୍ତୋଷ ମହାପାତ୍ର ଶ୍ରୀ ଜେନାଙ୍କୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ସାମ୍ବାଦିକଙ୍କ ସହ ଦୀର୍ଘଦିନର ସଂପର୍କ ଓ ଭଲ ପାଇବାକୁ ଭୂଲି ହେବ ନାହିଁ ବୋଲି ଶ୍ରୀ ଅଜୟ ଜେନା ମତଦେଇ ଜିଲ୍ଲା ପ୍ରେସ କ୍ଲବକୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲ୍ଲା ପ୍ରେସ କ୍ଲବର ସ୍ୱତନ୍ତ୍ର ବୈଠକରେ ବରିଷ୍ଠ ସଦସ୍ୟ ପ୍ୟାରେଲାଲ ଶ୍ରୀବାସ୍ତବଙ୍କୁ ଜିଲ୍ଲା ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ପ୍ରେସ କ୍ଲବ ଅଧିକ ଶାଣିତ ଭାବେ ଲୋକଙ୍କ ସମସ୍ୟାକୁ ଉଜାଗର କରିବାକୁ ଏଥିରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜିଲ୍ଲା ପ୍ରେସ୍ କ୍ଲବ୍ ତରଫରୁ ଆୟୋଜିତ ବନ୍ଧୁ ମିଳନ ଓ ବଣଭୋଜିରେ ସମସ୍ତ ସଭ୍ୟଙ୍କ ସହ କାର୍ଯ୍ୟକାରୀ ସଭାପତି ପ୍ୟାରେଲାଲ ଶ୍ରୀବାସ୍ତବ, ସଂପାଦକ ଭରତ ପାତ୍ର, ପ୍ରୀତମ ପଣ୍ଡା, ରବି ନାରାୟଣ ସାହୁ, ବିଜୟ ଦାସ, ସୁରେନ୍ଦ୍ର ବାରିକ, ସନ୍ତୋଷ ମହାପାତ୍ର, କୀର୍ତ୍ତି ଚନ୍ଦ୍ର ବହିଦାର, ସୁରେନ୍ଦ୍ର ବାରିକ, ସମୀର ପଟେଲ, ଦେବୁନ ବକ୍ସି, ବାପି ଦଳାଇ, ଅନୀଲ ମହାରଣା, ସନତ ମିଶ୍ର, ଆଶିଷ ଅୱସ୍ତି, ଉମାକାନ୍ତ ପଣ୍ଡା, ସଞ୍ଜୟ ବାହୁବଳେନ୍ଦ୍ର, ଜିତେନ୍ଦ୍ର ସାହୁ, ଡିଲେଶ୍ୱର ବାଗ ଓ କୁଞ୍ଜ ବିହାରୀ ପଟେଲ, ନିଳାମ୍ବର ସାହୁ, କ୍ଷେତ୍ରବାସୀ କରାଲିଙ୍କ ସମେତ ବହୁ ସାମ୍ବାଦିକ ଯୋଗ ଦେଇଥିଲେ।



# କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା




ଦେବଗଡ଼,୧୪।୧୨(ସମିସ): ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଟାଇଁସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଟାଇଁସର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଟାଇଁସର ଗ୍ରାମପଞ୍ଚାୟତ ସରପଞ୍ଚ ବାସନ୍ତୀ ପ୍ରଧାନ ଯୋଗଦେଇ ବିଦ୍ୟାଳୟ ବାହାରେ ପାଠପଢ଼ା ଛାଡ଼ି ରହିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ସ୍ରୋତରେ ନାମ ଲେଖାଇବା ପାଇଁ ପରାମର୍ଶ ଦେଇଥିଲେ। ସିଆର୍‌ସିସି ଭେନସ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କୁରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧାରୁ ପାଠ ଛାଡିଥିବା ଜଣେ ଛାତ୍ରଙ୍କୁ ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିଲା। ଏଥିରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସେହିପରି ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ପ୍ରଭାଶୁଣି କ୍ଲଷ୍ଟର ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଭାଶୁଣି ସିଆରସିସି ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଳେଇବଣି ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା ଏକ୍କା, ସମ୍ମାନିତ ଅତିଥି ଭାବେ ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନନ୍ଦ ଯୋଗଦେଇ ବିଦ୍ୟାଳୟ ବାହାରେ ପାଠପଢ଼ା ଛାଡ଼ି ରହିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ସ୍ରୋତରେ ନାମ ଲେଖାଇବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ଝସକେତନ ନାହାକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ।

# କ୍ରିକେଟ ପ୍ରତିଯୋଗିତା; କଲା କ୍ରିକେଟ୍ କ୍ଲବ୍ ଚାମ୍ପିଅନ୍

ଦେବଗଡ଼/ବାରକୋଟ,୧୪।୧୨(ସମିସ):




ବାରକୋଟ ବ୍ଲକ୍ ଭକ୍ତବଦକୁଦର ସ୍ଥିତ ବାପୁଜୀ କ୍ଲବ୍ ଆନୁକୂଲ୍ୟରେ ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚରେ ରଘୁନାଥପୁର କ୍ରିକେଟ କ୍ଲବକୁ ୧୧ ରନରେ ପରାସ୍ତ କରି କଲା କ୍ରିକେଟ କ୍ଲବ୍ ଚାମ୍ପିଅନ୍ ହୋଇଛି। ଆଜି ସଂଧ୍ୟାରେ ଆୟୋଜକ ବାପୁଜୀ କ୍ଲବ୍‌ର ସଭାପତି ମନୋଜ ମହାକୁଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଲୋକସଭା ସଦସ୍ୟଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଜେପି ନେତା ମୀନକେତନ ପ୍ରଧାନ, ବେଲାଲସେନ ବାରିକ ଓ ଚିତ୍ରକର ପ୍ରଧାନ ଯୋଗଦେଇ ଚାମ୍ପିଅନ୍ କଲା କ୍ରିକେଟ କ୍ଲବ ଓ ରନର୍ସ ଅପ୍ ରଘୁନାଥପୁର କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ବାପୁଜୀ କ୍ଲବର ସମ୍ପାଦକ ସୁନୀଲ କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ଭାଷ୍ୟକାର ଭାବେ ଫକୀର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ବାପୁଜୀ କ୍ଲବର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଲାସେରୀ ସଂରକ୍ଷିତ ଜଙ୍ଗଲରେ ହାତୀପଲ; ଭୟରେ ଗ୍ରାମବାସୀ

## ଫସଲ ନଷ୍ଟ ପରେ ଚାଷୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

କୋଟଗଡ,୧୪।୧୨(ସମିସ):



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡରେ ଦୁଇ ଦିନ ପୂର୍ବେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ତାହାର ବ୍ୟବଚ୍ଛେଦ ନ ସରୁଣୁ ପୁଣି ହାତୀପଲଙ୍କ ଉପଦ୍ରବ ବନ ବିଭାଗ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଦୁଇ ଦିନ ଧରି କୋଟଗଡ଼ ଅଭୟାରଣ୍ୟ ଅନ୍ତର୍ଗତ ଲାସେରୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକ ହାତୀପଲ ଉପଦ୍ରବ କରୁଛନ୍ତି। ଏହି ହାତୀପଲରେ ଛୋଟ ବଡ଼ ମିଶି ୮ ହାତୀ ରହିଥିବା କୋଟଗଡ଼ ବନାଞ୍ଚଳ ଅଧିକାରୀ ବାଳଗୋପାଳ ବେହେରା ସୂଚନା ଦେଇଛନ୍ତି। ଏହି ହାତୀପଲ ରାୟଗଡ଼ା ବନଖଣ୍ଡ ସୀମାନ୍ତରୁ ଏହି ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସିଥିବା ବିଭାଗୀୟ ସୂଚନା ରହିଥିବା କହିଛନ୍ତି ବନାଞ୍ଚଳ ଅଧିକାରୀ। ଶୁକ୍ରବାର ରାତିରେ ହାତୀପଲ ବାଣ୍ଡାପିପିଲି ଗ୍ରାମର ବହୁ ଚାଷୀଙ୍କର ବିରି, ମୁଗ, କପା, କଦଳୀ ଏବଂ ଝୁଡୁଙ୍ଗ ଇତ୍ୟାଦି ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଲାସେରୀ ବିଟ୍ ବନରକ୍ଷୀ ବେଲଘର ବନାଞ୍ଚଳର ଝିରିପାଣି କର୍ଜଣ୍ଡି ଗ୍ରାମରେ ମୃତ ଦନ୍ତା ହାତୀର ଶବ ବ୍ୟବଚ୍ଛେଦ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଉପଦ୍ରବ ଜାରୀ ରଖିଥିବା ହାତୀପଲକୁ ଘଉଡ଼ାଇବା ଏବଂ ସୁରକ୍ଷା ଦେବାରେ ଅବହେଳା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ବାଣ୍ଡାପିପିଲି କନ୍ଧସାହି, କଲୋନୀ ସାହି ଇତ୍ୟାଦି ଗ୍ରାମରେ ରହି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଅପରପକ୍ଷେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଆବଶ୍ୟକ ପ୍ରକ୍ରିୟାରେ ସହଯୋଗ କରିବାରେ ବନବିଭାଗ ବିଫଳ ହୋଇଥିବା କ୍ଷତିଗ୍ରସ୍ତ ଚାଷୀ ବିଶ୍ୱନାଥ ଖୋସଲା, ଝିରିପାଣି ମାଝୀ ଓ ସାନି ମାଝୀ ଅଭିଯୋଗ କରିଛନ୍ତି। ଗତକାଲି ଠାରୁ ବିଭାଗ ନିକଟରେ ହାତୀପଲ ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ଥିଲେ ମଧ୍ୟ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଗଲା ନାହିଁ କିମ୍ବା ସତର୍କ ସୂଚନା ଦିଆଯାଇଥିଲେ ବର୍ଷକର ଫସଲ ପୁଞ୍ଜି ନଷ୍ଟ ହୋଇନଥାନ୍ତା ବୋଲି କ୍ଷତିଗ୍ରସ୍ତ ଚାଷୀ ସ୍ଥାନୀୟ କର୍ମଚାରୀଙ୍କ ଉପରେ ଦୋଷ ଲଦିଛନ୍ତି। ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଏବଂ ଅବହେଳା ଯୋଗୁ ଗ୍ରାମବାସୀଙ୍କ ଫସଲ ନଷ୍ଟ ହୋଇଛି। କେବେ ବିଭାଗୀୟ ସହାୟତା ମିଳିବ ତାହା କାହାକୁ ଜଣାନାହିଁ। ପରିବାର ପ୍ରତିପୋଷଣ କରିବୁ କେମିତି ବୋଲି ବହୁ ଚାଷୀ ପ୍ରଶ୍ନ କରିଛନ୍ତି।

# ଜି.ଉଦୟଗିରିରେ ତାପମାତ୍ରା ୪.୨ ଡିଗ୍ରୀ



ଜି.ଉଦୟଗିରି,୧୪।୧୨(ସମିସ): କନ୍ଧମାଳ ଜିଲ୍ଲାରେ ଜାରି ରହିଛି ଶୀତ ଲହରୀ। ଏହି କ୍ରମରେ ରାଜ୍ୟର ଶିତଳତମ ସହର ଜି.ଉଦୟଗିରିରେ ଅଧିକ ଶୀତ ଅନୁଭୂତ ହେଉଛି। ଶୁକ୍ରବାର ଏବଂ ଶନିବାର ୨ଦିନ ଧରି ତାପମାତ୍ରା ୩.୧ ରହିଥିବା ବେଳେ ରବିବାର ସର୍ବନିମ୍ନ ତାପମାତ୍ରା ୪.୨ ରହିଥିବା ରେକର୍ଡ କରାଯାଇଛି। ସର୍ବୋଚ୍ଚ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସୁନଥିବା ବେଳେ ରାତି ତାପମାତ୍ରା କମିବାରେ ଲାଗିଛି। ଫଳରେ ଦୁଇଦିନ ହେଲା ଜି.ଉଦୟଗିରି ସହର ସହିତ ଗ୍ରାମାଞ୍ଚଳରେ ତୁଷାରପାତ ଜାରି ରହିଛି। ତୁଷାରପାତ ସହିତ ଶୀତରେ ମଜା ନେବା ପାଇଁ ପ୍ରମୁଖ ପର୍ଯଟନସ୍ଥଳ କାଲିଗାଡୁ ହିଲଟିପ, ସିରିକି ଇକୋପାର୍କ, କଫି ପ୍ଲାଣ୍ଟ, ଗୋଲମରିଚ ବଗିଚା,କଳିଙ୍ଗା ବାଟନିକାଲ ଗାର୍ଡେନ,କଳିଙ୍ଗା ଘାଟି, କଳିଙ୍ଗା ଶିବ ମନ୍ଦିର, କଲିନାୟୁ ଡ୍ୟାମ, ରାଜଗଡା ୱାଟର ଫଲ, ମଧୁଝରି ୱାଟର ଫଲ, ମୁଣ୍ଡା କାଙ୍ଗା ଗୁମ୍ଫା, ଡ଼ଡାସରୁ ବାଘ ଗୁମ୍ଫା, କଟିଙ୍ଗିଆ ଗଡିସିଲା ୱାଟର ଫଲ ଆଦି ପର୍ଯ୍ୟଟନ ସ୍ଥଳରେ ଭିଡ ଜମୁଛି। ବିଶେଷ କରି ଶନିବାର ଏବଂ ରବିବାର ଦିନ ଏ ଗହଳି ଦ୍ୱିଗୁଣିତ ହେଉଥିବା ବେଳେ ସିରିକି ଇକୋ ପାର୍କ ନିକଟରେ ପର୍ଯ୍ୟଟକ ବଣ ଭୋଜି ମଜା ନେଉଥିବା ଦେଖିବାକୁ ମିଳିଛି। ଶୀତକୁ ଦୃଷ୍ଟିରେ ଚଳିତ ବର୍ଷ ଶୀତ ମହୋତ୍ସବ ଆୟୋଜନ ଚାଲିଥିବା ବେଳେ ଜାନୁଆରୀ ୧୯ ରୁ ୨୩ ପର୍ଯ୍ୟନ୍ତ ହେବା ପାଇଁ ସ୍ଥିର ହୋଇଛି।

# ଇସ୍ରୋ ଭ୍ରମଣରେ ଯିବେ ଶିଶୁମନ୍ଦିର ଛାତ୍ରୀ

ପାରଳାଖେମୁଣ୍ଡି,୧୪।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀର ଛାତ୍ରୀ ସାଇଶ୍ରୀ ପଣ୍ଡିତ ୧୩ ଡିସେମ୍ବର ଦିନ ଭୁବନେଶ୍ୱର



ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିଅମ୍‌ରେ ଟାଟା ଷ୍ଟିଲ୍ ଦ୍ୱାରା ଅନୁଷ୍ଠିତ ୟଙ୍ଗ ଆଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶାର ୬୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଚୟନ ହୋଇ ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହା ସହ ସେ ବେଙ୍ଗାଲୁରୁ ସ୍ଥିତ ଇସ୍ରୋ ମହାକାଶ ବିଜ୍ଞାନ କେନ୍ଦ୍ର ଭ୍ରମଣ କରିବାକୁ ଯୋଗ୍ୟତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତାରେ ବିଦ୍ୟାଳୟରେ ଆନନ୍ଦର ଲହରି ଖେଳି ଯାଇଛି। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଉପଦେଷ୍ଟାମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୧୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଫିରିଙ୍ଗିଆ,୧୪।୧୨(ସମିସ): ଫିରିଙ୍ଗିଆ ବ୍ଲକ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ବାର୍ଷିକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫିରିଙ୍ଗିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟ ଅତିଥଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା ଓ ବିକ୍ରମ ମଲିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା ସଭାପତି ବିକ୍ରମ ସିଂ କହଁର, ସମ୍ପାଦକ ଯୋଗେଶ୍ୱର ବେହେରା ଓ ପ୍ରଦୀପ ମଲ୍ଲିକ କରିଥିଲେ। ବନିତା ସ୍ୱାଇଁ, ଅଦୈତ କୁମାର ସାହାଣୀ, ହେମଲତା ମୁଖି ଓ ଗୌରବ କହଁର ସହଯୋଗ କରିଥିଲେ। ସୀମାଞ୍ଚଳ ମୁଖି ଓ ଅଲେଖ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବ୍ଲକ ସ୍ତରୀୟ ବାର୍ଷିକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ପ୍ରତାପ ଚନ୍ଦ୍ର ସାହୁ, ଶିଶିର କାନ୍ତ ଗୌଡ଼, ମନୋରଞ୍ଜନ ମିଶ୍ର, ନୀଳମଣି ସାହୁ, ବୃନ୍ଦାବତୀ ଦେହୁରୀ, ପ୍ରଫୁଲ୍ଲ କୁମାର ସାହୁ ବିଘ୍ନେଶ୍ୱର ପ୍ରଧାନ, ସାଧୁ ଚରଣ ମଣ୍ଡା, ଚକ୍ରଧର ପ୍ରଧାନ, ସୁଭାଷିନୀ ଦିଗାଲ ଓ ଶ୍ୟାମଘନ ତ୍ରିପାଠୀ ସମେତ ୧୨ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଞ୍ଚାସିନ ଅତିଥିମାନେ ଫିରିଙ୍ଗିଆ ବ୍ଲକରେ ଶିକ୍ଷା ଭବନ ନିର୍ମାଣ ସାଙ୍ଗକୁ ବ୍ଲକର ସମସ୍ତ ଶିକ୍ଷକେ ଓ ଶିକ୍ଷୟିତ୍ରୀ ଏକତ୍ର ହୋଇ ଗୋଟିଏ ସ୍ଥାନରେ ଗୁରୁ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

# ଗଜପତି ବ୍ଲଡ୍ ଡୋନର୍ସ ପକ୍ଷରୁ ମେଗା ରକ୍ତଦାନ ଶିବିର

ପାରଳାଖେମୁଣ୍ଡି,୧୪।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଥିବା ଗଜପତି ବ୍ଲଡ ଡୋନର୍ସ ସଂଗଠନ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମହମ୍ମଦ ମୁବାରକ ଅଲ୍ଲୀ ସ୍ୱତନ୍ତ୍ର ଅତିଥି ଭାବେ



ଯୋଗ ଦେଇଥିଲେ। ଗଜପତି ବ୍ଲଡ ଡୋନର୍ସ ସଭାପତି ଜି.ନବୀନ କୁମାର, ଉପସଭାପତି ଏସ୍.ରକ୍ଷଙ୍କ ସମେତ ଜଗତ ମୋହନ ସାହୁ, କ୍ରାନ୍ତି ବେହେରା, କେ.ଶରତ କୁମାର, ସୁଲତାବ ପାଣ୍ଡବ, ସସ୍ମିତା ବେହେରା, କୌଳାସ ବିଶ୍ୱାଳ, ବିଜୟ ମହାପାତ୍ର ସଦସ୍ୟ/ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଓ ସ୍ୱତନ୍ତ୍ର ଅତିଥି ଗଜପତି ବ୍ଲଡ ଡୋନର୍ସର ଏପରି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ରକ୍ତଦାନ କରିବାକୁ ବିଶେଷ କରି ଯୁବସମାଜ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଶିବିରରେ ମୋଟ ୫୪ ୟୁନିଟ ବ୍ଲକ ସଂଗୃହୀତ ହୋଇଥିଲା। ରକ୍ତଭଣ୍ଡାରର ସିନିୟର ଟେକ୍ନିସିୟନ ଖଗେଶ୍ୱର ବେହେରା ଓ ତାଙ୍କ ସହକର୍ମୀ ରକ୍ତ ସଂଗୃହୀତ କରିଥିଲେ।

# ରାମାନୁଜନ କ୍ଲବ ପକ୍ଷରୁ ଗଣିତ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୧୪।୧୨(ସମିସ): ଆଗାମୀ ୨୨ ତାରିଖରେ ଜାତୀୟ ଗଣିତ ଦିବସ ପାଳନ ଅବସରରେ ତଥା ପିଲାଙ୍କ ମଧ୍ୟରେ ଗଣିତ ବିଷୟ ପ୍ରତି ରୁଚି ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାମାନୁଜନ୍ ଗଣିତ କ୍ଲବ୍ ପାରଳାଖେମୁଣ୍ଡି ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣିତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ରାମ ଶଙ୍କର ଗନ୍ତାୟତଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତାରେ



୧୫ଟି ବିଦ୍ୟାଳୟର ୧୪୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୂଲ୍ୟାଙ୍କନ ପରେ କୃତି ପ୍ରତିଯୋଗୀଙ୍କୁ ଜାତୀୟ ଗଣିତ ଦିବସରେ ପୁରସ୍କୃତ କରାଯିବ। ଏହି ଅବସରରେ ରାମାନୁଜନ ମ୍ୟାଥ୍ ମ୍ୟାଟିକ୍ସ କ୍ଲବ୍‌ର ସଦସ୍ୟ ତଥା ଜିଲ୍ଲାର ଗଣିତ ପ୍ରେମୀ ଶିକ୍ଷକ ମନୋଜ କୁମାର ପଣ୍ଡା, ହରିନାଥ ପାତ୍ର, ରମାକାନ୍ତ ପଟ୍ଟନାୟକ, ଆନନ୍ଦ ଶତପଥୀ, ଭବାନୀ ଶଙ୍କର ପଟ୍ଟଯୋଶୀ, ରାମ ଚନ୍ଦ୍ର ମିଶ୍ର, ବବିତା ପୁରୋହିତ, ବିନୋଦିନୀ ପାଣିଗ୍ରାହୀ, ଶ୍ରୀଧର ମିଶ୍ର, ସୁଜ୍ଞାନ ବ୍ରହ୍ମା, ରବି ଚୌଧୁରୀ, ଦ୍ୟୁତିକୃଷ୍ଣ ବେହେରା, ରମାକାନ୍ତ ହୋତା, ପୁରୁଷୋତ୍ତମ ବେହେରା, ନରେଶ ପ୍ରଧାନ, ଶଶିଭୂଷଣ ପଟ୍ଟନାୟକ, ଶ୍ରଦ୍ଧାମୟୀ ପାଢ଼ୀ, ଦେବୀପ୍ରସାଦ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଗାଇଡ୍ ଶିକ୍ଷକ ଉପସ୍ଥିତ ଥିଲେ।

# ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର




ପାରଳାଖେମୁଣ୍ଡି,୧୪।୧୨(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ସମରଝୋଳ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଏହି ଶିବିର ହୋଇଥିଲା। ଶିବିରକୁ ପୂର୍ବତନ ଗୁରାଣ୍ଡି ସରପଞ୍ଚ ତଥା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ କୁମାର ସାମଲ ଉଦଘାଟନ କରିଥିବା ବେଳେ ଗୁରାଣ୍ଡି ସରପଞ୍ଚ ଶିଲ୍ପା ପାତ୍ର, ସମିତିସଭ୍ୟା ପି. ମିନାକ୍ଷୀ, ନାଏବ ସରପଞ୍ଚ ରୁକୁମା ମାଝି ଓ ସମାଜସେବୀ ନଳିନୀକାନ୍ତ ପାତ୍ର ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ଚକ୍ଷୁ ପ୍ରତିସରଣ ଦୋଶ, କଳାମୋତିଆ ବିନ୍ଦୁ (ଗ୍ଲୁକୋମା), ପରଳ ଓ ଡାଇବେଟିକ୍, ଚକ୍ଷୁରୋଗର ପରୀକ୍ଷଣ ନିଃଶୁଳ୍କ କରାଯାଇଥିଲା। ଏଥିରେ ମୋଟ ୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୫ ଜଣଙ୍କୁ ରିହାତି ମୂଲ୍ୟରେ ଚଷମା ପ୍ରଦାନ କରଯାଇଥିଲା। ସେହିପରି ପାଞ୍ଚ ଜଣଙ୍କୁ ମାଗଣା ଅପରେସନ ନିମନ୍ତେ ପଠାଇ ଦିଆଯାଇଛି। ଚିକିତ୍ସାଳୟର କର୍ମଚାରୀ ପରିଚାଳନା କରିଥିବା ବେଳେ ଗୁରାଣ୍ଡି ଅଞ୍ଚଳର ସମାଜସେବୀ ଉମାଶଙ୍କର ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟ ସ୍ତରୀୟ ଭଲିବଲ୍‌ରେ ଦାରିଙ୍ଗବାଡ଼ି ଚାମ୍ପିଅନ୍



ଚକାପାଦ,୧୪।୧୨(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଖୁଡୁତେନ୍ତୁଳିରେ ଗୌରୀ ଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ଗତ ୯ ତାରିଖରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଦାରିଙ୍ଗବାଡି ଦଳ୨-୧ ସେଟରେ ରାଣ୍ଡମ ସିକ୍ସକୁ ହରାଇ ଚାମ୍ପିଆନ ହୋଇଛି। ବିଜେତା ତଥା ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଦଳକୁ ମଧ୍ୟ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଚକାପାଦ ପଂଚାୟତ ସମିତି ଅଧ୍ୟକ୍ଷା ବୈନେତ୍ରୀ କହଁର, ଚକାପାଦ ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରେମାନନ୍ଦ ପ୍ରଧାନ, କୁସୁମେଣ୍ଡିର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର, ଅବସରପ୍ରାପ୍ତ ପୁଲିସ ଅଧିକାରୀ ସୁଧୀର ରଞ୍ଜନ ଦିଗାଲ ଯୋଗ ଦେଇଥିଲେ। କମିଟି ସଭାପତି ମଞ୍ଚ ପରିଚାଳନା କରିଥିଲେ। ଆଜି ଫାଇନାଲ ମ୍ୟାଚରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚକାପାଦ ମଣ୍ଡଳ ସଭାପତି ସର୍ବେଶ୍ୱର ପ୍ରଧାନ, ସାଂସଦ ପ୍ରତିନିଧି ତଥା ପସରା ଗ୍ରାମପଂଚାୟତ ସରପଞ୍ଚ ସୁମନ୍ତ ମଲିକ, ବିଧାୟକ ପ୍ରତିନିଧି ଗଣେଶ ପ୍ରଧାନ ଯୋଗ ଦେଇ ଖେଳାଳିଙ୍କୁ ତଥା ଗୌରୀ ଶଙ୍କର ଯୁବକ ସଂଘର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ତ୍ରିପାଠୀ ଦିଗାଲ ଭାଷ୍ୟକାର ଥିବାବେଳେ ଉପଦେଷ୍ଟା କମିଟିର ସୁଧୀର ରଞ୍ଜନ ଦିଗାଲ, ଗୋପବନ୍ଧୁ ଦାସ, କାହ୍ନୁ ଚରଣ ପୃଷ୍ଟି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନାରେ ସହଯୋଗ କରିଥିଲେ।

# ସଂକୁଳସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ଜି.ଉଦୟଗିରି,୧୪।୧୨(ସମିସ): ଜି.ଉଦୟଗିରି ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟରେ ଫୁଲବାଣୀ ସଙ୍କୁଳର ସଂକୁଳସ୍ତରୀୟ କ୍ରୀଡ଼ା ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଜୟ କୁମାର ବିଶି ଛାତ୍ର ଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହିତ ଉତ୍ସାହିତ କରିଥିଲେ। ଫୁଲବାଣୀ ସଂକୁଳ ଅନ୍ତର୍ଗତ ସମସ୍ତ ଶିଶୁ ମନ୍ଦିରର ଶିଶୁ, ବାଲ୍ ଓ କିଶୋର ବର୍ଗରୁ ମୋଟ ୧୬ ୯ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଦେବସ୍ମିତା ଶତପଥୀ କ୍ରୀଡାବିତଙ୍କୁ ଉତ୍ସାହିତ କରିବା ସହିତ ସଫଳ କ୍ରୀଡ଼ାବିତଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ପରିଚୟ କରିଥିଲେ। ଦକ୍ଷିଣ- ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଫୁଲବାଣୀ ସଙ୍କୁଳ ପ୍ରମୁଖ ପବିତ୍ର କୁମାର ସାହୁ, ସଙ୍କୁଳ ସଂଯୋଜକ ରାଜେନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମର ମାର୍ଗଦର୍ଶନ ଓ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ବିନୋଦ ବିହାରୀ ଦାସ,ସମ୍ପାଦକ ଶିବରାମ ସାହୁଙ୍କ ସମେତ ସମସ୍ତ ସଦସ୍ୟ ତଥା ଆଚାର୍ଯ୍ୟ ଅଚାର୍ଯ୍ୟା ସହଯୋଗ କରିଥିଲେ।



## ଆଦିବାସୀ ଆବାସିକ ଛାତ୍ରଛାତ୍ରୀଙ୍କ ମଶାରି କିଣାରେ ଦୁର୍ନୀତି ଅଭିଯୋଗ ଘଟଣା

# ଜିଲ୍ଲା ଓ ବ୍ଲକ ଅଧିକାରୀଙ୍କ କଥାରେ ରହୁନି ତାଳମେଳ

ରାୟଗଡ଼,୧୪।୧୨(ସମିସ):

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଆଦିବାସୀ ବିଦ୍ୟାର୍ଥୀଙ୍କ ପାଇଁ ଆସିଥିବା ମଶାରି କିଣା ଟଙ୍କା ହେରଫେର ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ଙ୍କ କାର୍ଯ୍ୟ ଦକ୍ଷତା ଓ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ସଲମାନ ରାଇକା ଓ ରାୟଗଡ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ବିଡବ୍ଲୁଇଓ) ବିଷ୍ଣୁ ପ୍ରସାଦ ସେଠୀଙ୍କ ବକ୍ତବ୍ୟରେ ତାଳମେଳ ରହୁନଥିବା ବେଳେ ମଶାରି ହେରଫେର ଘଟଣାର ସତ୍ୟାସତ୍ୟକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଶନିବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ଡିଡବ୍ଲ୍ୟୁଓ ଶ୍ରୀ ରାଇକା ଏଭଳି ଘଟଣା ତାଙ୍କ ନଜରକୁ ଆସିନାହିଁ। ଏ ପ୍ରକାର ଅନିୟମିତତା ହେବା କଥା ନୁହଁ। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣ ମାଧ୍ୟମକୁ ସଫେଇ ଦେଇଥିବା ବେଳେ ରାୟଗଡ ବ୍ଲକ ଡବ୍ଲ୍ୟୁଇଓ ଶ୍ରୀ ସେଠୀ ମଶାରି ସଠିକ ଭାବେ ଦିଆ ଯାଇନଥିବା କଥାକୁ ସ୍ୱୀକାର କରି ବ୍ଲକର ୮ ଆବାସିକ ବିଦ୍ୟାଳୟର ଜମାଖାତାକୁ ମଶାରି କିଣା ପାଇଁ ଟଙ୍କା ଆସିଥିଲା। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱରସ୍ଥିତ ଗ୍ରୀନ ଓଡ଼ିଶା ସର୍ଭିସେସ ବ୍ୟବସାୟିକ ସଂସ୍ଥା ନାମରେ ସମସ୍ତ ଟଙ୍କା ଜମା କରାଯାଇଥିଲା। ସେ କେବଳ ନୁହନ୍ତି ଗଜପତି ଜିଲ୍ଲାର ସମସ୍ତ ଡବ୍ଲ୍ୟୁଇଓ ମଧ୍ୟ ନିର୍ଦ୍ଦେଶ ମାନିଛନ୍ତି। ଅଗଷ୍ଟ ମାସରେ ମଶାରି ଆସିବାରୁ ହୀରାପୁର କନ୍ୟାଶ୍ରମକୁ ଏକ ଶହ ମଶାରି ଦିଆଯାଇଥିବା ବେଳେ ଅନ୍ୟ ସାତ ସ୍କୁଲକୁ କିଛି କିଛି ଦିଆଯାଇଛି। ପୁନର୍ବାର ମଶାରି ଆସିଲେ ଅବଶିଷ୍ଟ ଦିଆଯିବ ବୋଲି କହିଛନ୍ତି। ସେ ଓ ରାୟଗଡ ବ୍ଲକର ସମସ୍ତ ପ୍ରଧାନଶିକ୍ଷକ ନିଜ ଇଚ୍ଛାରେ ଏଭଳି କାର୍ଯ୍ୟ କରିନାହୁଁ। ଯାହା କିଛି ହୋଇଛି ତାହା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଜାଣତରେ ଓ ତାଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ହୋଇଛି ବୋଲି କହିଛନ୍ତି। ତେବେ ଉଭୟ ଅଧିକାରୀଙ୍କ ମତାମତରେ ତାଳମେଳ ରହୁନଥିବା ବେଳେ ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି କୁହାଯାଇଛି।

ପ୍ରକାଶ ଯେ, ଗଜପତି ଜିଲ୍ଲା ରାୟଗଡ ବ୍ଲକରେ ଥିବା ଏସ୍‌ଏସ୍‌ଡି ବିଭାଗୀୟ ଆଠ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଶାରି କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ତେବେ ବିଭାଗୀୟ ଅଧିକାରୀ ମାନଙ୍କ ଚାପରେ ଏହି ପ୍ରକାର ଘୋଟାଲା ହୋଇଥିବା ଆଶଙ୍କା କରାଯାଉଛି। ଏଥିର ନିରପେକ୍ଷ ଓ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ମଶାରି କିଣା କାଗଜ କଲମ ଓ ମିଥ୍ୟା ବିଲ୍ ଭାଉଚରରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଉକ୍ତ ମଶାରି କିଣା ଜମାଟଙ୍କା ଉଠାଣ କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଣିବାକୁ ନିର୍ଦ୍ଦେଶ ଥିବା ବେଳେ ଯୁଗ୍ମ ଜମା ଖାତାରେ ଟଙ୍କା ଜମା ହେଲା ପରେ ବିଭାଗୀୟ ଅଧିକାରୀଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ପ୍ରଧାନଶିକ୍ଷକ ଭୁବନେଶ୍ୱର ସ୍ଥିତ ଗ୍ରୀନ୍ ଓଡ଼ିଶା ସର୍ଭିସେସ୍ ଠିକା ସଂସ୍ଥାକୁ ଏନ୍‌ଇଏଫଟି କରିବାକୁ ବାଧ ହୋଇଥିଲେ। ଏଥିରେ କିଛି ଶିକ୍ଷକ ଆପତ୍ତି କରିବାରୁ ସଂପୃକ୍ତ ଅଧିକାରୀଙ୍କ ଚାପ ଯୋଗୁଁ ଅନିଚ୍ଛା ସତ୍ତ୍ୱେ ଉକ୍ତ ବ୍ୟବସାୟୀ ସଂସ୍ଥାକୁ ଟଙ୍କା ଦେଇଥିବା ପ୍ରଧାନଶିକ୍ଷକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍‌ଲାଇନରେ ଟଙ୍କା ନେବାର ପ୍ରାୟ ଏକ ମାସ ପରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ସେଠୀ ଶିକ୍ଷକଙ୍କୁ ବ୍ଲକକୁ ଡ଼ାକି କିଛି କିଛି ମଶାରି ଦେଇଥିଲେ। ତେବେ ଶିକ୍ଷକ ମାନେ ଏତେ କମ୍ ସଂଖ୍ୟାରେ ମଶାରି ନଦେଇ ଯେତକ ଟଙ୍କା ଡିପୋଜିଟ କରାଯାଇଛି ସେତକ ମଶାରି କାହିଁକି ଦିଆଯାଉନି ବୋଲି ପଚାରିବାରୁ ଆଉ କିଛିଦିନ ପରେ ଆସିବ ବୋଲି କହି ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ତେବେ ଟଙ୍କା ନେବାର ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅବଶିଷ୍ଟ ମଶାରି ମିଳୁନାହିଁ। ମଶାରି କିଣାରେ ଏ ପ୍ରକାରର ଘୋଟାଲା କେବେଳ ରାୟଗଡ ବ୍ଲକରେ ନୁହେଁ ଜିଲ୍ଲାର ଅନ୍ୟ ବ୍ଲକ ମାନଙ୍କରେ ମଧ୍ୟ ଦୁର୍ନୀତିର ଗନ୍ଧ ବାରି ହୋଇଥିବା ବୁଦ୍ଧିଜିବୀ ଓ ଶିକ୍ଷାବିତ୍ ମାନେ ଆଶଙ୍କା କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରୁଛନ୍ତି। ହେଲେ ଉଭୟ ଅଧିକାରୀଙ୍କ ମତାମତରେ ତାଳମେଳ ନ ଥିବାରୁ ଉକ୍ତ ମଶାରି କିଣା ହେରଫେର ଘଟଣାକୁ ଲୁଚାଇବାକୁ ବିଭାଗୀୟ ଅଧିକାରୀ ଗତ ଦିନ ମାନଙ୍କରେ ଚାପ ପକାଇ ଟଙ୍କା ନେଲା ଭଳି ପୁନର୍ବାର ଚାପ ପକାଇବେନିତ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି।

# ପାରାଦୀପ ଗଡ଼ରେ ଚକ୍ଷୁ ଚିକିତ୍ସା ଶିବିର



ପାରାଦୀପ,୧୪।୧୨(ସମିସ): ଜଗତସିଂହପୁର ଭୂମିକା ଚକ୍ଷୁ ଡାକ୍ତରଖାନା ସହାୟତାରେ ଆଜି ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬୧ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଅସ୍ତ୍ରୋପ୍ରଚାର ନିମନ୍ତେ ଭୂମିକା ହସ୍ପିଟାଲ ଜଗତସିଂହପୁରକୁ ନିଆଯାଇଛି। ସେମାନଙ୍କର ଚକ୍ଷୁ ଅସ୍ତ୍ର ପ୍ରଚାର କରାଯିବା ସହିତ ରହିବା, ଖାଇବା ଓ ଯିବା ଆସିବା ଖର୍ଚ୍ଚ ଭୂମିକା ହସ୍ପିଟାଲ ବହନ କରିବ ବୋଲି ହସ୍ପିଟାଲର ମ୍ୟାନେଜ ବୈଲୋଚନ ସ୍ୱାଇଁ କହିଛନ୍ତି। ଏହି ଚକ୍ଷୁ ଚିକିତ୍ସା ଶିବିରକୁ ବିବେକାନନ୍ଦ ବେହେରା ଓ ଶିକ୍ଷା ବେହେରା ପ୍ରୋତ୍ସାହିତ କରିଥିଲା ବେଳେ ଶୁଭଜ୍ୟୋତି ସେଠୀ, ମୌସୁମୀ ମଲ୍ଲିକ, ମଧୁସ୍ମିତା କାଣ୍ଡି, ସୋନି ପ୍ରଧାନ, ପ୍ରଜ୍ଞାପରମିତା ଭୋଇ, ଅଜୟ କୁମାର ଦାସ ପ୍ରମୁଖ ଶିବିର କୁ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ଚୌଧୁରୀ, ବିଚିତ୍ର ପ୍ରଧାନ, ପ୍ରଭାତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅଧ୍ୟାପକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ଛାତ୍ରଛାତ୍ରୀଙ୍କ ଧାରଣା, ରାସ୍ତାରୋକ

କୁଜଙ୍ଗ,୧୪।୧୨(ସମିସ):

କୁଜଙ୍ଗ ମହାବିଦ୍ୟାଳୟର ଆଇଟି ଅଧ୍ୟାପକଙ୍କ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖା ଦେବା ସହ ଛାତ୍ର ଛାତ୍ରୀ ଧାରଣା ଦେଇ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ଗତକାଲି ପାରାଦୀପ ଜିରୋ ପଏଣ୍ଟ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲି ଯାଇଥିଲା କଲେଜ ଅଧ୍ୟାପକ ଅଜୟ ରାଉତଙ୍କ ଜୀବନ। ଆଜି କ୍ଷତିପୂରଣ ଦାବିରେ କୁଜଙ୍ଗ କଲେଜ ଛାତ୍ରଛାତ୍ରୀ ଓ ପରିବାର ପକ୍ଷରୁ କୁଜଙ୍ଗ ସନ୍ତରା ଛକରେ କଟକ ପାରାଦୀପ ରାସ୍ତା ଅବରୋଧ କରି ପ୍ରତିବାଦ କରାଯାଇଛି। ଅଜୟ ନିଜ ସ୍କୁଟିରେ ଘରୁ କୌଣସି କାର୍ଯ୍ୟ ବଶତଃ ପାରାଦୀପକୁ ଯାଉଥିବା ସମୟରେ ଜିରୋ ପଏଣ୍ଟ ନିକଟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ସ୍ଥାନରେ ଠିକା ସଂସ୍ଥା ରାସ୍ତାକୁ ବ୍ଲକ କରି ଅନ୍ଧାରୁଆ ସ୍ଥାନ ଦେଇ ଗୋଟିଏ ପଟେ ଗାଡ଼ିକୁ ଯାତାୟାତ କରିବାକୁ ଛାଡିଥିବା ବେଳେ ବିପରୀତ ଦିଗରୁ ଅର୍ଥାତ୍ ପାରାଦୀପରୁ ଚଣ୍ଡିଖୋଲ ଅଭିମୁଖେ ଏକ ଖାଲି ଟ୍ରକ୍ ଦ୍ରୁତ ଗତିରେ ଯାଉଥିବା ବେଳେ ରାସ୍ତା



ସଙ୍କୁଚିତ ହୋଇଥିବାରୁ ଭାରସାମ୍ୟ ହରେଇ ସ୍କୁଟି ଚାଳକକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସ୍କୁଟି ଚଳାଉଥିବା ଅଧ୍ୟାପକ ମୃତ୍ୟୁବରଣ କରିଥିଲେ। ଘଟଣାକୁ ନେଇ ଆଜି ସନ୍ତରା ଛକ ଠାରେ ଉତ୍ତେଜନା ଦେଖାଦେଇଛି। କଲେଜ ଛାତ୍ରଛାତ୍ରୀ କଟକ ପାରାଦୀପ ରାସ୍ତା ଅବରୋଧ କରି ଧାରଣାରେ ବସି ରହିଥିବା ବେଳେ ଘଟଣାସ୍ଥଳରେ ଆଡସିନାଲ୍ ଏସପି, ତିର୍ତ୍ତୋଲ ଏସ୍‌ଡିପିଓ, ତହସିଲଦାରଙ୍କ ସମେତ କୁଜଙ୍ଗ ଥାନା ଅଧିକାରୀ ଓ ଲକ୍ ଥାନା ଅଧିକାରୀ ପହଞ୍ଚି ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି।

# ବକ୍ତୃତା ପ୍ରତିଯୋଗିତା ଓ କବିତା ପାଠ ଉତ୍ସବ



ବାଲିକୁଦା,୧୪।୧୨(ସମିସ): ବାଲିକୁଦା ବ୍ଲକ କରମଙ୍ଗସ୍ଥିତ ସାରଳା ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶୁଦ୍ରମୁନି ସାରଳା ଦାସଙ୍କ ୬୦୦ତମ ଜନ୍ମ ବାର୍ଷିକ ଅବସରରେ ବୁଦ୍ଧିଜୀବୀ ପରିଷଦ ଜାଗ୍ରତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଅନ୍ୱେଷା ମହାନ୍ତି ପ୍ରଥମ ସ୍ଥାନ, ସୁପ୍ରଭା ରାଉତ ଦ୍ୱିତୀୟ ଓ ଅଙ୍କିତା ରଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ପାଠ ଉତ୍ସବରେ ଲକ୍ଷ୍ମୀପ୍ରିୟା ରାଉତ ପ୍ରଥମ, ପାୟଲ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କବିତା ପାଠ ଉତ୍ସବର ସଂଯୋଜନା କବି ପୂର୍ଣ୍ଣାନନ୍ଦ ମହାନ୍ତି କରିଥିବା ବେଳେ କବି ରମେଶ ଚନ୍ଦ୍ର ବହିରା କବିତା ସମୀକ୍ଷା କରିଥିଲେ। ବିଚାରକ ଭାବେ ଅନନ୍ତ ମଲ୍ଲିକ ଓ ଗଙ୍ଗାଧର ଖଟୁଆ ଛାତ୍ରଛାତ୍ରୀଙ୍କ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟଅଧ୍ୟକ୍ଷ ଡ. ଅଜୟ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ଡ. କବିତା ମିଶ୍ର, ମୁଖ୍ୟବକ୍ତା ଭାବେ ଡ. ସୁପ୍ରଭା ବାରିକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ଶିକ୍ଷାବିତ୍ ଡ. ବିଷ୍ଣୁ ଚରଣ ସ୍ୱାଇଁ, ମହେଶ କୁମାର ଚୌଧୁରୀ, ଗନ୍ଧର୍ବ ସାଉ, ହୃଷୀକେଶ ଚଇନି ପ୍ରମୁଖ ଯୋଗ ଦେଇ ସାରଳା ଦାସଙ୍କ ସ୍ମୃତିଚାରଣ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କବି କୃଷ୍ଣଚନ୍ଦ୍ର ଦାସ ଙ୍କ ଦ୍ୱାରା ରଚିତ "ଚେନାଏ ଚେତନା' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବୁଦ୍ଧିଜୀବୀ ପରିଷଦ ଉପଦେଷ୍ଟା ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ପଦ୍ମଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବାବୁ ଚରଣ ଭୋଳ, ସରୋଜ ନଳିନୀ ତ୍ରିପାଠୀ, କୃଷ୍ଣଚନ୍ଦ୍ର ମଲ୍ଲିକ, ଅଶୋକ କୁମାର ମହାନ୍ତି, ଆଲୋକ ମିଶ୍ର, ପ୍ରାଚୀତାରା ମୁଦୁଲି, ବୃନ୍ଦାବନ ମିଶ୍ର, ଡ. ବୈଷ୍ଣବ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ।

# ଦୁର୍ଘଟଣା ପୀଡ଼ିତଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ,୧୪।୧୨(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଗ୍ରାମର ରେଳ ଦୁର୍ଘଟଣା ପୀଡ଼ିତ ବିଶ୍ୱଭୂଷଣ ସାହୁଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ବିଶ୍ୱଭୂଷଣ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି। ଗତ କିଛି ଦିନ ତଳେ ତାଙ୍କର ରେଳ ଦୁର୍ଘଟଣାରେ ଦୁଇଟି ଗୋଡ କଟିଯାଇଛି। ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ। ଅର୍ଥାଭାବରୁ ନିଜର ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ ଏବଂ ସମ୍ବିତ ଦାସ ପ୍ରମୂଖ ବିଶ୍ୱଭୂଷଣଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

# ରାହାମାରେ ବାଲ୍ ଶିବିର ଓ ପ୍ରତିଭା ସମ୍ବର୍ଦ୍ଧନା



କୁଜଙ୍ଗ,୧୪।୧୨(ସମିସ): କୁଜଙ୍ଗ ମଣ୍ଡଳ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତାଳପଡା, ରାହାମା ପରିସରରେ ଏକ ବାଲଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ସ୍ମୃତିରଞ୍ଜନ ରାୟ ସାମୂହିକ ଯୋଗ ଓ ପ୍ରାଣାୟାମ କରାଇଥିଲେ। ଏହାପରେ ସମସ୍ତେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ହିମାଂଶୁ ଭୂଷଣ ସାହୁଙ୍କ ଦ୍ୱାରା ଶିବିର ଉଦ୍‌ଘାଟନ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ସଞ୍ଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥି ଶିବିରର ଆଭିମୁଖ୍ୟ ପ୍ରକାଶ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପକ କୁମାର ଦାସ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ଏହି ଶିବିରର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଅନ୍ୟତମ ଅତିଥି ଅବସର ପ୍ରାପ୍ତ ସେନା ଅଧିକାରୀ ନରୋତ୍ତମ ସେଠୀ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡ଼ା ଅତିଥିମାନଙ୍କ ସହ ପୁରସ୍କାର ବିତରଣ କରିଥିଲେ। ଅଖା ଦୌଡ଼, ବାଇଗଣ ଦୌଡ଼, ଅମୃତ କଳସ, ସଙ୍ଗୀତ ସମାରୋହ ତଥା ସମାଜଧର୍ମୀ ନାଟକ ପ୍ରଦର୍ଶନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୧୪୪ ଜଣ ଶିଶୁ ଭାଇ,୧୭ ଜଣ ଗୁରୁଜୀ ଗୁରୁମା, ୪ଜଣ ସେବକ ସେବିକା ଅଂଶ ଗ୍ରହଣ କରିଥିଲେ।

# ହୃଦ୍‌ଘାତରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ପାରାଦୀପ,୧୪।୧୨(ସମିସ): ପାରାଦୀପ ବନ୍ଦରକୁ ଲୁହାପଥର ଆଣି ଆସିଥିବା ଜଣେ ଟ୍ରକ୍ ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ପୁଲିସର ସୂଚନା ଅନୁଯାୟୀ ଟ୍ରକ୍ ଡ୍ରାଇଭର ଗତକାଲି ରାତିରେ ପାରାଦୀପ ଆସି ଜେଏସ୍‌ଡବ୍ଲୁ ପାର୍କିଂରେ ରହିଥିଲା। ଆଜି ସକାଳୁ ପ୍ଲଟର କର୍ମଚାରୀମାନେ ସାଇଟରେ ମାଲ ଅନ୍‌ଲୋଡିଂ ପାଇଁ ଉକ୍ତ ଟ୍ରକ ଡ୍ରାଇଭରକୁ ଡାକିବା ସମୟରେ ଟ୍ରକର ଡୋର କେହି ଖୋଲି ନଥିଲେ। ତେବେ ସନ୍ଦେହରେ ପ୍ଲଟ କର୍ମଚାରୀମାନେ ଡୋର ଖୋଲି ଡ୍ରାଇଭର ଶୋଇଥିବାର ଦେଖିଥିଲେ। ପରେ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡ୍ରାଇଭର ଜଣଙ୍କ ପଶ୍ଚିମବଙ୍ଗର ମୁସାରଫ ହୁସେନ (୪୫) ବୋଲି ଜଣାପଡିଛି। ସେ ବଡ଼ବିଲ ଅଞ୍ଚଳରୁ ସନ୍ତୁକା ଟ୍ରାନ୍ସପୋର୍ଟରୁ ମାଲ ଲୋଡ୍ କରି ପାରାଦୀପ ଆସିଥିଲା। ଖବର ପାଇ ପରିବାର ଲୋକେ ଆସି ପାରାଦୀପରେ ପହଞ୍ଚିଥିଲେ। ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ପକ୍ଷରୁ କ୍ରିକେଟ ମ୍ୟାଚ୍

ଜଗତସିଂହପୁର,୧୪।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗର ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସଂଘର ପୁରାତନ ଓ ନିୟମିତ ଖେଳାଳିଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଟି-୨୦କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପୁରାତନ ଖେଳାଳି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭର୍ ମଧ୍ୟରେ ୪ ଗୋଟି ୱିକେଟ ବିନିମୟରେ ଦଳ ୧୩୭ ରନ୍ କରିଥିଲା। ଦଳପକ୍ଷରୁ ଦୁର୍ଗା ଦାସ ସର୍ବାଧିକ ୩୭ ରନ୍, ଅଶୋକ ଦାସ ୨୮ ରନ୍ ଓ ପ୍ରକାଶ ଦାଶ ୨୦ ରନ୍ କରିଥିଲେ। ଜୁନିଅର ଟିମ୍ ପକ୍ଷରୁ ରମାକାନ୍ତ ଚୌଧୁରୀ ୨ଟି ୱିକେଟ ନେଇଥିଲେ। ୧୩୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମାତ୍ର ୧୨ ଓଭର୍‌ରେ ୩ ଗୋଟି ୱିକେଟ ହରାଇ ଜୁନିଅର ଟିମ୍ ମ୍ୟାଚ୍ ଟିକୁ ଜିତି ନେଇଥିଲା। ଦଳ ପକ୍ଷରୁ ସୁମିତ ବେହେରା ସର୍ବାଧିକ ୪୦ ରନ୍, ରମାକାନ୍ତ ଚୌଧୁରୀ ଅପରାଜିତ ୩୫ ରନ୍, ବିଶ୍ୱଜିତ୍ ପାଇକରାୟ ୧୫ ରନ୍ କରିଥିଲେ। ପୁରାତନ ଟିମ୍ ପକ୍ଷରୁ ତ୍ରିଲୋଚନ ବେହେରା ୨ଟି ୱିକେଟ ନେଇଥିଲେ। ମ୍ୟାଚ୍ ସରିବା ପରେ ପୁରାତନ ଖେଳାଳିମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମୀ ନାରାୟଣ ମିଶ୍ର, ଅକ୍ଷୟ ପାତ୍ର, ଅଶୋକ ଦାସ, ଅସୀମ ବାନାର୍ଜୀ, ବଦ୍ରି ମହାନ୍ତି, କୃଷ ବାନାର୍ଜୀ, ଶରତ ସାହୁ, ସିତେଶ ପାଲ ଓ ତ୍ରିଲୋଚନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭାଟିକୁ ସଂଘର ଉପଦେଷ୍ଟା ଶାରଦା ରଣା ପରିଚାଳନା କରିଥିବା ବେଳେ ସଂଘର ସମ୍ପାଦକ ରଜନୀକାନ୍ତ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏଥିରେ ଅନେକ ପୁରୁଣା ଓ ବର୍ତ୍ତମାନ ଖେଳୁଥିବା କ୍ରିକେଟର ମାନେ ଯୋଗ ଦେଇଥିଲେ। ବିଶେଷକରି ନିଶା ସେବନ ଠାରୁ ଦୂରେଇ ରହି ନିଜକୁ ସୁସ୍ଥ ଓ ନିରୋଗ ରଖିବା ସହିତ ଜୀବନର ପ୍ରକୃତ ଲକ୍ଷ୍ୟସ୍ଥଳରେ କିପରି ପହଞ୍ଚି ହେବ ତାହାହିଁ ଜୟ ଦୁର୍ଗା ଯୁବ ଓ କ୍ରୀଡା ସଂଘ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ବୋଲି ସମ୍ପାଦକ ରଜନୀକାନ୍ତ ଚୌଧୁରୀ କହିଥିଲେ। ଉକ୍ତ ମ୍ୟାଚ୍ ଟିକୁ କ୍ରିଶ ଗ୍ରହଚର୍ଯ୍ୟ, ସାଇକୃଷ୍ଣ ଦାଶ, ଜୟ ମିଶ୍ର, ଟୁଙ୍ଗୁ ଦାଶ, ଗଣେଶ ଦାଶ, କାର୍ତ୍ତିକ ଦାଶ, ଅଭିଜିତ ଚୌଧୁରୀ, ବଖଡ ଦାସ, ଶରତ ଦାସ, ନନ୍ଦ ଦାଶ, ସୌମ୍ୟ ରଂଜନ ସାହୁ, ବାସୁଆ ସାହୁ, ଗୁଡୁ ସାହୁ ,ସନ୍ତୋଷ ସାହୁ ଓ ଅରବିନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।



# ଦେଶୀ ମଦ ଜବତ; ଜଣେ ଗିରଫ

ଜଗତସିଂହପୁର,୧୪।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ହାଟବଜାର ନିକଟରେ ଚଢ଼ାଉ କରି ୪୯ ବୋତଲ (୯.୮ଲିଟର) ଦେଶୀ ମଦ ଜବତ କରିଛି ପୋଲିସ। ଏଥି ସହିତ ଚୋରା ମଦ ବେପାରୀ ଗାଲୁପଡାର ରଞ୍ଜନ ଦାସକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

# ସମୁଦ୍ର ତଟ ସଫେଇ; ମିଳିଲା ବିରଳ ପ୍ରଜାତିର ମାଛ

ପାରାଦୀପ,୧୪।୧୨(ସମିସ): ପାରାଦୀପ କଲେଜ ଏନ୍‌ସିସି ଆଲୁମୁନି ଆସୋସିଏସନ୍ ପକ୍ଷରୁ ପାରାଦୀପ ସମୁଦ୍ର ତଟରେ ଆଜି ୭୬ତମ ସାପ୍ତାହିକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ କଲେଜର ଏନ୍‌ସିସି କ୍ୟାଡେଟ, ଏନସିସି ଆଲୁମିନି ସଦସ୍ୟ ମାନେ ଉତ୍ସାହିତ ଭାବେ ଯୋଗ ଦେଇ ସବୁ ସପ୍ତାହ ଭଳି ଆଜି ରବିବାର ଉପସ୍ଥିତ ହୋଇ ସମୁଦ୍ର ତଟକୁ ପରିଷ୍କାର କରିଥିଲେ।



ଯେହେତୁ ବର୍ତ୍ତମାନ ପର୍ଯ୍ୟଟକ ଋତୁର ଆଗମନ ହୋଇଛି। ତେଣୁ ଏହି ଅଭିଯାନ ସମୟରେ ବହୁ ପରିମାଣର ପ୍ଲାଷ୍ଟିକ ସହ ଅନାନ୍ୟ ସାମଗ୍ରୀ ସଂଗ୍ରହ କରାଯାଇ ଥିଲା। ଜଳଜୀବ ପ୍ରଦୂଷିତ ନହେବା ଲକ୍ଷ୍ୟରେ ସଙ୍ଗଠନ ପ୍ରତ୍ୟକ ସପ୍ତାହର ଗୋଟିଏ ଛୁଟି ଦିନ ରବିବାର ଏପରିକି କରାଯାଉଛି। ଏହି ଅଭିଯାନ ସମୟରେ ଏକ ଦୁର୍ଲଭ ବିରଳ ପ୍ରଜାତିର ପଫର୍ ମାଛ ମରି ପଡିଥିବା ସଦସ୍ୟ ମାନେ ଦେଖିବାକୁ ପାଇଥିଲେ।ଏହି ବିରଳ ପ୍ରଜାତିର ମାଛକୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ମାଟି ତଳେ ପୋତି ଦିଆଯାଇଛି। ନଚେତ ଏହି ସାମୁଦ୍ରିକ ଜୀବଙ୍କୁ ଅନ୍ୟ ପଶୁପକ୍ଷୀମାନେ ଭିଡି ଖାଇବା ସହିତ ପରିବେଶକୁ ଦୂଷିତ କରିଥାନ୍ତି। ଏହି ଘଟଣା ପରାଦୀପ ଉପକୂଳର ସମୃଦ୍ଧ ସାମୁଦ୍ରିକ ଜୀବଙ୍କ ପ୍ରତି ବିପଦକୁ ପ୍ରମାଣ କରେ।

# ବିଭିନ୍ନ ସ୍ଥାନରେ ପୂର୍ବତନ ମନ୍ତ୍ରୀଙ୍କ ଜୟନ୍ତୀ







ଏରସମା,୧୪।୧୨(ସମିସ):

ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତଙ୍କ ୮୪ତମ ଜୟନ୍ତୀ ଉତ୍ସବ ଏରସମା ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ଯଯାତି କେଶରୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପୂଜ୍ୟପୂଜା ସଂସଦ ଏରସମାର ସଭାପତି ପଣ୍ଡିତ ନାଗୁଚରଣ ଦେବତା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱର୍ଗତ ରାଉତଙ୍କ କନ୍ୟା ପ୍ରୀତିନନ୍ଦା ରାଉତରାୟ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂଜ୍ୟପୂଜା ସଂସଦର ସମ୍ପାଦକ ମହେଶ୍ୱର ସ୍ୱାଇଁ, ସମାଜସେବୀ ଧୀରେନ୍ଦ୍ର ଚୌଧୁରୀ, ପୂର୍ବତନ ସରପଞ୍ଚ ଦୀପ୍ତିରଞ୍ଜନ କୁଁଅର, ତପନ କୁମାର ଗୋଛାୟତ, ବିଜେଡି ଉପସଭାପତି ବିଜୟ ସ୍ୱାଇଁ, ସମାଜସେବୀ ଧ୍ୱଜରାଜ ଖଣ୍ଡୁଆଳ, ବରିଷ୍ଠ ନାଗରିକ ଅରୂପାନନ୍ଦ ସ୍ୱାଇଁ, ଶିକ୍ଷାବିତ୍ ନିମାଇଁ ଚରଣ ମଲ୍ଲିକ, ଅଭୟ କୁମାର ପ୍ରଧାନ, ତୁଷାର କୁମାର ଲେଙ୍କା, କାରୁବାକୀ ନାୟକ, ସୁଷମା ପାତ୍ର, ଦେବେନ୍ଦ୍ର କୁମାର ସେଠୀ, ସ୍ୱର୍ଣ୍ଣଲତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯିବା ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା।

**କୁଜଙ୍ଗ:** ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ୮୪ତମ ଜୟନ୍ତୀ ସମାରୋହ କୁଜଙ୍ଗ ବ୍ଲକ ବାଗୋଇ ପଞ୍ଚାୟତ ଷଣ୍ଢପୁର ସ୍ଥିତ ମୁକ୍ତେଶ୍ୱର ମଣ୍ଡପଠାରେ ପାଳିତ ହୋଇଯାଇଛି। ଡାକ୍ତର ଦାମୋଦରରାଉତଜୟନ୍ତୀକମିଟିପକ୍ଷରୁସଭାପତି ଇଂଜିନିୟର ବିକ୍ରମ କେଶରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଶ୍ରମିକ ନେତା ଅରିନ୍ଦମ ସାର୍ଖେଲ୍ (ବାପି) ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଏରସମା ବିଜେଡି ନେତା ପୀତବାସ ଗୋଛାୟତ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ପୂର୍ବତନ ସରପଞ୍ଚ ସଞ୍ଜୟ ମହାନ୍ତି, ବିଜୟ ଖଟେଇ ପ୍ରମୁଖ ଯୋଗଦେଇଥିଲେ। କମିଟି ସମ୍ପାଦକ ଦୁଷ୍ମନ୍ତ ମାଝୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ନେତା ଅରୁପ୍ରସାଦ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। ଦାମ ବାବୁଙ୍କ ଅନ୍ତରଙ୍ଗ ଓ ପ୍ରାୟ ଚାଳିଶି ବର୍ଷଧରି ତାଙ୍କ ସହଯୋଗୀ ଭାବେ କାମ କରିଥିବା ବିଭିନ୍ନ ପଞ୍ଚାୟତ ମୂରବୀ ହରେକୃଷ୍ଣ ସେଠୀ, ରାଜନ୍ ବେହେରା, ସଞ୍ଜୟ ମହାନ୍ତି, ବିଜୟ ଖଟେଇ ଓ ସମାଜସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପ୍ରଭାତ ବେହେରା, ପଙ୍କଜ ତରାଇଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ପ୍ରଥମେ କୁଜଙ୍ଗ ବ୍ଲକ ବିଜେଡି ପ୍ରଚାର କମିଟିର ଡ. ରଘୁନାଥ ସାହୁ ନେତୃତ୍ୱରେ କୁଜଙ୍ଗ ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପ୍ରଦାନ କରାଯିବା ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ମେଡ଼ିକାଲ ପରିସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସୁଧାଂଶୁ ଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁଜଙ୍ଗ ପଞ୍ଚାୟତର କଲ୍ୟାଣ ମଣ୍ଡପ ଓ ବ୍ଲକର ଅନ୍ୟାନ୍ୟ ସ୍ଥାନରେ ମଧ ଡାକ୍ତର ଦାମୋଦର ରାଉତଙ୍କ ଜୟନ୍ତୀ ପାଳନ କରାଯାଇଛି।

**ପାରାଦୀପ:** ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ୮୪ତମ ଜୟନ୍ତୀ ଆଜି ପାରାଦୀପ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ପାଳିତ ହୋଇଯାଇଛି। ଆଜି ପାରାଦୀପରେ ଡ. ରାଉତଙ୍କ ମଜୟନ୍ତୀ ଅବସରରେ ଦଳୀୟ ନେତୃବୃନ୍ଦ ତାଙ୍କର ରାଜନୀତି ଓ ତାଙ୍କର ବ୍ୟକ୍ତିତ୍ୱ ବିଷୟରେ ସ୍ମୃତିଚାରଣ କରିଥିଲେ। ଆଜିର ଏହି ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ବାପି ସର୍ଖେଲ, କୁମରବର ନାୟକ, ସବିତା ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ରଶ୍ମୀରଞ୍ଜନ ପରିଡା, ମାନସ ବିଶ୍ୱାଳ, ସୁଶୀଲ ମହାପାତ୍ର, ସମୀର ବିଶ୍ୱାଳ, ଆଇନିଜୀବୀ କୈଳାଶ ସାହୁ, ଅନୁପ ସହାଣୀ, ଲପନ ପରିଡା, ପାରିଷଦ ମନୋଜ ନାୟକ ଓ ପ୍ରଭାତୀ ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ତେବେ ଆଜି ଅଠରବାଙ୍କୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସମୟରେ ବିଜୁବାବୁଙ୍କୁ ସ୍ଥାନୀୟ ପ୍ରଶାସନର ଅଣଦେଖାକୁ ନେଇ ବର୍ଷୀଥିଲେ ବିଜେଡି ନେତା। ପାରାଦୀପ ବନ୍ଦରର ବିନ୍ଧାଣିଙ୍କ ପ୍ରତିମୂର୍ତ୍ତିକୁ ଜରାଜୀର୍ଣ୍ଣ ଭାବରେ ରଖାଯିବାକୁ ନାପସନ୍ଦ କରିବା ସହିତ ସ୍ଥାନୀୟ ବନ୍ଦର ଓ ପୌର ପ୍ରଶାସନ ଉପରେ ବର୍ଷୀଥିଲେ।

# ପ୍ରକୃତିର ଦାନ ସିନ୍ଦୁରିଆର ବରକୁଟି ପାହାଡ଼

ଆନନ୍ଦପୁର, ୧୪।୧୨ (ସମିସ):



ପ୍ରତିବର୍ଷ ପର୍ଯ୍ୟଟନ ଋତୁ ଆରମ୍ଭରେ ପର୍ଯ୍ୟଟକଙ୍କ ଆଗମନରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦର୍ଶନୀୟ ସ୍ଥାନ ଚଳଚଞ୍ଚଳ ହୋଇଉଠେ। ଆଗନ୍ତୁକମାନେ ବୁଲାବୁଲି କରିବା ପରେ ବଣଭୋଜିର ଆସର କରିଥାନ୍ତି। ଜିଲ୍ଲାର ଏମିତି ଅନେକ ଦର୍ଶନୀୟ ସ୍ଥାନ ଅଛି, ଯାହା ଲୋକଙ୍କ ନଜର ଆଢୁଆଳରେ ରହିଯାଇଛି। ସେଥିରୁ ଅନ୍ୟତମ ହେଉଛି ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତ ସୁନ୍ଦୁରିଆ ଗ୍ରାମ ନିକଟରେ ଥିବା ବରକୁଟି ପାହାଡ଼। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ସ୍ଥାନର ବିକାଶ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ପକୀରମୋହନ ବସ୍‌ଷ୍ଟାଣ୍ଡଠାରୁ ଠାକୁରମୁଣ୍ଡା ରାସ୍ତାରେ ୭କିମି ପରେ ପଡ଼ିବ ବାଙ୍ଗିଡ଼ି ଛକ। ସେଠାରୁ ଡାହାଣକୁ ୪କିମି ଗଲେ ପଡ଼ିବ ବରକୁଟି ପାହାଡ଼। ଏହା ହେଉଛି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଓ ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟର ସଂଯୋଗସ୍ଥଳ। ଘଞ୍ଚ ଶାଳ ଜଙ୍ଗଲ ମଧ୍ୟରେ ଥିବା ପାହାଡ଼ ଉପରେ ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ରହିଛି। ସେହିପରି ପାହାଡ଼ ଶୀର୍ଷରେ ମା' ବରକୁଟିଙ୍କ ମନ୍ଦିର ରହିଛି। କିମ୍ବଦନ୍ତୀ ଅନୁସାରେ, ୧୯୮୫ରେ ଜଣେ ସାଧୁ ଏଠାକୁ ସାଧନାପାଇଁ ଆସି ପାହାଡ଼ ତଳେ ଏକ କୁଡ଼ିଆ ନିର୍ମାଣ କରି ରହିଥିଲେ। ଆଖପାଖ ଗ୍ରାମର ଲୋକଙ୍କୁ ଡାକି ସାପ୍ତାହିକ ମେଳା କରୁଥିଲେ। ଦୁଇବର୍ଷ ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ଅନ୍ୟତ୍ର ଚାଲି ଯାଇଥିଲେ। ଏହାପରେ ସୁନ୍ଦୁରିଆ ଗ୍ରାମର ସ୍ୱର୍ଗତ ଅମଳ ବିନିଶା ଓ ଅନାଦି ବିନିଶାଙ୍କୁ ମା' ସ୍ୱପ୍ନାଦେଶ ଦେଇ ପାହାଡ଼ରେ ଏକ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର କିଛି ବ୍ୟକ୍ତି ତତ୍କାଳୀନ ଆନନ୍ଦପୁର ଉପଜିଲ୍ଲାପାଳ କମଳାକାନ୍ତ ଦାସଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବା ପରେ ସେ ଏହାକୁ ପ୍ରଥମେ ଗୁରୁତ୍ୱ ଦେଇ ନଥିଲେ। ସେହିଦିନ ରାତିରେ ତାଙ୍କୁ ମଧ୍ୟ ସ୍ୱପ୍ନାଦେଶ ହେବାରୁ ପରଦିନ ସେ ଉକ୍ତ ସ୍ଥାନ ପରିଦର୍ଶନ କରି କିଛି ସରକାରୀ ସହାୟତା ଯୋଗାଇ ଦେଇଥିଲେ। ଗ୍ରାମବାସୀ ଶ୍ରମଦାନ କରି

### ପର୍ଯ୍ୟଟନସ୍ଥଳ ମାନ୍ୟତା ଦେବାକୁ ଦାବି

ମନ୍ଦିର ନିର୍ମାଣ କରିଥିଲେ। ଏଠାରେ ମକର ମେଳା ସାତଦିନ ଧରି ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଥାଏ। ଶୀତଋତୁରେ ବଣଭୋଜି ସାଙ୍ଗକୁ ବନ୍ଧୁମିଳନ ପାଇଁ ଲୋକଙ୍କ ଭିଡ଼ ଜମୁଛି। ସରକାରୀ ଅବହେଳା ଯୋଗୁଁ ଏହି ସ୍ଥାନର ବିକାଶ ହୋଇପାରୁ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କଲେଜ ସହପାଠୀଙ୍କ ସହ ପ୍ରତିବର୍ଷ ଏଠାକୁ ଆମେ ବଣଭୋଜି କରିବାକୁ ଆସୁଛି ବୋଲି ଆନନ୍ଦପୁରର ସୌମ୍ୟରଞ୍ଜନ ରାମ୍ କହିଛନ୍ତି। ଏଠାରେ ପର୍ଯ୍ୟଟକଙ୍କ ପାଇଁ କୌଣସି ସୁବିଧା ନାହିଁ। ପ୍ରଚାରପ୍ରସାର ଅଭାବରୁ ଏହି ସ୍ଥାନ ଦୃଷ୍ଟି ଆଢୁଆଳରେ ରହିଯାଇଛି ବୋଲି ସୌମ୍ୟରଞ୍ଜନ କହିଛନ୍ତି। ବାଉଁଶଗଡ଼ ପଞ୍ଚାୟତ ସମିତିସଭ୍ୟ ମାନସ ନାଏକ କହିଛନ୍ତି, ମା' ବରକୁଟିଙ୍କ ପୀଠର ଉନ୍ନତିପାଇଁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗତ ସରକାର ସମୟରେ ବିଭିନ୍ନ ମଠ, ମନ୍ଦିରର ବିକାଶପାଇଁ ଅନୁଦାନ ମିଳିଥିଲା। ବରକୁଟି ପାହାଡ଼କୁ ଏଥିରୁ ବଞ୍ଚିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆନନ୍ଦପୁର ଗସ୍ତ ସମୟରେ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାସତ୍ତ୍ୱେ କୌଣସି ସୁଫଳ ମିଳି ନଥିବା ସେ କହିଛନ୍ତି। ବରକୁଟି ପାହାଡ଼କୁ ପର୍ଯ୍ୟଟନସ୍ଥଳ ମାନ୍ୟତା ସାଙ୍ଗକୁ ପିଇବାପାଣି ବ୍ୟବସ୍ଥା, ଶୌଚାଳୟ, କଲ୍ୟାଣମଣ୍ଡପ ନିର୍ମାଣ, ବାଙ୍ଗିଡ଼ି ଛକରେ ସୂଚନାଫଳକ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିଏନ୍ ହାଇସ୍କୁଲ ପୁରାତନ ଛାତ୍ରଙ୍କ ସମାବେଶ




ଆନନ୍ଦପୁର,୧୪।୧୨(ସମିସ): ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚବିଦ୍ୟାଳୟର ୧୯୮୯ ମାଟ୍ରିକ୍ ବ୍ୟାଚ ପୁରାତନ ଛାତ୍ରମାନଙ୍କର ଏକ ସମାବେଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା କେନ୍ଦୁଝର ରାଜା ସ୍ୱର୍ଗତ ବଳଭଦ୍ର ନାରାୟଣ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରାତନ ଛାତ୍ର ଆଲୋକ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭରେ ନିକଟରେ ପରଲୋକ ହୋଇଥିବା ପୁରାତନ ଛାତ୍ର ବେଣୁଧର ସାହୁ, ରାଜେଶ କୁମାର ସାହୁ, ବିପିନ୍ ଓଝା, ଶିକ୍ଷକ ସାରଙ୍ଗଧର ଷେଣ୍ଢ ଓ ଅନ୍ୟ ପରଲୋକଗତ ଛାତ୍ର, ଶିକ୍ଷକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଶତ୍ରୁଘ୍ନ ସାହୁ, ପ୍ରତାପ ପ୍ରିତିମୟ, ସୁରେଶ ସାହୁ, ଅରୁଣ ରାଉତ, ଜୟପ୍ରକାଶ ଭଟ୍ଟରାୟ, ମନମୋହନ ଦାଶ, ଅଶୋକ ପାଢ଼ୀ, ଦେବବ୍ରତ ଖୁଣ୍ଟିଆ, ସୌମ୍ୟରଂଜନ ସାହୁ, ସରୋଜ ସାହୁ, ସୌରଜିତ୍ ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ମହେଶ ପାଢ଼ୀ ପ୍ରମୁଖ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ବିଜୟ ପାଢ଼ୀ, ପ୍ରଦୀପ ସାହୁ, ରଘୁନାଥ ସାହୁ, କୈଳାସ ସାହୁ, ସିପୁ ପଟ୍ଟନାୟକ, ସରୋଜ ଦଳେଇ, ଜଗବନ୍ଧୁ ଷେଣ୍ଢ, ମଳୟ କୁମାର ନାୟକ, ଅନଙ୍ଗ ନାୟକ, ଶମ୍ଭୁନାଥ ସାହୁ, ବାମନ ନାଏକ, ବିବେକାନନ୍ଦ ବେହେରା, ମାନସ ରାଉତ, ପିୟୁଷ ଦାଶ, ନିରାକାର ପୃଷ୍ଟି, ଶଙ୍କର୍ଷଣ ସାହୁ, ରଘୁନାଥ ସାହୁ, ବଳରାମ ସାହୁ, ମାନସ ଜେନା, କିଶୋର ମିଶ୍ର, ସୁବ୍ରତ ମିଶ୍ର, ଭାଗିରଥୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ଶାଳଣିଆଁ ଓ ହଦଗଡ଼ରେ ଫାଣ୍ଡି ପ୍ରତିଷ୍ଠା ଯୋଜନା ନାହିଁ

ହାଟଡ଼ିହୀ,୧୪।୧୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ନନ୍ଦିପଦା ଓ ସୋସୋ ଥାନା ଅଧୀନସ୍ଥ ଶାଳଣିଆଁ ଓ ହଦଗଡ଼ଠାରେ ଫାଣ୍ଡି ପ୍ରତିଷ୍ଠା ଆଶା ଆଶାରେ ହିଁ ରହିଗଲା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ମନୋହରପୁରରେ ଥିବା ଫାଣ୍ଡିକୁ ଅପ୍‌ଗ୍ରେଡ କରି ଥାନାରେ ପରିଣତ କରିବାକୁ ତତ୍କାଳୀନ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ସରକାରଙ୍କୁ ଚିଠି ଲେଖିଥିଲେ। ମନୋହରପୁରରେ ନୂତନ ଥାନା ଖୋଲିବାକୁ ଯାଉଛି। ଶାଳଣିଆଁ ଓ ହଦଗଡ଼ରେ ଫାଣ୍ଡି ପ୍ରତିଷ୍ଠା ପାଇଁ କୌଣସି ଯୋଜନା ନଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୨୧ ଫେବୃଆରୀ ୨୭ରେ ଚିଠି ନମ୍ବର ୮୩୯୫ରେ ତତ୍କାଳୀନ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଭାଗୀରଥି ସେଠୀଙ୍କୁ ଚିଠି ଲେଖି ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କେଉଁ ସ୍ଥାନରେ ନୂତନ ଥାନା କିମ୍ବା ଫାଣ୍ଡି ଖୋଲିବାକୁ ଚାହୁଁଛନ୍ତି ସେ ସମ୍ପର୍କରେ ଗୃହ ବିଭାଗକୁ ଅବଗତ କରିବାକୁ ଜଣାଇଥିଲେ। ଶ୍ରୀ ସେଠୀ ମନୋହରପୁରରେ ନୂତନ ଥାନା ଖୋଲିବାକୁ ଅନୁରୋଧ କରିବା ସହ ଶାଳଣିଆଁ ଏବଂ ହଦଗଡ଼ରେ ଫାଣ୍ଡି ପ୍ରତିଷ୍ଠା ସମ୍ପର୍କରେ ଜଣାଇଥିଲେ। ଗତ ତାରିଖରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏକ ତାରକା ପ୍ରଶ୍ନରେ ବିଧାନସଭାରେ କହିଥିଲେ ଯେ ହାଟଡିହୀ ବ୍ଲକ୍‌ର ବିଭିନ୍ନ ଥାନାରେ ଆବଶ୍ୟକ କର୍ମଚାରୀ ନଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। କର୍ମଚାରୀ ଓ ଅଧିକାରୀ ନିଯୁକ୍ତି ସହିତ ଶାଳଣିଆଁରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରଶ୍ନର ଉତ୍ତର ଦେଇ କୌଣସି ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ନଥିବା କହିଥିଲେ। ପୂର୍ବ ଫାଇଲକୁ ନଦେଖି ମୁଖ୍ୟମନ୍ତ୍ରୀ ଏଭଳି ଉତ୍ତର ଦେଇଥିବା ନେଇ ଉକ୍ତ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଦୀର୍ଘଦିନରୁ ଅଞ୍ଚଳବାସୀଙ୍କ ଦାବି ଏବଂ ବିଧାୟକ ଅଭିମନ୍ୟୁ ସେଠୀଙ୍କ ପ୍ରସ୍ତାବକୁ ସରକାର ପାରିତ କରି ଶାଳଣିଆଁ ଓ ହଦଗଡ଼ଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା କରାଇଲେ ସେହି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

### ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବିଗୁଡୁଛି ଆଇନଶୃଙ୍ଖଳା

## ବାଲିଘାଟରେ ଫସି ଯୁବକ ମୃତ

ଆନନ୍ଦପୁର,୧୪।୧୨(ସମିସ): କୁସେଇ ନଦୀର ଦେଓଗାଁ ଘାଟରେ ଗଭୀର ବାଲିଘାଟରେ ଜଣେ ଯୁବକ ଟିମା ଦେହୁରୀଙ୍କ ପୁଅ ଜିତେନ୍ଦ୍ର (୩୫) ଙ୍କ ମୃତ୍ୟୁ ଘଟିଛି। ଗଭୀର ଗର୍ତ୍ତରେ ପଡ଼ି ତାଙ୍କ ପ୍ରାଣହାନି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀ କର୍ମଚାରୀ ନଦୀରୁ ଜିତେନ୍ଦ୍ରଙ୍କୁ ଉଦ୍ଧାର କରି ଆନନ୍ଦପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଷିପୁରା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ କରି ସାରିବା ପରେ ମରଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି।

## ୪୨ତମ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



କେନ୍ଦୁଝର, ୧୪।୧୨(ସମିସ): ବାଂଶପାଳ ବ୍ଲକ ଓଷ୍ଟାର ୪୨ତମ ଶିଶୁ ଉତ୍ସବ ବିପ୍ଳବୀ ରତ୍ନାକର ଉଚ୍ଚବିଦ୍ୟାଳୟ, କାଞ୍ଜିପାଣିଠାରେ ଅନୁଷ୍ଠିତ ହୋଇଯାଇଛି। ୧୦ଟି ବିଭାଗରେ ୧୫୦ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଉପସଭାପତି ବିଶ୍ୱନାଥ ବାରିକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବାଂଶପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଦାଶରଥି ଶୁଣ୍ଡି ଯୋଗ ଦେଇଥିଲେ। ଜିଲ୍ଲା ଓଷ୍ଟାର ସଭାପତି ମନ୍ମଥନାଥ ମହାନ୍ତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଂଶପାଳ ବ୍ଲକ ଓଷ୍ଟାର ଉପଦେଷ୍ଟା ବିଶ୍ୱଭୂଷଣ ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ଭିକାରୀ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ନାଏକ, କାଞ୍ଜିପାଣି ସିଆରସିସି ଶତ୍ରୁଘନ ମନ୍ତ୍ରୀ, ବିପ୍ଳବୀ ରତ୍ନାକର ଉଚ୍ଚବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ଆରୁକ, ଜିଲ୍ଲା ଉପସଭାପତି ବୈକୁଣ୍ଠ ମହାନ୍ତ, ସଂପାଦକ ସୁଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପ୍ଳବୀ ରତ୍ନାକର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ଆନନ୍ଦପୁର, ୧୪।୧୨(ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। କୁଶଳେଶ୍ୱର ମହାବିଦ୍ୟାଳୟ ରେକୁଟିଆ ଓ ଆନନ୍ଦପୁର ମହାବିଦ୍ୟାଳୟର ଷ୍ଟାଫ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ାକୁ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର କ୍ୟାପଟେନ ଉପେନ୍ଦ୍ର ମିଶ୍ର ଓ କୁଶଳେଶ୍ୱର ମହାବିଦ୍ୟାଳୟର କ୍ୟାପଟେନ ମହେଶ୍ୱର ଜେନାଙ୍କ ମଧ୍ୟରେ ଆନନ୍ଦପୁର ମହାବିଦ୍ୟାଳୟ ଟସ୍ ଜିତି ଫିଲ୍ଡିଂ କରିଥିଲା। କୁଶଳେଶ୍ୱର ମହାବିଦ୍ୟାଳୟ ୧୫ ଓଭରରେ ୯ ୱିକେଟ ହରାଇ ୧୪୩ ରନ କରିଥିବା ବେଳେ ଆନନ୍ଦପୁର ମହାବିଦ୍ୟାଳୟ ୧୪ ଓଭରରେ ୭ ୱିକେଟ ହରାଇ ୧୪୬ ରନ କରି ବିଜୟ ଲାଭ କରିଥିଲା। ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟାପକ ପ୍ରକାଶ କୁମାର ସାହୁ ୪୮ ରନ ଓ ୨ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଶେଷରେ ଏକ ସଭାରେ ଅଧ୍ୟକ୍ଷ ଡ ନାରାୟଣ ମିଶ୍ର କୁଶଳେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଭବାନୀ ଶଙ୍କର ବଳ ଓ ଅଧ୍ୟାପକ ବିଜୟ କୁମାର ସାହୁଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡକ୍ଟର ନାରାୟଣ ମିଶ୍ର ଓ ଡକ୍ଟର ନିମାଇ ଚାରଣ ରାଉତଙ୍କୁ ଭବାନୀ ଶଙ୍କର ବଳ ଓ ବିଜୟ ସାହୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଜୟୀ କ୍ୟାପଟେନ ଉପେନ୍ଦ୍ର ମିଶ୍ର ଓ ପରଜୟୀ କ୍ୟାପଟେନ ମହେଶ୍ୱର ଜେନାଙ୍କୁ ଟ୍ରଫି ପ୍ରଦାନ କରିଥିଲେ ଅଧ୍ୟକ୍ଷ ଡକ୍ଟର ମିଶ୍ର। ଆନନ୍ଦପୁର ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ ସେଙ୍ଗେଲ ଅଭିଯାନର ସମ୍ମିଳନୀ

ଆନନ୍ଦପୁର ୧୪/୧୨ (ସମିସ): ଆଦିବାସୀ ସେଙ୍ଗେଲ୍ ଅଭିଯାନର ଜିଲ୍ଲା ସଭାପତି ସୁରେନ୍ଦ୍ର ମୁର୍ମୁ ଙ୍କ ସଭାପତିତ୍ୱରେ କେନ୍ଦୁଝର ଜିଲ୍ଲାର ଘସିପୁରାସ୍ଥିତ କଲ୍ୟାଣ ମଣ୍ଡପଠାରେ ସମାଜ ସୁଧାର ସହିତ ସାର୍ନା ଧର୍ମ ଏକତା ପାଇଁ ସେଙ୍ଗେଲ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୋନାଲ ସେଙ୍ଗେଲ ମାଝୀ-ପାର୍ଗାନା ମାଡୱାର ଜୋନାଲ ପାର୍ଗାନା ଗୁନାରାମ ମୁର୍ମୁ ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ। ଏହାସହ ଢେଙ୍କାନାଳ ଯାଜପୁର ଭଦ୍ରକ ଜିଲ୍ଲାର ସମସ୍ତ ସେଙ୍ଗେଲ ପାରଗାନା ତଥା ନେତା ନେତ୍ରୀମାନେ ଉପସ୍ଥିତ ଥିଲେ। ସମ୍ମିଳନୀରେ ଆଦିବାସୀଙ୍କ ଏକତା ଏବଂ ଆଦିବାସୀ ସମାଜକୁ ବଞ୍ଚାଇବାକୁ ହେଲେ ସମାଜର ପରମ୍ପରା ନାମରେ ପରିଚିତ ହାଣ୍ଡିଆ, ମଦ ଭଳି ନିଶାଦ୍ରବ୍ୟକୁ ବହିଷ୍କାର କରିବା, ଅନ୍ଧବିଶ୍ୱାସକୁ ଦୂର କରିବା, ଡାହାଣୀ ପ୍ରଥା, ଗୁଣିଗାରେଡିକୁ ହଟାଇବା, ସାମାଜିକ ବାସନ୍ଦ ଏବଂ ମନଇଚ୍ଛା ଜରିମାନା ଆଦାୟକୁ ବନ୍ଦ କରିବା, ଭୋଟ କ୍ରୟ-ବିକ୍ରୟକୁ ରୋକିବା, ମହିଳା ସଶକ୍ତିକରଣ ଆଣିବା ସହିତ ମାଝୀ-ପାର୍ଗାନା ସ୍ୱଶାସନ ବ୍ୟବସ୍ଥାକୁ ସାମ୍ବିଧାନିକ ଏବଂ ଜନତାନ୍ତ୍ରିକ ସୁଧାର କରିବା ପାଇଁ ନିତାନ୍ତ ଆବଶ୍ୟକ ବୋଲି କୁହାଯାଇଛି। ପ୍ରକୃତି ପୂଜକ ଆଦିବାସୀମାନଙ୍କର ସାର୍ନା ଧର୍ମ କୋଡ଼ ମାନ୍ୟତା, ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା, ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ମାନ୍ୟତା, ଜାତି ଏବଂ ଆରକ୍ଷଣକୁ ସୁରକ୍ଷା କରିବା, ସିଏନଟି/ ଏସପିଟି କାନୁନକୁ ଦୃଢ଼ ଭାବରେ ଲାଗୁ କରାଇବାକୁ ପଡିବ ଏବଂ ଇଷ୍ଟ ଦେବତା ମାରାଂବୁରୁକୁ ଜୈନମାନଙ୍କ କବଳରୁ ମୁକୁଳାଇବାକୁ ପଡିବ ବୋଲି ବକ୍ତାମାନେ ସ୍ପଷ୍ଟ କରିଛନ୍ତି; ନଚେତ୍ ଆଦିବାସୀ ସମାଜ ବିଲୁପ୍ତ ହେବାରୁ କେହି ବି ଅଟକାଇ ପାରିବେନି ବୋଲି ସ୍ପଷ୍ଟ କୁହାଯାଇଛି। ସମସ୍ତ ସେଙ୍ଗେଲ କାର୍ଯ୍ୟକର୍ତ୍ତା ଏବଂ ନେତାମାନେ ବର୍ତ୍ତମାନ ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ଯାଇ ସମାଜ ସୁଧାର ଓ ସମାଜରେ ଏକଜୁଟ ଗଠନ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଛନ୍ତି। ସମ୍ମିଳନୀରେ ଜୋନାଲ ସେଙ୍ଗେଲ୍ ମାଝୀ-ପାର୍ଗାନା ମାଡୱାର ଉପ ସଭାପତି ନନ୍ଦକିଶୋର ମାରାଣ୍ଡି, ଜିଲ୍ଲା ଯୁବା ଉପସଭାପତି ବଳରାମ ଟୁଡୁ, ଜୋନାଲ ସାର୍ନା ଧରମ ସଭାପତି ଖେଲାରାମ ମୁର୍ମୁ, ମହିଳା ମୋର୍ଚ୍ଚା କେନ୍ଦୁଝର ଜିଲ୍ଲା ସଭାପତି ବାସନ୍ତୀ ମାରାଣ୍ଡି, ସବଡିଭିଜନ ସଭାପତି ମାଳତି ହାଁସଦା ଜିଲ୍ଲା ପାରଗାନା ହିରଣ୍ୟ ହେମ୍ବ୍ରମ ସହ ଶତାଧିକ ନେତା ଉପସ୍ଥିତ ଥିଲେ।




## ହାଟଡ଼ିହୀ ଅଞ୍ଚଳରେ ରନ୍ଧନଗ୍ୟାସ୍ ଯୋଗାଣ ସମସ୍ୟା

ହାଟଡ଼ିହୀ,୧୪।୧୨(ସମିସ): ହାଟଡ଼ିହୀ ଅଞ୍ଚଳରେ ଏବେ ରନ୍ଧନଗ୍ୟାସ୍ ଯୋଗାଣରେ ଅଭାବୀକୁ ନେଇ ଖାଉଟିଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ବୁକିଂ କରିବାର ୩ରୁ ୪ଦିନ ବିତୁଥିଲେ ବି ରନ୍ଧନଗ୍ୟାସ୍ ସଠିକ ସମୟରେ ମିଳିପାରୁନି। ହାଟଡ଼ିହୀ ଅଞ୍ଚଳ ପାଇଁ ବିଦ୍ୟାଧରପୁର, ପୁରୁଣାପାଣି, ଶାଳଣିଆଁ ଭଳି ତିନୋଟି ସ୍ଥାନରେ ଇଣ୍ଡେନ୍ ଗ୍ୟାସ୍ କାଉଣ୍ଟର ଅଛି। ଏଥିସହ ଆନନ୍ଦପୁରରୁ ସପ୍ତାହକୁ ୨ରୁ ୩ଥର ଏଚପି ଗ୍ୟାସ୍ ଗାଡ଼ି ଆସି ଛେନାପଦିଠାରେ ଗ୍ୟାସ୍ ଯୋଗାଉଥିଲେ ସୁଦ୍ଧା ଯୋଗାଣରେ ଅଭାବ ଲାଗି ରହୁଥିବା ଦେଖାଯାଇଛି। ଏହି ସୁଯୋଗ ଉଣ୍ଡି କଳାବଜାରୀ କରୁଥିବା କିଛି ଅସାଧୁ ବେପାରୀ ରିଫିଲ୍‌ପ୍ରତି ୧୧୫୦ରୁ ୧୨୫୦ଯାଏଁ ଚଢ଼ା ଦରରେ ରନ୍ଧନଗ୍ୟାସ୍ ବିକ୍ରି କରି ଭଲ ଦି'ପଇସା ମୁନଫା କରୁଛନ୍ତି। ନିୟମିତ ଗ୍ୟାସ୍ ନପାଇ ଖାଉଟିମାନେ ମଧ୍ୟ କଳାବଜାରରୁ ଚଢ଼ା ଦରରେ କିଣୁଥିଲେ ସୁଦ୍ଧା ଏଥିପ୍ରତି ଆଡ଼ ନଜର କରି ଜାଣିଶୁଣି ଏହାର ପ୍ରତିବାଦ କରୁନାହାନ୍ତି। ରନ୍ଧନଗ୍ୟାସ୍ କଳାବଜାର ହେବା ପଛରେ ଡ଼ିଲର ଓ ଅସାଧୁ ବେପାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଭଳି ପ୍ରସଙ୍ଗ ସହ ରନ୍ଧନଗ୍ୟାସ୍ ଅଭାବକୁ ଆନନ୍ଦପୁର ଉପଜିଲ୍ଲାପାଳ ବିଶେଷ ଭାବେ ଅନୁଧ୍ୟାନ କରି ଏଭଳି ସମସ୍ୟାର ସମାଧାନ କରିବାକୁ ଖାଉଟିଙ୍କ ମହଲରେ ଦାବି ହେଉଛି।

## ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବାର୍ଷିକ ବୈଠକ



କେନ୍ଦୁଝର, ୧୪।୧୨(ସମିସ): କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବାର୍ଷିକ ସାଧାରଣ ବୈଠକ ତୃପ୍ତୀ ସଫାରୀଠାରେ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୫୨ ଜଣ ଅବସରପ୍ରାପ୍ତ କର୍ମଚାରୀ ସୁଦୂର କେନ୍ଦୁଝର, ଭୁବନେଶ୍ୱର, ଯାଜପୁର, ଆନନ୍ଦପୁର, ଚମ୍ପୁଆ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ରାୟଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ୨୦୨୪-୨୦୨୫ରେ ମୃତ ଅବସରପ୍ରାପ୍ତ କର୍ମଚାରୀ ପ୍ରହ୍ଲାଦଚନ୍ଦ୍ର ଦାସ, ସିଦ୍ଧନାଥ ଧଳ ଏବଂ ଦୁଃଖୀ ମୁଖିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସମୟରେ ଅବସର ଗ୍ରହଣ କରିଥିବା ଅନନ୍ତ ଶେଖର ମିଶ୍ର, ହରେକୃଷ୍ଣ ନାଏକ ଓ ନାରାୟଣ ନାଏକଙ୍କୁ ପୁଷ୍ପଗୁଚ୍ଛ ଦେଇ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ବାର୍ଷିକ ବୈଠକ ପରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ କିଶୋରଚନ୍ଦ୍ର ଦାସ, ଉପସଭାପତି ଭାବେ ବାଇଧର ବେହେରା, ସମ୍ପାଦକ ଭାବେ ମୀନକେତନ ନାୟକ, ଯୁଗ୍ମ ସମ୍ପାଦକ ଭାବେ ବସନ୍ତ କୁମାର ସାହୁ, ବିଜୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ଗଣପତି ରାଉତ, କାର୍ଯ୍ୟନିର୍ବାହୀ ସମସ୍ୟ ଭାବେ ଭାଗବତ ପତି, ସୀତାନାଥ ମହାନ୍ତି, ପତି କାରୁଆ, ସୁରେନ୍ଦ୍ରନାଥ ମଣ୍ଡଳ ଏବଂ ଉପଦେଷ୍ଟା ଅଶ୍ୱିନୀ ରାୟ, ପ୍ରଫୁଲ୍ଲ ଦେଓ, କମଳାକାନ୍ତ ମହାନ୍ତ, ଶାନ୍ତନୁ ନନ୍ଦୀ, ସୁନୀଲ ଦାଶ ପ୍ରମୁଖ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ କେନ୍ଦୁଝର ସହରରେ ଥିବା ମଠ ଓ ମନ୍ଦିର ପରିଷ୍କାର କରିବା ସହ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବାଣ୍ଟିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଂଘର ସଭାପତି କିଶୋରଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲା ବେଳେ ତୃପ୍ତୀ ସଫାରୀର ମାଲିକ ସନ୍ଦୀପ କୁମାର ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ।

## ଡିଏନ୍ ହାଇସ୍କୁଲ ୧୯୭୬ ବ୍ୟାଚ ଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ସଭା




କେନ୍ଦୁଝର, ୧୪।୧୨(ସମିସ): ଡି.ଏନ୍ ହାଇସ୍କୁଲ ୧୯୭୬ ବ୍ୟାଚ ପୁରାତନ ଛାତ୍ରଙ୍କର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଡି.ଏନ୍ ହାଇସ୍କୁଲ ଅଡିଟୋରିୟମରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ପୃଷ୍ଟି, ନାରାୟଣ ମିଶ୍ର, ସୁବାସଚନ୍ଦ୍ର ବଳ, ବାବାଜୀ ଚରଣ ସାହୁ, ଶଶଧର ବେହେରା ଅତିଥି ଭାବରେ ମଞ୍ଚାସୀନ ଥିବାବେଳେ ଡି.ଏନ. ହାଇସ୍କୁଲ ବରିଷ୍ଠ ଶିକ୍ଷକ ଉଦୟନାଥ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ନିଜର ପ୍ରିୟ ଓ ପୂଜ୍ୟ ଶିକ୍ଷକମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିବା ଓ ଆଶୀର୍ବାଦ ଲାଭ କରିବାର ମୁହୂର୍ତ୍ତ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ପୁରାତନ ଛାତ୍ରମାନେ ସେମାନଙ୍କର ଅତୀତ ଛାତ୍ରଜୀବନର ସ୍ମୃତିକୁ ତାଜା କରିଥିଲେ ଓ ୧୯୭୬ ବ୍ୟାଚର ଛାତ୍ରମାନେ ପ୍ରତ୍ୟେକ ବର୍ଷ ଡିସେମ୍ବରରେ ବନ୍ଧୁମିଳନରେ ଏକାଠି ହୋଇଥିବା ବେଳେ ଚଳିତ ବର୍ଷ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଛି। ଓମ୍‌ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାନ୍ତଚନ୍ଦ୍ର ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରଦୀପ୍ତ ମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦିନବନ୍ଧୁ ସାହୁ, ବିଜୟ ଦୀକ୍ଷିତ, ବସନ୍ତ ସାହୁ, ପାର୍ଥସାରଥୀ ସାହୁ, ଜଗନ୍ନାଥ ଦାସ, ଅକ୍ଷୟ ପ୍ରସାଦ ଦାସ, ପଞ୍ଚାନନ ମହାପାତ୍ର, ଗୌରଙ୍ଗ ସାହୁ, କମଳେଶ ଚୌହାନ, କାର୍ତ୍ତିକଚନ୍ଦ୍ର ଦଣ୍ଡସେନା, ନିମାଇଁ ମହାନ୍ତ ସହଯୋଗ କରିଥିଲେ।

### କେନ୍ଦୁଝର ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୫୮୨୯ଟି ମାମଲାରୁ ୭,୮୯,୨୧,୭୫୦ ଟଙ୍କା ଆଦାୟ

କେନ୍ଦୁଝର, ୧୪।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡ଼ବିଲ, ହାଟଡିହୀ, ତେଲକୋଇ ଓ ଘଟଗାଁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତଗୁଡିକରେ ସମୁଦାୟ ୫୮୨୯ଟି ମାମଲା ସମାଧାନ କରାଯାଇ ୭,୮୯,୨୧,୭୫୦ ଟଙ୍କା ଆଦାୟ ହୋଇଛି। ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ୍ ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲାଜଜ୍ ମମିତା ଦାସ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ବିଚାରପତି ଇ. ବିଘ୍ନେଶ୍ୱର ରାଓ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ ନିଜ ନିଜ କୋର୍ଟଗୁଡିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସମସ୍ତ କୋର୍ଟ ପରିଚାଳନା ଭାର ସମେତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳିଥିଲେ। ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୩୬ଟି ମାମଲାର ସମାଧାନ ହୋଇ ୧୦,୭୭,୨୦୦ ଟଙ୍କା, ମଟରଯାନ ଦୁର୍ଘଟଣା ୫୫ଟି ମାମଲା ସମାଧାନ ହୋଇ ୫,୨୯,୮୫,୦୦୦ ଟଙ୍କା, ପ୍ରାକ୍ ଲୋକ ଉପଯୋଗୀ ସେବା ୪୧ଟି ସମାଧାନ ହୋଇ ୩,୧୮,୬୭୦ ଟଙ୍କା, ପ୍ରାକ୍ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୧୬ଟି ମାମଲାର ସମାଧାନ ହୋଇ ୧୭,୯୮୨ ଟଙ୍କା, ରାଜସ୍ୱ ମକଦ୍ଦମା ୫୧୮୭ଟି ମାମଲା ସମାଧାନ ହୋଇ ୭,୨୫,୦୧୫ ଟଙ୍କା, ଦେୱାନୀ ମକଦ୍ଦମା ୫୪ଟି ମାମଲା ସମାଧାନ ହୋଇ ୧,୫୯,୨୬,୮୧୧ ଟଙ୍କା, ଫୌଜଦାରୀ ମକଦ୍ଦମା ୪୨୭ଟି ମାମଲା ସମାଧାନ ହୋଇ ୭୮,୬୯,୦୮୨ ଟଙ୍କା ଆଦାୟ ହୋଇଛି। ପାରିବାରିକ ମାମଲା ୧୧ଟି ଫଇସଲା ହୋଇଥିଲା ବେଳେ ଖାଉଟି ବିଭାଗର ୨ଟି ମକଦ୍ଦମା ଫଇସଲା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ନାଜିର ଦିଲ୍ଲୀପ ବେହେରା, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ମାନସ ରଞ୍ଜନ ସାହୁ, କରୁଣାକର ବ୍ରହ୍ମ, ହାଡିବନ୍ଧୁ ମିଶ୍ର, ପବିତ୍ର ନାରାୟଣ ବିଦ୍ୟାଧର, ହୁସେନ ଉଦ୍ଦିନ, ଅର୍ଚ୍ଚନା ଦାସ, ରେଣୁଦେବୀ ସିଂ, ପ୍ରାଧିକରଣର କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ଶିଶିର ସାହୁ, ବିଶ୍ୱଜିତ ସାହୁ, ଦୀପ୍ତିରଞ୍ଜନ ଅବର୍ଦ୍ଧା ସହଯୋଗ କରିଥିଲେ।



# ଭାଗବତ ନନ୍ଦ ଆଶାର ଆଲୋକ ଥିଲେ

## ସାମ୍ବାଦିକ ହରିହର ନାଥ ଏବଂ ସତ୍ୟସାଇ ସେବା ସମିତି ସମ୍ବର୍ଦ୍ଧିତ

ସମ୍ବଲପୁର, ୧୪।୧୨ (ସମିସ)




ନିରାଶା ଭିତରେ ଆଶାର ଆଲୋକ ଦେଖାଉଥିବା ମଣିଷ ଥିଲେ ଭାଗବତ ବୋଲି ମୁଖ୍ୟବକ୍ତା ଲିଙ୍ଗରାଜ କହିଥିଲେ। ଆଜୀବନ ସେବାବ୍ରତୀ, ଲୋକକ୍ଷେତ୍ରର ନିଷ୍ପାପର କର୍ମୀ ତଥା ସାମ୍ବାଦିକ ଭାଗବତ ପ୍ରସାଦ ନନ୍ଦଙ୍କ ଜୟନ୍ତୀ ସମାରୋହ ଆଜି ଓଡ଼ିଶା ସାଂସ୍କୃତିକ ସମାଜ ପରିସରସ୍ଥ ସ୍ୱାଧୀନତା ସଂଗ୍ରାମୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଭାଗବତ ନନ୍ଦ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ. ଶ୍ୟାମସୁନ୍ଦର ଧର ସଭାପତିତ୍ୱ କରିଥିବା ବେଳେ ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧି ସଭାପତି କୃଷ୍ଣା ମହାନ୍ତି ମୁଖ୍ୟଅତିଥି ଏବଂ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡ.ଗୌରୀଦାସ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ବରିଷ୍ଠ ସାମ୍ବାଦିକ ହରିହର ନାଥଙ୍କୁ 'ଭାଗବତ ନନ୍ଦ ସାମ୍ବାଦିକ ସମ୍ମାନ' ଏବଂ ସତ୍ୟସାଇ ସେବା ସମିତି, ସମ୍ବଲପୁରକୁ 'ଭାଗବତ ନନ୍ଦ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଡ. ସତ୍ୟନାରାୟଣ ଠାକୁର ଓ ବୋଧରାମ ଦାଶ ମାନପତ୍ର ପାଠ କରିଥିଲେ। ସାମ୍ବାଦିକ ସମ୍ମାନ ବିଜେତା ଶ୍ରୀ ନାଥ ଏବଂ ସେବା ସମ୍ମାନ ବିଜେତା ଶ୍ରୀ ସତ୍ୟସାଇ ସେବା ସମିତି ସମ୍ବଲପୁର ପକ୍ଷରୁ ଚିନ୍ତାମଣି ଷଡ଼ଙ୍ଗୀ ମଧ୍ୟ ବକ୍ତବ୍ୟ ରଖିଥିଲେ। ଶେଷରେ ସ୍ମୃତି କମିଟି କୋଷାଧ୍ୟକ୍ଷ ପ୍ରଶାନ୍ତ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଭାଗବତ ନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

ମୁଖ୍ୟବକ୍ତା ଲିଙ୍ଗରାଜ କହିଥିଲେ ଯେ, ସ୍ୱାଧୀନୋତ୍ତର ଭାରତରେ ରାଜନୀତି କହିଲେ ତ୍ୟାଗ ବୋଲି ମନେ କରାଯାଉଥିଲା, କିନ୍ତୁ ଏବେ ରାଜନୀତି ଓ ସାମାଜିକ କ୍ଷେତ୍ରରେ ପତନ ଦେଖୁଛୁ। ରାଜନୀତି କେବଳ କ୍ଷମତା ଓ ଅର୍ଥ ସର୍ବସ୍ୱ ହୋଇଯାଇଥିବାରୁ ଏଭଳି ହେବା ସ୍ୱାଭାବିକ। ଏହି ସ୍ଥିତି ଭାଗବତ ବାବୁଙ୍କୁ ବ୍ୟଥିତ କରୁଥିଲା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଚାର ପ୍ରତି ସମର୍ଥନ ଥିଲେ ବି ଯେତେବେଳେ ଗୋଟେ ଜନବାଦୀ ଆନ୍ଦୋଳନ ମୁଣ୍ଡ ଟେକୁଛି, ସେହି ଆନ୍ଦୋଳନକୁ ସମର୍ଥନ କରିବାର ସଂସ୍କୃତିର ପ୍ରତୀକ ଥିଲେ ଭାଗବତ ବାବୁ ବୋଲି ଲିଙ୍ଗରାଜ କହିଥିଲେ। ଆମ ଅଞ୍ଚଳର ଯେତେ ବି ଜନବାଦୀ ଆନ୍ଦୋଳନ, ସାଂସ୍କୃତିକ ଆନ୍ଦୋଳନ ତାହା କୃଷକ ଆନ୍ଦୋଳନ, ସମ୍ବଲପୁରୀ ଭାଷାକୁ ବଞ୍ଚାଇବା ପାଇଁ ଆନ୍ଦୋଳନ ବା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ହେଉ ପ୍ରତ୍ୟେକ ଆନ୍ଦୋଳନକୁ କେବଳ ସମର୍ଥନ ନୁହେଁ, ସବୁଥିରେ ଭାଗବତ ବାବୁ ସାମିଲ ହେଉଥିଲେ।

ମୁଖ୍ୟଅତିଥି କୃଷ୍ଣା ମହାନ୍ତି ଭାଗବତ ନନ୍ଦଙ୍କ ସହିତ ତାଙ୍କ ଏବଂ ଚୌଧୁରୀ ପରିବାରର ଆତ୍ମିକ ସମ୍ପର୍କ ବିଷୟରେ କହିଥିଲେ। ତାଙ୍କ ବାପା ନବକୃଷ୍ଣ ଚୌଧୁରୀ ଓ ବଡ଼ବାପା ଗୋପବନ୍ଧୁ ଚୌଧୁରୀ, ମା' ମାଳତୀ ଚୌଧୁରୀ ଓ ବଡମା' ରମାଦେବୀ ଚୌଧୁରୀ ପଶ୍ଚିମ ଓଡ଼ିଶାର ଜନଜୀବନରେ ମହିଳାଙ୍କ ପ୍ରାଧାନ୍ୟ ନେଇ ଖୁସି ପ୍ରକାଶ କରିବାସହ ଏହି ଅଞ୍ଚଳକୁ ପ୍ରମିଳା ରାଜ୍ୟ ବୋଲି କହୁଥିବା ଶ୍ରୀମତୀ ମହାନ୍ତି କହିଥିଲେ। ବିସ୍ଥାପନ ଓ ବିସ୍ଥାପିତଙ୍କ ସମସ୍ୟା ବିଷୟରେ କହିଲା ବେଳକୁ ଶ୍ରୀମତୀ ମହାନ୍ତି ଭାବବହ୍ୱଳ ହୋଇଯାଇଥିଲେ। ଆମ ଦେଶରେ ବିସ୍ଥାପନ ଅବସ୍ଥା ଦିନକୁଦିନ ଅଧିକ ଦୁଃଖଦାୟକ, ପୀଡ଼ାଦାୟକ ହୋଇ ଚାଲିଛି ବୋଲି କହିଥିଲେ।ଯେଉଁଠାରେ ବଡ଼ ବଡ଼ ଶିଳ୍ପାୟନ ବା ଖଣିଖାଦାନ ଗଢ଼ି ଉଠୁଛି ସେଠାରେ ଲୋକଙ୍କ ଦୁରବସ୍ଥା କଥା କହିଲେ ନସରେ। କର୍ପୋରେଟ, ଶିଳ୍ପପତି ଓ ସରକାରଙ୍କ ଯେଉଁ ମିଳିତ ଅତ୍ୟାଚାର ଚାଲିଛି, ତାହା ଯନ୍ତ୍ରଣାଦାୟକ। ଗଣତନ୍ତ୍ରରେ ଏହାର କଳ୍ପନା ମଧ୍ୟ କରିହୁଏ ନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ।

ଡ. ଶ୍ୟାମ ସୁନ୍ଦର ଧର ତାଙ୍କ ସଭାପତିତ୍ୱ ଅଭିଭାଷଣରେ କର୍ମଯୋଗୀ ଭାଗବତ ନନ୍ଦଙ୍କୁ ଜଣେ ପରମନିଷ୍ଠ ତଥା ନିସ୍ୱାର୍ଥପର ବ୍ୟକ୍ତି, ମହାନ ପରୋପକାରୀ, ତ୍ୟାଗପୂତ ସମାଜସେବୀ, ନିର୍ଭିକ କିନ୍ତୁ ବିନମ୍ର ନିରହଙ୍କାରୀ ନିରଳସ ସ୍ୱେଚ୍ଛାସେବୀ, ପଶ୍ଚିମାଞ୍ଚଳର ଭାଷା ସାହିତ୍ୟର ପ୍ରେରଣାଦର୍ଶ, ସଂଗ୍ରାମୀ, ଶକ୍ତସଞ୍ଚାରକ ଭାବେ ଉଲ୍ଲେଖ କରିଥିଲେ। ଭାଗବତ ନନ୍ଦଙ୍କ ଜୟନ୍ତୀ ଅବସରରେ କୁଚିଣ୍ଡା କଲେଜର ଅଧ୍ୟାପକ ଚନ୍ଦନ ଖଣ୍ଡଗିରିଙ୍କ ଅନୁଦାନରେ ସ୍ମୃତି କମିଟି ପକ୍ଷରୁ ଫୁଲଝରଣସ୍ଥିତ ଡ.ଆଇଜାକ୍ ସାନ୍ତ୍ରା ବାଳ ନିକେତନର ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା।

# ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୩୫୭ ଛାତ୍ରଛାତ୍ରୀ

**ଜମନକିରା, ୧୪।୧୨ (ସମିସ):** ଜମନକିରା ବ୍ଲକର ତିନୋଟି ହାଇସ୍କୁଲ କେନ୍ଦ୍ରରେ ଶନିବାର ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜମନକିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଫର୍ମ ପୂରଣ କରିଥିବା ୩୯୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୭ ଜଣ ପରୀକ୍ଷା ଦେଇଥିବାବେଳେ ୩୬ ଜଣ ଅନୁପସ୍ଥିତ ଥିଲେ। ପିଏମଶ୍ରୀ ଷଣ୍ଢପଥର ଏସଏସଡି ହାଇସ୍କୁଲ କେନ୍ଦ୍ରରେ ୧୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୮ ଜଣ ଆସିଥିବାବେଳେ ୭ ଜଣ ଅନୁପସ୍ଥିତ ଥିଲେ। ସେହିପରି ଫାଶୀମାଲ ହାଇସ୍କୁଲ କେନ୍ଦ୍ରରେ ୧୪୪ରୁ ୧୩୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୩ ଜଣ ଅନୁପସ୍ଥିତ, ଜମନକିରା ସରକାରୀ ପଞ୍ଚାୟତ ହାଇସ୍କୁଲ କେନ୍ଦ୍ରରେ ୧୪୪ ଜଣରୁ ୧୨୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ଅନୁପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀ ରୁକ୍ମଣ ପଧାନ, ଏବିଇଓ ଦେବକୀ ନାଏକ ପରୀକ୍ଷା ପରିଦର୍ଶନ କରିଥିଲେ।

# ଜନତା ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର




**ସମ୍ବଲପୁର, ୧୪।୧୨ (ସମିସ) :** ଜନତା ଫାଉଣ୍ଡେସନ, ବୁର୍ଲା ୟୁଥ୍ ପକ୍ଷରୁ ଆଜି ଭିମସାର ରକ୍ତଭଣ୍ଡାରଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ନିୟମିତ ଭାବରେ ସମାଜ ସେବାମୂଳକ କାର୍ଯ୍ୟ କରାଯାଉଛି। ଆଜିର ରକ୍ତଦାନ ଶିବିରକୁ ଭିମସାର ରକ୍ତଭଣ୍ଡାର କର୍ତ୍ତୃପକ୍ଷ ପରିଚାଳନା କରିଥିଲେ। ଫାଉଣ୍ଡେସନର ସଭାପତି ରିସବ ପଞ୍ଚବିହାର, ପ୍ରାନ୍ତିକ ମହାକୁଡ଼, ଦିନେଶ୍ୱର ମହାପାତ୍ର, ଅମିତ କୁମାର ଦାସ, ସାଗର ସୁନା, ତ୍ରିନାଥ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ତୁଲୁବ ଭିଏସ୍ଏସ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଜମନକିରା, ୧୪।୧୨ (ସମିସ):** ଜମନକିରା ପଞ୍ଚାୟତ ମହକୁମା ଅଧୀନ ତୁଲୁବ ଠାରେ ୮ଏକର ଜାଗାରେ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଇନ୍‌ଡୋର୍ ଷ୍ଟାଡିଅମ୍ ନିର୍ମାଣ ହେବ। ତୁଲୁବ ଗ୍ରାମବାସୀ ତଥା ଭିଏସଏସ କ୍ଲବ୍ କର୍ମକର୍ତ୍ତାଙ୍କ ବହୁ ପ୍ରତିକ୍ଷୀତ ଆଶା ଏବେ ପୂରଣ ହେବାକୁ ଯାଉଛି। ତୁଲୁବ ଭିଏସଏସ କ୍ଲବ୍ ଦ୍ୱାରା ଆୟୋଜିତ ଦୁଇଦିନିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ତୁଲୁବରେ ଇନ୍‌ଡୋର୍ ଷ୍ଟାଡିଅମ୍ ନିର୍ମାଣ ହେଲେ ଅନେକ ପ୍ରତିଭାବାନ ଖେଳାଳୀ ଏଠାକୁ ଆସି ଶାରୀରିକ ବ୍ୟାୟାମ ଓ ଖେଳ ଅଭ୍ୟାସ ସୁଯୋଗ ପାଇବେ। ଏଥିସହ ଜମନକିରା ବ୍ଲକର ୨୧ଟି ପଞ୍ଚାୟତରେ ମନରେଗା ଓ ଏମପି ପାଣ୍ଠିରେ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଷ୍ଟାଡିଅମ୍ ନିର୍ମାଣ କରାଯିବ। ସମସ୍ତଙ୍କ ସହଯୋଗ ହେଲେ ଏହି କାର୍ଯ୍ୟକ୍ରମ ସଫଳ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ଗୁରୁତ୍ୱାରୋପ କରିଥିଲେ। ବିଡିଓ ରବୀନ୍ଦ୍ର ସେଠୀ, ବିଜେପି ଗୁଣ୍ଡରୁଚୂଆଁ ମଣ୍ଡଳ ସଭାପତି ମନୋଜ ମାଝୀ, ସଭାପତି ସୁଶିଲ କୁମାର ନାୟକ, ସମ୍ପାଦକ ଜଗନ୍ନାଥ ବେହେରା, ସୁବାଷ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମନୋଜ ଧର ସଭା ପରିଚାଳନା କରିଥିଲେ।

# ୨୧ରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ପ୍ରତିଯୋଗିତା

**ସମ୍ବଲପୁର, ୧୪।୧୨ (ସମିସ):** ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆସନ୍ତା ୨୧ ତାରିଖ ବିଭିନ୍ନ ପ୍ରତିଯୋଗିତା ପଟ୍ଟନାୟକପଡ଼ାସ୍ଥିତ ବ୍ରଜମୋହନ ପଟ୍ଟନାୟକ ୟୁପି ସ୍କୁଲରେ ଅନୁଷ୍ଠିତ ହେବ। କେ.ଜି. ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କଲେଜସ୍ତର ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର ଲିଖନ, ପ୍ରବନ୍ଧ ଲିଖନ, ବକ୍ତୃତା, କୁଇଜ୍, ଶ୍ରୀମଦ୍ ଭଗବତ୍ ଗୀତା ଶ୍ଳୋକ ଆବୃତ୍ତି, ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗିତା ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧିଶ ଅରବିନ୍ଦ ମହାପାତ୍ର (ମୋ. ୯୪୩୮୩୮୬୯୮୪) ଙ୍କୁ ଯୋଗାଯୋଗ କରାଯାଇପାରିବ ବୋଲି ସ୍ମୃତି ସମିତି ପକ୍ଷରୁ କୁହାଯାଇଛି।

# ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୧୪।୧୨ (ସମିସ) :** ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଆଜି ସନ୍ଧ୍ୟାରେ ସଙ୍ଗୀତର ସ୍ୱରରେ ଭକ୍ତିମୟ ପରିବେଶରେ ଭରିଯାଇଥିଲା। ଏହି ଭଜନ ପରିବେଷଣ ଭକ୍ତି ଓ ଆସ୍ଥାର ଏକ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି କରିଥିଲା।



ଉଲ୍ଲେଖଯୋଗ୍ୟ ଯେ, ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ମିଳିତ ଉଦ୍ୟମରେ ଏହି ଭଜନ ସନ୍ଧ୍ୟା ଆୟୋଜନ କରାଯାଉଛି। ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଆଜମେରିଆ, ଶିକ୍ଷାବିତ୍ ଡଃ ଶ୍ୟାମ ସୁନ୍ଦର ଧର, ସୁଶୀଲ ଦାସ, ଗୁରୁ ରଞ୍ଜନ ସାହୁ, ଗୁରୁ ତ୍ରିଲୋଚନ ତ୍ରିପାଠୀ, ଦିପାଳି ଚୌଧୁରୀ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ ଯାହା ଭକ୍ତମାନଙ୍କୁ ବିମୋହିତ କରିଥିଲା। କଣ୍ଠଶିଳ୍ପୀ ପ୍ରିୟଦର୍ଶିନୀ ନାଥ, ଶଶାଙ୍କ ଶେଖର ଦୁବେ, ଚେତନାମୟୀ ବେହେରା, ସ୍ୱରୂପ କିଶନ ଭୋଇ, ଦିଲ୍ଲିପ କୁମାର ନାୟକ, ଅଜୟ କୁମାର ନାଥ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କୃଷ୍ଣଚନ୍ଦ୍ର ବାଗ, ସୁବାସ ଭୋଇ, ଦେବାଶିଷ ପାଢ଼ୀ, ପ୍ରୟାଗରାଜ ବେହେରା, ଭାଗିରଥୀ ସିଂଦେଓ, ରାଜେଶ ଦୀପ, ସୁରେନ୍ଦ୍ର ଖଟେଇ, ଦିବାକର ମହାନନ୍ଦ, କ୍ଷିତିଶ ବାଗ ଓ ସୁମିତ କୁମାର ପ୍ରଧାନ ସହଯୋଗ କରିଥିଲେ। ଶଶାଙ୍କ ଶେଖର ଦୁବେ କାର୍ଯ୍ୟକ୍ରମ ପରିଚାଳନା ଏବଂ ରାମାଶିଷ ତ୍ରିପାଠୀ ସଂଯୋଜନା କରିଥିଲେ। ନିୟମିତ ଭାବରେ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହି ଭଜନ ସନ୍ଧ୍ୟା ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶାବ୍ୟକ୍ତ କରିଛନ୍ତି। ଭକ୍ତମାନଙ୍କ ଅନୁଯାୟୀ, ଏଭଳି ଆୟୋଜନ ଭକ୍ତିମୟ ପରିବେଶକୁ ସୁଦୃଢ଼ ଏବଂ ମା'ଙ୍କ ମହିମା ପ୍ରଚାର ପ୍ରସାରରେ ସହାୟକ ହେବ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି, ସମ୍ବଲପୁରର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ମା' ସମଲେଶ୍ୱରୀ ପୀଠର ଗାରିମା ବୃଦ୍ଧି କରିବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏଭଳି ବିଭିନ୍ନ ପଦକ୍ଷେପ ନିଆଯିବାକୁ ଯୋଜନା ରହିଛି।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ 'ପ୍ରୟାସ' ଉଦ୍‌ଘାଟିତ

**ସମ୍ବଲପୁର, ୧୪।୧୨ (ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି -୨୦୨୦କୁ ନେଇ ଜାତୀୟ ସମ୍ମିଳନୀ 'ପ୍ରୟାସ' ଆଜି ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଅଧିବେଶନରେ ଜାତୀୟ ଶୈକ୍ଷିକ ବୈଷୟିକ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା 'ନାକ୍'ର ପୂର୍ବତନ ଚେୟାରମେନ ପ୍ରଫେସର ଅନୀଲ ଡି. ସହସ୍ରବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀର ବିଷୟବସ୍ତୁ ହେଉଛି, 'ଏନ୍‌ଇପି ୨୦୨୦ : ଟ୍ରାନ୍ସଫର୍ମେସନାଲ ଏଜୁକେଶନ ପଲିସି'। ଭାରତ ସରକାରଙ୍କ ପୂର୍ବତନ ଯୁଗ୍ମ ସଚିବ ମଧୁ ରଞ୍ଜନ କୁମାର, ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଉମା କାଞ୍ଜିଲାଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ଟାଟା ପାୱାରର ସିଇଓ ପ୍ରବୀଣ କୁମାର ବର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସମ୍ମିଳନୀ 'ପ୍ରୟାସ'ର ସମ୍ପାଦିକା ଡଃ ସୁଭଦ୍ରା ମହାରଣା ବିବରଣୀ ପାଠ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଡଃ ଜିତେନ୍ଦ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଶେଷରେ ସମ୍ମିଳନୀର ଅନ୍ୟତମ ସମ୍ପାଦକ ଡଃ ଆଦିତ୍ୟ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।




ସମ୍ମିଳନୀ ଉଦ୍‌ଘାଟିତ ହେବାପରେ ପ୍ରଥମ ବୈଷୟିକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ପ୍ରଫେସର ଅନୀଲ ଡି ସହସ୍ରବୁଦ୍ଧି। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'କନ୍‌ଟେମ୍ପୋରାରୀ ଡେଭଲପମେଣ୍ଟ ଏମଙ୍ଗ ରିବୋଟ୍ ଲର୍ଣ୍ଣର୍ସ' (ଇଣ୍ଟେଗ୍ରେଟିଙ୍ଗ ବାଏ ସ୍କିଲ ଇନ୍ ହାୟର ଏଜୁକେଶନ)। ଉକ୍ତ ବିଷୟରେ ମଧୁ ରଞ୍ଜନ କୁମାର, ପ୍ରଫେସର ଉମା କାଞ୍ଜିଲାଲ, ପ୍ରଫେସର ଦୀପକ କୁମାର ସାହୁ, କୁଳପତି ଭିସୁଟ୍ ବୁର୍ଲା, ଜିକେସିଆଇଇଟି ମାଲଦା, ପଶ୍ଚିମବଙ୍ଗର ପ୍ରଫେସର ସିବି ଜନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ଡ. ମହାଦେଓ ଜୟସ୍ୱାଲ ପ୍ରମୁଖ ଆଲୋଚନା କରିଥିଲେ।

ସମ୍ମିଳନୀର ବୈଷୟିକ ଅଧିବେଶନର ପ୍ରଥମ ସୋପାନର ବିଷୟବସ୍ତୁ ଥିଲା 'ଟେକ୍‌ନୋଲୋଜି ଇଣ୍ଟେଗ୍ରେସନ'। ସୋପାନରେ ଅଧ୍ୟକ୍ଷତା କରିଥିଲେ ଏନ୍‌ଆଇଟିଟିଟିଆର୍ ଭୋପାଳର ପ୍ରଫେସର ଏଲ.ଏସ ରାଜୁ ଓ ଉପାଧ୍ୟକ୍ଷ ଥିଲେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସୁରେଶ ଚନ୍ଦ୍ର ପଟେଲ। କାର୍ଯ୍ୟକ୍ରମକୁ ହିନ୍ଦୀ ବିଭାଗର ସହକାରୀ ପ୍ରଫେସର ଡ. ନବନୀତ କୁମାର ସଂଯୋଜନା କରିଥିଲେ। ଏହି ସୋପାନରେ ସର୍ବମୋଟ ୧୪ଟି ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା। ଅଧିବେଶନର ଦ୍ୱିତୀୟ ସୋପାନର ବିଷୟବସ୍ତୁ ଥିଲା 'ସସ୍‌ଟେନେବଲ୍ ଡେଭଲପମେଣ୍ଟ ଗୋଲ୍‌ସ'। ଏହି ସୋପାନରେ ଅଧ୍ୟକ୍ଷ୍ୟତା କରିଥିଲେ ପ୍ରଫେସର ସିବି ଜନ ଓ ଉପାଧ୍ୟକ୍ଷ ଥିଲେ ଏନ୍‌ଆଇଟିଟିଟିଆର୍ ଭୋପାଳର ପ୍ରଫେସର ରଞ୍ଜିତ ସିଂହ। ସଂଯୋଜନା କରିଥିଲେ ଡ. ପୂଜା ଗୁପ୍ତା ଓ ଡ. ସରୋଜିନୀ ମଲ୍ଲିକ। ଏହି ସୋପାନରେ ସର୍ବମୋଟ ୧୨ଟି ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା। ଉଭୟ ସୋପାନରେ ସହଯୋଗିତା କରିଥିଲେ ଏନ୍‌ଆଇଟିଟିଟିଆର୍ ଭୋପାଳର ସହଯୋଗୀ ପ୍ରଫେସର ସୁମନ ପଟ୍ଟନାୟକ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ସିମ୍ରନ ରାଉତ ଓ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଶୁଭ୍ର ସୌରାଂଶୁ ପୂଜାହାରୀ ସଂଯୋଜନା କରିଥିଲେ।

## ଆନ୍ତଃଗ୍ରାମୀଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ରାସନପୁର ଚାମ୍ପିଅନ, ବୁଢ଼ାକଟା ରନର୍ସ ଅପ୍



**ସମ୍ବଲପୁର, ୧୪।୧୨ (ସମିସ):** ମାଆ ପିତାବଳୀ କପ୍ ପଞ୍ଚଦଶୀୟ ଆନ୍ତଃଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତା ଗତ ୧୦ ତାରିଖରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ୧୬ଟି ଗ୍ରାମର କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବୁଢ଼ାକଟା ଓ ରାସନପୁର ଦଳ ମଧ୍ୟରେ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଥିଲା। ଶେଷରେ ରାସନପୁର ଦଳ ବିଜୟୀ ହୋଇ ଚମ୍ପିଆନ ହୋଇଥିବାବେଳେ ବୁଢ଼ାକଟା ଦଳ ରନର୍ସ-ଅପ୍ ହୋଇଥିଲା। ବିଜେତା ଦଳକୁ ଟ୍ରଫିସହ ୨୫ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫିସହ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ହୀରାଲାଲ ବେହେରା ଯୋଗଦେଇଥିବାବେଳେ ସାମ୍ବାଦିକ ସୁଶାନ୍ତ ମହାପାତ୍ର ସମ୍ମାନିତ ଅତିଥି ଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନେପାଳ ମହାନନ୍ଦ, ଭୁବନେଶ୍ୱର ପ୍ରଧାନ, ମଦନ ସାହୁ ଓ ଶ୍ରୀମତ ପ୍ରଧାନ ଉପସ୍ଥିତ ରହିଥିଲେ। ମ୍ୟାଚ୍ ଗୁଡ଼ିକୁ ଉମାକାନ୍ତ ମାଝୀ ଓ ସରୋଜ ପ୍ରଧାନ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାବେ ଶୁଭମ ପୁରୋହିତ ଓ ଅମ୍ରେଶ ଶେଖର ସାମଲ ଦାୟିତ୍ୱ ନିର୍ବାହ କରିଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଏମ୍‌ପିସିସି କ୍ଲବର ସଭ୍ୟ ବୁଲୁ ଭୋଇ, ପ୍ରତାପ ନାୟକ, ଟିକୁନ, ସୁଶାନ୍ତ ପାଣ୍ଡେ, କୁଞ୍ଜବିହାରୀ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

# କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ




**ସମ୍ବଲପୁର, ୧୪।୧୨ (ସମିସ) :** ବ୍ଲୁ ଡାଇମଣ୍ଡ କ୍ଲବ ସମ୍ବଲପୁର ପକ୍ଷରୁ ଗତ ୧୧ ତାରିଖରୁ କମିଶନର କଲୋନୀ କ୍ରିକେଟ୍ କ୍ଲବ (ଫୋର୍-ସି) ପଡ଼ିଆରେ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ ଜୁନିଅର ଅଣ୍ଡର ୧୬ ଓ ଅଣ୍ଡର ୧୯ ଫଟାଫଟ କ୍ରିକେଟ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବରେ ବିଜେପି ନେତା ସମୀର ରଞ୍ଜନ ବାବୁ, ଅନିଲ ବେହରା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ସୁନୀଲ ସାହୁ, ପ୍ରବିଣ ସିଂଦେଓ, ସୟଦ ଅବଦୁଲ ସିରାଜ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଯୋଗିତାର ଫାଇନାଲ ଖେଳ ମହାବୀର କ୍ରିକେଟ ଏକାଡେମି, ରେଙ୍ଗାଲି ଓ ବ୍ଲୁ ଡାଇମଣ୍ଡ କ୍ରିକେଟ ଏକାଡେମି, ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ମହାବୀର କ୍ରିକେଟ ଏକାଡେମି ବିଜୟ ଲାଭ କରିଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅମ୍ପାୟାର ଭାବରେ ଟୁକୁ ବାହାଦୁର ଓ ମହେଶ ମୁନସୀ ରହିଥିବାବେଳେ କ୍ଲବର ମହମ୍ମଦ ରିୟାଜୁଦ୍ଦିନ, ମହମ୍ମଦ କାଶିମ, ସାୟଦ ଜିନ୍ଦା, ସାୟଦ ଜାକି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଜିରୋ ପଏଣ୍ଟରେ ପ୍ରବଳ ଭିଡ଼, ପୁଲିସର କଡ଼ା ସୁରକ୍ଷା

ସମ୍ବଲପୁର, ୧୪।୧୨ (ସମିସ)






ଶୀତ ଋତୁ ସହ ଆରମ୍ଭ ହୋଇଯାଇଛି ଭୋଜିର ଋତୁ। ସବୁଠି ପର୍ଯ୍ୟଟକଙ୍କ ଭିଡ଼। ଏହି ସମୟରେ ସ୍କୁଲକଲେଜ ପରୀକ୍ଷା ଶେଷ ହେବାସହ ଚାକିରିଆମାନେ ମଧ୍ୟ ସେମାନଙ୍କ ବଳକା ଛୁଟି ନେଇ ଉପଭୋଗ କରିବା ପାଇଁ ବାହାରି ପଡ଼ନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟ ଅନୁଭବ ସହ ରାନ୍ଧିଖାଇ ମଉଜ ମଜଲିସ କରିଥାନ୍ତି। ସମ୍ବଲପୁର ସହରକୁ ମଧ୍ୟ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହୋଇଛି।

ଆଜି ବୁର୍ଲା ଜିରୋ ପଏଣ୍ଟରେ ଭୋଜି ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁସଂଖ୍ୟକ ପିକ୍‌ନିକ୍ ଦଳ ଆସିଛନ୍ତି। ଏପରି ସମୟରେ ଅସାମାଜିକ ବ୍ୟକ୍ତି ଓ ଦୁର୍ବୃତ୍ତଙ୍କ କାର୍ଯ୍ୟକଳାପ ମଧ୍ୟ ବଢ଼ିଥାଏ। ଏହାକୁ ନଜରରେ ରଖି ବୁର୍ଲା ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଭିଡ଼କୁ ଦେଖି ପୁଲିସ ପକ୍ଷରୁ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଇଛି। ଭୋଜିପାଇଁ ସ୍କୁଲ କଲେଜରୁ ଛାତ୍ରଛାତ୍ରୀ, ସାଧାରଣ ଲୋକ ତଥା ପୁରୁଷ ମହିଳାଙ୍କ ସହ ଶିଶୁମାନଙ୍କ ଭିଡ଼ ଦେଖିବାକୁ ମିଳୁଛି। ବିଦ୍ୟାଳୟ ସହପାଠୀ, ବନ୍ଧୁସହଯୋଗୀ ତଥା ପରିବାରମାନେ ଏହି ଭୋଜି ଦଳ ଗୁଡ଼ିକରେ ସାମିଲ ହୋଇଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ନିଶାସେବନ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି।

ଜିରୋ ପଏଣ୍ଟକୁ ଆସୁଥିବା ସମସ୍ତ ଗାଡ଼ି ଯାଞ୍ଚ କରାଯାଉଛି। ନିଶା ସାମଗ୍ରୀ ସକାଶେ ସ୍ୱତନ୍ତ୍ର ଯାଞ୍ଚ ହେଉଥିବା କୁହାଯାଉଛି। ଭୋଜି ଦଳଗୁଡ଼ିକ ଆସି ନିଶାସେବନ କରି ବହୁ ସମୟରେ ଗଣ୍ଡଗୋଳ ହୋଇଥାଏ। ଏଣୁ ପୁଲିସ ପକ୍ଷରୁ ନିଶାସେବନ ଉପରେ ରୋକ୍ ଲଗାଯାଇଛି। ପ୍ରତିଦିନ ସକାଳୁ ସନ୍ଧ୍ୟା ୭ଟା ଯାଏଁ ପୁଲିସ ପାଟ୍ରୋଲିଂ ଓ ଯାଞ୍ଚ ଜାରି ରହୁଛି। ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବୁର୍ଲା ଥାନାଧିକାରୀ ସୌମ୍ୟକାନ୍ତ ବଳିଆର ସିଂ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଗୁରୁତର

**ରେଢ଼ାଖୋଲ, ୧୪।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ସାମସିଂହା ଛାତ୍ରୀନିବାସ ନିକଟସ୍ଥ ବୁଲାଣିରେ ଶନିବାର ସକାଳୁ ବାଇକ୍ ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି



ହୋଇଛନ୍ତି। ଗୁରୁତର ଦମ୍ପତି ଶୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଗ୍ରାମର ରମେଶ ମହାଖୁଡ(୫୫) ଓ ସ୍ତ୍ରୀ ଅଞ୍ଜଳି ମହାଖୁଡ(୫୦) ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଦମ୍ପତି ସକାଳେ ନିଜ ଗାଁରୁ ବାଇକରେ ବାଦିବାହାଳ ଗ୍ରାମକୁ ଯାଉଥିଲା ବେଳେ ଉକ୍ତ ସ୍ଥାନରେ ଭାରସାମ୍ୟ ହରାଇ ବାଇକ୍ ରାସ୍ତାରୁ ପ୍ରାୟ ୧୦ ଫୁଟ ତଳକୁ ଖସି ପଡ଼ିଥିଲା। ରମେଶଙ୍କ ମୁହଁରେ ଗଭୀର ଆଘାତ ଲାଗି ଗୁରୁତର ହୋଇ ପଡ଼ିଥିବା ବେଳେ ସ୍ତ୍ରୀ ଅଞ୍ଜଳି ଆହତ ହୋଇଥିଲେ। ସ୍ଥାନୀୟଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ।

## କାର୍ ଧକ୍କାରେ ଜଣେ ଆହତ

**ରେଢ଼ାଖୋଲ, ୧୪।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମିନି ଷ୍ଟାଡିୟମ ନିକଟରେ ରବିବାର ଦିନ ଅପରାହ୍ନ ସମୟରେ ଏକ କାର ଧକ୍କାରେ ଜଣେ ଶ୍ରମିକ ଆହତ ହୋଇଛନ୍ତି। ଆହତ ଶ୍ରମିକ ଜଣକ ହେଲେ ସୁନ୍ଦରଗଡ଼ ଜିଲ୍ଲା ଲେପ୍ରିପଡ଼ା ପଞ୍ଚାୟ ଛଟେନପାଲି ଗ୍ରାମର ଗୁରୁଦେବ ସୋନାନୀ। ଏଠାରେ ନିର୍ମାଣଧିନ ଟ୍ରମା କେୟାର ସେଣ୍ଟରରେ ଶ୍ରମିକ ଭାବରେ କାର୍ଯ୍ୟରତ ରହିଛନ୍ତି। ରେଢ଼ାଖୋଲ ସହରର ମିନି ଷ୍ଟାଡିୟମରେ ହେଉଥିବା ଫୁଟବଲ ଖେଳ ଦେଖିସାରି ଜାତୀୟ ରାଜପଥ ଅତିକ୍ରମ କରୁଥିବା ସମୟରେ ଅନୁଗୁଳ ପଟରୁ କାର ଆସି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଫଳରେ ଶ୍ରମିକ ଜଣକ ଆହତ ହୋଇଯାଇଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରିଥିଲେ।

## ଯୁବ ବ୍ୟବସାୟୀଙ୍କ ମାତୃ ବିୟୋଗ

**କୁଚିଣ୍ଡା, ୧୪।୧୨ (ସମିସ):** କୁଚିଣ୍ଡା ଅଞ୍ଚଳର ଜଣାଶୁଣା କ୍ୱାଲିଟି କଲେକସନର ମାଲିକ ମନୋଜ ସାହୁଙ୍କ ମାଆ ଭାରତୀ ସାହୁ (୭୮) ବୟସରେ ରବିବାର



ସକାଳେ ଇହଲିଲା ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଏକ ମାତ୍ର ପୁଅ ମନୋଜ ସାହୁ, ପୁତ୍ରବଧୂ, ନାତି ନାତୁଣୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ରବିବାର ଗାଁ ମଶାଣିରେ ଶବ ସତ୍କାର କରାଯାଇଥିଲା। ପୁଅ ମନୋଜ ସାହୁ ମୁଖାଗ୍ନି ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କର ଶେଷ ଦର୍ଶନ କରିଥିଲେ।

# ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କଲେ ଗଜପତି

**ସମ୍ବଲପୁର, ୧୪।୧୨ (ସମିସ)**

ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ, ସମନ୍ୱୟ ସମିତି ତରଫରୁ ସମ୍ବଲପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ତ୍ରିଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ ଶନିବାର ଅପରାହ୍ନରେ ଉଦଘାଟିତ ହୋଇଥିଲା। ଦିବ୍ୟ ଜୀବନ ସଂଘ ମୁଖ୍ୟ କାର୍ଯ୍ୟାଳୟ, ଋଷିକେଶର ଉପସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କ

### ପଶ୍ଚିମ ଓଡ଼ିଶା ଚତୁର୍ଥ ଦିବ୍ୟ ଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ

ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଜି ଆଧ୍ୟାତ୍ମିକ ସମ୍ମିଳନୀର ଦ୍ୱିତୀୟ ଦିବସରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିବେଶନରେ ଗଜପତି ମହାରାଜା ସେମାନଙ୍କୁ ମାର୍ଗଦର୍ଶନ କରିଛନ୍ତି।

ଗଜପତି ମହାରାଜା କହିଲେ ଯେ, ଆଜିକାଲି ଆମେ ସମସ୍ତେ ଚାକିରୀ, ଧନ, ସମ୍ପତ୍ତି, ପ୍ରତିଷ୍ଠା ପଛରେ ଗୋଡ଼ାଉଛୁ। ମନୁଷ୍ୟ ବିଚାର କରେ ଏହା ଠିକ୍ ନା' ଭୁଲ। କଣ ଇନ୍ଦ୍ରିୟ ସୁଖ ବାସ୍ତବ ସୁଖ ବୋଲି ସେ ପଚାରିଲେ। ଆମେ ନିରନ୍ତର ସୁଖ ଚାହୁଁ, ସେହିଭଳିଆ ସୁଖ ସଂସାରରେ ନାହିଁ, ସଂସାର ପରିବର୍ତ୍ତନଶୀଳ। ଗୋଟିଏ ସ୍ଥିତିରେ ରହିବ ନାହିଁ, ଏହା ହେଉଛି ସଂସାରର ସ୍ୱରୂପ। ପ୍ରାଚୀନ ଭାରତରେ ଗୁରୁକୂଳ ଶିକ୍ଷାରେ ଭୌତିକ ଶିକ୍ଷା ସହିତ ପାରମାର୍ଥିକ, ଆଧ୍ୟାତ୍ମିକ, ବୈଦିକ ବିଦ୍ୟା ଶିକ୍ଷା ଦିଆଯାଉଥିଲା। ସବୁକିଛି ଆମେ ଭୌତିକ ବିଦ୍ୟା ପଢୁଛୁ, ଆଧ୍ୟାତ୍ମିକ ବିଦ୍ୟା ନାହିଁ। ଆମେ ପାଶ୍ଚାତ୍ୟ ବିଦ୍ୟା ପଛରେ ଗୋଡ଼ାଉଛୁ। ତେଣୁ ପିଲାମାନେ ନିଜ ପାଠ ଭଲ ଭାବରେ ପଢ଼ିବ, ଭଲ ରେଜଲ୍ଟ ଆଣିବ। କିନ୍ତୁ ତାହାସହ





ଛାତ୍ରଛାତ୍ରୀଙ୍କୁ ଆଜି ଆଧ୍ୟାତ୍ମିକ ଶିକ୍ଷାର ସ୍ୱାଦ ଚଖେଇ ଦିଆଯାଉଛି। ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ହିଁ ତୁମର ଉତ୍ତମ ଚରିତ୍ର ନିର୍ମାଣ ହେବ। ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ହିଁ ତୁମ ଜୀବନରେ ବାସ୍ତବ ସୁଖ କିପରି ଆଣିପାରିବ, ବାସ୍ତବ ସଫଳତା କେମିତି ଆସିବ ତାହାର ମାର୍ଗ ପାଇବ। ଏବେ ଯାହା ପଢୁଛ ତାହାଦ୍ୱାରା ତୁମେ ଚାକିରୀ ପାଇବ କିନ୍ତୁ ସୁଖ ପାଇବାର ଗ୍ୟାରେଣ୍ଟି ନାହିଁ। ଯେତେବେଳେ ବୟସ୍କ ହେବ ଜୀବନକୁ ଫେରି ଚାହିଁବ, ଦେଖିବ ଅଧିକରୁ ଅଧିକ ଦୁଃଖ ଏବଂ ସୁଖର ପରିମାଣ କମ୍। ଭୌତିକ ବିଦ୍ୟା ଯାହା ପଢୁଛ ତାହା ସହିତ ଯଦି ଆଧ୍ୟାତ୍ମିକ ବିଦ୍ୟାକୁ ଆଣି ତୁମେ ଥୋଇବ, ସେହି ଅନୁସାରେ ତୁମର ଚରିତ୍ର ଆଗେଇନେବ, ମୂଲ୍ୟବୋଧ ଆଣିବ ତାହାହେଲେ ତୁମର ଭୌତିକ ସଫଳତା ଓ ପ୍ରଗତି ସହ ଜୀବନରେ ସୁଖ, ଶାନ୍ତି ଆଉ ବାସ୍ତବ ସଫଳତା ପାଇବ ବୋଲି ଗଜପତି ମହାରାଜ କହିଥିଲେ।

ରବିବାର ସମ୍ମିଳନୀର ଦ୍ୱିତୀୟ ଦିବସ ସକାଳ ଅଧିବେଶନରେ ସ୍ୱାମୀ କୃଷ୍ଣଦାସାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରାର୍ଥନା, ଜପ, ଧ୍ୟାନ, ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ ଯୋଗାସନ ଓ ପ୍ରାଣାୟାମ ଏବଂ ସ୍ୱାମୀ ତନ୍ନିଷ୍ଠାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆଦି ଶଙ୍କରାଚାର୍ଯ୍ୟକୃତ 'ସାଧନା ପଞ୍ଚକମ୍' ଅନୁଷ୍ଠିତ ହୋଇଥିଲା। ଏହାପରେ ପୂର୍ବାହ୍ନରେ ଛାତ୍ରଛାତ୍ରୀଙ୍କ ଲାଗି ସ୍ୱତନ୍ତ୍ର ଅଧିବେଶନ ହୋଇଥିଲା। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଡଃ ଉମାଚରଣ ପତି ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଆଶୀର୍ବଚନ ଦେଇଥିଲେ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଛାତ୍ରଛାତ୍ରୀ ଓ ଉପସ୍ଥିତ ଦିବ୍ୟ ଜୀବନ ସଂଘ ସଦସ୍ୟ ତଥା ଜନସାଧାରଣ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହାପରେ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ ମହାରାଜ ଓ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଆଶୀର୍ବଚନ ସହ ଶାନ୍ତିପାଠ କରିଥିଲେ। ଅପରାହ୍ଣରେ ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ସରସ୍ୱତୀଙ୍କ ଦ୍ୱାରା ସ୍ୱାମୀ ଶିବାନନ୍ଦଙ୍କ ଜୀବନ ଦର୍ଶନ : ମାନବ ସମାଜକୁ ବାର୍ତ୍ତା ଏବଂ ସନ୍ଧ୍ୟା ଅଧିବେଶନରେ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଦ୍ୱାରା ରାମାୟଣରେ ଲକ୍ଷ୍ମଣ ଚରିତ ଉପସ୍ଥାପନ କରାଯାଇଥିଲା।

ଶନିବାର ଉଦ୍‌ଘାଟନୀ ଉତ୍ସବରେ ଆଧ୍ୟାତ୍ମିକ ସମ୍ମିଳନୀର ଆବାହକ ଡ. ମୀନକେତନ ପାଠୀ ସ୍ୱାଗତ ଭାଷଣ, ସାଧୁସନ୍ଥ, ବିଶିଷ୍ଟ ଅତିଥିଙ୍କ ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା 'ଜ୍ଞାନଦୀପ' ତଥା ଅନେକ ଆଧ୍ୟାପିକ ପୁସ୍ତକ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ ଯେ, ଆସୁରିକ ଅନ୍ଧକାର ବ୍ୟାପିଗଲେ ସର୍ବନାଶ ହୋଇଯିବ। ଆଧ୍ୟାତ୍ମିକ ଜ୍ଞାନ ଯେତେବେଳେ ଲୁପ୍ତ ହୋଇଯିବ, ଆସୁରିକ ପ୍ରବୃତ୍ତି ମାଡିଆସିବ। ବିନାଶକୁ ରୋକିବା ପାଇଁ ଏକମାତ୍ର ଉପାୟ ହେଉଛି ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାର। ଏହାଦ୍ୱାରା ପରସ୍ପର ପ୍ରେମ ଆସିବ, ସଦଭାବନା ଆସିବ, ଶାନ୍ତି ଆସିବ। ବିଶ୍ୱରେ ଯେଉଁଠି ବି ଯୁଦ୍ଧ ହେଉଛି ତାର କାରଣ ହେଉଛି ଆଧ୍ୟାତ୍ମିକ ଜ୍ଞାନର ଅଭାବ ବୋଲି ଗଜପତି ମତବ୍ୟକ୍ତ କରିଥିଲେ। ସେ ଆହୁରି ମଧ୍ୟ କହିଲେ ଯେ, ସରକାର କରିବେ ନାହିଁ, କୌଣସି ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ କରିବ ନାହିଁ, ଆପଣ ମାନଙ୍କ ଦାୟିତ୍ୱ ରହୁଛି, ଆଧ୍ୟାତ୍ମିକ ସଂଘ ଉପରେ ଦାୟିତ୍ୱ ରହୁଛି, ଆଧ୍ୟାତ୍ମିକଜ୍ଞାନ ସମାଜରେ ପ୍ରସାରିତ କରିବା ବୋଲି ଗଜପତି ପରାମର୍ଶ ଦେଇଥିଲେ।

## ଜମନକିରାରେ ହାଡ଼ଭଙ୍ଗା ଶୀତ

**ଜମନକିରା, ୧୪।୧୨(ସମିସ):** ଆଜକୁ ଛଅ ସାତ ଦିନ ହେଲା ଜମନକିରା ଅଞ୍ଚଳରେ ଶୀତର ପ୍ରକୋପ ଅନୁଭୂତ ହେଉଛି।ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରବଳ ଜାଡ ଅନୁଭୂତ ହେଉଥିବା ବେଳେ ଶୀତର ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଉଛି। ତାପମାତ୍ରା ୧୧ ରୁ ୧୩ ଡିଗ୍ରୀ ମଧ୍ୟରେ ରହିବା ସାଙ୍ଗକୁ ବଉଳ ପବନ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଜଙ୍ଗଲ ନିକଟ ଗ୍ରାମ ଗୁଡିକରେ ଦିନ ରାତି ଅନ୍ତରା ଲାଗି ରହୁଛି। ଏପରିକି ଗୃହ ପାଳିତ ପ୍ରାଣୀମାନଙ୍କୁ ମଧ୍ୟ ଜାଳେଣି ଦେବାକୁ ପଡୁଛି।ଶୀତୁଆ ସକାଳରେ କୌଣସି କାମରେ ଘରୁ ପଦାକୁ ବାହାରିବାକୁ କଷ୍ଟ ଲାଗୁଥିବା ବେଳେ ରାତିରେ ଶୀଘ୍ର ବଜାରଘାଟ ଖାଲି ହୋଇଯାଉଛି। ବିନା ଶୀତ ବସ୍ତ୍ରରେ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଥିବା ବେଳେ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ଚାରିପଟେ ବସୁଥିବା ଦେଖିବାକୁ ମିଳୁଛି।




## ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନୋଷ୍ଟାଲଜିଆ




**ସମ୍ବଲପୁର, ୧୪।୧୨ (ସମିସ):** ବୁର୍ଲା ପିଏମଶ୍ରୀ ହାଇସ୍କୁଲର ପୁରାତନ ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ନୋଷ୍ଟାଲଜିଆ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଧନକଉଡ଼ା ବିଇଓ କରନ ଶର୍ମା ଯୋଗଦେଇଥିଲେ। ଆଲୁମିନି ଆସୋସିଏସନ୍ ସଭାପତି ରାଜକିଶୋର ଜାଯୋଡ଼ିଆ, ସମ୍ପାଦକ ଦେବାଶିଷ ନନ୍ଦ, ଉପଦେଷ୍ଟା ନିରଞ୍ଜନ ପଟ୍ଟନାୟକ, ଦେବେନ୍ଦ୍ର କପାନି, କୈଳାସ ବାଲି, ସୁରେଶ ପଣ୍ଡା, ଆସ୍ତିକ ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବପ୍ରଥମେ ସଭାପତି ରାଜକିଶୋର ଜାଯୋଡ଼ିଆ ସ୍ୱାଗତ ଭାଷଣ ଦେଇଥିଲେ ଓ ପରେ ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଏଇ କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଆଲୁମିନି ଯୋଗ ଦେଇଥିଲେ। ମନୋଜ୍ଞ ପରିବେଶ ମଧ୍ୟରେ ବୁର୍ଲା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ପରିମାଣିକ, ଇନ୍ଦିରା ଦେବୀ ଓ ଉତ୍ତରା ଦେବୀଙ୍କୁ ସମ୍ବର୍ଦ୍ଧିତ କରିବାସହ ବିଦ୍ୟାଳୟର କୃତି ଛାତ୍ର ଏନ୍ କୁମାର ସ୍ୱାମୀ, ଓମ୍ ପ୍ରକାଶ ରାଉତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହାସହିତ ଦୀର୍ଘ ଦିନରୁ ଦାବି ହେଉଥିବା ସ୍କୁଲର ପଟ୍ଟା ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆଲୁମିନି ମାନଙ୍କ ସବିଶେଷ ବିବରଣୀ ଥିବା ଏକ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା। ପୁରାତନ ଛାତ୍ର ଦୀପ୍ତିକାନ୍ତ ଠାକୁର, ରାଜେଶ ମିଶ୍ର, ରଜନୀ ନାଗ ମଞ୍ଚ ପରିଚାଳନା କରିଥିଲାବେଳେ ରଶ୍ମି ରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ ସହ ସଙ୍ଗୀତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଚିଣ୍ଡାରେ ମିନି ମାରାଥନ

**କୁଚିଣ୍ଡା, ୧୪।୧୨(ସମିସ):** କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ୍ ରୁ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ୧୦ କିମି ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଅଞ୍ଚଳର ଶହ ଶହ ଯୁବକ ଯୁବତୀ, ମହିଳା ମିନି ମାରାଥନରେ ଅଂଶ ଗ୍ରହଣ କରି କୁଚିଣ୍ଡା-କୁସୁମୀ ରାସ୍ତାର କାପୁଟିକିରା ଛକ ପର୍ଯ୍ୟନ୍ତ ଦୌଡ଼ି ପୁଣି ମୁକୁନ୍ଦି ଷ୍ଟାଡିୟମ୍‌କୁ ପ୍ରତ୍ୟାବର୍ତ୍ତନ କରି ୧୦ କିମି ଦୌଡ଼ି ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ ରହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ।ମିନି ମାରାଥନରେ ପୁରୁଷ ବିଭାଗରେ ସୋନପୁରର ଦୟା ମୁଣ୍ଡା ପ୍ରଥମ ସ୍ଥାନ ସହ ନଗଦ ୧୦ ହଜାର ଟଙ୍କା ଓ ମାନପତ୍ର ପାଇଥିଲେ।ପୱନ୍ ଯାଦବ ଦ୍ୱିତୀୟ ସ୍ଥାନ ସହ ୭ ହଜାର ଟଙ୍କା ଓ ମାନପତ୍ର ପାଇଥିଲେ, ମିଳନ ଏକ୍କା ତୃତୀୟ ସ୍ଥାନ ସହ ୩ ହଜାର ଟଙ୍କା ଓ ମାନପତ୍ର ଗ୍ରହଣ କରିଥିଲେ। ସେହିପରି ମହିଳା ବିଭାଗରେ ରାଉରକେଲା ଜିର୍ଲାପାନିର କିରଣ ମାହାତୋ ପ୍ରଥମ, ରଙ୍ଗବତୀ ବିଲୁଙ୍ଗର ପୁଷ୍ପା ମାଝୀ ଦ୍ୱିତୀୟ ଓ ଦେବଗଡ଼ର ନିଶା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଫ୍ରେଣ୍ଡସ କ୍ଲବ୍‌ର ନେତୃତ୍ୱ ନେଉଥିବା ସଞ୍ଜୟ ମହାନନ୍ଦ ସହ କ୍ଲବ୍‌ର ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




## ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପାଇକମାଳ, ୧୪।୧୨ (ସମିସ):** ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ମୁଖ୍ୟ ବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଖଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ହାସ୍ୟକବି ଦେବେନ୍ଦ୍ର ସାହୁ ଉତ୍ସବ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ସଭାର ସଭାପତିତ୍ୱ କରିଥିଲେ। ସବିତା ଭୋଇ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ନିରୁପମା ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ହାସ୍ୟ କବି ଶ୍ରୀ ସାହୁ ନିଜର ବକ୍ତବ୍ୟ ଓ ହାସ୍ୟରସ କବିତା ପଠନ କରି ସମସ୍ତଙ୍କୁ ଖୁବ୍ ହସାଇଥିଲେ। ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଦାଶ ପୂର୍ବତନ ରାଷ୍ଟ୍ରପତି ବୈଜ୍ଞାନିକ ଡକ୍ଟର ଅବଦୁଲ କଲାମ ଦେଇଥିବା ୧୦ଟି ଆଦର୍ଶ ନୀତିରେ ଅନୁପ୍ରାଣିତ ହୋଇ ବଡ ମଣିଷ ହେବା ପାଇଁ ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ। ଶେଷରେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ପୁରୋହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣୀୟ ଟିପ୍ପଣୀ ଦେଇଥିଲେ।ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦେଇଥିଲେ। +୨କଳା ଓ ବିଜ୍ଞାନରେ ସର୍ବୋଚ୍ଚ ମାର୍କ ରଖିଥିବା ପ୍ରମୋଦିନୀ ପ୍ରଧାନ ଓ ରୁବି ସାହୁ ପୁରସ୍କୃତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିବାନୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କ୍ରିଷ୍ଣା ବିକାଶ ହସ୍ପିଟାଲ୍‌ରେ କ୍ୟାନ୍‌ସର ସଚେତନତା




**ବରଗଡ଼, ୧୪।୧୨(ସମିସ):** ଏମ୍‌ସିଏଲ୍ ଓ ଆଧାର କ୍ୟାନସର ଫାଉଣ୍ଡେସନ୍‌ଙ୍କ ମିଳିତ ସହଯୋଗରେ କ୍ରିଷ୍ଣା ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ୍ ବରଗଡ଼ ଠାରେ କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରିଷ୍ଣା ବିକାଶ ହସ୍ପିଟାଲ୍‌ର ମାନବ ସମ୍ବଳ ବିଭାଗର ମୁଖ୍ୟ ଦେବଜାନୀ ଦାସ କାର୍ଯ୍ୟକ୍ରମକୁ ସ୍ୱାଗତ ଭାଷଣ ସହ ପରିଚାଳନା କରିଥିଲେ। ସର୍ଜିକାଲ୍ ଅଙ୍କୋଲଜିଷ୍ଟ ଡ.ଭରତ ଚନ୍ଦ୍ର ମିଶ୍ର, ମେଡିକାଲ ଅଙ୍କୋଲଜିଷ୍ଟ ଡ.ଦେବଦୁଲାଳ ବିଶ୍ୱାଳ କ୍ୟାନସରର ଶୀଘ୍ର ଚିହ୍ନଟ ନିଦାନ ଓ ଚିକିତ୍ସା ସୁବିଧା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଏମ୍‌ସିଏଲ୍‌ର ସେଣ୍ଟ୍ରାଲ ହସ୍ପିଟାଲ୍ ମୁଖ୍ୟ ଡ.ନୀତା ପ୍ରକାଶ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଧାର କ୍ୟାନସର୍ ଫାଉଣ୍ଡେସନ୍‌ର ସଂସ୍ଥାପିକା ଓ ପରାମର୍ଶଦାତ୍ରୀ ମଞ୍ଜରୀ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ଯୋଶୀ ଉପସ୍ଥିତ ସମସ୍ତଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ବିଷୟରେ ଅବଗତ କରାଇଥିଲେ। କ୍ରିଷ୍ଣା ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ୍ ବରଗଡ଼ର ନିର୍ଦ୍ଦେଶକ ଡ.ହିମାଂଶୁ ଶେଖର ମିଶ୍ର ଉପସ୍ଥିତ ରହି ହସ୍ପିଟାଲ୍ ପକ୍ଷରୁ ମୁଖ୍ୟ ଅତିଥି ଯୋଶୀଙ୍କୁ ସମ୍ମାନ ସ୍ୱରୂପ ସ୍ମୃତିଫଳକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଏମ୍‌ସିଏଲ୍ ମେଡିକାଲ୍ ସେବା ମୁଖ୍ୟ ଡ.ଅନିଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡ଼ା

### ତେନ୍ତୁଲିଖୁଣ୍ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ

**ଦହିତା, ୧୪।୧୨(ସମିସ):** ଦହିଗାଁ କ୍ଲଷ୍ଟର ଅଧୀନ ତେନ୍ତୁଲୀଖୁଣ୍ଟି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ କୈଳାଶ ନାଗଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ତଥା କ୍ଲଷ୍ଟର ସଂଯୋଜକ ରାଜ ସାହୁ ମୁଖ୍ୟ ଅତିଥି ଓ ଗୌର ଚନ୍ଦ୍ର ମଟାରୀ ସମ୍ମାନିତ ଅତିଥି ରୂପେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପୁଚି ଖେଳ, ଫୁଙ୍କା ଫଟା, ଜେଲିବିରେସ, ଗଣିତ ଦୌଡ, ଚମଚ ବାଟି, ଶହେ ମିଟର ରେସ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ରଘୁନାଥ ପୁରୀ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଟେମରୀ ହାଇସ୍କୁଲ

**ପାଇକମାଳ, ୧୪।୧୨ (ସମିସ):** ପାଇକମାଳ ବ୍ଲକ ଟେମରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଉଦ୍‌ଘାଟନୀ





ଉତ୍ସବରେ ଟେମରୀ ପଞ୍ଚାୟତର ସରପଞ୍ଚ ଦିଲ୍ଲିପ ବେହେରା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୋଢ଼ା ଗାଁର ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର ପ୍ରଧାନ ଯୋଗଦେଇ ଖେଳ ପତାକା ଅବତରଣ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ପ୍ରଧାନଶିକ୍ଷକ ଡୋଲାମଣୀ ଭୋଇ, ସହକାରୀ ଶିକ୍ଷକ ପ୍ରଭାତ ସାହୁ, ଉସତଲାଲ ବେଣ୍ଟକାର, ପ୍ରଦ୍ୟୁମ୍ନ ବରିହା, ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଯାଜ୍ଞସେନୀ ସାହୁ, ମମତା ଭୁଏ, ତୃପ୍ତିମୟୀ ଧରୁଆ କିରାଣୀ ସୁମନ୍ତ ଧରୁଆ, ସେବିକା ସୁବାସିନି ବାରିକ ଆଦି ସହଯୋଗ କରିଥିଲେ। ପ୍ରତିଯୋଗିତାକୁ ଖେଳ ଶିକ୍ଷକ ଅକ୍ଷୟ ସାହୁ ପରିଚାଳନା କରିଥିଲେ।

### ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ

**ଦହିତା, ୧୪।୧୨(ସମିସ):** ଦହିତା ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଉପେନ୍ଦ୍ର ପଟେଲ, ମୋ ସ୍କୁଲ ଅଭିଯାନ ସଭାପତି ତଥା ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର୍, ବିଦ୍ୟାଳୟର ପୃଷ୍ଠ ପୋଷକ ତଥା ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନା ଉତ୍ସବର ଉଦ୍‌ଘାଟନ କରିଥିଲେ। ସୋନାଲିକା ଶବରଙ୍କ ନିର୍ଦ୍ଦେଶନାରେ ଓ କ୍ରୀଡା ଶିକ୍ଷକ ରାଜେଶ ଥନାପତି, ଜ୍ଞାନଚାନ୍ଦ ଲୋହାର, କସ୍ତୁଭମ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାର୍ଚ୍ଚ ଫାଷ୍ଟ କରି ଖେଳ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିବସରେ ଉଦ୍‌ଯାପନୀ ସଭାରେ ପୂର୍ବ ଅତିଥି ସମେତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧୁସ୍ମିତା ସାହୁ ମଞ୍ଚାସୀନ ଥିଲେ। ସୁରେନ୍ଦ୍ର ପାଣିଗ୍ରାହୀଙ୍କ ସ୍ୱର୍ଗତ ପିତା ଭଗବାନ ପାଣିଗ୍ରାହୀଙ୍କ ପ୍ରଦତ୍ତ ଖେଳ ପଡ଼ିଆରେ ଖେଳା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଖେଳରେ ବିଜୟୀ ଖେଳାଳିମାନଙ୍କୁ ଅତିଥି ତଥା ଶିକ୍ଷକ ଶିକ୍ଷୟିତ୍ରୀ ଫଳକ ସହ ପୁରସ୍କୃତ କରିଥିଲେ। ବାଳିକା ବର୍ଗରେ ଲିସା ସାହା, ଟିକେଶ୍ୱରୀ ସାହୁ ଓ ବାଳକ ବର୍ଗରେ ନରେଶ ଭୋଇ, ସୁବାସ ଭୋଇ ଚାମ୍ପିଅନ ହୋଇଥିଲେ। କ୍ଷୀରୋଦ୍ର ନାଥ ସାହୁ, କିଶୋର କୁମ୍ଭାର, ତ୍ରିଲୋକେଶ ବରିହା, ଦୀପକ ସିଂ ବରିହା, ରାହୁଲ ବିଶ୍ୱାଳ, ପୁରନ୍ଦର ଭୋଇ, ତୁଷାରରଞ୍ଜନ ପାଣିଗ୍ରାହୀ, ଭାନୁମତି କଳିହାରୀ, ପୂଜା ସାହୁ, ରେବତୀ ବିଶି, ଅଞ୍ଜଳି ବେହେରା, ମନିଷା ବେଶ୍ରା ଓ ପୂରନ ବାଗ ପ୍ରମୁଖ ସହଯୋଗ କରିଥିଲେ। ସ୍କାଉଟ୍ ଗାଇଡ୍‌ର ୩୦ ଜଣ ଛାତ୍ରଛାତ୍ରୀ ଶୃଙ୍ଖଳିତ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଭାନୁମତି କଳିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।





# ଲିଙ୍ଗରାଜ ମନ୍ଦିର ସମ୍ମୁଖ ୱାଟର୍ ଏଟିଏମ୍ ଅଚଳ

## ବିଶୁଦ୍ଧ ପାଣିରୁ ବଞ୍ଚିତ ପର୍ଯ୍ୟଟକ



ଭୁବନେଶ୍ୱର, ୧୪ ।୧୧ (ସମିସ): ପର୍ଯ୍ୟଟନ ଋତୁ ଚାଲିଥିବା ବେଳେବେଳେ ରାଜଧାନୀକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଛି । ପର୍ଯ୍ୟଟକମାନେ ଏକାମ୍ରକ୍ଷେତ୍ରରେ ବିଭିନ୍ନ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନ କରିବା ପାଇଁ ଆସୁଛନ୍ତି । ହେଲେ ମନ୍ଦିର ପାର୍ଶ୍ୱରେ ଯାତ୍ରୀମାନେ ବିଶୁଦ୍ଧ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି । ସିଂହଦ୍ୱାର ସାମ୍ନାରେ ବିଏମ୍‌ସି ପକ୍ଷରୁ ୱାଟର ଏଟିଏମ୍ ବସାଯାଇଥିଲା । ଯାତ୍ରୀମାନେ ୱାଟର ଏଟିଏମ୍‌ରେ ୧ଟଙ୍କା ଭର୍ତ୍ତି କରି ବିଶୁଦ୍ଧ ଜଳ ପିଇ ପାରୁଥିଲେ । ହେଲେ ଏବେ ୱାଟର ଏଟିଏମ୍ ଭାଙ୍ଗିରୁଜି ଗଲାଣି । ବିଏମ୍‌ସି ପକ୍ଷରୁ ତାହାକୁ ମରାମତି କରାଯାଉ ନାହିଁ ପର୍ଯ୍ୟଟନ ଋତୁରେ ଦେଶବିଦେଶରୁ ଆସୁଥିବା ଯାତ୍ରୀ ପିଇବା ପାଣି ଟିକେ ନପାଇ ନିରାଶ ହୋଇ ଫେରୁଛନ୍ତି । ଏଥିସହିତ ଅନେକ ପର୍ଯ୍ୟଟକ ପଇସା ଦେଇ ବାହାରୁ ପାଣି କିଣିକି ପିଉଛନ୍ତି ଏହାକୁ ନେଇ ଅନେକ ପର୍ଯ୍ୟଟକ କ୍ଷୋଭ ପ୍ରକାଶ କରିଛନ୍ତି ।

ବାହାରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହା ଏକ ଅପମାନ ସଦୃଶ । ଏତେ ବଡ଼ ମନ୍ଦିର ହେଲେ ପାଣି ପାଇବାର ସୁବିଧା ନାହିଁ । ଯଦି ପାଣି ଆସୁନାହିଁ ତେବେ ମେସିନ୍ କାଢ଼ି ଦବା କଥା । ପ୍ରଶାସନ ଶ୍ରଦ୍ଧାଳୁଙ୍କ ପାଇଁ ଏହି ସବୁ ଛୋଟ ଛୋଟ କଥାକୁ ଧ୍ୟାନ ଦେବା ଦରକାର । ବାହାରୁ ଆସୁଥିବା ପର୍ଯ୍ୟଟକ ଏଠାରୁ ଭଲ ଅନୁଭୂତି ନେଇ ଫେରନ୍ତୁ ବୋଲି କଟକର ରଶ୍ମିତା ରାଉତରାୟ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ପଇସା ଦେଇ ବାହାରୁ ପାଣି କିଣିକି ପିଇବାକୁ ପଡୁଛି । ଯଦି ପଇସା ଦେଇ ବାହାରୁ ପାଣି କିଣି ପିଇବୁ ତେବେ ଏହି ଏଟିଏମ୍‌କୁ ଶିଘ୍ର କାଢ଼ିଦବା ଦରକାର ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ବିଏମ୍‌ସି ପକ୍ଷରୁ ରାଜଧାନୀର ୫୦ଟି ସ୍ଥାନରେ ୱାଟର ଏଟିଏମ୍ ବସାଯାଇଥିଲା କାହାର କୁଲିଂ ମେସିନ ଚୋରି ହୋଇଗଲାଣି ତ କାହାର ମେସିନ୍‌ରେ କଏନ ଭର୍ତ୍ତି କଲେ ପଦାକୁ ଫିଙ୍ଗି ଦେଉଛି ପୁଣି କେଉଁ ୱାଟର ଏଟିଏମ୍‌ର ଭିତର ଯନ୍ତ୍ରାଂଶ ଚୋରି ହୋଇଗଲାଣି । ୱାଟର ଏଟିଏମ୍‌ର ଅଭାବନୀୟ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି । ଏକାମ୍ରକ୍ଷେତ୍ରର ସୁକୁଟେଶ୍ୱର ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାର, ଚିତ୍ରକାରିଣୀ ମନ୍ଦିର ସାମ୍ନା ଓ କେଦାରଗୌରୀ ମନ୍ଦିର ନିକଟରେ ବିଏମ୍‌ସି ପକ୍ଷରୁ ୱାଟର ଏଟିଏମ୍ ବସାଯାଇଥିଲା । ରାଜଧାନୀବାସୀଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲକ୍ଷ୍ୟରେ ବିଏମ୍‌ସି ୱାଟର ଏଟିଏମ୍ ଯୋଜନା ଆରମ୍ଭ କରିଥିଲା । ଏଥିପାଇଁ ବିଏମ୍‌ସି ରାଜଧାନୀର ପ୍ରତ୍ୟେକ ଛକ, ବସ୍ତିଠୁ ଆରମ୍ଭ କରି ରାସ୍ତା କଡ଼ରେ ସମସ୍ତଙ୍କ ପାଇଁ ଏହି ସୁବିଧା ଯୋଗାଇବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲା । କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଏମ୍‌ସି ଏହାକୁ ମରାମତି କରିବା ବଦଳରେ ଯୋଜନାକୁ ବାଟବଣା କରି ଦଉଛି ।

● ୩୫ତମ ଦକ୍ଷିଣଏସିୟ ମୈତ୍ରୀ ଉତ୍ସବ

## ଚିତ୍ତରଞ୍ଜନଙ୍କ ନୃତ୍ୟରେ ବିଭୋର ଦର୍ଶକ



ଭୁବନେଶ୍ୱର, ୧୪ ।୧୨(ସମିସ): ଗଞ୍ଜାମ ଗୋପାଳପୁରସ୍ଥିତ ସମୁଦ୍ର ବେଳାଭୂମିରେ ତିନିଦିନ ବ୍ୟାପି ଦକ୍ଷିଣ ଏସିୟ ରାଷ୍ଟ୍ର ସମୂହର ୩୫ତମ ରାଷ୍ଟ୍ରୀୟ ସମ୍ମିଳନୀ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ଭାରତର ୧୮ଟି ରାଜ୍ୟର ୨ଶହରୁ ଅଧିକ ପ୍ରତିନିଧି ଯୋଗଦେଇ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଓଡ଼ିଶାରୁ ନୃତ୍ୟଶାଳା, ସଂସ୍କୃତିକେନ୍ଦ୍ର କଟକର ପ୍ରତିଷ୍ଠାତା ଅଧ୍ୟକ୍ଷ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ଆଧ୍ୟାତ୍ମିକ ଭରା ରାମାୟଣ ଓ ମହାଭାରତର କଥାବସ୍ତୁ ସମ୍ବଳିତ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ । ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ଗୀତାଞ୍ଜଳି ଦାସ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ସଭାପତି ଦୀପକ ମାଳବ୍ୟ ସମ୍ପାଦକ ରବିନାରାୟଣ ମହାନ୍ତି ଓ ସମାଜର ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ପ୍ରଶଂସା କରିଥିଲେ ।

## ରେହମାନ ପେଟ୍ରୋଲ୍ ପମ୍ପର ବନ୍ଧୁ ମିଳନ




ଭୁବନେଶ୍ୱର, ୧୪।୧୨(ସମିସ): ସେକ୍ ରେହମାନ ଏବଂ ଏସ୍.ଏଫ୍. ରହମନ ପେଟ୍ରୋଲ ପମ୍ପ ପକ୍ଷରୁ ତିନିଦିନିଆ ଗ୍ରାହକ ସନ୍ତୁଷ୍ଟି ପାଇଁ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି । ଏଥିରେ ବିପିସିଏଲ୍‌ର ମ୍ୟାନେଜର ହିତେଶ୍ୱର ବୋରୋ, ସୌମ୍ୟ ଜନ୍ୟ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ପଦାଧିକାରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପେଟ୍ରୋଲ ପମ୍ପର ସ୍ୱତ୍ତ୍ୱାଧିକାରୀ ସେକ୍ ହଟ୍ଟୁଦୂର ରହମନ୍, ସେକ୍ ସମସୁର ରହମନ ଏବଂ ସେକ୍ ସକିଲୁର ରହମନ ଉପସ୍ଥିତ ଥିଲେ । ଗ୍ରାହକମାନଙ୍କୁ ପେଟ୍ରୋଲ ପମ୍ପରେ କିଭଳି ସୁବିଧା ସୁଯୋଗ ଓ ଯୋଜନା ପ୍ରଦାନ କରାଯାଉଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା । ଏହି ସଭାରେ ଗ୍ୟାରେଜ୍ ଗ୍ରାହକ, ଟ୍ରାନ୍ସପୋର୍ଟ ଗ୍ରାହକ, ମାର୍ବଲ ଡିଲର, ଟ୍ରକ୍ ମାଲିକ୍ ସଂଘ, ଅଟୋମୋବାଇଲ୍ ଡିଲର, କାର୍ ଶୋ' ରୁମ୍ ମାଲିକଙ୍କୁ ନିମନ୍ତ୍ରଣ କରାଯାଇ ୩୦୦ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉପହାର ପ୍ରଦାନ କରାଯାଇଥିଲା । ସେହିଭଳି ପେଟ୍ରୋଲ୍ ପମ୍ପର ସର୍ବୋତ୍ତମ ସେଲସ୍ ମ୍ୟାନ୍ ଭାବରେ ୭ଜଣଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଏହି ପେଟ୍ରୋଲ ପମ୍ପ ୫୦ ବର୍ଷ ପୂର୍ତ୍ତି କରିଥିଲାବେଳେ ତନ୍ମଧ୍ୟରୁ ୩୦ ବର୍ଷରୁ ଉର୍ଦ୍ଧ୍ୱ ଗ୍ରାହକମାନେ ଆମ ସେବାରେ ଜଡ଼ିତ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ କର୍ମଚାରୀ ଜାକିର ଖାନ୍, ସାନ୍ତନୁ ପାଣି, ପ୍ରମୋଦ କିଶୋର ପରିଡ଼ା, ହୃଷିକେଶ ପ୍ରଧାନ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

## ଓୟୁଟିଆର୍‌ରେ ପୁରାତନ ଛାତ୍ର ସଂଘର ସମ୍ମିଳନୀ



ଭୁବନେଶ୍ୱର, ୧୪ ।୧୨(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ପୁରାତନ ଛାତ୍ର ସଂଘର ସମ୍ମିଳନୀ 'ରିୱାଇଣ୍ଡ ୨୦୨୫' ଅନୁଷ୍ଠିତ ହୋଇଛି । ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଓ ପାରଦର୍ଶିତା ହାସଲ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି । ସମାଜସେବା ପାଇଁ ରିୟର ଆଡମିରାଲ୍ ଏସ୍. ଗନ୍ତାୟତ, ଶିକ୍ଷାଗତ ଉତ୍କର୍ଷତା ପାଇଁ ଡ. ଅଶୋକ କୁମାର ସାହୁ, ଶିଳ୍ପ କ୍ଷେତ୍ରରେ ନେତୃତ୍ୱ ପାଇଁ ଡ. ଦେବବ୍ରତ ଦାଶ, ଯୁବ ପ୍ରତିଭା ସମ୍ମାନରେ ମୁକେଶ କୁମାର ନାୟକ ଏବଂ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀମୟୀ ଦେବସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ବରୁ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି) ଭାବେ ପରିଚିତ ଏହି ଶିକ୍ଷାନୁଷ୍ଠାନ ୨୦୨୧ ରେ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା । ସେବେଠାରୁ ଏବେ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ପାଇଥିବା ସ୍ୱର୍ଣ୍ଣିମ ସଫଳତା ସମ୍ପର୍କରେ ପୁରାତନ ଛାତ୍ରଛାତ୍ରୀମାନେ ସ୍ମୃତିଚାରଣ କରିଥିଲେ । ଗୌରବମୟ ଅତୀତ ଓ ଗତିଶୀଳ ବର୍ତ୍ତମାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନେ ସଂକଳ୍ପ ନେଇଥିଲେ । ପୁରାତନ ଛାତ୍ରସଂଘର ସଭାପତି ତଥା କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଡ. ଶୁଭେନ୍ଦୁ ପଟ୍ଟନାୟକ, ସମ୍ପାଦକ ପ୍ରଫେସର ବିକ୍ରମ ବାହିନୀପତି, କୋଷାଧ୍ୟକ୍ଷ ପ୍ରଫେସର ବିଭୁ ପ୍ରସାଦ ଦାଶ, ପ୍ରଫେସର ମୀରା ବିଶ୍ୱବନ୍ଧ୍ୟାଙ୍କ ସମେତ ଦେଶ ବିଦେଶରେ କାର୍ଯ୍ୟରତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ରବୀନ୍ଦ୍ର ମଣ୍ଡପରେ 'ଭକ୍ତ ଝୋଲିଆ କବୀର'

ଭୁବନେଶ୍ୱର, ୧୪।୧୨(ସମିସ): ଜଗନ୍ନାଥଙ୍କ ଦର୍ଶନରେ ସବୁ ମଣିଷ ସମାନ ସେଠାରେ ହିନ୍ଦୁ, ମୁସଲମାନ, ଦଳିତ, ପତିତ, ଧନୀ, ଦରିଦ୍ର ସମସ୍ତେ ଈଶ୍ୱରଙ୍କ ପ୍ରିୟପାତ୍ର ହୋଇଯାଇ ପାରନ୍ତି । ତାଙ୍କ ନିକଟରେ ପ୍ରେମ ଓ ସମର୍ପଣ ହିଁ ଏକମାତ୍ର ଯୋଗ୍ୟତା । ମଣିଷ ପଣିଆ ହିଁ ଜୀବନର ସର୍ବୋଚ୍ଚ ପ୍ରାପ୍ତି । ବାକିସବୁ ସେଠାରେ ଅନାବଶ୍ୟକ । ଯିଏ ଈଶ୍ୱରଙ୍କ ନିକଟରେ ନିଜକୁ ଶୂନ୍ୟ ଭାବରେ ପ୍ରତିଷ୍ଠିତ କରି ତାଙ୍କର ଶରଣାପନ୍ନ ହୋଇ ପାରିଲା ସମାଜ ଚକ୍ଷୁରେ ସେ ଯେତେ ହୀନ ଦୀନ ହେଲେ ମଧ୍ୟ ପ୍ରଭୁଙ୍କର ପ୍ରିୟପାତ୍ର ଭାବେ ତାଙ୍କର କୃପା ଲାଭ କରି ଧନ୍ୟ ହୋଇ ପାରିବ । ତାଙ୍କର ଅନନ୍ୟ ଭକ୍ତି ଭାବରେ ପରିଚିତ ପାଇପାରିବ । ତେଣୁ ଆମକୁ ମଣିଷ ମଣିଷ ଭିତରେ ଭିନ୍ନ ଭିନ୍ନ ଭେଦଭାବ ଭୁଲି ମାନବିକତାର ମୂଲ୍ୟବୋଧରେ ନରକୁ ନାରାୟଣ ଜ୍ଞାନରେ ଜନମାନବର ସେବା ବ୍ରତରେ ଉଦ୍‌ବୁଦ୍ଧ ହେବାକୁ ପଡ଼ିବ । ଏହା ହିଁ ଆଜିର ସର୍ବୋତ୍କୃଷ୍ଟ ଆହ୍ୱାନ ରହିଛି । ଏହିପରି କିଛି କଥା ବସ୍ତୁକୁ ନେଇ ଦାର୍ଢ୍ୟତା ଭକ୍ତି ବିଷୟ ବସ୍ତୁରୁ ଅନୀତ ହୋଇଥିବା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟ ଧାରାର ନାଟକ 'ଭକ୍ତ ଝୋଲିଆ କବୀର' ରବିବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି । ଏହି ନାଟକର ପ୍ରଯୋଜନା ନାୟିକା ବାଲେଶ୍ୱର ପରିବାର କରିଥିବା ବେଳେ ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ସୁସ୍ମିତା ରଣା ପଟ୍ଟନାୟକ କରିଛନ୍ତି । ନାଟକର ରଚନା ନବୀନ ପରିଡ଼ା, ସଙ୍ଗୀତ ଶକ୍ତି ପ୍ରସାଦ ରହିଛନ୍ତି । ଅତିଥି ଭାବେ ସମୟର ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରଦୀପ କୁମାର ମିଶ୍ର ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟକର ନାଟ୍ୟକାର ନବୀନ କୁମାର ପରିଡ଼ା ଯୋଗ ଦେଇଥିଲେ । ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେର ସଭାରେ ସଭାପତିତ୍ୱ କରିଥିଲେ । ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ । ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ନାଟକର ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ୟୁନିଟ୍ ୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'କନ୍ୟା ଶିବିର'



ଭୁବନେଶ୍ୱର, ୧୪ ।୧୨(ସମିସ): ୟୁନିଟ୍ ୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'କନ୍ୟା ଶିବିର' ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏବଂ ଅତିରିକ୍ତ ଡିସିପି ସୁବ୍ରତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ପ୍ରଦେଶ ଭଞ୍ଜନ ମିଶ୍ର, ଉପସଭାପତି ଡ. ମନୋରଞ୍ଜନ ରାଉତ ଓ ଅନ୍ୟ ସମସ୍ତ ସଦସ୍ୟମାନଙ୍କର ମାର୍ଗଦର୍ଶନରେ ଆଚାର୍ଯ୍ୟା ମୀନା ମିଶ୍ରଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । ଶେଷରେ ସ୍ୱପ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମା, ମାତୃମଣ୍ଡଳୀର ସଦସ୍ୟା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରୀ ଉପସ୍ଥିତ ରହିଥିଲେ ।

## ଟିକିବାବାଙ୍କୁ ଆମ୍ବେଦକର ବିଶିଷ୍ଟ ସେବା ଜାତୀୟ ପୁରସ୍କାର



ନନ୍ଦନକାନନ, ୧୪।୧୨(ସମିସ): ଡ଼ା. ଟିକି ବାବାଙ୍କୁ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ପ୍ରତିଷ୍ଠିତ 'ଡ଼ା. ଆମ୍ବେଦକର ବିଶିଷ୍ଟ ସେବା ଜାତୀୟ ପୁରସ୍କାର-୨୦୨୫'ରେ ସମ୍ମାନିତ କରାଯାଇଛି । ଆଦିବାସୀ ସମାଜର ଅଧିକାର ସୁରକ୍ଷା ଓ ଉନ୍ନତି ପାଇଁ ତାଙ୍କର ଅବିରତ ସଂଘର୍ଷ ଯୋଗୁଁ ତାଙ୍କୁ ଏହି ପୁରସ୍କାର ମିଳିଛି । ଏହି ସମ୍ମାନଜନକ ପୁରସ୍କାର ଡ଼ା. ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ର, ନୂଆଦିଲ୍ଲୀର ଆର୍ତ୍ତି ଜାତୀୟ ସମ୍ମିଳନୀ ହଲ୍‌ରେ ଆୟୋଜିତ ଏକ ସମାରୋହରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ଜାତୀୟ ଅଧ୍ୟକ୍ଷ ଡ଼ା.ସୋହନ ଲାଲ ସୁମନାକ୍ଷରଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିଲା । ଏହି ସଫଳତା ଉପଲକ୍ଷେ ଓଡ଼ିଶା ବିଶ୍ୱାବସୁ ସବର ସମାଜ, ଭାରତୀୟ ଆଦିବାସୀ ମହାସଭା ପକ୍ଷରୁ ଡ଼ା. ଟିକି ବାବାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଅନୁବାଦ ପୁସ୍ତକ 'କବିତା ଗୋଟିଏ ଧର୍ମ' ଲୋକାର୍ପିତ

ଭୁବନେଶ୍ୱର, ୧୪।୧୨(ସମିସ): ଶାନ୍ତିସେନା ପବ୍ଲିକେସନ ଆନୁକୂଲ୍ୟରେ ପୁସ୍ତକମେଳାରେ ଅନୁବାଦ ପୁସ୍ତକ 'କବିତା ଗୋଟିଏ ଧର୍ମ' ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଦୀପକ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ପ୍ରଫେସର ଯତୀନ ନାୟକ, ପ୍ରସିଦ୍ଧ ଅନୁବାଦକ ଡ. ସଂଗ୍ରାମ ଜେନା ଯୋଗଦେଇ ଅନୁବାଦର ଗୁରୁତ୍ୱ ଓ ଅନୁଦିତ ଭାଷା ସାହିତ୍ୟର ସାମର୍ଥ୍ୟ ବୃଦ୍ଧିରେ ତାହାର ଭୂମିକା ଉପରେ ଆଲୋଚନା କରିଥିଲେ । ପ୍ରସିଦ୍ଧ କବି, ଅନୁବାଦକ ଓ ପ୍ରାବନ୍ଧିକ କେ. ସଚ୍ଚିଦାନନ୍ଦନଙ୍କ ଲିଖିତ ୪୦ଟି କବିତାର ଅନୁବାଦ କରିଛନ୍ତି କବି ଓ ଅନୁବାଦକ ସୂର୍ଯ୍ୟ ମିଶ୍ର । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରକାଶକ ରଜତରଶ୍ମୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ପୁସ୍ତକରୁ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ରକ୍ଷକ ନାୟକ, ପ୍ରମୋଦ ପ୍ରଧାନ, ମୁକୁଳ ମିଶ୍ର, କଥାକାର ଆଭାସ ବରାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ଷଣପ୍ରଭା ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ବନଫୁଲ ପୁସ୍ତକ ପର୍ବରେ ୬ ବହି ଲୋକାର୍ପିତ



ଭୁବନେଶ୍ୱର, ୧୪ ।୧୨(ସମିସ): ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ସପ୍ତମ ଦିନରେ ବନଫୁଲ ପୁସ୍ତକ ପର୍ବ ଓ କବିତା ମଞ୍ଚ ଶହୀଦ ବାଜି ରାଉତ ମଞ୍ଚରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବକୁ ବନଫୁଲର ସମ୍ପାଦକ କଥାକାର ରତ୍ନାକର ନାୟକ ପୌରୋହିତ୍ୟ କରିଥିବା ବେଳେ ଓ ବିଶିଷ୍ଟ କବି ମନୋରମା ବିଶ୍ୱାଳ ମହାପାତ୍ର ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ଗୌରହରି ଦାସ, ମୁଖ୍ୟ ବକ୍ତା ବିଶିଷ୍ଟ କବି ସଂଗ୍ରାମ ଜେନା, ସମ୍ମାନିତ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇ ଥିଲେ । ଗାଳ୍ପିକ ପ୍ରଦୀପ ନାୟକ ସ୍ୱାଗତ ଅଭିଭାଷଣ ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରକାଶକୀୟ ଅଭିବ୍ୟକ୍ତି ଓ ଅଧ୍ୟାପିକା ଶର୍ମିଷ୍ଠା ମହାପାତ୍ର ସଭା ସଞ୍ଚାଳନ କରିଥିଲେ । ଏହି ପୁସ୍ତକ ଉନ୍ମୋଚନ ପର୍ବରେ ଭାଗୀରଥି ବେହେରାଙ୍କ ଉପନ୍ୟାସ ' ଚକ୍ରବ୍ୟୁହ ', ସୁଷମା ପରିଜାଙ୍କ ପ୍ରବନ୍ଧ ପୁସ୍ତକ 'ସୁଭାଶିତ ଶତଦଳ', ଶ୍ରୀହରି ଧଳଙ୍କ କବିତା ସଂକଳନ 'କଥୋପକଥନ', ବୈଜୟନ୍ତୀମାଲା ଦାସଙ୍କ ଗଳ୍ପ ସଂକଳନ 'ଅନ୍ଧାର ଯେତିକି ଆଲୁଅ ସେତିକି' କବିତା ସଂକଳନ 'ଓଁକାର', ରୀନାରାଣୀ ରାଉତରାୟଙ୍କ କବିତା ସଂକଳନ 'ଅଗ୍ନିପଥ' ଉନ୍ମୋଚିତ ହୋଇଥିଲା । କବି ଅଭିରାମ ସାହୁଙ୍କ ସଭାପତିତ୍ୱରେ ଓ କବି ରଶ୍ମିରେଖା ବେହେରାଙ୍କ ସଂଯୋଜନାରେ ୧୫ ରୁ ଊର୍ଦ୍ଧ୍ୱ ଆମନ୍ତ୍ରିତ କବି କବିତା ପାଠ କରିଥିଲେ ।

## ବନଶ୍ରୀ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୪।୧୨(ସମିସ): ସୂର୍ଯ୍ୟନଗର ନିବାସୀ ବନଶ୍ରୀ ମହାନ୍ତିଙ୍କ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କରାଣରୁ ୮୧ ବର୍ଷ ବୟସରେ ପରଲୋକ ଘଟିଛି । ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ଧର୍ମପତ୍ନୀ ହେଉଛନ୍ତି ବନଶ୍ରୀ ମହାନ୍ତି । ଜ୍ୟେଷ୍ଠ ପୁତ୍ର ଶୁଭେନ୍ଦ୍ର ମହାନ୍ତି କିସ୍ ବିଶ୍ୱ ବିଦ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ଓ କନିଷ୍ଠ ପୁଅ ସୌମେନ୍ଦୁ ମହାନ୍ତି ଜୁପିଟର ଗ୍ରୁପ୍‌ର ଜେନେରାଲ ମ୍ୟାନେଜର ଭାବରେ ଅବସ୍ଥାପିତ । ମୃତ୍ୟୁଶଯ୍ୟା ନିକଟରେ ଜାମାତା ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ଅଧିକାରୀ ସୁରେଶ ମହାନ୍ତି, ରଶ୍ମୀ ପଟ୍ଟନାୟକ, ଅଲିଭା ମହାନ୍ତି, ମୋନାଲିସା ମହାନ୍ତିଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

## ପାଣିଓରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଯାଁଳା, ୧୪ ।୧୨(ସମିସ): ଆଜି ଜଟଣୀ ବ୍ଳକ ପାଣିଓରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଡିଆଇଇଟି ଅଧ୍ୟକ୍ଷ ଡ. ତାପସ କୁମାର ନାଏକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜଟଣୀ ବିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ଅଙ୍ଗାରପଡ଼ା ସରପଞ୍ଚ ମମତା ସାହୁ, ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ପୂର୍ବତନ ସିଆର୍‌ସିସି ଦେବେନ୍ଦ୍ର ରଥ, ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ଅନ୍ତର୍ଯ୍ୟାମୀ ସାହୁ, ଅକ୍ଷୟ କୁମାର ପାଲଟା ସିଂ ଓ ପ୍ରଭାକର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଭବିଷ୍ୟତରେ ଭଲ ପଢ଼ି ଦେଶ ସେବାରେ ନିୟୋଜିତ ହେବାକୁ ଅତିଥିମାନେ ମତ ରଖିଥିଲେ । ପୂର୍ବରୁ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଚୟନ କରିବାକୁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ୩୭ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ୧୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



## ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ପାଳିଲା ବିଜେଡି

### ଭାଷାଭିତ୍ତିକ ରାଜ୍ୟ ଗଠନର ମୂଳଦୁଆ ପକାଇଥିଲେ ନୀଳମଣି



ଭୁବନେଶ୍ୱର, ୧୪ ।୧୨(ସମିସ): ମହାନ୍ ଉତ୍କଳୀୟ ସଂସ୍କୃତି ଓ ସାହିତ୍ୟର ଆଦ୍ୟ ପୁରୋଧା ପୁଣ୍ୟାତ୍ମା ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ରବିବାର ବିଜେଡି ସାଂସ୍କୃତିକ ସମ୍ମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଜୟଦେବ ବିହାରସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି । ସେ ଥିଲେ ଓଡ଼ିଶାକୁ ଭାଷା ଭିତ୍ତିକ ରାଜ୍ୟ ଗଠନ ପରିକଳ୍ପନାର ପ୍ରଥମ ବିଶ୍ୱକର୍ମା । ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତା କ୍ଷେତ୍ରରେ ସେ ସାରା ଓଡ଼ିଶା ବୁଲି ବୁଲି ଏହାର ପ୍ରଚାର ଓ ପ୍ରସାର ପାଇଁ ଜୀବନ ବ୍ୟାପି ସଂଗ୍ରାମ କରି ଯେଉଁ ଭିତ୍ତିଭୂମି ପ୍ରତିଷ୍ଠା କରିଦେଇ ଗଲେ ତାହର ପଟ୍ଟାନ୍ତର ନାହିଁ ବୋଲି ସଭାରେ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମ୍ମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରଭାତ ବିଶ୍ୱାଳ, କାଳନ୍ଦୀ ପଟ୍ଟନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତ୍ରାଳ ସିଂ, ଦେବବ୍ରତ ସାହୁ ପ୍ରମୁଖ ଯୋଗଦାନ କରିଥିବା ବେଳେ ଅମିତ୍ ପାତ୍ରାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



# ଭୁବନେଶ୍ୱର ସିଟି

### ଶ୍ରୀରାମ ମନ୍ଦିର ଟ୍ରଷ୍ଟବୋର୍ଡର ନିଷ୍ପତ୍ତି

# ୩ ଦୋକାନ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ

ଭୁବନେଶ୍ୱର, ୧୪।୧୨(ସମିସ): ୟୁନିଟ-୩ ଖାରବେଳନଗରସ୍ଥିତ ଶ୍ରୀରାମ ମନ୍ଦିର ସେବା ସମିତିର ଟ୍ରଷ୍ଟବୋର୍ଡ ବୈଠକ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟବୋର୍ଡର ସଭାପତି ତଥା ଅବସରପ୍ରାପ୍ତ ଜିଲା ଜଜ୍ ବିରଞ୍ଚି କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାମମନ୍ଦିର ବାହାର ପାର୍ଶ୍ୱରେ ଥିବା ଦୋକାନୀଙ୍କ ଏଗ୍ରିମେଣ୍ଟ (ଚୁକ୍ତିନାମା) ଉପରେ ଆଲୋଚନା ହୋଇଥିଲା। ପୂର୍ବରୁ ଏହି ପ୍ରସଙ୍ଗ ଉପରେ ଟ୍ରଷ୍ଟବୋର୍ଡ ଦୋକାନୀଙ୍କ ସହ ଆଲୋଚନା କରିଥିବା ବେଳେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତ୍ୟେକ ଦୋକାନୀଙ୍କୁ ଚିଠି କରିବେ। ଦୋକାନୀମାନେ ଡିସେମ୍ବର ୨୬ ସକାଳ ସାଢ଼େ ୧୦ଟା କାର୍ଯ୍ୟାଳୟରେ ପହଞ୍ଚି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରାମର୍ଶ ନେଇପାରିବେ। ଡିସେମ୍ବର ୨୯ରେ ସମସ୍ତ ବାହାର ଦୋକାନୀଙ୍କ ଚୁକ୍ତିନାମା କରିବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମନ୍ଦିରକାର୍ଯ୍ୟ ନିର୍ବାହୀ ଅଧିକାରୀ ଉପନିବନ୍ଧକ ସହ ଆଲୋଚନା କରିବେ। ସେଦିନ ଦେବୋତ୍ତର ସହକାରୀ ଆୟୁକ୍ତ ତାଙ୍କ କାର୍ଯ୍ୟାଳୟର କର୍ମଚାରୀ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ବୈଠକରେ ମନ୍ଦିର ପରିସରରେ ତିନୋଟି ନୂଆ ଦୋକାନ ଘର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଗୃହନିର୍ମାଣକାରୀ ଘରୋଇ ଠିକାସଂସ୍ଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ଆବଶ୍ୟକୀୟ କାଗଜପତ୍ର ସହ ବନ୍ଦ ଲଫାପାରେ ଟେଣ୍ଡର ଆହ୍ୱାନ କରିପାରିବେ। ଆଗାମୀ ବୈଠକରେ ଟ୍ରଷ୍ଟବୋର୍ଡ ପକ୍ଷରୁ ଟେଣ୍ଡର ଖୋଲାଯାଇ ଠିକାସଂସ୍ଥାକୁ ଚୟନ କରାଯିବ। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ପାଣି, ଟ୍ରଷ୍ଟବୋର୍ଡ ସଦସ୍ୟ ଅଜିତ କୁମାର ଶତପଥୀ, ନିର୍ମଳ କିଶୋର ରଥ ଉପସ୍ଥିତ ଥିବା ବେଳେ ଆଭାସି ଯୋଗେ ଇଦିଶ ଚନ୍ଦ୍ର ଭୂୟାଁ ଓ କାଳୀପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**■ ୨୯ରେ ବାହାର ଦୋକାନୀଙ୍କ ଚୁକ୍ତିନାମା**

## ଜୀବନର କେତେ ରଙ୍ଗ

# ଦୃଢ଼ ମନୋବଳ ତ୍ରିବେଣୀଙ୍କୁ ଦେଇଛି ନୂଆ ପରିଚୟ

ଭିନ୍ନ ଭିନ୍ନ ମଣିଷର ଭିନ୍ନ ଏକ କାହାଣୀ ଥାଏ। ସେ ଜୀବିକା କରେ, ପରିବାର ପୋଷେ ଏବଂ ଏସବୁରେ ନିଜକୁ ଭୁଲି ସେହି ଜୀବିକାକୁ ବଞ୍ଚାଇବାରେ ଲାଗିପଡ଼େ। ମଣିଷ ନିଜ କାହାଣୀ ନିଜେ ହିଁ ଗଢେ। ତିଆରି କରେ ସମାଜରେ ବଞ୍ଚିବାର ଏକ ଭିନ୍ନ ରାସ୍ତା। ପରିସ୍ଥିତି ସବୁବେଳେ ପ୍ରତିରୋଧ କଲାପରେ ବି ଜିବୀକା ଗଢିବା ନିଶାରୁ ସେ ନିବୃତ୍ତ ହୁଏ ନାହିଁ। ସେହିପରି ସଂଘର୍ଷରେ ବି ନିଜ ଜିବୀକା ଗଢିବାରେ ବ୍ୟସ୍ତ ଜଣେ ମହିଳା ହେଲେ ତ୍ରିବେଣୀ ସାହୁ।

ତ୍ରିବେଣୀଙ୍କ ପ୍ରକୃତ ଘର ଗଞ୍ଜାମ। ହେଲେ ପରିବାର ପୋଷିବା ଲାଗି ଘରୁ ଦୀର୍ଘ ୨୦ ବର୍ଷ ହେବ ଆସି ରାଜଧାନୀରେ ରହୁଛନ୍ତି। ଦିନ ୧୦ରୁ ରାତି ୧୦ ଯାଏଁ ସେ ନଡିଆ ବିକ୍ରି ପାଇଁ ଗ୍ରାହକଙ୍କ ଅପେକ୍ଷାରେ ଚାହିଁରହିଥାନ୍ତି। ପିପିଲି ବ୍ୟବସାୟୀଙ୍କଠୁ ନଡିଆ ଆଣି ସେ ରାଜଧାନୀରେ ବିକୁଛନ୍ତି। ତ୍ରିବେଣୀଙ୍କ ବୟସ ୭୦ ଛୁଇଁଲାଣି ହେଲେ ଘରେ ୧୦୦ ବର୍ଷର ଶାଶୁ ଓ ଗୋଟେ ପୁଅର ବୋଝ କାନ୍ଧରେ ଥିବାରୁ ବାହାରକୁ ବାହାରି କାମ କରିବାକୁ ପଡୁଛି। ଅଧା ବୟସରେ ସ୍ୱାମୀଙ୍କ ଦେହାନ୍ତ ପରେ ତ୍ରିବେଣୀଙ୍କ ମୁଣ୍ଡରେ ଶାଶୁ ଓ ଦୁଇ ଝିଅଙ୍କ ସହ ଗୋଟେ ପୁଅକୁ ପାଳିବାର ଦାୟିତ୍ୱ ହିଁ ନଡ଼ିଆ ବେପାର ଆରମ୍ଭ କରିବାକୁ ବାଧ୍ୟ ହୋଇଥିଲେ ବୋଲି ତ୍ରିବେଣୀ କୁହନ୍ତି। ଦିନକୁ କେଇଟା ନଡିଆ ବିକ୍ରି ଆଶା ନେଇ ସେ ବସି ରହିଥାନ୍ତି ଏକ ନଂ ହାଟ ରାସ୍ତା ପାର୍ଶ୍ୱରେ। କେତେବେଳେ କେମିତି ୫୦୦ କି ହଜାରେ ଟଙ୍କା ଦିନକୁ ମିଳିଲେ ସେ ଖୁସିରେ ଘରକୁ ଫେରନ୍ତି। ପୁଅ ପାଠପଢ଼ି ଭଲ ସରକାରୀ ଚାକିରୀ ଖଣ୍ଡେ କଲେ ତାଙ୍କ ଦୁଃଖ ଯିବ ବୋଲି ସେହି ଆଶା ତାଙ୍କୁ କେବେ ଭାଙ୍ଗିବାକୁ ଦେଇନି ବୋଲି କୁହନ୍ତି। ଛୋଟ ନଡିଆର ମୂଲ୍ୟ ୩୦ ଟଙ୍କା ଥିଲାବେଳେ ତାଠୁ ଟିକେ ବଡ ନଡିଆ ୪୦ ଟଙ୍କାରେ ବିକୁଛନ୍ତି ସେ। ହେଲେ ନଡିଆର ଦାମ ଶୁଣି ଲୋକ ମୁହଁ ଫେରାଇ ଦେଉଥିବାରୁ ନିରାଶ ହୋଇ କେବେ କେବେ ତାଙ୍କୁ ଘରକୁ ଫେରିବାକୁ ପଡ଼ିଥାଏ। କେବଳ ପୂଜା ପର୍ବରେ ହିଁ ତାଙ୍କ ଦୋକାନରେ ଭିଡ ଜମେ ଏବଂ ଭଲ ଲାଭ ମିଳିଥାଏ। ଖରା ବର୍ଷା କିମ୍ବା ଶୀତ ଦିନରେ ବି ତାଙ୍କୁ ରାତି ୧୦ଟା ଯାଏଁ ସେଠାରେ ନଡିଆ ବିକୁଥିବାର ଦେଖିବାକୁ ମିଳେ। ତାଙ୍କ ବଢ଼ିଲା ବୟସ କେବେବି ତାଙ୍କ ମନ ବଳ ଭାଙ୍ଗି ପାରିବନି ବୋଲି ସେ କହିଛନ୍ତି।



## 'ଦେଖାଯାଉ'ର ସମୀକ୍ଷା ପର୍ବ



ଭୁବନେଶ୍ୱର, ୧୪।୧୨(ସମିସ): 'ଦେଖାଯାଉ' ପତ୍ରିକା ଉପରେ ଏକ ସମୀକ୍ଷା ପର୍ବ ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ 'ଦେଖାଯାଉ'ର ସମ୍ପାଦକ ପ୍ରବୀର ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଡ. ମିହିର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଗୋପାଳ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଲୋଚକ ଭାବେ ଡ. ଇନ୍ଦ୍ରମଣି ଜେନା ଏହି ପତ୍ରିକାକୁ ଏକ ନିଆରା ଓ ଭିନ୍ନ ଦୃଷ୍ଟିକୋଣର ପତ୍ରିକା ଭାବରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ସରୋଜ କୁମାର ସାମଲ, ସମୀକ୍ଷକ ଉମାପଦ ବୋଷ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସଭାରେ ଅନେକ ବୃଦ୍ଧିଜୀବୀମାନେ ରହିଥିଲେ। ଶେଷରେ ମିହିର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣୀବିହାର ୮୦ରେ ବାର୍ଷିକ ଅଧିବେଶନ

ଭୁବନେଶ୍ୱର, ୧୪।୧୨(ସମିସ): 'ବାଣୀବିହାର ୮୦' ଅନୁଷ୍ଠାନର ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ପ୍ରତୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଛି। ଏହାସହ ସମ୍ପାଦକ ତଥା କବି ଆଶୁତୋଷ ଦାଶଙ୍କର ଦ୍ୱିତୀୟ କବିତା ସଂକଳନ 'ଭିନ୍ନ ରାଗିଣୀ' ଓ କବି ଅଲେଖ ନନ୍ଦୀଙ୍କର କବିତା ସଂକଳନ ଲୋକାର୍ପିତ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଶହେରୁ ଅଧିକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ନୀହାରିକା ମିଶ୍ର ପ୍ରଥମ ହୋଇଥିବାବେଳେ ସମୀର ମିଶ୍ର ଓ ସୁଜାତା ଦାଶ ଯୁଗ୍ମ ଦ୍ୱିତୀୟ ଓ ମୀନା ନାୟକ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ୧୦ ଜଣଙ୍କୁ 'ସହଳ ବିହଙ୍ଗ' ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ନରହରି ଶିଅଳ, କୋଷାଧ୍ୟକ୍ଷ ପରେଶ ମହାନ୍ତି, ବରିଷ୍ଠ ସଭ୍ୟ କ୍ଷମାକର ସ୍ୱାଇଁ ଓ ଶରତ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଭାବଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୪।୧୨(ସମିସ):ସାହିତ୍ୟ ଅନୁଷ୍ଠାନ ଭାବଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଶନିବାର ବୁଦ୍ଧମନ୍ଦିରରେ ପାଳିତ ହୋଇଯାଇଛି। ସଂସଦର ସମ୍ପାଦକ ସରୋଜ ମହାନ୍ତି ଓ ବନଜା ପ୍ରଧାନଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ, ବିଶିଷ୍ଟ କଥାକାର ଦାଶ ବେନହୁର, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ତଥା ବିଶିଷ୍ଟ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା, ସଂସଦର ପ୍ରତିଷ୍ଠାତା ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ, ସଭାପତି ଡ. ଆରତି ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ. ସୁମିତା ବେହେରା ସ୍ୱାଗତଭାଷଣ ଦେଇଥିଲେ। ଏହି ଉପଲକ୍ଷେ ସଂସଦର 'ମୁଖପତ୍ର ଭାବଉତ୍ତରଣ' ପତ୍ରିକା ସହ ରୀତା ପଟ୍ଟନାୟକ ଓ ଗାୟତ୍ରୀ ବେହୁରାଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ସଂସଦ ପକ୍ଷରୁ ଜାନକୀବଲ୍ଲଭ ଦାଶଙ୍କୁ 'ଉମାରାଣୀ ସ୍ମୃତି ସମ୍ମାନ', ସ୍ୱର୍ଣ୍ଣପ୍ରଭା ଦାଶଙ୍କୁ 'ବଣମଲ୍ଲୀ ସମ୍ମାନ'ପ୍ରଦାନ କରାଯାଇଥିଲା। ସେହିପରି ସଂସଦ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂସଦର ଅନ୍ତରୀଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସଂସଦର ବରିଷ୍ଠ ସଦସ୍ୟ ଦେବୀପ୍ରସନ୍ନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟକ 'ନାଗ ବଂଶମ୍' ମଞ୍ଚସ୍ଥ



ଭୁବନେଶ୍ୱର, ୧୪।୧୨(ସମିସ): ପ୍ରାଚୀନ କାଶୀ ନଗରୀର ଗୋଟିଏ ରୂଢ଼ିବାଦୀ ବ୍ରାହ୍ମଣ ପରିବାର ନାଗ ବଂଶ। ପରମ୍ପରା ଅନୁଯାୟୀ ପ୍ରଭୁଦତ୍ତ ମହାପାତ୍ର ହେଉଛନ୍ତି ବଂଶର ପୁରୋଧା। ପ୍ରଚଳିତ ବଂଶ ପରମ୍ପରା ଅନୁଯାୟୀ ପୁରୋଧାଙ୍କର ନିଷ୍ପତ୍ତି ଯେତେ କଠୋର ହେଲେ ବି ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଆସିଛି। ପୁରୋଧା ପ୍ରଭୁଦତ୍ତ ମହାପାତ୍ର ଏହିକ୍ରମରେ ଏମିତି କିଛି କଠୋର ନିଷ୍ପତ୍ତି ନେଇଛନ୍ତି, ଯେଉଁଥିପାଇଁ ସାନ ଭାଇ ସୂର୍ଯ୍ୟକାନ୍ତ ମହାପାତ୍ର ଅବିବାହିତ ରହି ଯାଇଛନ୍ତି। ନିଜର ଧର୍ମପତ୍ନୀ ସୁପ୍ରଭାଙ୍କୁ ଦୀର୍ଘ ପଚିଶି ବର୍ଷ କାଳ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହିବାକୁ ପଡ଼ିଛି। ନାଟକର କାହାଣୀ ଆରମ୍ଭ ହୁଏ, ନାଗ ବଂଶର ଏକ ହଜାର ବର୍ଷର ପ୍ରତିଷ୍ଠା ଦିବସ ପାଳନ ଅବସରରୁ। ବର୍ଷକରେ ଥରେ ଏଇ ଦିନ ପ୍ରଭୁଦତ୍ତ ଏବଂ ସୁପ୍ରଭାଙ୍କ ସାକ୍ଷାତ ହୁଏ। ପ୍ରତିଷ୍ଠା ଦିବସ ପୂଜାବିଧି ପରେ ସୁପ୍ରଭା ଫେରି ଯାଇଥାନ୍ତି ନାଗ ବଂଶର ଆରପଟ ଖଞ୍ଜାକୁ। ଉକ୍ତ ଦିନ କିନ୍ତୁ ପୂଜାବିଧି ପରେ, ସାନ ଭାଇ ସୂର୍ଯ୍ୟକାନ୍ତ ନିଜର ମୁଣ୍ଡ ଛୁଆଇଁ ବାଧ କରନ୍ତି ନୂଆବୋଉ ସୁପ୍ରଭାଙ୍କୁ ଘରେ ରହିବା ପାଇଁ। ସୁପ୍ରଭା କିଂକର୍ତ୍ତବ୍ୟବିମୂଢ଼ ହୋଇ ରାଜି ହୁଅନ୍ତି ଦିଅର ପାଖରେ ନିଜର ଘରେ ରହିବା ପାଇଁ। ବଂଶ ପରମ୍ପରା ନାଗ ବଂଶରେ ପ୍ରଥମ କରି ନିୟମ ଭଙ୍ଗ ହୋଇଛି। ପୁରୋଧା ପ୍ରଭୁଦତ୍ତ ମହାପାତ୍ରଙ୍କୁ ଶକ୍ତ ଆଘାତ ଲାଗିଛି। ଯେଉଁ ନାଗ ବଂଶରେ ପୁରୋଧାଙ୍କ ନିଷ୍ପତ୍ତି ସବୁବେଳେ ନିର୍ଭୀକ ଆଉ ଅଟଳ ରହୁଥିଲା, ସେଇ ବଂଶରେ ପୁରୋଧାଙ୍କ ନିଷ୍ପତ୍ତିକୁ ନିଜର ସ୍ତ୍ରୀ, ସାନ ଭାଇ ଏବଁ ଦୁଇ ପୁତ୍ର ଅନିରୁଦ୍ଧ, ଶ୍ରୀଚନ୍ଦନ ପ୍ରଶ୍ନବାଚୀ ହୋଇ ଉଠିଛନ୍ତି। ଏମିତି ଏକ କାହଣୀକୁ ନେଇ ଶ୍ୱେତପଦ୍ମା ପକ୍ଷରୁ ପ୍ରଦୀପ ବିଶ୍ୱାଳଙ୍କ ରଚନା ଏବଂ ନିର୍ଦ୍ଦେଶନାରେ ନାଟକ 'ନାଗ ବଂଶମ୍' ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ଏହି ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ହୋତା, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନେ ରାୟ, ସାଧାରଣ ସମ୍ପାଦକ ସ୍ୱର୍ଣ୍ଣଲତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିରୁଚି ଶିଶୁ ପ୍ରତିଭା ଉତ୍ସବ



ଭୁବନେଶ୍ୱର, ୧୪।୧୨(ସମିସ): ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ଜୟଦେବ ଭବନଠାରେ ଫୋରମ୍‌ର ସମ୍ପାଦିକା ଅନୁରାଧା ଦାଶଙ୍କ ସଭାପତିତ୍ୱରେ ଅଭିରୁଚି ଶିଶୁ ପ୍ରତିଭା ଉତ୍ସବ -୨୦୨୫ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥ ଭାବେ ବିଧାୟିକା ସୋଫିଆ ଫିର୍‌ଦୋସ୍, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପ୍ରଗତିବାଦୀର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଜୟଓଡ଼ିଶାର ପ୍ରତିଷ୍ଠାତା ଏବଂ ସମାଜସେବୀ ରୁଦ୍ର ସାମନ୍ତରାୟ ଯୋଗ ଦେଇଥିଲେ। ଫୋରମ୍‌ର ସମ୍ପାଦିକା ତାଙ୍କର ଉଦ୍‌ଘାଟନୀ ଭାଷଣରେ ଅତିଥିମାନଙ୍କ ପରିଚୟ କରାଇବା ସହ ଫୋରମ୍‌ର ଦୀର୍ଘ ୧୪ ବର୍ଷର କାର୍ଯ୍ୟକ୍ରମର ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଫୋରମର ବାର୍ଷିକ ପତ୍ରିକା 'ଅଭିରୁଚି-୨୦୨୫' ଉନ୍ମୋଚନ କରାଯାଇଥିଲା। ଅତିଥିମାନେ ନିଜ ଅଭିଭାଷଣରେ ଶିଶୁମାନେ ଆମ ଦେଶର ଭବିଷ୍ୟତ ଏବଂ ସେମାନଙ୍କ ଠାରେ ଥିବା ପ୍ରତିଭାର ବିକାଶ କରିବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ଫୋରମ୍ ତରଫରୁ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ, ରାଇମ୍ସ, ଓଡ଼ିଶୀ ଓ ଆଧୁନିକ ନୃତ୍ୟର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଆନି ଶତପଥୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ଅନୁଷ୍ଠାନର ସଭାନେତ୍ରୀ ଦୀପ୍ତିପ୍ରଭା ରଥ, କୋଷାଧ୍ୟକ୍ଷା ଶୋଭେଦିତା ରାୟ, ସଦସ୍ୟା ଦୀପ୍ତି ବେହେରା, କିରଣବାଳା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଜେଏମ୍‌ସି ପକ୍ଷରୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୪।୧୨(ସମିସ): ଭାରତୀୟ ଜନତା ମଜଦୂର ସେଲ୍ (ବିଜେଏମ୍‌ସି) ପକ୍ଷରୁ ଏଠାରେ ଏକ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଏମ୍‌ସିର ଅଧ୍ୟକ୍ଷ ଡ. ବିଶ୍ୱପ୍ରିୟ ରୟ ଚୌଧୁରୀ ଯୋଗଦେଇଥିଲେ। ଏଥିରେ ଶ୍ରମିକମାନଙ୍କ ମଧ୍ୟରେ ଶ୍ରମ ଆଇନ,କାର୍ଯ୍ୟସ୍ଥଳରେ ନିରାପତ୍ତା, ସ୍ୱାସ୍ଥ୍ୟ ସୁବିଧା,ସରକାରୀ କଲ୍ୟାଣକାରୀ ଯୋଜନା ଏବଂ ସାମାଜିକ ନିରାପତ୍ତାର ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଏମ୍‌ସିର ଡ. ଅର୍ଣ୍ଣବ ଚାଟାର୍ଜୀ, ଭିପି ଅରମାନ୍ ଗାଙ୍ଗୁଲୀ, ସାଧାରଣ ସମ୍ପାଦକ ଅଙ୍ଗ୍ରେଜ୍ ସିଂହ, ବିଜେଏମ୍‌ସି ଯୁବ ସଭାପତି ଦୀପକ୍ ଶର୍ମା, ସମ୍ପାଦକ ମଦନମୋହନ ପ୍ରଧାନ ଏବଂ ଦୁର୍ଯ୍ୟୋଧନ କୁମାର ନାଥ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ କୁମାର ନାଥଙ୍କୁ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇଥିଲା। ଏଥିରେ ସଂଘର ୩୦୦ରୁ ଅଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

## ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକୀ



ଭୁବନେଶ୍ୱର, ୧୪।୧୨(ସମିସ): ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକ ଅଧିବେଶନ ଆଇଆଇଟି ବମ୍ବେ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦେଶବିଦେଶର ଉଚ୍ଚତର ଶିକ୍ଷା ଓ ଗବେଷଣା ଅନୁଷ୍ଠାନରୁ ୫୦୦ରୁ ଅଧିକ ପ୍ରତିନିଧି ଦର୍ଶନର ଏହି ଏହି ଅଧିବେଶନରେ ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡ. ନନ୍ଦିନୀ ମିଶ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଡ. ପତିତପାବନ ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟରୁ ଡଃ କଲ୍ୟାଣୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅଧ୍ୟାପକ କ୍ୟାପଟେନ୍ ଡ. ଲକ୍ଷ୍ମଣ ପାତ୍ର, ଗୋପ ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରଜ୍ଞା ଦାସ କାନୁନ୍‌ଗୋ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗମାଧବ ପ୍ରହରାଜଙ୍କ ଦ୍ୱାରା ସମ୍ପାଦିତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଗଣେଶ ପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ ଏକ ଅଭିନନ୍ଦନ ଗ୍ରନ୍ଥ ଉଦ୍‌ଘାଟିତ ହୋଇଥିଲା।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କରଙ୍କ ପରଲୋକ



ଭୁବନେଶ୍ୱର, ୧୪।୧୨(ସମିସ): ହୃଦ୍‌ଯନ୍ତ୍ର ଅଚଳ ହେବା କାରଣରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କରଙ୍କର ୮୮ ବର୍ଷରେ ଶନିବାର ଜୟଦୁର୍ଗା ନଗରସ୍ଥିତ ତାଙ୍କ ବାସଗୃହ ପରଲୋକ ହୋଇଛି। ସେ ବରିଷ୍ଠ ଆଡଭୋକେଟ୍ ଜଗତ ବନ୍ଧୁଙ୍କର କନ୍ୟା ଓ ପ୍ରାଣବନ୍ଧୁ କରଙ୍କ ଝିଆରୀ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଡ. ରବୀନ୍ଦ୍ର କୁମାର ପ୍ରହରାଜ, କନ୍ୟା ମାନସୀ, ଉଷସୀ, ଶ୍ରେୟସୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜୟଦୁର୍ଗା ନଗର ଉନ୍ନୟନ ସମିତିର ଦୀର୍ଘକାଳ ଧରି କୋଷାଧ୍ୟକ୍ଷା ଥିଲେ। ତାଙ୍କ ବିୟୋଗରେ ଜୟଦୁର୍ଗା ନଗରରେ ଶୋକର ଛାୟା ଖେଳିଯାଇଛି।

### ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

# ଶିଶୁ ସାହିତ୍ୟ ମୋହରେ ଯୁବପିଢ଼ି

ଭୁବନେଶ୍ୱର, ୧୪।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ। ରବିବାରର ଶୀତୁଆ ସନ୍ଧ୍ୟାରେ ପୁସ୍ତକ କିଣିବାକୁ ପ୍ରଦର୍ଶନୀ ପଡ଼ିଆରେ ପାଠକମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଶିଶୁ ସାହିତ୍ୟ, ଗ୍ରାଫିକ୍ ଉପନ୍ୟାସର ଚାହିଦା ବେଶ୍ ବଢ଼ିଛି। ବିଶେଷକରି ଯୁବପିଢ଼ିଙ୍କ ଶିଶୁ ସାହିତ୍ୟ ପ୍ରତି ଆଗ୍ରହ ଦେଖିବାକୁ ମିଳିଛି। ପୁସ୍ତକ ମହୋତ୍ସବରେ ପ୍ରୀତମ୍ ପ୍ରକାଶନ ଏବଂ ସ୍କୋଲାଷ୍ଟିକ ଇଣ୍ଡିଆ ପ୍ରକାଶନ ତରଫରୁ ସ୍ୱତନ୍ତ୍ର ଭାବେ ଶିଶୁ ସାହିତ୍ୟ ଓ ଗ୍ରାଫିକ୍ ଉପନ୍ୟାସକୁ ନେଇ ଷ୍ଟଲ ରହିଛି। ସାଇମନ ଓ ସୁଷ୍ଟର ପ୍ରକାଶନ ତରଫରୁ ମଧ୍ୟ ଗ୍ରାଫିକ ଉପନ୍ୟାସର ଷ୍ଟଲ ରହିଛି। ଏହିସବୁ ଷ୍ଟଲମାନଙ୍କରେ ଶିଶୁ ପାଠକ ଏବଂ ଯୁବପିଢ଼ିଙ୍କର ବେଶ୍ ଭିଡ଼ ଜମୁଛି। ଆଜିର ମୋବାଇଲ ଯୁଗରେ ମଧ୍ୟ ଶିଶୁ ସାହିତ୍ୟର ଚାହିଦା କିଛି କମିନି, ବରଂ ଶିଶୁ ସାହିତ୍ୟ ପୁସ୍ତକ ସାହିତ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ସେହିପରି ଭାବେ ସ୍କୋଲାଷ୍ଟିକ ଇଣ୍ଡିଆ ଏବଂ ସାଇମନ ଓ ସୁଷ୍ଟର ପ୍ରକାଶନ ଷ୍ଟଲରେ ଗ୍ରାଫିକ ଉପନ୍ୟାସକୁ ସ୍ଥାନିତ କରାଯାଇଛି। ଯେଉଁଠି ଜାପାନ ଦେଶର ପ୍ରସିଦ୍ଧ ଲେଖକ ଓସାମା ତେଜୁକା, ଜୁନ୍‌ଜି ଇଟୋ, ମାସାଶି କିଶିମୋଟୋଙ୍କ ଗ୍ରାଫିକ ଉପନ୍ୟାସ ରହିଛି ଯାହା ଯୁବପିଢ଼ିଙ୍କୁ ଆକୃଷ୍ଟ କରିପାରିଛି। ପୁସ୍ତକ ମହୋତ୍ସବରେ ବିଭିନ୍ନ ପୁସ୍ତକ ବକ୍ରେତାଙ୍କ ଷ୍ଟଲରେ ୫୦ ଟଙ୍କା, ୧୦୦ ଟଙ୍କା ଓ ୨୦୦ ଟଙ୍କା ମୂଲ୍ୟରେ ପ୍ରସିଦ୍ଧ ଲେଖକମାନଙ୍କର ପୁରୁଣା ବହି ସବୁ ଉପଲବ୍ଧ ହେଉଛି। ବିଦେଶୀ ଲେଖକ ଷ୍ଟିଫେନ୍ କିଙ୍ଗ, କଲିନ୍ ହୁଭର, ଜିଲିଆନ୍ ଫ୍ଲିନ, ଲିଆନ ମୋରିଆର୍ଟି, ଜନ ଗ୍ରୀସମ୍ ଭିକ୍ଟୋରିଆ ଏବେୟାର୍ଡ଼ଙ୍କ ଲିଖିତ ଫାଣ୍ଟାସି, ହରର, ଥ୍ରୀଲର ପୁସ୍ତକକୁ ଯୁବପିଢ଼ି ବେଶ୍ ପସନ୍ଦ କରୁଛନ୍ତି।



### ଆକର୍ଷିତ କରୁଛି ସେଲ୍‌ଫି ପଏଣ୍ଟ



ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଆକର୍ଷଣର କେନ୍ଦ୍ର ସାଜିଛି ସେଲ୍‌ଫି ପଏଣ୍ଟ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଇଛି। ସେଲ୍‌ଫି ପଏଣ୍ଟରେ ମହାକବି ସାରଳା ଦାସଙ୍କ କୁଟିରଠାରୁ ନେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, କବି ରମାକାନ୍ତଙ୍କ ରଚିତ ଶ୍ରୀରାଧା, କାଳଜୟୀ କବିତା ଚିଲିକା, ଉପନ୍ୟାସ ଯାଜ୍ଞସେନୀ, ପୁସ୍ତକ ନର କିନ୍ନର, ଯନ୍ତ୍ରାରୂଢ଼, ବୈଦେହୀଶ ବିଳାସ ଆଦିର ଫୋଟୋଚିତ୍ରକୁ ସେଲ୍‌ଫି ପଏଣ୍ଟରେ ସ୍ଥାନିତ କରାଯାଇଛି। ସେଲ୍‌ଫି ପଏଣ୍ଟରେ ପାଠକମାନେ ଫଟୋ ଉଠାଇ 'ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ' ହ୍ୟାଚ୍ ଟ୍ୟାଗ ବ୍ୟବହାର କରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରୁଛନ୍ତି।

# ଧାନକିଣାକୁ ନେଇ ବର୍ଷିଲେ ପୂର୍ବତନ ସାଂସଦ

## ୭ ଦିନରେ ଜିଲ୍ଲାର ସବୁ ମଣ୍ଡି କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ ଚେତବାନୀ

**ବଲାଙ୍ଗିର, ୧୪।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ତଥା ସାରା ପଶ୍ଚିମଓଡ଼ିଶାର ଚାଷୀଙ୍କୁ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରୁଛନ୍ତି। ସରକାର ଓ ପ୍ରଶାସନ ମିଶି ଚାଷୀଙ୍କୁ ଶୋଷଣ

### ବାଲଗୋପାଳ ମିଶ୍ରଙ୍କ ସାମ୍ବାଦିକ ସମ୍ମିଳନୀ

### ଚାଷୀ ଶୋଷଣ ପାଇଁ ସରକାରୀ ଷଡଯନ୍ତ୍ର ଅଭିଯୋଗ

କରିବାକୁ ବଡ ଷଡଯନ୍ତ୍ର କରାଯାଉଛି। ଚାଷୀଙ୍କ ଧାନରୁ ଟଙ୍କା ନେଇ ଚାଷୀଙ୍କୁ ଟଙ୍କା ଦେଉଥିବା କହି ସରକାର ଚାଷୀଙ୍କୁ ଠକୁଛନ୍ତି। ୭ ଦିନରେ ସମ୍ପୂର୍ଣ୍ଣ ଭାବେ ବଲାଙ୍ଗିର ଜିଲ୍ଲାର ସମସ୍ତ ମଣ୍ଡି କାର୍ଯ୍ୟକ୍ଷମ ନ ହେଲେ କୋଶଲୀ କିଷାନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ସାଂସଦ ବାଲଗୋପାଲ ମିଶ ଚେତାବନୀ ଦେଇଛନ୍ତି।

ବଲାଙ୍ଗିର କୋଶଲୀ କିଷାନ ପକ୍ଷରୁ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଗତ ୫ ତାରିଖରେ ଧାନକିଣା ଶୁଭାରମ୍ଭ କରାଯାଇଥିଲା। କିଛି ପରିମାଣର ଧାନ ମଧ ଲୋଇସିଂହା ମଣ୍ଡିରେ ସେହିଦିନ କିଣାଯାଇଥିଲା।




ଏହା ପରେ ଆଉ ଗୋଟିଏ ବି ଧାନ କିଣାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଉଦଘାଟନର ୧୦ ଦିନ ପରେ ବି ଜିଲ୍ଲାରେ ଗୋଟିଏ କେଜି ଧାନ ଉଠିନାହିଁ। ହାତଗଣତି କିଛି ଚାଷୀଙ୍କ ଟୋକନ ଆସିଛି; ଯାହାକି ଲାପ୍ସ ହେବା ଉପରେ ରହିଛି। ଅନ୍ୟପକ୍ଷରେ ମିଲ୍‌କୁ ପ୍ରତିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଯାଉଛି; ଯାହାର ଯାଞ୍ଚ ଯୋଗାଣ ବିଭାଗ କରିବା କଥା; କିନ୍ତୁ ସେ ମଧ କରୁନାହିଁ। ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଚଳିତ ଖରିଫରେ ଧାନକିଣିବାରେ ବିଫଳ ହୋଇଥିବା ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି। ଏହି ବିଫଳ ଧାନକିଣା ବ୍ୟବସ୍ଥାର ପ୍ରମାଣ ହେଉଛି ପଡୋଶୀ ବରଗଡ଼ ଜିଲ୍ଲାରେ ଚାଲିଥିବା ଚାଷୀ ଆନ୍ଦୋଳନ ବୋଲି ସେ କହିଛନ୍ତି। ଚାଷୀମାନେ ମିଳିତ ଭାବେ ଆନ୍ଦୋଳନ କରିବା ବିଷୟକୁ ସେ ପ୍ରଶଂସା କରିବା ସହ ଏହି ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଅନୁରୋଧ କରିଛନ୍ତି। ତେବେ ବଲାଙ୍ଗିର ଜିଲ୍ଲାରେ ଆସନ୍ତା ୭ ଦିନ ଭିତରେ ସମସ୍ତ ମଣ୍ଡି କାର୍ଯ୍ୟକ୍ଷମ କରା ନ ଗଲେ ତାଙ୍କ ନେତୃତ୍ୱରେ ଜିଲ୍ଲାରେ ଚାଷୀ ଆନ୍ଦୋଳନ ହେବା ନିଶ୍ଚିତ ବୋଲି କହିଛନ୍ତି। ସେ ନିଜେ ଜଣେ ଚାଷୀ ହୋଇଥିବାରୁ ଚାଷୀଙ୍କ ପାଇଁ କେହି ସମର୍ଥନ ନ କଲେ ବି ନିଜେ ଏକାକୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଆବଶ୍ୟକ ହେଲେ ଧାରଣା, ଅନଶନ, ଆନ୍ଦୋଳନ କରାଯିବ। ଯାହାକିଛି କାର୍ଯ୍ୟାନୁଷ୍ଠାନ ହେଲେ ବି ତାଙ୍କର ଖାତିର ନାହିଁ ବୋଲି ସେ କଡା ସ୍ୱରରେ ଚେତବାନୀ ଦେଇଛନ୍ତି। ତେବେ ସରକାର ଦେଉଥିବା ବୋନସ ଟଙ୍କା ଚାଷୀଙ୍କ ପକେଟ୍‌ରୁ ଯାଉଥିବା ସେ କହିଛନ୍ତି। ଯଦି ଚାଷୀଙ୍କ ପାଇଁ ସରକାରଙ୍କ ଦରଦ ଅଛି ତେବେ ବୋନସ ବଦଳରେ ସେହି ଟଙ୍କାକୁ ଧାନର ଏମଏସପି ବୋଲି ଘୋଷଣା କରିବାକୁ ସେ ଦାବି କରିଛନ୍ତି। ତେବେ ମଣ୍ଡି ନ ଖୋଲିବା, ମିଲର ଟ୍ୟାଗିଂ ନ ହେବା ଘଟଣାକୁ ସେ ସରକାରୀ ଷଡଯନ୍ତ୍ର ବୋଲି କହିଛନ୍ତି। ଚାଷୀଙ୍କୁ ଶୋଷଣ କରିବା ସହ ବୋନସ ଟଙ୍କାକୁ ହଡପ କରିବା ପାଇଁ ଏହିଭଳି ପରିସ୍ଥିତି ବଲାଙ୍ଗିର ଜିଲ୍ଲା ତଥା ପଶ୍ଚିମଓଡ଼ିଶାର ଅନ୍ୟ ଜିଲ୍ଲାରେ ସୃଷ୍ଟି କରାଯାଇଥିବା ଶ୍ରୀ ମିଶ୍ର କହିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ରଙ୍କ ସହ ପାକ୍ସ ସଭାପତି ପ୍ରମୋଦ ମିଶ୍ର, ଗୋବିନ୍ଦ ମେହେର, ସରପଞ୍ଚ କସ୍ତୁବ ସାହୁ, ସମିତି ସଭ୍ୟ ନରେଶ ସାହୁ, ବୀରେନ୍ଦ୍ର ସାହୁ, ଆକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧାନଖରୀ ପୋଡ଼ିଦେଲେ ଦୁର୍ବୃତ୍ତ

**ଦେଓଗାଁ, ୧୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଜଲିଆ ଗାଁରେ ଜଣେ ଚାଷୀ ଗଚ୍ଛିତ ରଖିଥିବା ଧାନଖରୀକୁ କେହି ପୋଡି ଦେଇଛି। ଜଲିଆ ଗାଁର ସୂର୍ଯ୍ୟନାରାୟଣ ନାଏକ ଜଲିଆ ଓ ଅସୁରଡୁଙ୍ଗୁରୀ ମଝିରେ ରହିଥିବା ଖଳାରେ ପ୍ରାୟ ୧୦ ଏକର ଜମିରେ ଚାଷ କରିଥିବା ଧାନକୁ ଅମଳ ପରେ ଖଳାରେ ଗଚ୍ଛିତ କରି ଖରୀ ଆକାରରେ ରଖିଥିଲେ। ସୋମବାର ଧାନ ମଡାଇବାପାଇଁ ସମସ୍ତ ପ୍ରସ୍ତୁତି କରିସାରିଥିବା ବେଳେ ରବିବାର ପ୍ରାତଃ ସମୟରେ କେହି ନିଆଁ ଲଗାଇଦେଇଥିଲା। ଖବର ପାଇ ସେ ଦିନ ପ୍ରାୟ ୧୨ଟା ସମୟରେ ଖଳାକୁ ଯାଇ ଦେଖିଲା ବେଳକୁ ପ୍ରାୟ ସମସ୍ତ ଧାନ ପୋଡି ପାଉଁଶ ହୋଇଯାଇଥିଲା। ଦେଓଗାଁ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ଅଧିକାରୀ ଲାଲୁ ମୁଣ୍ଡାଙ୍କ ନେତୃତ୍ୱରେ ୨ଟି ଦମକଳ ପହଞ୍ଚି ନିଆଁ ଲିଭାଇଥିଲା। ତେବେ ଚାଷୀଙ୍କ ପ୍ରାୟ ୬ଶହ ବସ୍ତାର ଧାନ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ସୂର୍ଯ୍ୟନାରାୟଣ ଏବେ ହତାଶ ହୋଇ ପଡ଼ିଛନ୍ତି। କେମିତି ଧାରକରଜ ସୁଝିବେ ଓ ପରିବାର ପ୍ରତିପୋଷଣ କରିବେ ସେନେଇ ଘୋର ଚିନ୍ତା ଘାରିଛି। ସରକାର କ୍ଷତିପୂରଣ ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି। ଖବର ପାଇ କିଛି ସ୍ୱେଚ୍ଛାସେବୀ ଓ ଆମ ଆଦମୀପାର୍ଟିର ଜିଲ୍ଲା ଆବାହକ ଆଶିଷ ପାଣ୍ଡେ ତାଙ୍କ ନିକଟରେ ପହଞ୍ଚି ଆଶ୍ୱାସନା ଦେଇଛନ୍ତି। ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ କ୍ଷତିପୂରଣ ପ୍ରଦାନ ନ କଲେ ଆମ ଆଦମୀ ପାର୍ଟି ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶଯେ, ନଭେମ୍ବର ମାସ ୨୮ ତାରିଖରେ ମକୁନ୍ଦପୁର ପଞ୍ଚାୟତ ଭୀମଡୁଙ୍ଗୁରୀ ଗାଁରେ ଚାଷୀ ପଦ୍ମନାଭ ଭୋଇଙ୍କ ଧାନଖରିକୁ କେହି ପୋଡି ଦେଥିଲା। ସେହିଭଳି ଗତ ୭ ତାରିଖରେ ଉଡାର ପଞ୍ଚାୟତ ଉଡାର ଗାଁର ଗୋବିନ୍ଦ ପଧାନଙ୍କ ଗଚ୍ଛିତ ଧାନଖରୀକୁ ମଧ କେହି ନିଆଁ ଲଗାଇ ଦେଇଥିଲା।

# ମଣ୍ଡି ଖୋଲିବାରେ ବିଳମ୍ବ: ତାତିଲେଣି ଚାଷୀ

**ସଇଁତଲା, ୧୪।୧୨(ସମିସ):** ଚାଷୀ ବିଲରୁ ଧାନ କାଟି ଘରେ ଏବଂ ଖଳାରେ ସାଇତି ରଖିଲେଣି। କେତେକ ଚାଷୀ ଧାର କରଜ ଯୋଗୁଁ କମ୍ ମୂଲ୍ୟରେ ଧାନ ବିକିବାକୁ ବାଧ ହେଲେଣି; ହେଲେ ଏଯାଏଁ ବଲାଙ୍ଗୀର ଜିଲ୍ଲା ସଇଁତଲା ଅଞ୍ଚଳରେ ମଣ୍ଡି ଆରମ୍ଭ ହୋଇ ପାରିନାହିଁ। ଏହାଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେତେକ ଚାଷୀ ଏନେଇ ସଇଁତଲା ତହସିଲଦାରଙ୍କ ନିକଟରେ ଫେରାଦ ହେଲେଣି। ଜନଶୁଣାଣି ଶିବିରରେ ମଧ ଚାଷୀ ମଣ୍ଡି ବ୍ୟବସ୍ଥା ତ୍ୱରାନ୍ୱିତ କରିବା ସହ ଟୋକନ ଆସି ନ ଥିବା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଉତ୍ତରରେ କହିଥିଲେ ଏ ବିଷୟରେ ସରକାରଙ୍କୁ ଅବଗତ କରାଯିବ। ଜିଲ୍ଲା ଯୋଗାଣ ଅଧିକାରୀ କହିଥିଲେ ପ୍ରାୟ ଲୋକଙ୍କ ଟୋକନ ଆସି ସାରିଛି। ଯେଉଁମାନଙ୍କ ପାଖକୁ ମେସେଜ ପହଞ୍ଚି ନାହିଁ ସେମାନେ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିପାରିବେ। ତେବେ ନଭେମ୍ବର ୨୦ରୁ ମଣ୍ଡି ଖୋଲିବ ବୋଲି ସରକାର ଘୋଷଣା କରିଥିଲେ; କିନ୍ତୁ ତାହା ହୋଇ ପାରିନାହିଁ। ସେହିଭଳି ଗତଥର ଦଳୀୟ କର୍ମୀ ମଣ୍ଡି ଜଗିବେ। ଏହାଦ୍ୱାରା ମଣ୍ଡିରେ ସ୍ୱଚ୍ଛତା ଆସିବ ବୋଲି କୁହାଯାଇଥିଲା; କିନ୍ତୁ କଟ୍‌ନି ଛଟ୍‌ନିକୁ ରୋକା ଯାଇ ପାରି ନ ଥିଲା। ତେବେ ମଣ୍ଡି ଖୋଲିବା ଯେତେ ବିଳମ୍ବ ହେଉଛି ଅସାଧୁ ବ୍ୟବସାୟୀଙ୍କୁ ତାହା ସୁହାଉଛି। ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ଲାଗୁନାହିଁ ବୋଲି ଚାଷୀ କହିଛନ୍ତି; ହେଲେ ରାଜ୍ୟସାରା ଚାଷୀ ଫୋନ୍ କରୁଛନ୍ତି। ଏଣୁ ବ୍ୟସ୍ତ ରହିବା ସ୍ୱାଭାବିକ। ଚାଷୀମାନେ ଫୋନ୍ କରିବାକୁ ଚେଷ୍ଟା ଜାରି ରଖନ୍ତୁ ବୋଲି କୁହାଯାଉଛି। କେତେକ ଚାଷୀ ମଣ୍ଡିକୁ ଧାନ ଆଣି ପକାଇ ସାରିଲେଣି; ହେଲେ ଆଜି ଯାଏଁ ସଇଁତଲା ଅଞ୍ଚଳର କୌଣସି ମଣ୍ଡିରୁ ଧାନ ଉଠିପାରୁନି। ନଭେମ୍ବର ୨୯ରୁ ଧାନ ମଣ୍ଡି ଆରମ୍ଭ ହେବ ଓ ଧାନ କିଣାବିକା ହେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି; ହେଲେ ଡିସେମ୍ବର ଅଧା ସରିବାକୁ ବସିଲାଣି କିନ୍ତୁ ମଣ୍ଡି ଖୋଲା ହୋଇ ପାରିନାହିଁ। ପ୍ରବଳ ଶୀତ କାକରରେ ଚାଷୀ ଖଳାରେ ଧାନ ଗଚ୍ଛିତ ରଖି ମଣ୍ଡି କେବେ ଖୋଲିବ ଅନାଇ ବସିଛି; କିନ୍ତୁ କେବେ ମଣ୍ଡି ଖୋଲିବ ଏହାର ଉତ୍ତର କେହି ଦେଇ ପାରୁ ନାହାନ୍ତି। ଦଲାଲ ଓ ରାଇସ୍ ମିଲ୍ ମାଲିକ କମ୍ ମୂଲ୍ୟରେ ଧାନ କିଣିବା ଆରମ୍ଭ କରି ଦେଲେଣି। ଏପରିକି କିଛି ମିଲ୍‌କୁ ମଧ ଟ୍ରକ୍ ଟ୍ରକ୍ ଧାନ ଚାଲାଣ ହେବାକୁ ଲାଗିଲାଣି। ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି। ଅନ୍ୟଥା ଚାଷୀ ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ।

# କଣ୍ଟାବାଞ୍ଜିରେ ଅନ୍‌ଲାଇନ୍ ସଟା କାରବାର

**କଣ୍ଟାବାଞ୍ଜି, ୧୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଏବେ ଅନଲାଇନ ଯୋଗେ ଖୋଲାମେଲା ବେଆଇନ ସଟା କାରବାର ଚାଲିଛି। ଟଙ୍କା ଲୋଭରେ ପଡ଼ି ଯୁବପିଢି ଏଥିରେ ମାତିଛନ୍ତି। କିଛି ଅଣ ଓଡ଼ିଆ ଯୁବକ ସଟା ଖେଳାଇ ଏଥିରେ କୋଟି କୋଟି ଟଙ୍କା କମାଇ ମାଲେମାଲେ ହେଉଛନ୍ତି।

### ଜୟପୁରରେ ରହି କଣ୍ଟାବାଞ୍ଜିକୁ ନିୟନ୍ତ୍ରଣ

### ତେଇଁ ଶୋଇଛି ସ୍ଥାନୀୟ ପୁଲିସ

କଣ୍ଟାବାଞ୍ଜି ସହରର ୨ ଜଣ ଯୁବକ ଆପ୍ ବ୍ୟବହାର କରି ବାଲାଜୀ ଅନଲାଇନ ବୁକ୍ ନାଁରେ ଏକ ଆଇଡି ଖୋଲଇଛନ୍ତି। ସେଥିରେ ଏକ ମୋବାଇଲ ନମ୍ବର ଦିଆଯାଇଛି; ଯେଉଁଥିରେ ଲୋକେ ମେସେଜ କଲେ ଟଙ୍କା ପଠାଇବାକୁ ନିର୍ଦ୍ଦେଶ ଆସୁଛି; ଯାହା ଦ୍ୱାରା ଲୋକେ ସେଥିରେ ଟଙ୍କା ପଠାଇ ଏହି ସଟା ଖେଳୁଛନ୍ତି। ଜଣେ କଣ୍ଟାବାଞ୍ଜିରେ ରହି ଏହି କାମ କରୁଥିବା ବେଳେ ଅନ୍ୟ ଜଣେ ଜୟପୁରରେ ରହି ଏହି ସବୁକୁ କଣ୍ଟାବାଞ୍ଜିରେ ନିୟନ୍ତ୍ରଣ କରୁଛି। ଯୁବପିଢୀ ଓ ବ୍ୟବସାୟଙ୍କୁ ଏମାନେ ଟଙ୍କାର ଏମିତି ପ୍ରଲୋଭନ ଦେଖାଇଛନ୍ତି ଯେ ଅନଲାଇନରେ ସେମାନେ ଲକ୍ଷ ଲକ୍ଷ ଟଙ୍କା ସଟା ଖେଳି କ୍ଷତିଗ୍ରସ୍ତ ହେଉଛନ୍ତି। ଏହାଦ୍ୱାରା ସେମାନେ ଆତ୍ମହତ୍ୟା ଉଦ୍ୟମ କରିଥିବା ମଧ ନଜିର ରହିଛି। ତେବେ ଏହିଭଳି ବେଆଇନ ସଟା କାରବାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ କରିବାରେ ପଛଘୁଞ୍ଚା ଦେଉଛି। ଗୋଟିଏ ପଟେ ସାଇବର ଠକକୁ ନେଇ ପୁଲିସ ସଚେତନ କରୁଛି। ଅନ୍ୟପଟେ ପୁଲିସ ଆଖି ସାମ୍ନାରେ ସୋସିଆଲ ମିଡିଆ ଆପ୍ ବ୍ୟବହାର କରି ସଟା ଚାଲିଛି। ପୁଲିସ କିନ୍ତୁ ଚୁପ୍ ରହିବା ଅନେକ ପ୍ରଶ୍ନ ଉଠିଛି।

### ୫ମ ବାର୍ଷିକ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ସିଆଲଝୁଡ଼ଙ୍ଗି ଚାମ୍ପିଅନ

**ମୁରିବାହାଲ, ୧୪।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବଡ଼ସାଇମରା ପଞ୍ଚାୟତ ଅଣ୍ଡାଳଦୋର ଖେଳ ପଡ଼ିଆରେ ରବିବାର ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ସିଆଲଝୁଡ଼ଙ୍ଗି ଚାମ୍ପିଅନ ହୋଇଛି। ଜଗନ୍ନାଥ ଯୁଥ୍ ଆସୋସିଏସନ ତରଫରୁ ଗତ ୬ ତାରିଖଠାରୁ ୫ମ ବାର୍ଷିକ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଥିଲା। ରବିବାର ଉଦ୍‌ଯାପନୀ ମ୍ୟାଚ୍ ତଥା ଫାଇନାଲ ଖେଳ ଖରସେଲବାଞ୍ଜି ଓ ସିଆଲଝୁଡ଼ଙ୍ଗି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ




ଦଳ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଟାଇବ୍ରେକର ଜରିଆରେ ୪/୩ ଗୋଲରେ ସିଆଲଝୁଡ଼ଙ୍ଗୀ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ବଲାଙ୍ଗୀର ଜିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ବିଶିଷ୍ଟ କ୍ରୀଡ଼ାବିତ ପୁରୁନ ବାଗ, ଗଙ୍ଗାଧର ହେର୍ଣ୍ଣା, ସାମାଜିକ କର୍ମୀ ପୃଥ୍ୱୀ ପାତ୍ର, କ୍ରୀଡ଼ାବିତ କେଦାର ବଡ଼ଜେନା, ପପୁ ପାତ୍ର, ସୁଶାନ୍ତ ପାତ୍ର, ମନୋଜ ପାତ୍ର, ଅବସରପ୍ରାପ୍ତ ସୈନିକ ଚନ୍ଦ୍ରମନି ବାଗ ଓ ଜାନକୀ ବଲ୍ଲଭ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ମ୍ୟାଚକୁ ଗଣେଶ ଭୋଇ, ଦୁଷ୍ମନ୍ତ ବେହେରା, ଅକ୍ଷୟ ଭୋଇ ପ୍ରମୁଖ ପରିଚାଳନା କରିଥଲେ। ଶ୍ରେଷ୍ଠ ଗୋଲ କିପରି ଭାବେ ଖରସେବାଞ୍ଜିର ନୟନ ବାରିକ, ଶ୍ରେଷ୍ଠ ଖେଳାଳି ଭାବେ କୈବର୍ତ୍ତ ଚନ୍ଦନ ଓ ଶ୍ରେଷ୍ଠ ସ୍କୋରର ଭାବେ ମଗସୀର ଭୋଇକୁ ଟ୍ରଫି ଦେଇ ସମ୍ମାନିତ କାରାଯାଇଛି। ଯୁଥ୍ ଆସୋସିଏସନର ସଭାପତି ସୁରେଶ ଭୋଇ ଓ ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କୀର୍ତ୍ତନ ଛତ୍ରିଆଙ୍କ ନେତୃତ୍ୱରେ ଗୋପୀନାଥ ବାଗ, ଧନଞ୍ଜୟ ଭୋଇ, ପରମାନନ୍ଦ ଭୋଇ ତୁଳସୀ ଭୋଇ ଓ ସମ୍ରାଟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# 'ଏବେ ଆମ ଯୁବପିଢ଼ି ସମ୍ମୁଖରେ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର

**ବଲାଙ୍ଗିର, ୧୪।୧୨(ସମିସ):** ବର୍ତ୍ତମାନର ଯୁବପିଢ଼ିଙ୍କ ଆଗରେ ଆହ୍ୱାନ ଅନେକ। ପ୍ରତିଯୋଗିତା ମଧ ଅନେକ। ସେମାନେ ନିଜକୁ ମୋବାଇଲର କୃତ୍ରିମ ଦୁନିଆ ଭିତରେ ଆବଦ୍ଧ ନ ରଖି ନିଜ ଭିତରେ ଥିବା ପ୍ରକୃତ ଗୁଣକୁ ଚିହ୍ନନ୍ତୁ। ଅଭିଭାବକମାନେ ସେମାନଙ୍କ ଉପରେ ପାଠର ବୋଝ ନ ଲଦି ମୁକ୍ତ ବିଚାର ପାଇଁ ପ୍ରେରଣା ଦିଅନ୍ତୁ। ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରଚନା' ଦ୍ୱାରା ଆୟୋଜିତ 'ମାସିକ ରଚନା ସନ୍ଧ୍ୟା' କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ଅଧାପକ ଡ. କବିରାଜ ଭୋଇଙ୍କ ସଂଯୋଜନାରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷଠାରେ ଆୟୋଜିତ 'ଏବେ ଆମ ଯୁବପିଢ଼ି ସମ୍ମୁଖରେ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଥମେ ସେଞ୍ଚୁରୀୟନ ପବ୍ଲିକ ସ୍କୁଲର ଛାତ୍ର ଅଂଶୁମାନ ଦେବତା ଓ ସିଏନସିର ଛାତ୍ର ଜୟଶଙ୍କର ଅଗ୍ରୱାଲ ନିଜେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାର ବର୍ଣ୍ଣନା କରିଥିଲେ। ଅତିଥିବକ୍ତା ଭାବେ ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅନୁରାଧା ମିଶ୍ର ଏବଂ ସିଆରପିଏଫର ଅବସରପ୍ରାପ୍ତ ଉପନିରୀକ୍ଷକ ଦିଲୀପ ପୁରୋହିତ ଯୋଗଦେଇ ଯୁବପିଢ଼ିଙ୍କ ଭିତରେ କଳ୍ପନାଶକ୍ତି ଧିରେ ଧିରେ ହ୍ରାସ ପାଉଛି। ସେମାନେ ସୃଜନଶୀଳ ନ ହୋଇ ରୋଜଗାରକ୍ଷମ ହେବାକୁ ଅଧିକ ପ୍ରୟାସ କରୁଛନ୍ତି। ଏହା ଫଳରେ ବିଫଳତାକୁ ସାମ୍ନା କରି ନ ପାରି ଅବସାଦଗ୍ରସ୍ତ ହେଉଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ପରେ ଭାବ ବିନିମୟ କାର୍ଯ୍ୟକ୍ରମରେ ଗାଳ୍ପିକ ପ୍ରଦୀପ ମିଶ୍ର ଏବଂ ଅଧାପକ ସଦାଶିବ ସାହୁ ବିଷୟବସ୍ତୁ ଉପରେ ନିଜର ମତ ରଖିଥିଲେ। ଶେଷରେ ରଚନାର ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ସରକାରୀ ଆବାସିକ ବାଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ସଇଁତଲା, ୧୪।୧୨(ସମିସ):** ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡ଼ି)ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଟିଟିଲାଗଡ଼ର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ବଲାଙ୍ଗିର ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଭରତ ବିଶି, ଟିଟିଲାଗଡ଼ ମହାବିଦ୍ୟାଳୟର ବନ୍ଦନା କର ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟୁଲତା ଦେଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଦାଶ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗୀତା ରଥ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଶ୍ରୀଲତା ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶ୍ରୀ ହରିନାମ ପ୍ରଚାର ସମିତି ପକ୍ଷରୁ କମ୍ବଳ ବଣ୍ଟନ



**ବଲାଙ୍ଗିର, ୧୪।୧୨(ସମିସ):** ପ୍ରବଚିକା, ଅଧାପିକା ତଥା ସୁଲେଖିକା ଏଲୋରା ମିଶ୍ରଙ୍କ ଦ୍ୱାରା ଗଠିତ ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ତଥା କମ୍ବଳ ବଣ୍ଟନ କରାଯାଇଛି। ଉପସଭାପତି ସୀତାଂଶୁ ଶେଖର ନାଏକ, ସମ୍ପାଦକ ଦୁର୍ଗାଚରଣ ସାହୁ, ସହସମ୍ପାଦକ ଦେବାଶିଷ ମିଶ୍ର, ସରିତା ସାହୁ, ସାଧୁରାମ ସାହୁ, କବିତା ସାଧୁ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଷ୍ଟା ତରଫରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା





**ମୁରିବାହାଲ, ୧୪।୧୨(ସମିସ)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଓଷ୍ଟା ସଂଘ ତରଫରୁ ୪୨ତମ ମୁରିବାହାଲ ବ୍ଲକସ୍ତରୀୟ ଶିଶୁ ମେଳା ଚଲକି ପଞ୍ଚାୟତ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଧାନ ଶିକ୍ଷକ କଳାମଣି ଚିଦାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଓଷ୍ଟା ସଂଘର ସଭାପତି ପ୍ରଦୀପ ପୁଟେଲ, ବିଦ୍ୟାଳୟ ସଭାପତି ଉଦ୍ଧବ ଚରଣ ନାଏକ, ଚଲକି ସରପଞ୍ଚ ମମତା ପ୍ରଧାନୀ, ମନୁ ଭୋଇ, ହୀରାଲାଲ ଜୈନ, ଯୁବରାଜ ବାଗ, ଡିକୁ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨୧ ତାରିଖ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ସେହିପରି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ଓଷ୍ଟା ରାଜ୍ୟ ଉପସଭାପତି ସୁଧୀର ନାୟକ, ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ବିଶିଷ୍ଟ ଆଇନଜୀବୀ ସୁଦାମ ଚରଣ ବଘାର, ଅଭିମନ୍ୟୁ ପଧାନ, ସୁରେଶ ବେହେରା, ବାସୁଦେବ ମେହେର, ବ୍ରଜେନ୍ଦ୍ର ଶତପଥୀ, ନବକିଶୋର ନିଆଲ, ଲମ୍ବୋଦର ହାତୀଖୁଜିଆ ପ୍ରମୁଖ ସହଯୋଗ କରିଥିଲେ।

**ଖପ୍ରାଖୋଲ:** ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେଲେନପାଲିର ସରପଞ୍ଚ ସକୁନ୍ତଳା ବେହେରା, ଓଷ୍ଟା ରାଜ୍ୟ ଉପ ସଭାପତି ସୁଧିର ନାଏକ, ତେଲେନପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ଦାଶ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଅନିଲ ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବିପ୍ର ବିଶି, ଧଣ୍ଡାମୁଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଜୟ ଭୋଇ, ମହରାପଦର ହାଇସ୍କୁଲ ପ୍ରଧାନଶିକ୍ଷକ ନବକିଶୋର ନନ୍ଦ, ଘୁନସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଦେବତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଫୁଲକିମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଚୁଡାମଣୀ ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରମୋଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ବଙ୍ଗୋମୁଣ୍ଡାରେ ବିଜେଡ଼ିର ସାମ୍ବାଦିକ ସମ୍ମିଳନୀ

# ବୃଦ୍ଧବୃଦ୍ଧାଙ୍କ ବଦଳରେ ବିଧାୟକଙ୍କ ଭତ୍ତା ବୃଦ୍ଧି ହାସ୍ୟସ୍ପଦ

**କଣ୍ଟାବାଞ୍ଜି, ୧୪।୧୨(ସମିସ):** ୨୦୨୪ ନିର୍ବାଚନରେ ଜନ ସାଧାରଣଙ୍କୁ ପ୍ରତିଶ୍ରୁତି ଦେବା ସହ ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରିଥିବା ସଂକଳ୍ପକୁ ରାଜ୍ୟର ଡବଲ ଇଞ୍ଜିନ



ସରକାର ଭୁଲି ଯାଇଛି। ବୃଦ୍ଧବୃଦ୍ଧାଙ୍କ ବଦଳରେ ବିଧାୟକଙ୍କ ଭତ୍ତା ବୃଦ୍ଧି ହାସ୍ୟସ୍ପଦ। ରବିବାର ବିଜୁ ଜନତା ଦଳ ପକ୍ଷରୁ ବଙ୍ଗୋମୁଣ୍ଡାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କୁହାଯାଇଛି। ବରିଷ୍ଠ ବିଜେଡି ନେତା ଅଜିତ ଯୋଶୀ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ କହୁଥିବା ମୋହନ ମାଝି ହଠାତ ବିଧାୟକମାନଙ୍କ ଦରମା ଏବଂ ପୂର୍ବତନ ବିଧାୟକମାନଙ୍କ ଭତ୍ତା ବୃଦ୍ଧି କରିଦେଲେ। ୨୦୨୪ ନିର୍ବାଚନରେ ବିଜେପି ନେତାମାନେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ଭିନ୍ନକ୍ଷମ, ବିଧବା, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନଙ୍କୁ ୩ ହଜାର ଟଙ୍କା ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତାହା ଭୁଲି ଯାଇ ବିଧାୟକମାନଙ୍କୁ ଖୁସିବାକୁ ସେମାନଙ୍କ ଦରମା ତଥା ଭତ୍ତା ବୃଦ୍ଧି କରି ଗରିବ ଲୋକଙ୍କ କଥା ଭୁଲିଯାଇଛନ୍ତି। ସେହିଭଳି ପୂର୍ବ ସରକାର ଶୀତ ଋତୁରେ ଭତ୍ତା ପାଉଥିବା ହିତାଧିକାରୀ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପ୍ରଦାନ କରୁଥିଲେ; ହେଲେ ଲୋକଙ୍କ ମୁଖ୍ୟମନ୍ତ୍ରୀ କହୁଥିବା ମୋହନ ମାଝି ତାହା ମଧ ପ୍ରଦାନ କଲେ ନାହିଁ। ତେଣୁ ରାଜ୍ୟର ଡବଲ ଇଞ୍ଜିନ ସରକାର ତୁରନ୍ତ ଭତ୍ତା ହିତାଧିକାରୀଙ୍କ ଟଙ୍କା ବୃଦ୍ଧି କରନ୍ତୁ ଏବଂ ଶୀତ ବସ୍ତ୍ର ପ୍ରଦାନ କରନ୍ତୁ। ନଚେତ ଆନ୍ଦୋଳନ କରାଯିବ ବୋଲି ବିଜେଡି ନେତା ଶ୍ରୀ ଯୋଶୀ କହିଛନ୍ତି।

### ଖଡିଆଳ ସହରର ବିଭିନ୍ନ ଦୋକାନରୁ ଚୋରି

## ଦୁଇ ଗିରଫ, ଟଙ୍କା ଓ ଦୁଇ ମୋବାଇଲ ଜବତ

**ଖଡ଼ିଆଳ, ୧୪।୧୨ (ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ସହର ମଧ୍ୟରେ ଦୋକାନ ଚୋରି ଘଟଣାରେ ଖଡିଆଳ ପୁଲିସକୁ ସଫଳତା ମିଳିଛି। ଜଣେ ନାବାଳକ ସହ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଶୁଭମ ଜେନା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଯୁବକ ଜଣକ ଖଡିଆଳ ଶାନ୍ତିନଗରର ବୋଲି ଜଣାପଡ଼ିଛି। ତାଙ୍କ ଠାରୁ ୩୦ ହଜାର ଟଙ୍କା, ଦୁଇଟି ମୋବାଇଲ ଜବତ ହୋଇଛି। ସୂଚନା ଯୋଗ୍ୟ ଯେ ଗତ ୧୦ ତାରିଖ ଦିନ ବିଳମ୍ବିତ ରାତିରେ ଖଡିଆଳ ୱାର୍ଡ ନମ୍ବର ୬ ରେ ରୋହିତ ପୂଜା ଭଣ୍ଡାରରେ



ସଟର ଭାଙ୍ଗି ଚୋରି ହୋଇଥିଲା। ଦୋକାନରୁ ୪୦ ହଜାର ଟଙ୍କା ଚୋରି କରିଥିବା ବେଳେ ସିସିଟିଭି ଫୁଟେଜକୁ ଭିତ୍ତି କରି ପୁଲିସ ଅଟକ ରଖି ପଚରା ଉଚରା କରିଥିଲେ। ଘଟଣାକୁ ଅଭିଯୁକ୍ତ ସ୍ୱୀକାର କରିବା ପରେ ପୁଲିସ ଗିରଫ କରି ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟକୁ ଚାଲାଣ କରିଥିବା ଖଡିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି।

# କାର୍ଡ ପିଛା ଅଧିକ ଚାଉଳ ଘୋଷଣା କାଗଜପତ୍ରରେ ସୀମିତ

**କଳମପୁର, ୧୪।୧୨(ସମିସ)**

ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ସରକାର ପ୍ରତି ରାସନକାର୍ଡ ପିଛା ଅଧିକ ୫କେଜି ଚାଉଳ ଦେବାପାଇଁ ଘୋଷଣା କରିଥିଲେ। ଏନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରଥମ ପର୍ଯ୍ୟାୟରେ ୧୧ଟି ଜିଲ୍ଲା ଓ ପରବର୍ତ୍ତୀ ସମୟରେ ୧୯ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ ବୋଲି ମତ ରଖିଥିଲେ।ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ଅକ୍ଟୋବର ଓ ନଭେମ୍ବର ୩ ମାସରେ ପ୍ରତି କାର୍ଡ ପିଛା ୧୫ କେଜି ଲେଖାଏଁ ଚାଉଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଜିଲ୍ଲା ପାଇଁ ଏହା କାର୍ଯ୍ୟକାରୀ ହୋଇଥିବା ଘୋଷଣା କରାଗଲା। କିନ୍ତୁ ସେହି ୫କେଜି ଲେଖାଏଁ ଚାଉଳ ଆଜି ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳର ରାସନକାର୍ଡ ଧାରୀମାନଙ୍କ ନିକଟକୁ ପହଞ୍ଚି ପାରିନାହିଁ। କଳମପୁର ଅଞ୍ଚଳରେ ପ୍ରାୟ ୧୪ ହଜାର କାର୍ଡ ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଠାରେ ସମୁଦାୟ ୧୧ଟି ପଞ୍ଚାୟତ ରହିଛି, ଏହି ପଞ୍ଚାୟତମାନଙ୍କରେ ନିୟୋଜିତ ଯୋଗାଣ ସହାୟକମାନେ ଚାଉଳ ବଣ୍ଟନ କରୁଛନ୍ତି। ଏନେଇ ବ୍ଲକ ଯୋଗାଣ ବିଭାଗ କେତେକ ପଞ୍ଚାୟତରେ ୫କେଜି ଲେଖାଏଁ ଚାଉଳ ଦିଆଯାଉଛି ବୋଲି କହିଥିବା ବେଳେ କେଉଁ ପଞ୍ଚାୟତରେ ଦିଆଯାଉଛି ଉତ୍ତର ରଖି ପାରି ନାହାଁନ୍ତି। ଅନୁରୂପ ଭାବେ କେତେକ ପଞ୍ଚାୟତ ଯୋଗାଣ ସହାୟକ ମଧ୍ୟ ଦିଆଯାଉଛି ବୋଲି କହିଛନ୍ତି। ଯଦି ଦିଆଯାଉଛି ତେବେ ହିତାଧିକାରୀ ମହଲରେ ଦିଆଯାଇ ନ ଥିବା କାହିଁକି ଅଭିଯୋଗ ହେଉଛି ସେ ଉପରେ ସେମାନେ ମଧ୍ୟ ଉତ୍ତର ରଖି ପାରି ନାହାଁନ୍ତି। ଏଥିରୁ ସ୍ପଷ୍ଟ ଯେ ଏହାରି ଭିତରେ କିଛି ନା କିଛି ରହସ୍ୟ ଲୁଚି ରହିଛି। ମୁଖ୍ୟ ପ୍ରସଙ୍ଗକୁ ଆଡେଇ ବାକୁ ଯାଇ ଯୋଗାଣ ସହାୟକମାନେ ସର୍ବର ଡାଉନକୁ ଦୋଷାରୋପ କରି ଖସିବାକୁ ଚେଷ୍ଟା କରିଛନ୍ତି, ସେହିଭଳି ବ୍ଲକ ଯୋଗାଣ ନିରିକ୍ଷୀକା ଲିସା ସାହୁ ମଧ୍ୟ ମୋ ଅଫିସ ପ୍ରକୋଷ୍ଠ

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ହିତାଧିକାରୀ**

ବିପଦ ସଂକୁଳ ଅବସ୍ଥାରେ ରହିଛି, ସ୍ଲାବରୁ ଅତଡା ଖସୁଛି, ଭଙ୍ଗା ଦଦରା ଚୌକିରେ ବସି କାମ କରିବାକୁ ପଡୁଛି। ଶୌଚାଳୟ କଥା ନ କହିବା ଭଲ, ବିଜୁଳି ଠିକ ସେ ରହୁନଥିବା ବେଳେ ପଙ୍ଖା ବ୍ୟବସ୍ଥା ହୋଇ ପାରୁନାହିଁ ବୋଲି ଚାଉଳ ପ୍ରସଙ୍ଗକୁ ଆଡେଇ ଦେଇଛନ୍ତି। ଜନସାଧାରଣଙ୍କ ଅବଗତି ନିମନ୍ତେ ପଞ୍ଚାୟତମାନଙ୍କରେ ସୂଚନା ଫଳକର ପ୍ରାବଧାନ ରହିଛି। ହେଲେ ତାହା ଏଠାରେ ପାଳନ କରାଯାଉ ନାହିଁ, ଫଳରେ ଲୋକେ କେଉଁ ମାସର ଚାଉଳ ମିଳୁଛି ତାହା ଜାଣି ପାରୁ ନାହାନ୍ତି। ଏପଟେ ଖାଉଟି କାର୍ଡରେ ବି ଅଗ୍ରିମ ଲେଖିବା ନିତି ଦିନିଆ ଘଟଣା ପାଲଟିଛି। ଅଗ୍ରିମ ମାସ ଲେଖି ଯୋଗାଣ ସହାୟକମାନେ ଚାଲାକି ବୁଦ୍ଧି ଖଟାଇଥିଲେ ବି ନିରକ୍ଷର ଓ ଦିବ୍ୟାଙ୍ଗ କାର୍ଡଧାରୀମାନେ ପ୍ରତିବାଦ କରୁ ନାହାନ୍ତି। ଯଦି କାଗଜପତ୍ରରେ ଚାଉଳ ଯୋଗାଣ ହୋଇଥାଏ ଓ ବିଭାଗ ଦିଆଯାଇ ଥିବା ଦର୍ଶାଇବା ପରେ ଏହି ଘଟଣା ଲୋକଲୋଚନକୁ ନ ଆସେ ତାହେଲେ ଏଥିରେ ଲୁଚି ରହିଥିବା ବଡ ଘୋଟାଲାକୁ ଏଡାଇ ଦିଆଯାଇ ନ ପାରେ। ପ୍ରତି କାର୍ଡ ପିଛା ତିନି ମାସର ୧୫ କେଜି ଲେଖାଏଁ ଚାଉଳ ବାଟମାରଣ ହୋଇଥିବ ତେବେ ୧୪ ହଜାର କାର୍ଡରେ କେତେ ହେବ ତାହା ଏଥିରୁ ହିଁ ଅନୁମେୟ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟତା ଲୋକଲୋଚନକୁ ଆସି ପାରନ୍ତା ବୋଲି ହିତାଧିକାରୀଙ୍କ ମହଲରେ ଦାବି ହେଉଛି।

## ପତୋରାରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



**ନୂଆପଡ଼ା, ୧୪।୧୨ (ସମିସ):** ନୂଆପଡ଼ା ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପତୋରା ଡ୍ୟାମ ପରିସରରେ ରବିବାର ଦିନ ସ୍ଥାନୀୟ ଯୁବ ସଂଗଠନ ଯୁବା କି ଦହାଡ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ' ଏବଂ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ଏବଂ ଜାନୁଆରୀ ମାସରେ ପତୋରାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ କେବଳ ନୂଆପଡ଼ା ନୁହେଁ ବରଂ ଅନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଭିଡ଼ ଜମାଇଥାନ୍ତି। ତେବେ ପିକନିକରେ ଆସି ଭୋଜି କରୁଥିବାବେଳେ ଅନେକ ସମୟରେ ପ୍ଲାଷ୍ଟିକ ଏବଂ ଅଳିଆ ଆବର୍ଜନା ପକାଇ ଚାଲିଯାଉଥିବାରୁ ପରିବେଶ ଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି 'ଯୁବା କି ଦହାଡ୍' ସଂଗଠନ ପକ୍ଷରୁ ସଚେତନତା ଧର୍ମୀ ସଫେଇ ଅଭିଯାନ ଚଳାଇଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୌଶଳ ଚନ୍ଦ୍ରାକର, ସମ୍ପାଦିକା ତଥା ପ୍ରତିଷ୍ଠାତା ଦୀପାଞ୍ଜଳି ସାହୁ, ଉପ-ସଭାପତି ମନୋରଞ୍ଜନ ସୁନାରି, ପବିତ୍ର ମହାନନ୍ଦ, ରଞ୍ଜନ, ଭିଗେନ୍ଦ୍ର ତାଣ୍ଡି ସଦସ୍ୟ ପ୍ରମୁଖ ସାମିଲ ହୋଇଥିଲେ। ସଦସ୍ୟମାନେ ପର୍ଯ୍ୟଟନ ସ୍ଥଳୀରେ ପଡ଼ିଥିବା ବିପୁଳ ପରିମାଣର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସହ ପର୍ଯ୍ୟଟକମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବାକୁ ସଚେତନ କରାଇଥିଲେ।ଯୁବକମାନଙ୍କର ଏହି ମହତ କାର୍ଯ୍ୟ ଦେଖି ସେଠାକୁ ବୁଲିବାକୁ ଆସିଥିବା ଏକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ମଧ୍ୟ ନିଜକୁ ଅଟକାଇ ପାରିନଥିଲେ ଏବଂ ସ୍ୱତଃପ୍ରବୃତ୍ତ ଭାବେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ସଂଗଠନ ପକ୍ଷରୁ ସେହି ଶିକ୍ଷକମାନଙ୍କୁ ସମ୍ମାନ ଜଣାଇ ଚାରା ଗଛ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା।

## ୭୪ ଜଣ ବରିଷ୍ଠ ନାଗରିକଙ୍କ ରାମେଶ୍ୱରମ ଓ ମଦୁରାଇ ତୀର୍ଥଯାତ୍ରା

**ନୂଆପଡ଼ା, ୧୪।୧୨ (ସମିସ):** ନୂଆପଡ଼ା ଜିଲ୍ଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ୭୪ ଜଣ ସାମିଲ୍ ହୋଇ ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ରାମେଶ୍ୱର ଯାତ୍ରା କରିଛନ୍ତି।



ଯେଉଁ ବରିଷ୍ଠ ନାଗରିକଙ୍କୁ ଏହି ଯୋଜନାରେ ଚୟନ କରାଯାଇଥିଲା ସେମାନେ ଆଜି ଆସି ନୂଆପଡ଼ା ପର୍ଯ୍ୟଟନ କାଯ୍ୟାଳୟ ରେ ପହଞ୍ଚିଥିଲେ। ସେଠାରେ ଡାକ୍ତରମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଇଥିଲା। ତୀର୍ଥଯାତ୍ରୀମାନଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଗୋଲାପ ଫୁଲ ପ୍ରଦାନ କରି ଏକ ଆନନ୍ଦ ଦାୟକ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଗସ୍ତ ପଛରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ଓ ଶୁଭେଚ୍ଛା ରହିଛି। ଏହି ଦଳରେ ୧୭ଦମ୍ପତି ଓ ୪୦ ଜଣ ଏକକ ଯାତ୍ରୀ ଅଛନ୍ତି। ଦୁଇଜଣ ସହାୟକ ଅଧିକାରୀଙ୍କ ସହିତ ଦୁଇଟି ସତନ୍ତ୍ର ବସ୍ ଯୋଗେ ସମସ୍ତେ ରାୟଗଡ଼ା ଯାତ୍ରା କରିଛନ୍ତି। ଆସନ୍ତାକାଲି(ସୋମବାର) ଅନ୍ୟ ଛଅଟି ଜିଲାର ତୀର୍ଥ ଯାତ୍ରୀମାନଙ୍କ ସହ ମିଶି ଏକ ସତନ୍ତ୍ର ରେଳ ଯୋଗେ ସମସ୍ତେ ରାମେଶ୍ୱର ଅଭିମୁଖେ ଯାତ୍ରା କରିବେ। ମଦୁରାଇ ମଧ୍ୟ ପରିଭ୍ରମଣ କରି ଆସନ୍ତା ୨୦ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ନୂଆପଡ଼ା ପର୍ଯ୍ୟଟନ କାର୍ଯ୍ୟାଳୟରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ବସ୍‌କୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।

## ରିଷିଡା କପ୍ ଭଲିବଲ ଟୁର୍ଣ୍ଣାମେଣ୍ଟ:ରିଷିଡା ଚାମ୍ପିଅନ

**କର୍ଲାମୁଣ୍ଡା, ୧୪।୧୨(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ବାପୁଜୀ ମିନି ଷ୍ଟାଡିୟମରେ ରିଷିଡା କପ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଷିଡା, ମାଣିକେରା, କର୍ଲାମୁଣ୍ଡା, ସାଲେପାଲି, ବିନେକେଲା, ମହିପୁର, ତୁଷୁରା, ରିଞ୍ଜା, ଭାଟେଲ ଆଦି ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ରିଷିଡା ଓ ଭାଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରିଷିଡା ଦଳ ଚମ୍ପିଅନ ହୋଇଥିଲେ। ପ୍ରଥମେ ଉଦଘାଟନୀ ଉତ୍ସବରେ ପୂର୍ବତନ ଭଲିବଲ ଖେଳାଳି ପବିତ୍ର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରିଷିଡା ସରପଞ୍ଚ ସେବତୀ ରଣା ମୁଖ୍ୟଅତିଥି, ସମିତି ସଭ୍ୟ ନିମାଁଇଚରଣ ବେହେରା ବିଶିଷ୍ଟ ଅତିଥି, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ କୁମାର, ଭଜଶ୍ୟାମ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ ସାମ୍ବାଦିକ ନରୋତ୍ତମ ସେଲମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରିଷିଡା ଦଳର ଗୋଲଡି ପଧାନ ମ୍ୟାନଅଫ ଦି ସିରିଜ ପୁରସ୍କାର ପାଇଥିଲେ। ଟୁର୍ଣ୍ଣାମେଣ୍ଟକୁ ଲଳିତ କୁମାର ସାହୁ, ଲଳିତ କୁମାର ଗୌଡ, ପିଙ୍କୁ ଚନ୍ଦନ ପରିଚାଳନା କରିଥିବା ବେଳେ ସ୍କୋରବୋର୍ଡରେ ରଶ୍ମିରଞ୍ଜନ ଲେଙ୍କା, ଲିପୁ ସେଠ ଥିବାବେଳେ କୁନା ନାଏକ, ବନ୍ଦିଶ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ଲିଲୁ, ପପୁନ, ଡିଟୁ, ବବଲୁ, ଦେବାଶିଷ, ତନ୍ମୟ, ଅଜିତ, ଓମ, ଆଲୋକ, କିରଣ, ସୁଶାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**କୋକସରା, ୧୪।୧୨(ସମିସ):** କୋକସରା ବ୍ଲକ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ଶକ୍ତିର ଅପଚୟ ଓ ସଂରକ୍ଷଣ ପାଇଁ ବିଭିନ୍ନ ଉପାୟ ସମ୍ବନ୍ଧରେ ସଚେତନତା କରାଯାଇଥିଲା। ଏହିକ୍ରମରେ ସଚେତନତା ରାଲିରେ ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା।ଶକ୍ତି କ୍ଲବର ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା, ଗଜେନ୍ଦ୍ର ଧରୁଆ ତଥା ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆମ୍ବେଦକରଙ୍କ ନାମରେ ଛକ ଉଦ୍‌ଘାଟିତ

**କୋକସରା, ୧୪।୧୨ (ସମିସ):** କୋକସରା ବ୍ଲକର ଲଡୁଗାଁ, ସୁନାମାଳ ରାସ୍ତାର ଏକ ଛକକୁ ବାବା ସାହେବ ଆମ୍ବେଦକରଙ୍କ ନାମରେ ନାମିତ କରାଯାଇଛି। ଆୟୋଜକ କମିଟିର ସଭାପତି ଭୁବନେଶ୍ୱର ପାଣିଗ୍ରାହୀଙ୍କ ଆବାହନକ୍ରମେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଓ ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କ କର କମଳରେ ଆମ୍ବେଦକରଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଲଡୁଗାଁ ସମେତ ସୁନାମାଳ ଗ୍ରାମର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦେବାନନ୍ଦ ନାଏକ, ଗରୁଡ଼ ବାଗ, ଦେବି ପ୍ରସାଦ ସାହୁ, ସଞ୍ଜୟ ସିଂଗଲ ଉପସ୍ଥିତ ରହି ବାବା ସାହେବଙ୍କ ସ୍ମୃତି ଚରାଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ବାଗ, ଚିନିଲାଲ ପାଣିଗ୍ରାହୀ, ମାଙ୍ଗଲାଲ ନିଆଳ, ଯୁଗେଶ୍ୱର ପାଣିଗ୍ରାହୀ, ନାରିନେତ୍ରୀ ରେଖା ମହାନନ୍ଦ, ଉର୍ବଶୀ ନିଆଳ, କୁମୁଦିନି ପାଣିଗ୍ରାହୀ, ବେଦନ୍ତୀ ନାଗ ସମେତ ଆମ୍ବେଦକର ପ୍ରେମୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବୁଢ଼ାରଜା କପ୍ କ୍ରିକେଟ ପ୍ରତିଯୋଗିତା

## ରାମପୁରକୁ ହରାଇ କେସିଙ୍ଗା ଚାମ୍ପିଅନ

**କେସିଙ୍ଗା, ୧୪।୧୨(ସମିସ):** ଗତ ୯ ତାରିଖରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗାର ମର୍ଣ୍ଣି କ୍ଲବ୍ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଦ୍ୱିତୀୟ ବୁଢ଼ାରଜା ନକ ଆଉଟ ଟେନିସ




ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସାରା ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ବଛା ବଛା ୧୬ ଟି ଟିମ କୁ ନେଇ ସ୍ଥାନୀୟ ତହସିଲ ଅଫିସ ପାଖରେ ଥିବା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରତିଯୋଗିତା ଦେଖିବା ପାଇଁ ପ୍ରତିଦିନ ଅନେକ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଫାଇନାଲ ଖେଳରେ କେସିଙ୍ଗା ଦଳ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ରାମପୁରଦଳକୁ ରନରେ ହରାଇ ଦ୍ୱିତୀୟ ବୁଢ଼ାରଜା କପ ଚାମ୍ପିଅନ ହୋଇ ପୁରସ୍କାର ସ୍ୱରୂପ ନଗଦ ୭୦ ହଜାର ସହିତ ବଡ଼ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଉପବିଜେତା ଦଳ ରାମପୁରକୁ ମଧ୍ୟ ନଗଦ ୪୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବରେ କେସିଙ୍ଗା ଦଳର ସତିଶ ସିଂଙ୍କୁ ପୁରସ୍କାର ବାବଦରେ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ମୁନା ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଓ ବିଜେଡି ନେତା ନଳୀନ ପଟ୍ଟନାୟକ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବ୍‌ର ସଭାପତି ବିଶ୍ୱରଞ୍ଜନ ମହଲା, ସମ୍ପାଦକ ମନୋଜ କଟା, କୋଷାଧ୍ୟକ୍ଷ ପିଣ୍ଟୁ ମହଲା, ଉପଦେଷ୍ଟା ସିଲୁ ପରିଡ଼ା, ଶମ୍ଭୁ ବଗର୍ତ୍ତି, ବଳରାମ ସୁନା, ପ୍ରମୋଦ କଟା ଓ ମକରଧ୍ୱଜ ନାଏକଙ୍କ ସମେତ ଅନ୍ୟାନ୍ୟ କ୍ଲବ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବରାଡୋଙ୍ଗା ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ

**କୋକସରା, ୧୪।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର ଚାଷୀଙ୍କ ଦୀର୍ଘ ବର୍ଷ ର ଦାବି ପୂରଣ ହେଇଛି। ରବିବାର ବରାଡଙ୍ଗା ଗ୍ରାମରେ ନୂତନ ଧାନ ମଣ୍ଡିକୁ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଆମପାଣି ସମବାୟ ସମିତି ସଭାନେତ୍ରୀ ତିଲୋତ୍ତମା ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ, ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ନିରୁପମା ସେଠି, ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ମନୋଜ କୁମାର ନାଏକ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୁଝାରି, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ସନ୍ତୋଷ ମାଝୀ, ଯୁବ ମୋର୍ଚ୍ଚା ସଭାପତି ଆମପାଣି ଯୋନ ତ୍ରିଲୋକ୍ୟ ବେଶ୍ରା, ଚକ୍ରଧର ବେଶ୍ରା, ଆମପାଣି ପେକ୍ସ ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା, ଆରଏମ୍‌ସି କର୍ମଚାରୀ ରଞ୍ଜିତ କୁମାର ବାହାଦୂର ସମେତ ପଞ୍ଚାୟତ ଅଧିନସ୍ଥ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### କେସିଙ୍ଗା ଏନ୍‌ଏସିରେ ବଡାଖାନ କାର୍ଯ୍ୟକ୍ରମ

## ସ୍ୱଚ୍ଛ ଓ ପରିମଳ କର୍ମଚାରୀଙ୍କ ପାଇଁ ଦିନଟିଏ

**କେସିଙ୍ଗା, ୧୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ଏନ୍‌ଏସି କଲ୍ୟାଣମଣ୍ଡପ ପରିସରରେ ନଗରପାଳ ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ବଡାଖାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଯୋଗଦେଇ ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛସାଥୀଙ୍କୁ ଉତ୍ସାହିତ କରିବା




ସହିତ ସହରର ପରିମଳ କାର୍ଯ୍ୟରେ ନିୟୋଜିତ ହୋଇଥିବା ପରିମଳକର୍ମୀଙ୍କ ସହିତ ସମୟ ଅତିବାହିତ କରିଥିଲେ। ଅଧ୍ୟକ୍ଷ କେସିଙ୍ଗା ଏନ୍‌ଏସିରେ କାର୍ଯ୍ୟରତ ସମସ୍ତ ପୁରୁଷ ଓ ମହିଳା ସ୍ୱଚ୍ଛକର୍ମୀମାନଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ଅଧିକାରୀ ଉପସ୍ଥିତ ସ୍ୱଚ୍ଛକର୍ମୀ ଓ ପରିମଳ କର୍ମୀମାନଙ୍କୁ ନିଜ ହାତରେ ଖାଇବା ପରସି ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଏନ୍‌ଏସିର ସମସ୍ତ ପରିଷଦବୃନ୍ଦ, ନିର୍ବାହୀଯନ୍ତ୍ରୀ ନାରାୟଣ ମହାରଣା, ଶ୍ରୀନିବାସ ପଟ୍ଟନାୟକ, ସେନିଟେଶନ ଏକ୍ସପର୍ଟ ପ୍ରଶାନ୍ତ ବାରିକ, ଆକୁଳ ନାଏକ, ଗଦାଧର ସିଂଦେଓଙ୍କ ସମେତ ସମସ୍ତ ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବେହେରା ଚାମ୍ପିଅନ



**କୋକସରା, ୧୪।୧୨(ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗାଠାରେ ଚାଲିଥିବା ମା'ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ବେହେରା ଓ ମୈଦଲପୁର ମଧ୍ୟରେ ହୋଇଥିଲା। ପ୍ରଥମେ ବେହେରା ବ୍ୟାଟିଂ କରି ୧୦୮ ରନ କରିଥିବା ବେଳେ ଜବାବରେ ମୈଦଲପୁର ୬୨ରନ କରି ପରାଜିତ ହୋଇଛି।ବେହେରା ଦଳ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ ଯୋଗଦେଇ ଥିଲେ। ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ, ସମିତି ସଭ୍ୟା ପାର୍ବତୀ ବାଗ, ପୂର୍ବତନ ସରପଞ୍ଚ ବନମାଳୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଖଗେଶ୍ୱର ବାଣୁଆ ଓ ବୈକୁଣ୍ଠ ଜାଲ ମଞ୍ଚ ପରିଚାଳନା କରିଥିଲେ। ଅମ୍ପିୟାର ଭାବେ ଧର୍ମେନ୍ଦ୍ର ଛତ୍ରିଆ ଓ ସତ୍ୟ ଧଙ୍ଗଡ଼ାମାଝୀ ଖେଳ ପରିଚାଳନା କରିଥିଲେ। ପ୍ରବୀଣ ବେଶ୍ରା ସ୍କୋର ବୋର୍ଡ ଦାୟିତ୍ୱରେ ରହିଥିବା ବେଳେ ଚମାର ବାଣୁଆ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ମା'ଠାକୁରାଣୀ କ୍ରିକେଟ କ୍ଲବ୍‌ର ସଭାପତି ଜୟନ୍ତ ଯାଦବ, ଉପସଭାପତି ଦୁର୍ଯ୍ୟୋଧନ ନାଏକ, ସମ୍ପାଦକ ଦୀନବନ୍ଧୁ ଦାସ ସମେତ କ୍ରିକେଟ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଅଣ୍ଡର ବ୍ରିଜରୁ ବର୍ଷ ସାରା ପାଣି ଗଳୁଛି

**କେସିଙ୍ଗା, ୧୪।୧୨(ସମିସ)**

ଆଜକୁ ତିନି ବର୍ଷ ହେଲାଣି କେସିଙ୍ଗା ଅଣ୍ଡର ବ୍ରିଜକୁ ନେଇ ଅନେକ ସମୟରେ ଅନେକ ସମସ୍ୟା ଉପୁଜିଛି।କେତେବେଳେ ରାସ୍ତା ଖରାପ ହେଉଛି ତ କେତେବେଳେ ଅଣ୍ଡର ବ୍ରିଜର ଲାଇଟ ସମସ୍ୟା ରହୁଛି ପୁଣି କେତେବେଳେ ଅଣ୍ଡର ବ୍ରିଜ ଭିତରେ ମୋଟା ଅସ୍ତରର ମାଟି ଜମା ହୋଇ ପଡ଼ିରହିଛି ବର୍ତ୍ତମାନ ଅଣ୍ଡର ବ୍ରିଜ ପାଖରେ ଆଜକୁ ବର୍ଷ ବିତି ଗଲାଣି ପାଣି ଲେକେଜ୍ ହେଉଛି ପ୍ରତିଦିନ ହଜାର ହଜାର ଲିଟର ପାଣି ବରବାଦ ହେଉଛି କିନ୍ତୁ କୌଣସି ଅଧିକାରୀ ଆଜି ପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନ ଯାଇନାହାନ୍ତି। ନା ରେଳ ବିଭାଗ ଅଧିକାରୀ ନା କେସିଙ୍ଗାରେ ପାଣିର ସମସ୍ୟାର ସମାଧାନ କରୁଥିବା ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ନା ତେଲ



ନଦୀରୁ ବେଦାନ୍ତକୁ ପାଣି ନେଉଥିବା ବେଦାନ୍ତ କମ୍ପାନୀର ଅଧିକାରୀ।ପ୍ରକାଶ ଥାଉକି କେସିଙ୍ଗା ଚିରସ୍ରୋତା ତେଲ ନଦୀରୁ ଲାଞ୍ଜିଗଡ଼ରେ ଥିବା ବେଦାନ୍ତ କମ୍ପାନୀ ପାଣି ନେଇଥାଏ। ଆଖପାଖ

**ହଜାର ହଜାର ଲିଟର ପାଣି ବରବାଦ**

ଦୋକାନୀଙ୍କ କହିବା ଅନୁସାରେ ଲିକେଜ୍ ହେଉଥିବା ପାଣି ବେଦାନ୍ତ ପାଇପରୁ ବାହାରୁଛି। ପ୍ରଥମେ ଅଳ୍ପଅଳ୍ପ ପାଣି ବାହାରୁଥିଲା ବର୍ତ୍ତମାନ ବେଶୀ ପାଣି ଲିକେଜ ଯଦି ଯଥାଶୀଘ୍ର ମରାମତି କରାନଯିବା ତାହାହେଲେ ରାସ୍ତା ଉପରେ ଅଧିକ ପାଣି ବହିବ। ଯଦି ବେଦାନ୍ତ ପାଇପରୁ ପାଣି ଲିକେଜ ହେଉଛି ତାହାହେଲେ ସମ୍ପୃକ୍ତ କମ୍ପାନୀ କାହିଁକି ମରାମତି କରୁନାହିଁ।ହଜାର ହଜାର ଲିଟର ପାଣି ପ୍ରତିଦିନ ଲିକେକ ହେଉଛି। ସେହି ଲିକେକ ପାଣି ଯାଇ ଅଣ୍ଡର ବ୍ରିଜ ତଳେ ଜମା ହୋଇ ରାସ୍ତା ଖରାପ କରିବା ସହିତ ଯାତାୟତରେ ଅନେକ ଅସୁବିଧା ହେଉଛି।ଯଥାଶୀଘ୍ର କ୍ଷେତ୍ର ପରିଦର୍ଶନ କରି ପାଇପ ମରାମତି କରି ଲିକେଜ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

